78th YEAR OF PUBLICATION

ପ୍ରଜାତନ୍ତ୍ର ପ୍ରଚାର ସମିତି

ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର

## The Prajatantra

ମୀନାବଜାର

ମୂଲ୍ୟ: ୨୦ଟଙ୍କା ମାତ୍ର

ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org

୭୮ବର୍ଷ ❑ ସଂଖ୍ୟା-୩୫୪ ● କଟକ ● ମଙ୍ଗଳବାର ● ୨୯ ଜୁଲାଇ-୨୦୨୫ ● କର୍କଟ-୧୮ ● ସାଲ୍-୧୪୩୧

CUTTACK ● TUESDAY ● 29 JULY-2025 ● RNI Regd. No. 4001/57

ମୂଲ୍ୟ : ₹ ୫ ଟଙ୍କା

### ଲୋକସଭାରେ ଅପରେସନ୍ ସିନ୍ଦୂର ଚର୍ଚ୍ଚା: ବର୍ଷିଲେ ରାଜନାଥ

# ପାକ୍‌କୁ ଧୋଇଲେ, ବିରୋଧୀଙ୍କୁ ଶୁଣାଇଲେ

**ନୂଆଦିଲ୍ଲୀ,(ପିପିଏସ୍):** ସଂସଦର ମୌସୁମୀ ଅଧିବେଶନରେ ସୋମବାର 'ଅପରେସନ ସିନ୍ଦୂର' ଉପରେ ଆଲୋଚନା ହୋଇଛି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଲୋଚନା ଆରମ୍ଭ କରିଥିବା ବେଳେ ବିରୋଧୀଦଳ ସାମରିକ ଅଭିଯାନ କାଳରେ ଭାରତୀୟ ବାୟୁସେନାର କେତୋଟି ବିମାନ ନଷ୍ଟ ହୋଇଛି ବୋଲି ପ୍ରଶ୍ନ କରିଛନ୍ତି। ଗୃହରେ ଏହାର ଜବାବ ରଖିଛନ୍ତି ରାଜନାଥ କହିଛନ୍ତି, ଲାଗୁଛି ସିନ୍ଦୂରରେ ସେହି ଆତଙ୍କବାଦୀଙ୍କ ମାଲିକଙ୍କୁ ପୋଛି ପାରିଛି କି ? ଏହାର ଉତ୍ତର ହେଉଛି ହଁ। ଲକ୍ଷ୍ୟ ଯେତେବେଳେ ବଡ଼; ସେତେବେଳେ ଅପେକ୍ଷାକୃତ ଛୋଟ ପ୍ରସଙ୍ଗ ଉପରକୁ ଆମର ଧ୍ୟାନ ଯିବା ଉଚିତ ନୁହେଁ, କାରଣ ଛୋଟ ପ୍ରସଙ୍ଗ ଉପରେ ଧ୍ୟାନ ଦିଆଗଲେ ଦେଶର ସୁରକ୍ଷା ଓ ସୈନିକଙ୍କ ସମ୍ମାନ ଏବଂ ଉତ୍ସାହ ଭଳି ବଡ଼ ପ୍ରସଙ୍ଗରୁ ଧ୍ୟାନ ହଟିପାରେ, ଯେପରି ବିରୋଧୀ ଦଳର ଆମର କିଛି ସାଥୀଙ୍କ ସହ ହେଉଛି ବୋଲି ରାଜନାଥ କହିଛନ୍ତି। ରାଜନାଥ କହିଛନ୍ତି ଯେ କୌଣସି ପରୀକ୍ଷାର ରେଜଲ୍ଟ ଲାଲବାହାଦୂର ଶାସ୍ତ୍ରୀଙ୍କ ସରକାର ହେଉ ବା ଅଟଳ ବିହାରୀ ବାଜପେୟୀଙ୍କ ସରକାର, ମନମୋହନ ସିଂହଙ୍କ ସରକାର ଅଥବା ନରେନ୍ଦ୍ର ମୋଦୀଙ୍କ ସରକାର ସମସ୍ତେ ଚାହିଁଛନ୍ତି ଏହି ଅଞ୍ଚଳରେ ଶାନ୍ତି ଓ ସମୃଦ୍ଧି ସ୍ଥାପିତ ହେଉ। ୨୦୧୫ରେ ଯେବେ ପ୍ରଧାନମନ୍ତ୍ରୀ ମୋଦୀ ପାକିସ୍ତାନ ଯାଇ ନୱାଜ ସରିଫଙ୍କୁ ଭେଟିଲେ ଭାରତ ପୁଣି ଥରେ ବନ୍ଧୁତ୍ୱର ହାତ ବଢ଼ାଇଥିଲା। ଆମେ ବାସ୍ତବରେ ଶାନ୍ତିର ରାସ୍ତାରେ ଚାଲିବାକୁ ଚାହିଁଥିଲୁ କାହିଁକି ନା ଏହା ଆମର ମୂଳ ପ୍ରକୃତି। ଆମର ମୂଳ ପ୍ରକୃତି ବୁଦ୍ଧଙ୍କର ଯୁଦ୍ଧର ନୁହେଁ'।



- ❑ ଆମେ ସିଂହ, ପାକିସ୍ତାନ ବେଙ୍ଗ: ପ୍ରତିରକ୍ଷା ମନ୍ତ୍ରୀ
- ❑ ଫଳ ଗୁରୁତ୍ୱପୂର୍ଣ୍ଣ, ପେନ୍‌ସିଲ ଭାଙ୍ଗିବା ନୁହେଁ
- ❑ କୌଣସି ଚାପରେ ଅଟକିନି 'ଅପରେସନ୍ ସିନ୍ଦୂର'
- ❑ ଶତ୍ରୁକୁ ମୁହଁତୋଡ଼ ଜବାବ ଦେବା ଜରୁରୀଥିଲା

ରକ୍ଷାମନ୍ତ୍ରୀ କହିଛନ୍ତି ଯେ ଆମ ସରକାର ମଧ୍ୟ ପାକିସ୍ତାନ ସହ ଶାନ୍ତି ସ୍ଥାପିତ କରିବା ପାଇଁ ଅନେକ ଉଦ୍ୟମ କରିଥିଲା, ହେଲେ ପରେ ଆମେ ୨୦୧୬ରେ ସର୍ଜିକାଲ ଷ୍ଟ୍ରାଇକ୍, ୨୦୧୯ରେ ବାଲାକୋଟରେ ଏୟାରଷ୍ଟ୍ରାଇକ୍ ଓ ୨୦୨୫ରେ ଅପରେସନ ସିନ୍ଦୂର ଦ୍ୱାରା ଆମେ ଶାନ୍ତି ସ୍ଥାପନା ନିମନ୍ତେ ଦ୍ୱିତୀୟ ରାସ୍ତା ଆପଣେଇଛୁ। ଏବେ ଆମ ପ୍ରଧାନମନ୍ତ୍ରୀ ଓ ଆମ ସରକାରଙ୍କ ଷ୍ଟାଣ୍ଡ ବିଲକୁଲ ସ୍ପଷ୍ଟ। ଆତଙ୍କବାଦ ଓ ଆଲୋଚନା ଏକ ସାଙ୍ଗରେ ହୋଇ ପାରିବ ନାହିଁ। କାରଣ ସଭ୍ୟ ଦେଶଙ୍କ ସହ ଆଲୋଚନା ହୁଏ। ଲୋକସଭାରେ ପହଲଗାମ ନରସଂହାର ଓ ଅପରେସନ ସିନ୍ଦୂରକୁ ନେଇ ବିତର୍କ ଆରମ୍ଭ ହୋଇଛି। ଲୋକସଭାରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ପ୍ରଥମେ ମତ ରଖିବା ସହ ବିତର୍କକୁ ବିଧିବଦ୍ଧ ଭାବେ ଆରମ୍ଭ କରିଛନ୍ତି। ଏହାପରେ କଂଗ୍ରେସ ସାଂସଦ ଗୌରବ ଗୋଗୋଇ ମତ ରଖିବା ସହ ପହଲଗାମ ନରସଂହାରରେ ସାମିଲ ଥିବା ଆତଙ୍କବାଦୀଙ୍କୁ ସରକାର


ବିରୋଧୀ ଦଳଙ୍କ ଏହି ପ୍ରଶ୍ନ ଜାତୀୟ ଜନଭାବନାର ଉଚିତ ପ୍ରତିନିଧିତ୍ୱ କରୁନାହିଁ। ରକ୍ଷାମନ୍ତ୍ରୀ କହିଛନ୍ତି ଯେ ବିରୋଧୀଦଳ ଥରେ ବି ଆମକୁ ପଚାରି ନାହାନ୍ତି ଆମ ସେନା ଶତ୍ରୁର କେତେ ବିମାନ ନଷ୍ଟକରିଛନ୍ତି। ରାଜନାଥ କହିଛନ୍ତି ଯେ ଯଦି ପ୍ରଶ୍ନ କରିବାର ଅଛି, ତେବେ ସେମାନଙ୍କ ପ୍ରଶ୍ନ ଏହା ହେବା ଦରକାର ଭାରତ ଆତଙ୍କବାଦୀଙ୍କ ଆଡ୍ଡା ନଷ୍ଟ କରିଛି କି ? ଏହାର ଉତ୍ତର ହେଉଛି ହଁ। ମୁଁ ବିପକ୍ଷଙ୍କୁ କହିବାକୁ ଚାହୁଁଛି କି ଆପଣଙ୍କୁ ପ୍ରଶ୍ନ କରିବାର ଅଛି ତ ଏହା ପଚାରନ୍ତୁ ଅପରେସନ ସିନ୍ଦୂର ସଫଳ ହୋଇଛି କି, ଏହାର ଉତ୍ତର ହେଉଛି ହଁ। ରାଜନାଥ କହିଛନ୍ତି ଯେ ଆପଣଙ୍କୁ ପ୍ରଶ୍ନ କରିବାର ଅଛି ତ ଏହି ପ୍ରଶ୍ନ କରନ୍ତୁ ଯେଉଁ ଆତଙ୍କବାଦୀ ଆମ ଭଉଣୀ, ଆମ ଝିଅଙ୍କ ମଥାରୁ ସିନ୍ଦୂର ପୋଛିଦେଲେ ଆମେ ସେନା ଅପରେସନ ମ୍ୟାଟର କରିଥାଏ। ଯଦି କୌଣସି ପରୀକ୍ଷାରେ ଛାତ୍ର ଭଲ ମାର୍କ ନେଇ ଆସେ ଆମ ଲାଗି ତାର ମାର୍କସ୍ ମ୍ୟାଟର ହେବା ଦରକାର। ତେବେ ଏଥି ପ୍ରତି ଧ୍ୟାନ ଦିଆଯାଏ ନି ଯେ ପରୀକ୍ଷା ବେଳେ ତାର ପେନସିଲ୍ ଭାଙ୍ଗି ଯାଇଥିଲା ଅଥବା ପେନ ହଜି ଯାଇଥିଲା। ଯେହେତୁ ରେଜଲ୍ଟ ମ୍ୟାଟର କରେ ଏଥିରେ ରେଜଲ୍ଟ ହେଉଛି ଯେ ଅପରେସନ ସିନ୍ଦୂର କାଳରେ ଆମେ ସେନା ଯେଉଁ ଲକ୍ଷ୍ୟ ନିର୍ଦ୍ଧାରିତ କରିଥିଲା ସେହି ସବୁ ଲକ୍ଷ୍ୟକୁ ଆମେ ସମ୍ପୂର୍ଣ୍ଣ ହାସଲ କରିଛୁ। ସେ କହିଛନ୍ତି ଯେ 'ଭାରତ ସର୍ବଦା ନିଜର ପଡ଼ୋଶୀ ଦେଶମାନଙ୍କ ସହ ମିତ୍ରତା ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ବନ୍ଧର ଇଚ୍ଛା ରଖେ। ଏଥି ଲାଗି ଭାରତରେ ଏ ପର୍ଯ୍ୟନ୍ତ ଶାସନ କରିଥିବା ବିଭିନ୍ନ ସରକାର ବିଶ୍ୱସ୍ତତାର ସହିତ ପ୍ରୟାସ ମଧ୍ୟ କରିଛନ୍ତି। କାହିଁକି ଧରିପାରିଲେ ନାହିଁ ବୋଲି ପ୍ରଶ୍ନ କରିଥିଲେ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବାରମ୍ବାର ଦାବି କରି ଆସୁଛନ୍ତି ଯେ ସେ ବାଣିଜ୍ୟର ଧମକ ଦେଇ ଭାରତ ଓ ପାକିସ୍ତାନ ମଧ୍ୟରେ ଦେଖାଯାଇଥିବା ଭୟଙ୍କର ଲଢ଼େଇର ପୂର୍ଣ୍ଣଚ୍ଛେଦ ଟାଣିଥିଲେ। ଟ୍ରମ୍ପଙ୍କ ଚାପ ଯୋଗୁ ଭାରତ ଅପରେସନ ସିନ୍ଦୂର ବନ୍ଦ କରିଥିଲା ବୋଲି ଗୋଟିଏ ଧାରଣା ଆମେରିକା ବାରମ୍ବାର ସୃଷ୍ଟି କରିବାକୁ ଚେଷ୍ଟା କରୁଛି। ହେଲେ ଭାରତ କାହା ଚାପରେ ଅପରେସନ ସିନ୍ଦୂର ବନ୍ଦ କରି ନଥିଲା ବୋଲି ଆଜି ଲୋକସଭାରେ ସ୍ପଷ୍ଟକରିଛନ୍ତି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ। ଲୋକସଭାରେ ପହଲଗାମ ନରସଂହାର ଓ ଅପରେସନ ସିନ୍ଦୂରକୁ ନେଇ ବିଧିବଦ୍ଧ ଭାବେ ବିତର୍କ ଆରମ୍ଭ ହୋଇଛି। ପ୍ରାୟ ୧୬ଘଣ୍ଟା ଧରି ଏହି ଚର୍ଚ୍ଚା ହୋଇଥିଲା।

### ଅପରେସନ୍ ମହାଦେବ

# ହାସିମ୍ ମୁସା ସମେତ ୩ ଆତଙ୍କୀ ସଫା


**ନୂଆଦିଲ୍ଲୀ,(ପିପିଏସ୍):** ଭାରତୀୟ ସେନା ଅପରେସନ ମହାଦେବ ଜରିଆରେ ୩ ବିଦେଶୀ ଆତଙ୍କବାଦୀଙ୍କୁ ନିପାତ କରିଛି। ଜମ୍ମୁ-କଶ୍ମୀରର ଶ୍ରୀନଗରରେ ଦୀର୍ଘ ସମୟର ଜୋରଦାର ଗୁଳି ବିନିମୟ ଓ ଛକାପଞ୍ଝା ପରେ ସୁରକ୍ଷାକର୍ମୀ ୩ ଜଣ ଆତଙ୍କବାଦୀଙ୍କୁ ସଫା କରିଛନ୍ତି। ସେମାନଙ୍କ ନିକଟରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ ହୋଇଛି। ଏମାନଙ୍କ ମଧ୍ୟରେ ପହଲଗାମ ନରସଂହାରର ମାଷ୍ଟରମାଇଣ୍ଡ ହାସିମ ମୁସା ଓରଫ ସୁଲେମାନ ଶାହ ରହିଥିବା ଜାତୀୟ ଗଣମାଧ୍ୟମ ଗୁଡ଼ିକ ସୂତ୍ରକୁ ଆଧାର କରି ରିପୋର୍ଟ ପ୍ରକାଶ କରିଛନ୍ତି। କିନ୍ତୁ ସେନା ପକ୍ଷରୁ ବିଧିବଦ୍ଧ ଭାବେ ନିପାତ ୩ ଆତଙ୍କବାଦୀଙ୍କ ମଧ୍ୟରେ ମୁସା ରହିଛି କି ନାହିଁ, ସେକଥା କୁହାଯାଇ ନାହିଁ। ମୁସା ବ୍ୟତୀତ ନିହତ ୩ ଜଣଙ୍କ ମଧ୍ୟରେ ପହଲଗାମ ନରସଂହାର ହମ୍‌ଲାରେ ସାମିଲ ଥିବା ୟାସିର ମଧ୍ୟ ଟଳିଛି। ଏପ୍ରିଲ ୨୨ପହଲଗାମ ନରଂସହାରର ମାଷ୍ଟରମାଇଣ୍ଡ ଭାବେ ଲସ୍କର ଆତଙ୍କୀ ସୁଲେମାନ ଶାହ ଓରଫ ମୁସାକୁ ଚିହ୍ନଟ କରାଯାଇଥିଲା। ଏବେ ଅପରେସନ ମହାଦେବରେ ତା'ର ମୃତ୍ୟୁ ହୋଇଥିବା ଦାବି କରାଯାଇଛି। ଏହି ଅପରେସନରେ ନିହତ ଆଉ ୨ ଆତଙ୍କୀ ହେଲେ ଅବୁ ହମଜା ଓ ୟାସିର। ମୁସା ଭଳି ୟାସିର ମଧ୍ୟ ପହଲଗାମ ନରସଂହାରରେ ସାମିଲ ଥିଲା। ଅପରେସନ ମହାଦେବରେ ସ୍ଥଳ ସେନା ବ୍ୟତୀତ ଜମ୍ମୁ-କଶ୍ମୀର ପୁଲିସ ଓ ସିଆରପିଏଫ ଯବାନମାନେ ସାମିଲ ଥିଲେ। ପହଲଗାମ ନରସଂହାରର ଯୋଜନା କରିବା ସହ ଘଟଣା ବେଳେ ବୈସାରନ ଭ୍ୟାଲିରେ ଉପସ୍ଥିତ ଥିଲା ହାସିମ ମୁସା। ସେ ଆକ୍ରମଣ ପରେ ମଧ୍ୟ ଜମ୍ମୁ-କଶ୍ମୀରର ଲୁଚି ରହିଥିଲା। ତା'କୁ ଧରିବା ପାଇଁ ସୁରକ୍ଷାକର୍ମୀ ଦିନ ରାତି ଏକ କରି ଦେଇଥିଲେ। ହେଲେ ଘଟଣାର ୧୦୦ ଦିନ ପରେ ମଧ୍ୟ ସୁରକ୍ଷାକର୍ମୀଙ୍କ ହାତରେ ମୁସା ପଡ଼ି ନଥିଲା। ଜମ୍ମୁ-କଶ୍ମୀର ପୁଲିସ୍ ମଧ୍ୟ ହାଶିମ ସମ୍ପର୍କରେ ସୂଚନା ହାସଲ କରିବା ପାଇଁ ୨୦ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଥିଲା। ଭାରତରେ ରକ୍ତର ହୋଲି ଖେଳିଥିବା ହାଶିମ ମୁସା ଏକଦା ପାକିସ୍ତାନ ସେନାରେ କମାଣ୍ଡ ଭାବେ କାମ କରୁଥିଲା। ସେ ପାକିସ୍ତାନ ସ୍ପେଶାଲ ସର୍ଭିସ ଗ୍ରୁପରେ ଜଣେ ପାରା କମାଣ୍ଡୋ ଥିଲା। ପରବର୍ତ୍ତୀ ଅବସ୍ଥାରେ ସେ ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତୋଏବାରେ ଯୋଗ ଦେଇଥିଲା। ଲସ୍କରରେ ସାମିଲ ହେବା ପରଠାରୁ ସେ ଏକାଧିକ ଆତଙ୍କବାଦୀ ହମଲାରେ ସକ୍ରିୟ ଭୂମିକା ଗ୍ରହଣ କରି ଚାଲିଥିଲା। ୨୦୨୩ରୁ ସେ ପାକିସ୍ତାନରେ ସ୍ୱତନ୍ତ୍ର ତାଲିମ ନେଇ ଭାରତରେ ପ୍ରବେଶ କରିଥିଲା। ଗତବର୍ଷ ଅକ୍ଟୋବର ମାସରେ ଜମ୍ମୁ-କଶ୍ମୀରର ଗାନ୍ଦେରବଲରେ ହୋଇଥିବା ଆତଙ୍କୀ ହମଲାରେ ହାସିମ ସାମିଲ ଥିଲା। ଏଥିରେ ୭ ଜଣ ଲୋକଙ୍କ ମୃତ୍ୟୁହୋଇଥିଲା। ସେହିପରି ବାରମୁଲ୍ଲାରେ ହୋଇଥିବା ଆତଙ୍କବାଦୀ ହମଲାରେ ୪ ଜଣ ସୁରକ୍ଷାକର୍ମୀ ସହିଦ ହୋଇଥିଲେ। ଏହା ପଛରେ ବି ହାସିମ ରହିଥିଲା। ଉପତ୍ୟକାରେ ହୋଇଥିବା ୬ଟି ଆକ୍ରମଣରେ ହାସିମ ସାମିଲ ଥିବା ସୁରକ୍ଷା ଏଜେନ୍ସି ଜାଣିବାକୁ ପାଇଛନ୍ତି।

### ପହଲ୍‌ଗାମ ବଦ୍‌ଲା



# ସ୍କୁଲ୍ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କୁ ମିଳିବ ନୂଆ ରଙ୍ଗ-ଲୋଗୋ ଥିବା 'ଆଇକାର୍ଡ'

**ଭୁବନେଶ୍ୱର,(ପିପିଏସ୍):** ରାଜ୍ୟ ସରକାର ପ୍ରାଥମିକ ସ୍କୁଲ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ପାଇଁ ଚଳିତ ଶିକ୍ଷାବର୍ଷ(୨୦୨୫-୨୬)ରୁ ନୂଆ ପରିଚୟ ପତ୍ର(ଆଇକାର୍ଡ) ଲାଗୁ କରିଛନ୍ତି। କେନ୍ଦ୍ର ସରକାରଙ୍କ ପିଏମଶ୍ରୀ ଯୋଜନାର 'ଲୋଗୋ' ଥିବା ନିର୍ଦ୍ଧାରିତ ଫର୍ମାଟରେ ଆଇ କାର୍ଡ ପ୍ରସ୍ତୁତ କରିବା ନିମନ୍ତେ ଜିଲ୍ଲାସ୍ତରରେ ସମଗ୍ର ଶିକ୍ଷା ପ୍ରକଳ୍ପ ସଂଯୋଜକଙ୍କ ଦ୍ୱାରା ଟେଣ୍ଡର ଆହ୍ୱାନ କରାଯାଇଛି। ଓଡ଼ିଶା ସ୍କୁଲ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ(ଓସେପା) ଦ୍ୱାରା ରାଜ୍ୟର ସରକାରୀ ଓ ଅନୁଦାନପ୍ରାପ୍ତ ପ୍ରାଥମିକ ସ୍କୁଲ ଗୁଡ଼ିକରେ ଏହି ନୂଆ ଆଇକାର୍ଡ ସହ 'ହାଉସ୍ ୟୁନିଫର୍ମ' ଓ ବିଦ୍ୟାବନ୍ତ ବିଦ୍ୟାର୍ଥୀ,ବିକଶିତ ଓଡ଼ିଶା'ଲେଖାଥିବା 'ଟୋପି' ମଧ୍ୟ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କୁ ଏହି ନୂଆ ଆଇକାର୍ଡ, ୟୁନିଫର୍ମ, ବ୍ରାଣ୍ଡିଂ ସହ ଟୋପି, ଜେତା-ମୋଜା ଆଦି ସରକାରଙ୍କ ପକ୍ଷରୁ ଏହି ଯୋଗାଇ ଦିଆଯିବ ବୋଲି ଜଣାପଡ଼ିଛି। ଏହି ଆଇ କାର୍ଡ ବିନା ସ୍କୁଲ ପରିସରକୁ ପ୍ରବେଶର ଅନୁମତି ମିଳିବ ନାହିଁ ବୋଲି ମଧ୍ୟ ମାର୍ଗଦର୍ଶିକା ଜାରି ହୋଇଥିବା ସୂଚନା ମିଳିଛି। ରାଜ୍ୟ ସ୍କୁଲ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ(ଓସେପା)ର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ସଙ୍ଗୀତା ବେହେରା ଚଳିତମାସ ୨୬ତାରିଖରେ ସମସ୍ତ ଜିଲ୍ଲାର ଶିକ୍ଷାଅଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ(ସମଗ୍ର ଶିକ୍ଷା)ଙ୍କୁ ଚିଠି ଲେଖି ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ଛାତ୍ରଛାତ୍ରୀଙ୍କୁ ୟୁନିଫର୍ମ ଓ ଜୋତା ଆଦି ଉପକରଣ ବଣ୍ଟନ ସମ୍ପର୍କରେ ସୂଚନା ଦେଇଛନ୍ତି। ନିଷ୍ପତ୍ତି ଅନୁସାରେ ଚଳିତ ଶିକ୍ଷାବର୍ଷରୁ ସରକାର ଓ ସରକାରୀ ଅନୁଦାନପ୍ରାପ୍ତ ସ୍କୁଲଗୁଡ଼ିକରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ଛାତ୍ରଛାତ୍ରୀଙ୍କୁ ମୁଣ୍ଡପିଛା ୫୦୦ଟଙ୍କାରେ ୧ହଳ ଜୋତା, ୨ହଳ ମୋଜା, ଗୋଟିଏ ଟି-ସାର୍ଟ ଓ ଟ୍ରାକ୍ ପ୍ୟାଣ୍ଟ, ଗୋଟିଏ ଟୋପି(ବ୍ରାଣ୍ଡିଂ ସହ) ଓ ଗୋଟିଏ ଆଇକାର୍ଡ ପ୍ରଦାନ କରାଯିବ।




### ଉତ୍ତର ଓଡ଼ିଶାରେ ବନ୍ୟା: କମୁଛି ପାଣି, ବଢୁଛି ଦୁର୍ଦ୍ଦଶା

# ପାଣିଘେରରେ ଏବେ ବି ଅନେକ ଗାଁ

**ଭଦ୍ରକ, ବାଲେଶ୍ୱର, ଭୁବନେଶ୍ୱର,(ପିପିଏସ୍):** ନଦୀରେ ପାଣି କମୁଛି ସତ, ହେଲେ ଏବେ ବି ଗାଁ ଦାଣ୍ଡରେ ଚାଲୁଛି ଡଙ୍ଗା। ବୈତରଣୀ ନଦୀରେ ଆସିଥିବା ବନ୍ୟାରେ ଅଧିକ ପ୍ରଭାବିତ ହୋଇଛି ଭଦ୍ରକ ଜିଲ୍ଲା ଧାମନଗର ବ୍ଲକର ହସନାବାଦ ଓ ଅର୍ଜୁନପୁର ପଞ୍ଚାୟତ। ଆଜି ସକାଳୁ ବନ୍ୟାଜଳ କମି ଯାଇଥିବାରୁ ଲୋକେ ଘରୁ ବାହାରିଛନ୍ତି। ଏବେ ବି ଧୂଷୁରୀ- ହସନାବାଦ ମୁଖ୍ୟରାସ୍ତାର ପଞ୍ଚାୟତ ଅଫିସ୍ ନିକଟରେ ୩ ଫୁଟ୍ ଉଚ୍ଚରେ ବନ୍ୟା ପାଣି ପ୍ରବାହିତ ହେଉଛି। ଶହ ଶହ ହେକ୍ଟର ଚାଷ ଜମିରେ ବନ୍ୟାଜଳ ମାଡିଯାଇ ଧାନ ତଳି ଓ ରୁଆ ନଷ୍ଟ କରିଦେଇଛି। ପରିବା ଚାଷ ବି ନଷ୍ଟହୋଇଛି। ଗୋରୁ, ଗାଈ ନଦୀବନ୍ଧ ଉପରେ ଆଶ୍ରୟ ନେଇଛନ୍ତି। ଭଦ୍ରକ ଜିଲ୍ଲାପାଳ ବନ୍ୟା ସ୍ଥିତି ଦେଖି ଧାମନଗର ବ୍ଲକର ହସନାବାଦ, ଅର୍ଜୁନପୁର, ସୋହଡା ଏବଂ ପ୍ରଧାନୀ ପଞ୍ଚାୟତରେ ଥିବା ସ୍କୁଲ ଗୁଡିକୁ ଛୁଟି ଘୋଷଣା କରିଛନ୍ତି। ଭଦ୍ରକ ଭଳି ବାଲେଶ୍ୱରରେ ବି ସମାନ ସ୍ଥିତି। ବିପଦ ସଙ୍କେତ ତଳକୁ ଖସିଛି ସୁବର୍ଣ୍ଣରେଖାର ଜଳସ୍ତର। ହେଲେ ବନ୍ୟାପାଣିରେ ଉବୁଟୁବୁ ହେଉଛି ଉତ୍ତର ବାଲେଶ୍ୱର। ସୁବର୍ଣ୍ଣରେଖା ଓ ଜଳକା ନଦୀର ବନ୍ୟାଜଳ ଦ୍ୱାରା ବସ୍ତା ବ୍ଲକର ୮ଟି ପଞ୍ଚାୟତ ଏବଂ ସଦର ବ୍ଲକ୍‌ର ୪୦ରୁ ଅଧିକ ଗାଁ ପ୍ରଭାବିତ ହୋଇଛି। ବାଲିଆପାଳର ୮ଟି, ଭୋଗରାଇ ବ୍ଲକର ୧୩ ପଞ୍ଚାୟତ ଏବେ ବି ଜଳବନ୍ଦୀ। ବିଭିନ୍ନ ସ୍ଥାନରେ ରାସ୍ତା ଉପରେ ୪ଫୁଟ୍ ଉଚ୍ଚର ବନ୍ୟା ପାଣି ପ୍ରବାହିତ ହେଉଛି। ପ୍ରଶାସନିକ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ସମୀକ୍ଷା କରିଛନ୍ତି। ଯାଜପୁର ଜିଲ୍ଲା ଦଶରଥପୁର ଅଂଚଳରେ ବନ୍ୟା ସ୍ଥିତିରେ ସୁଧାର ଆସିଥିଲେ ସୁଦ୍ଧା ଲୋକଙ୍କ ପାଖରେ ପହଞ୍ଚି ପାରିନି ଅତ୍ୟାବଶ୍ୟକୀୟ ସାମଗ୍ରୀ। ବିଶେଷକରି ଗୃହପାଳିତ ପଶୁମାନେ ଏବେ ପର୍ଯ୍ୟନ୍ତ ଭୋକ ଉପାସରେ ରହିଛନ୍ତି। କିଛି ଅଞ୍ଚଳରେ ଚାଷଜମିରେ ପାଣି ମାଡିଯାଇଥିବାରୁ ଧାନଚାଷ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି। ବନ୍ୟା ସ୍ଥିତି ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ କହିଛନ୍ତି, କ୍ଷୟକ୍ଷତି ରିପୋର୍ଟ ଆସିବାର ୨୪ ଘଣ୍ଟା ଭିତରେ ମିଳିବ ସହାୟତା। ପାଗ ଅନୁକୂଳ ହେଲେ ଆକାଶ ମାର୍ଗରୁ ବନ୍ୟାଞ୍ଚଳ ପରିଦର୍ଶନ କରିବେ ମୁଖ୍ୟମନ୍ତ୍ରୀ। ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ କହିଛନ୍ତି, ଭଦ୍ରକ ଓ ଯାଜପୁରରେ ଆଉ ବନ୍ୟା ସ୍ଥିତି ନାହିଁ। ବୁଢ଼ାବଳଙ୍ଗକୁ ବି ବିପଦ ନାହିଁ। ସୁବର୍ଣ୍ଣରେଖା ବନ୍ୟା ଯୋଗୁଁ ବାଲେଶ୍ୱରର ୪ଟି ବ୍ଲକ ଜଳେଶ୍ୱର, ଭୋଗରାଇ, ବସ୍ତା, ବାଲିଆପାଳ ପ୍ରଭାବିତ ହୋଇଛି। ଧୀରେ ଧୀରେ ସ୍ଥିତିରେ ସୁଧାର ଆସୁଛି।



### ସମ୍ପାଦକୀୟ

## ଦୁରାଗ୍ରହର ପରିଧି

### ବାଟେଘାଟେ



ମମତା ବାନାର୍ଜୀ ଓଡ଼ିଶା ସହିତ
ଖେଳୁଛନ୍ତି ରାଜନୀତି
ଦିଘା ଜଗନ୍ନାଥ ଧାମ ପ୍ରଚାରରେ
ଅତିରୁ ହୋଇଲେ ଇତି
କରନ୍ତି ନିଜର କ୍ଷତି
ଆଳୁକୁ କଲେ ସମ୍ପତ୍ତି
କେଉଁ ହିସାବରେ ଯୋଗାଣ ମନ୍ତ୍ରୀ
ମାଗୁଛନ୍ତି ହାତପାତି
ଧିକ୍ ଏମନ୍ତ ବିବୃତି
କୃଷି କର୍ମଣ ପୁରସ୍କାର ପାଇ
ମାଗି ଖାଇବା ପ୍ରକୃତି **-ରାହୀ**

### ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି: ୯ ମନ୍ତ୍ରୀ ବି ଶୁଣିଲେ ଗୁହାରୀ

# ଏପର୍ଯ୍ୟନ୍ତ ୯୧% ଅଭିଯୋଗର ସମାଧାନ

**ଭୁବନେଶ୍ୱର,(ପିପିଏସ୍):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜର ୧୩ମାସର କାର୍ଯ୍ୟକାଳରେ ୧୩ଥର ଜନଶୁଣାଣି କରି ପ୍ରାୟ ୯୧ ପ୍ରତିଶତ ଲୋକଙ୍କ ଅଭିଯୋଗର ସମାଧାନ କରିଛନ୍ତି। ଚଳିତବର୍ଷରେ ମୋଟ୍ ୫୧ଜଣଙ୍କୁ ତତ୍କାଳ ୫୫ଲକ୍ଷ ଟଙ୍କାର ଆର୍ଥିକ ସହାୟତା ମଧ୍ୟ ମଞ୍ଜୁର କରିଛନ୍ତି। ଏବେ ମୋହନ ନିଜର ଜନତା ଦରବାରକୁ ରାଜ୍ୟର ଅନ୍ୟ ଜିଲ୍ଲାକୁ ନେବାକୁ ଯୋଜନା କରିଛନ୍ତି। ମୋହନଙ୍କ ଏହି ୧୩ଥର ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଗୋଟିଏ ଥର ସମ୍ବଲପୁର ଓ ଅନ୍ୟ ୧୨ଥର ରାଜଧାନୀ ଭୁବନେଶ୍ୱରରେ ହୋଇଛି। ନିଜର ୧୩ଥରର ପ୍ରତ୍ୟକ୍ଷ ଜନ ଅଭିଯୋଗ ଶୁଣାଣିରେ ମୋହନ ଓ ତାଙ୍କ ଟିମ୍ ମୋଟ୍ ୧୧୫୧୬ଟି ଅଭିଯୋଗ ଶୁଣିଛନ୍ତି, ଯେଉଁଥିରୁ ୧୦୫୦୨ଟି ଅର୍ଥାତ୍ ୯୧ ପ୍ରତିଶତର ସମାଧାନ ହୋଇଥିବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ସିଧାସଳଖ ଅଭିଯୋଗ ଶୁଣାଣିବେଳେ ଦୁରାରୋଗ୍ୟ ପୀଡ଼ିତ ବ୍ୟକ୍ତିମାନଙ୍କୁ ତୁରନ୍ତ ଆର୍ଥିକ ସହାୟତା ସହାୟତା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଉଛନ୍ତି। ସରକାରଙ୍କ ସିଙ୍ଗଲଓ୍ୱିଣ୍ଡୋ ସିଷ୍ଟମରେ ଏହି ଆର୍ଥିକ ସହାୟତା ତତ୍କାଳ ମଞ୍ଜୁର କରାଯାଇ ତାଙ୍କୁ ପ୍ରଦାନ କରାଯାଉଛି। ୨୦୨୫ ମସିହା ଆରମ୍ଭରୁ ଏପର୍ଯ୍ୟନ୍ତ ସିଙ୍ଗଲଓ୍ୱିଣ୍ଡୋ ବ୍ୟବସ୍ଥାରେ ମୋଟ୍ ୫୧ଜଣଙ୍କୁ ୫୫ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିର୍ଦ୍ଦେଶ ଦେବାପରେ ସେମାନଙ୍କୁ ଏହି ସହାୟତା ପ୍ରଦାନ କରାଯାଇଛି। ସୋମବାର ୧୩ତମ ପାଳିରେ ୩ଜଣ ଅଭିଯୋଗକାରୀଙ୍କୁ ଦେଢ଼ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରାଯାଇଛି। ଏହି ସହାୟତା ଯୋଗାଇବା ପାଇଁ ବରିଷ୍ଠ ଡାକ୍ତରୀ ଟିମ୍ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଉପସ୍ଥିତ ରହିଥଲେ। ଶୁଣାଣିବେଳେ ମୁଖ୍ୟମନ୍ତ୍ରୀଙ୍କ ସହ ତାଙ୍କ ମନ୍ତ୍ରିମଣ୍ଡଳର ୯ଜଣ ମନ୍ତ୍ରୀ ଉପସ୍ଥିତ ରହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଓ ବ୍ୟକ୍ତିଗତ ସଚିବ ମନୋଜ କୁମାର ସାହୁଙ୍କ ସମେତ ବିଭିନ୍ନ ବିଭାଗର ସଚିବ ଓ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହି ଅଭିଯୋଗ ଶୁଣାଣିରେ ସହଯୋଗ କରିଥିଲେ। ଶୁଣାଣିବେଳେ ମନ୍ତ୍ରୀ ସୁରେଶ ପୂଜାରୀ, ପୃଥ୍ୱୀରାଜ ହରିଚନ୍ଦନ, ମୁକେଶ ମହାଲିଙ୍ଗ, ବିଭୁତି ଭୂଷଣ ଜେନା, କୃଷ୍ଣଚନ୍ଦ୍ର ମହାପାତ୍ର, ରବି ନାରାୟଣ ନାୟକ, ସୂର୍ଯ୍ୟବଂଶୀ ସୂରଜ, ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ଗୋକୁଳାନନ୍ଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଅପେକ୍ଷାରତ ଅଭିଯୋଗକାରୀଙ୍କ ମଧ୍ୟରୁ ପ୍ରଥମେ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କୁ ଭେଟିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିଷ୍ପତ୍ତି ନେଇଥିଲେ। ଯେଉଁ ଦିବ୍ୟାଙ୍ଗ ବ୍ୟକ୍ତିମାନେ ନିଜର ଅଭିଯୋଗ ଆଣି ଆସିଥିଲେ ସେମାନଙ୍କର ଅଭିଯୋଗ ଶୁଣିବା ସହ ବିଭାଗଗୁଡ଼ିକ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଦିବ୍ୟାଙ୍ଗମାନଙ୍କ ପ୍ରତି ଏହା ମୁଖ୍ୟମନ୍ତ୍ରୀ ଓ ତାଙ୍କ ସରକାରର ସମ୍ବେଦନଶୀଳ ମନୋଭାବକୁ ଦର୍ଶାଇଛି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗୋଟିଏଥର ସମ୍ବଲପୁରରେ ନିଜର ଟିମ୍ ସହ ଉପସ୍ଥିତ ରହି ସାଧାରଣ ଲୋକଙ୍କ ଅଭିଯୋଗ ଶୁଣିଥିବାବେଳେ ଖୁବ୍‌ଶୀଘ୍ର ଅନ୍ୟ ଅଞ୍ଚଳରେ ତାଙ୍କର ଅଭିଯୋଗ ସମାଧାନ ଦରବାର ଲାଗିବ ବୋଲି ଜଣାପଡ଼ିଛି। ଆଜିସୁଦ୍ଧା ୧୩ଥର ଜନ ଅଭିଯୋଗ ଶୁଣାଣି କରିଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରତ୍ୟେକ ଥରରେ ପ୍ରାୟ ଏକ ହଜାର ଅଭିଯୋଗକୁ ଗ୍ରହଣ କରି ତା'ର ସମାଧାନ ଉପରେ ଗୁରୁତ୍ୱ ଦେଉଥିବା ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀ ନିଜର ଟିମ୍ ସହ ନିଜେ ଉପସ୍ଥିତ ରହି ସିଧାସଳଖ ଅଭିଯୋଗ ଶୁଣୁଥିବା ଓ ଲୋକମାନେ ନିଜର ସମସ୍ୟା ତାଙ୍କୁ ପ୍ରତ୍ୟକ୍ଷ ଭାବେ କହି ସମାଧାନର ପ୍ରତିଶ୍ରୁତି ପାଉଥିବାରୁ ସାଧାରଣରେ ସରକାରଙ୍କ ପ୍ରତି ଆସ୍ଥା ବୃଦ୍ଧି ପାଇବାରେ ଲାଗିଛି।



- ❑ ପ୍ରଥମେ ଦିବ୍ୟାଙ୍ଗଙ୍କୁ ଭେଟି ସମସ୍ୟା ଶୁଣିଲେ ମୋହନ
- ❑ ସାଧାରଣରେ ସରକାରଙ୍କ ପ୍ରତି ଆସ୍ଥା ବୃଦ୍ଧି





# ଅନ୍ତର୍ଜାତୀୟ ବାଘ ଦିବସ



ଆମ ପ୍ରାକୃତିକ ପର୍ଯ୍ୟାବରଣକୁ ସୁସ୍ଥ ରଖିବା ଏବଂ ଏହାର ବିବିଧତାକୁ ବଜାୟ ରଖିବାରେ ବାଘମାନେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି। ଯଦି ବାଘ ବଂଶ ଲୋପ ପାଇଯାଏ, ତେବେ ସମଗ୍ର ଇକୋସିଷ୍ଟମରେ ନକରାତ୍ମକ ପ୍ରଭାବ ପଡିପାରେ। ତେଣୁ ଏମାନଙ୍କ ଗୁରୁତ୍ୱକୁ ବୁଝିବା ଜରୁରୀ। ଏହାକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ୨୯ ଜୁଲାଇରେ ସମଗ୍ର ବିଶ୍ୱରେ 'ଅନ୍ତର୍ଜାତୀୟ ବାଘ ଦିବସ' ପାଳନ କରାଯାଏ। ବାଘ ସଂଖ୍ୟା ହ୍ରାସ ହେବାର କାରଣ ବିଷୟରେ ଜଣେଇବା ତଥା ଲୋକଙ୍କୁ ସଂରକ୍ଷଣ ବିଷୟରେ ସଚେତନ କରାଇବା ଉଦ୍ଦେଶ୍ୟରେ ଏହି ଦିନ ପାଳନ କରାଯାଏ।ତେବେ ଏତେ ବଡ଼ ଆକାରରେ ବାଘ ଦିବସ ପାଳନ କରିବାର ଉଦ୍ଦେଶ୍ୟ ହେଉଛି କେବଳ ଲୋକଙ୍କୁ ବାଘର ସଂରକ୍ଷଣ ବିଷୟରେ ସଚେତନ କରାଇବା ନୁହେଁ, ବରଂ ସେମାନଙ୍କର ବାସସ୍ଥାନକୁ କିପରି ସୁରକ୍ଷା ଏବଂ ବିସ୍ତାର କରାଯିବ ସେ ସମ୍ବନ୍ଧରେ ମଧ ଲୋକଙ୍କୁ ଜଣାଇବା। ପରିବେଶର କ୍ଷତି, ଜଳବାୟୁ ପରିବର୍ତ୍ତନ ଏବଂ ବେଆଇନ ଶିକାର ଭଳି ଅନେକ କାରଣ ଅଛି, ଯେଉଁ କାରଣରୁ ଆଜି ବାଘ ସଂଖ୍ୟା କ୍ରମାଗତ ଭାବେ ହ୍ରାସ ପାଉଛି। ଏ ବିଷୟରେ ଲୋକମାନେ ଅବଗତ ହେବା ଜରୁରୀ ମଧ। 'ଅନ୍ତର୍ଜାତୀୟ ବାଘ ଦିବସ' ପ୍ରଥମେ ୨୦୧୦ରେ ପାଳନ ହୋଇଥିଲା। ଜୁଲାଇ ୨୯ରେ 'ବିଶ୍ୱ ବାଘ ଦିବସ' ପାଳନ କରିବାର ନିଷ୍ପତ୍ତି ଋଷର ପିଟର୍ସବର୍ଗରେ ଏକ ଅନ୍ତର୍ଜାତୀୟ ସମ୍ମିଳନୀରେ ନିଆଯାଇଥିଲା। ଏହି ସମ୍ମିଳନୀରେ ବିଶ୍ୱର ପ୍ରାୟ ୧୩ଟି ଦେଶ ଅଂଶଗ୍ରହଣ କରିଥିଲେ। ବାଘ ଦିବସ ପାଳନ କରିବାକୁ ନିଷ୍ପତ୍ତି ନେଉଥିବାବେଳେ ଏହି ସବୁ ଦେଶ ବାଘ ସଂଖ୍ୟାକୁ ଦ୍ୱିଗୁଣିତ କରିବାର ଲକ୍ଷ୍ୟ ରଖିଥିଲେ।

# ଗୁଣକାରୀ ପତ୍ର



- ଏମିତି ବି କିଛି ଗୁଣକାରୀ ପତ୍ର ରହିଛି; ଯାହାକୁ ଖାଲିପେଟରେ ଚୋବେଇ ଖାଇଲେ ଶରୀରକୁ ଅନେକ ଫାଇଦା ମିଳିଥାଏ। ଯେମିତିକି, ଖାଲିପେଟରେ କିଛି ନିମପତ୍ରକୁ ଚୋବେଇ ଖାଇଲେ ଏହା କୃମି ସମସ୍ୟା ଦୂର କରିବା ସହ ଚର୍ମଜନିତ ରୋଗକୁ କିଛିକାଂଶରେ ମୁକ୍ତି ଦେଇଥାଏ।
- ଖାଲିପେଟରେ ତୁଳସୀ ପତ୍ର ଖାଇଲେ ଶରୀରରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ।
- ପୁଦିନା ପତ୍ରରୁ କିଛି ଖାଲିପେଟରେ ଖାଇଲେ ପାଚନକ୍ରିୟା ସକ୍ରିୟ ହୋଇଥାଏ।
- ଭୃସଙ୍ଗ ପତ୍ରକୁ ଖାଲିପେଟରେ ଚୋବେଇ ଖାଇଲେ ହାର୍ଟ ଭଲ ରହିଥାଏ ବୋଲି ବିଶ୍ୱାସ କରାଯାଏ।
- ଜୁଆଣି ପତ୍ରକୁ ବି ଖାଲିପେଟରେ ଚୋବେଇ ଖାଇବା ସ୍ୱାସ୍ଥ୍ୟ ପକ୍ଷେ ଉପକାରୀ
- ହୋଇଥାଏ। ମୁଖ୍ୟତଃ ପେଟ ଜନିତ ସମସ୍ୟାରୁ ଏହା ମୁକ୍ତି ଦିଏ।
- ଜାମୁକୋଳି ପତ୍ରକୁ ଖାଲିପେଟରେ ଚୋବେଇ ଖାଇଲେ ସୁଗାର୍ ନିୟନ୍ତ୍ରଣରେ ରହିଥାଏ ବୋଲି ବିଶ୍ୱାସ କରାଯାଏ।

# ମାଛ କଣ୍ଟା ଲାଗିଥିଲେ କ'ଣ କରିବେ



ମାଛ ଖାଇବା ସମୟରେ ଅସାବଧାନତା ବଶତଃ ବେଳେବେଳେ ତଣ୍ଟିରେ କଣ୍ଟା ଲାଗିଯାଇଥାଏ। ଏଥିପାଇଁ ଅନେ କଷ୍ଟ ହୋଇଥାଏ। ଫଳରେ ଆମକୁ ଡାକ୍ତରଙ୍କ ପାଖକୁ ଯିବାକୁ ପଡ଼ିଥାଏ। କିନ୍ତୁ ଏମିତି କିଛି ଘରୋଇ ଉପଚାର ଅଛି ଯାହାକୁ ପ୍ରୟୋଗ କଲେ ଆଉ ଡାକ୍ତରଙ୍କ ପାଖକୁ ଯିବାକୁ ପଡ଼ିବନି। ସହଜରେ ତଣ୍ଟିରୁ କଣ୍ଟା ବାହାରିଯିବ। ଜାଣନ୍ତୁ ଏ ସମ୍ପର୍କରେ-

**ଶୁଖିଲା ରୁଟି :** ତଣ୍ଟିରେ ମାଛକଣ୍ଟା ଲାଗିଥିଲେ ଶୁଖିଲା ରୁଟିକୁ ଗିଳିଦିଅନ୍ତୁ। ଏହା ଦ୍ୱାରା ସହଜରେ ତଣ୍ଟିରୁ କଣ୍ଟା ବାହାରି ଯାଇଥାଏ।

**ଅଲିଭ ଅଏଲ :** ତଣ୍ଟିରୁ ମାଛକଣ୍ଟା ବାହାରୁ ନ ଥିଲେ ସଙ୍ଗେ ସଙ୍ଗେ କିଛି ଅଲିଭ ଅଏଲକୁ ପିଇ ଦିଅନ୍ତୁ। ଦେଖିବେ କଣ୍ଟା ବାହାରିବାରେ ଏହା ଏକ ଭଲ ଉପାୟ।

**ପାଚିଲା କଦଳୀ :** ତଣ୍ଟିରୁ ମାଛକଣ୍ଟା ବାହାର କରିବା ପାଇଁ ଆଉ ଏକ ସହଜ ଉପାୟ ହେଲା ପାଚିଲା କଦଳୀକୁ ଗିଳିଦେବା। କଦଳୀ ଗିଳିବା ଦ୍ୱାରା କଣ୍ଟା ଭିତରକୁ ଚାଲିଯାଏ।

**ଭାତ :** ତଣ୍ଟିରେ ମାଛକଣ୍ଟା ଲାଗିଥିଲେ ଆଦୌ ବ୍ୟସ୍ତ ନ ହୋଇ ଶୁଖିଲା ଭାତକୁ ଗୁଣ୍ଡା କରି ଗିଳି ଦିଅନ୍ତୁ। ଦେଖିବେ ସଙ୍ଗେ ସଙ୍ଗେ କଣ୍ଟା ବାହାରି ଯିବ।

**ଚୁଡ଼ା :** କଞ୍ଚା ଚୁଡ଼ାକୁ ଭିଜାଇ ତାହାକୁ ବଲ ଆକାର କରି ଗିଳି ଦିଅନ୍ତୁ। କଣ୍ଟା ବାହାରିଯିବ।

# ଦ୍ୱନ୍ଦ୍ୱରେ ସ୍ୱାତୀ



ସ୍ୱାତୀର ପିତାଙ୍କୁ କେହି ହତ୍ୟା କରିଛି। ଅପରାଧୀ କିଏ ଓ କାହିଁକି ତା' ବାପାଙ୍କୁ ହତ୍ୟା କଲା? ଏଭଳି ପ୍ରଶ୍ନ ସ୍ୱାତୀକୁ ବିଚଳିତ କରେ। କିନ୍ତୁ ସେ ଜାଣିବାକୁ ପାଏ ଯେ ପିତାଙ୍କ ହତ୍ୟାକାରୀ ହେଉଛି ତା' ପ୍ରେମିକ, ଯାହାକୁ ସେ ଜୀବନଠୁ ବି ଅଧିକ ଭଲପାଏ। କିନ୍ତୁ ଏକଥା ସହଜରେ ବିଶ୍ୱାସ କରିପାରେନି ସେ। ପ୍ରେମିକ ଶମ୍ଭୁ କଦାପି ହତ୍ୟାକାରୀ ହୋଇ ନପାରେ ବୋଲି ଅନ୍ତରାତ୍ମା କହୁଥିଲେ ବି ସ୍ୱାତୀ କ'ଣ କରିବ ଭାବିପାରେନି। ଦ୍ୱନ୍ଦ୍ୱରେ ପଡ଼ିଯାଏ ସେ। କିପରି ତା'ର ଏହି ଦ୍ୱନ୍ଦ୍ୱ ଦୂରହୁଏ ଏବଂ ପିତାଙ୍କ ପ୍ରକୃତ ହତ୍ୟାକାରୀ ପାଖରେ ସ୍ୱାତୀ ପହଞ୍ଚିପାରେ କି ନାହିଁ, ତାହା ଜାଣିବାକୁ ହେଲେ ଆପଣଙ୍କୁ ଏସ୍. ଦିଲୀପ ପଣ୍ଡାଙ୍କ ନିର୍ଦ୍ଦେଶିତ 'ଶମ୍ଭୁ'ର ରିଲିଜ୍‌ଯାଏ ଅପେକ୍ଷା କରିବାକୁ ପଡ଼ିବ। ଏହି ସିନେମାରେ ସ୍ୱାତୀ ଭୂମିକାରେ ନଜର ଆସିବେ ତମନ୍ନା। ଗତବର୍ଷ ଦଶହରାରେ ମୁକ୍ତିଲାଭ କରିଥିବା 'ଭିଲେନ୍' ପରେ ତମନ୍ନାଙ୍କୁ ଆଉ କେ?ଣସି ଓଡ଼ିଆ ଛବିରେ ଦେଖିବାକୁ ମିଳିନାହିଁ। 'ଶମ୍ଭୁ'ରେ ପ୍ରଥମଥର ଲାଗି ଶୁଭମ୍‌ଙ୍କ ବିପକ୍ଷରେ ତମନ୍ନାଙ୍କୁ ଦେଖିବାକୁ ପାଇବେ ଦର୍ଶକ। ଏଥିରେ ଜୀବନ ପଣ୍ଡା, ହରିହର ମହାପାତ୍ର, ବାବୁ ପ୍ରଧାନ, ଚିନ୍ତାମଣି ବିଶ୍ୱାଳ, କେକେ, ଡିସ୍କୋ ରେଡ୍ଡୀ, ବ୍ଲାକ୍‌ରବିଙ୍କ ସହିତ ଶିଶୁ କଳାକାର ଭାବେ ବିପ୍ସା ଜେନା ପ୍ରମୁଖ ଅଭିନୟ କରିଛନ୍ତି। ଅନୁପମା ମୁଭିଜ୍ ବ୍ୟାନର୍ରେ ନିର୍ମିତ ଏହି ସିନେମାର ପ୍ରଯୋଜକ ହେଲେ ବିଭୂତି ଜେନା। 'ଶମ୍ଭୁ'ର ସଂଳାପକାର ଡକ୍ଟର ରଜନୀରଂଜନ ଓ ସଙ୍ଗୀତକାର ଦୀପକ କୁମାର।

# ଆଜିର ରାଶିଫଳ


ମେଷ: ଆଜି ପଦାଧିକାରୀଙ୍କ ପ୍ରୋତ୍ସାହନ ଲାଭକରି କାମକୁ ଉତ୍ସାହର ସହ କରିବେ। ପ୍ରତ୍ୟେକ ଦିଗରୁ ସୁବିଧା ଥିଲେ ମଧ ଭୁଲ୍ ବୁଝାମଣାରୁ ପାରିବାରିକ ଶାନ୍ତି ବ୍ୟାହତ ହୋଇପାରେ। ଈର୍ଷାପରାୟଣ ବ୍ୟକ୍ତିମାନେ ଅସହିଷ୍ଣୁ ପରୋକ୍ଷ ଶତ୍ରୁତା ଆଚରଣ କରିବେ। ବନ୍ଧୁ କିମ୍ବା ସହକର୍ମୀଙ୍କ ପ୍ରେରଣାରେ ଆଧାତ୍ମିକ ଭାବଧାରାରେ ଉଦ୍ବୁଦ୍ଧ ହୋଇପାରନ୍ତି।


ବୃଷ: ଅର୍ଥ ସଂକଟ, ସ୍ୱାସ୍ଥ୍ୟ ସମସ୍ୟା, କାର୍ଯ୍ୟରେ ବିଳମ୍ବଜନିତ ମାନସିକ ଅଶାନ୍ତି ସୃଷ୍ଟି ହେବ । ଅର୍ଥର ଅଭାବ ନ ଥିଲେ ମଧ ପ୍ରତିକୂଳ ପରିସ୍ଥିତି କାମକୁ ଅଟକାଇ ରଖିବ। ବିବାଦୀୟ ଘଟଣାଠାରୁ ଦୂରେଇ ନ ରହିଲେ ଝମେଲା ଆସିପାରେ। ଅବଶ୍ୟ ସମୟାନ୍ତରରେ ଟେନସନ୍ କମିଯିବ ଏବଂ ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇବେ।


ମିଥୁନ: କର୍ମକ୍ଷେତ୍ରରେ କୌଶଳ ପ୍ରୟୋଗ କରି କାମ ହାସଲରେ ସମର୍ଥ ହେବେ। ଅସାବଧାନତା କାରଣରୁ ଟଙ୍କା କିମ୍ବା କାଗଜ ପତ୍ର ହଜିଯାଇପାରେ। ଆନୁଷ୍ଠାନିକ କାମ ଓ ରାଜନୀତିରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଲକ୍ଷ୍ୟ ହାସଲରେ ଆଗେଇ ଯାଇପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟା କେତେକାଂଶରେ ପ୍ରଗତିର ପଥରୋଧ କରିବାର ସୂଚନା ରହିଛି।


କର୍କଟ: ସ୍ୱାସ୍ଥ୍ୟରେ ବିଶେଷ ଉନ୍ନତି ନ ଘଟିବାରୁ ସାମୟିକ ଚିନ୍ତିତ ରହିବେ। ସାଧାରଣ କଥାରେ କ୍ରୋଧ ପ୍ରକାଶ କରି ବନ୍ଧୁ ମୁହଁ ଫଣ ଫଣ କରିପାରନ୍ତି। ଆନୁଷ୍ଠାନିକ କାମ, ମନୋରଞ୍ଜନ, ଆଧାତ୍ମିକ ଆଲୋଚନା ତଥା ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ଅବସର ସମୟରେ ପିଲାଙ୍କ ସହ ବନ୍ଧୁଙ୍କ ସଙ୍ଗରେ ଆଲୋଚନା କରିପାରନ୍ତି।


ସିଂହ: କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାନ୍ନିଧ ଲାଭ କରି ଖୁସି ରହିବେ। ବାଣିଜ୍ୟ, ପରିବହନ, ପ୍ରଶାସନ ଏବଂ ଯୋଗାଯୋଗ କ୍ଷେତ୍ରରୁ ଉପକୃତ ହୋଇପାରନ୍ତି। ସାମୟିକ ଭାବରେ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବାର ସୂଚନା ରହିଛି। ପ୍ରତିବେଶୀଙ୍କ ସହିତ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ।


କନ୍ୟା: ସକାଳୁ ସାମାନ୍ୟ କଥାକୁ କେନ୍ଦ୍ରକରି ବନ୍ଧୁଙ୍କ ସହ ମନାନ୍ତର ଘଟିପାରେ। ଏଣେ କଥା ଦେଇଥିବା ଲୋକଟି ପରକ୍ଷଣରେ ଓଲଟା କଥା କହି ନାସ୍ତିବାଣୀ ଶୁଣାଇପାରେ। କର୍ମ କ୍ଷେତ୍ରରେ ଉଚ୍ଚ ପଦାଧିକାରୀ ସହଯୋଗ କରିବାର ପ୍ରତିଶ୍ରୁତି ଦେଇପାରନ୍ତି। ଆତ୍ମୀୟସ୍ୱଜନଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ସୁଧାରିବା ପାଇଁ ଚିନ୍ତା ବଢ଼ିପାରେ।


ତୁଳା: ଆଜି ବନ୍ଧୁଙ୍କ ଜରିଆରେ କୌଣସି ଶୁଭ ଖବର ପାଇ ସକାଳ ସମୟଟି ଭଲରେ ଅତିବାହିତ ହେବ। ବିଭିନ୍ନ ଯୋଜନାର କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। କର୍ମକ୍ଷେତ୍ରରେ ଜଣେ ଅପରିଚିତ ବ୍ୟକ୍ତି ବହୁତ ସାହାଯ୍ୟ କରିବେ। ସନ୍ତାନଙ୍କ ବିବାହ ବିଷୟକୁ କେନ୍ଦ୍ରକରି ସମସ୍ୟା ଲାଗି ରହିବା ସହ ମନୋବଳ କମିଯାଇପାରେ।


ବିଛା: ଅତୀତ ସ୍ମୃତିଚାରଣ କରି ମାନସିକ ସ୍ତରରେ ବିଚଳିତ ବୋଧ କରିବେ। ଅଧିକ ସମୟ ପରିସ୍ଥିତିକୁ ନଜର ରଖି ନୀରବ ରହିବାକୁ ପସନ୍ଦ କରିପାରନ୍ତି। ଆଜିର ଫେରନ୍ତା ବାଟରେ କୌଣସି ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ରକ୍ତଚାପ କିମ୍ବା ଡାଇବେଟିସ୍ଜନିତ ରୋଗରେ ପୀଡା ବୃଦ୍ଧି ପାଇପାରେ ।


ଧନୁ: ସମ୍ପର୍କୀୟଙ୍କ ବେଖାତିର ମନୋଭାବ ସାଙ୍ଗକୁ ମର୍ମଭେଦୀ ବାକ୍ୟବାଣରେ ଅତିଷ୍ଠ ହେବେ। ଅଧସ୍ତନ କର୍ମଚାରୀଙ୍କୁ ଗଠନମୂଳକ ପ୍ରେରଣା ଦେଇ ପ୍ରଶଂସିତ ହେବେ। ଦେହ ଭଲ ରହିଲେ ମଧ ଆଣ୍ଠୁଗଣ୍ଠି ବାତ ଜନିତ ରୋଗରେ କଷ୍ଟ ପାଇପାରନ୍ତି। ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ ହେବାକୁ ପଡ଼ିବ।


ମକର: ଅନ୍ୟମାନଙ୍କ ପ୍ରରୋଚନାରେ ପଡ଼ି ପଡ଼ୋଶୀ କେହି ପ୍ରତିବାଦର ସ୍ୱର ଉତ୍ତୋଳନ କରିପାରନ୍ତି। ଏହା ସାଙ୍ଗକୁ ପାରିବାରିକ ଜଞ୍ଜାଳ ବୃଦ୍ଧି ହେତୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ସଭାସମିତି, କଳା ସାହିତ୍ୟ, ଆନୁଷ୍ଠାନିକ କାମରେ ମନୋରଞ୍ଜନ ପ୍ରୀତିପ୍ରଦ ହେବ। ବ୍ୟବସାୟ ମାନ୍ଦା ହେବ ନାହିଁ କିନ୍ତୁ କ୍ଷତି ନ ହେଲେ ମଧ ବିଶେଷ ଲାଭ ନ ହୋଇପାରେ।


କୁମ୍ଭ: ଅର୍ଥବଳ ସହ ଓଜନଦାର କଥାରେ କାମଗୁଡ଼ିକ ସୁରୁଖୁରୁରେ ସମ୍ପନ୍ନ ହୋଇଯିବ। ବନ୍ଧୁଙ୍କ ସହାୟତାରେ ଦୀର୍ଘ ଦିନରୁ ଅଟକି ରହିଥିବା କାମକୁ ସମ୍ପୂର୍ଣ୍ଣ କରିବେ। ଆଲୋଚନା ପରିସରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଦୀର୍ଘ ସମୟ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ।


ମୀନ: ଆଜି ଦିନଟିରେ ଆର୍ଥିକ ଉନ୍ନତି, ଜମିଜମା ସମ୍ପର୍କୀୟ କାର୍ଯ୍ୟରେ ଅଗ୍ରଗତି ଘଟିବ। କିନ୍ତୁ କର୍ମକ୍ଷେତ୍ରରେ ଅପ୍ରିୟ ସତ୍ୟ ପ୍ରକାଶ କରି ବିବାଦୀୟ ହୋଇପାରନ୍ତି। ପରିସ୍ଥିତିରେ ପଡ଼ି ପଡ଼ୋଶୀଙ୍କ ଆଗରେ ମନର ଦୁଃଖକୁ ଲୁଚାଇ ରଖି ହସି ହସି କଥା କହିବେ। ନିର୍ମାଣାଧୀନ କାମ ଶେଷ ପର୍ଯ୍ୟାୟକୁ ଯିବା ପୂର୍ବରୁ ସମସ୍ୟା ଆସିପାରେ।

# ବଢୁଥିବା ଛାଡ଼ପତ୍ର ମାମଲାର କାରଣ



ଦେଶରେ ବୃଦ୍ଧି ପାଉଥିବା ଛାଡ଼ପତ୍ର ମାମଲାକୁ ବିଚାରକୁ ନେଇ ଅଳ୍ପଦିନ ମଧରେ ଛାଡ଼ପତ୍ର ହେବା ନୂଆ କଥା ନୁହେଁ। ଦେଶରେ ବଢୁଥିବା ଛାଡ଼ପତ୍ର ମାମଲାରେ କେତେକ କାରଣ ଖୋଲାଖୋଲି ଭାବେ ସାମ୍ନାକୁ ଆସିଥାଏ। ତେବେ ଜାଣନ୍ତୁ ସମ୍ପର୍କରେ...

ଛାଡ଼ପତ୍ରର ଅନ୍ୟତମ କାରଣ ହେଉଛି ବୈବାହିକ ସମ୍ପର୍କ। ଯେତେବେଳେ ଜଣେ ବ୍ୟକ୍ତି ସମ୍ପର୍କରୁ ବାହାରକୁ ଯାଏ ଏବଂ ତାଙ୍କର ଯୌନ କିମ୍ବା ଶାରୀରିକ ଆବଶ୍ୟକତା ପୂରଣ କରିବା ପାଇଁ ଅନ୍ୟ ଜଣଙ୍କ ସହିତ ସମ୍ପର୍କ ରଖିଥାନ୍ତି। ଏହାକୁ ପରକୀୟା ପ୍ରୀତି ସମ୍ପର୍କ କୁହାଯାଏ। ଥରେ ଜୀବନସାଥୀ ବିଶ୍ୱାସଘାତକତା ଅନୁଭବ କଲେ, ତାଙ୍କ ପାଇଁ ବିଶ୍ୱାସ ଫେରାଇବା କଷ୍ଟକର ହୋଇଯାଏ। ଏହା ଦେଖାଯାଇଛି ଯେ, ୨୦-୪୦% ଛାଡ଼ପତ୍ର ଏହି ସମ୍ପର୍କ ଯୋଗୁ ହୋଇଥାଏ। ଭାବପ୍ରବଣତାର ଅଭାବ ମଧ ଅତିରିକ୍ତ ବୈବାହିକ ସମ୍ପର୍କର ମୁଖ୍ୟ କାରଣ ବୋଲି କୁହାଯାଏ।

ଆର୍ଥିକ ସମସ୍ୟା ମଧ ଛାଡ଼ପତ୍ରର ଆଉ ଏକ କାରଣ ହୋଇଥାଏ। ତେବେ ଏହା ମଧ ସ୍ୱାମୀ-ସ୍ତ୍ରୀଙ୍କ ମଧରେ ତିକ୍ତତା ସୃଷ୍ଟି କରେ। ପରିସଂଖ୍ୟାନ ଅନୁଯାୟୀ, ୪୦% ଛାଡ଼ପତ୍ର ଆର୍ଥିକ ସମସ୍ୟା ଯୋଗୁ ହୋଇଥାଏ। ବେଳେବେଳେ ସ୍ତ୍ରୀ-ସ୍ୱାମୀଙ୍କଠାରୁ ଅଧିକ ରୋଜଗାର କରନ୍ତି, ଏ କ୍ଷେତ୍ରରେ ମଧ ଝଗଡ଼ା ଲାଗିଥାଏ। ତେଣୁ ପାର୍ଟନରଙ୍କ ମଧରେ ଆର୍ଥିକ ସୁସଙ୍ଗତତା ରହିବା ଜରୁରୀ ଅଟେ। ଅନେକ କ୍ଷେତ୍ରରେ ଏହି କାରଣରୁ ମଧ ଛାଡ଼ପତ୍ର ହୁଏ।

ଅନେକ ଥର ଦମ୍ପତିଙ୍କ ମଧରେ ଯୋଗାଯୋଗ ଅଭାବ ହେତୁ ଛାଡ଼ପତ୍ର ହୁଏ। ଯେକୌଣସି ସମ୍ପର୍କରେ ସମସ୍ତ ପ୍ରକାରର କଥା ଏବଂ ପରସ୍ପର ସହ କଥାବାର୍ତ୍ତା କରିବାକୁ ସମୟ ଦେବା ଜରୁରୀ ଅଟେ। କଥାବାର୍ତ୍ତା ବା ଯୋଗାଯୋଗରେ ଗ୍ୟାପ୍ ରହିଲେ ୬୫% ଛାଡ଼ପତ୍ର ହୁଏ। ଏହି କାରଣରୁ ସମ୍ପର୍କକୁ ବଞ୍ଚାଇବା ପାଇଁ ବାର୍ତ୍ତାଳାପ କରିବା ଜରୁରୀ ଅଟେ। ନଚେତ୍ ଏହା ଛାଡ଼ପତ୍ରର ଅନ୍ୟତମ କାରଣ ହୋଇଥାଏ।

କୌଣସି ସମ୍ପର୍କକୁ ବଜାୟ ରଖିବା ପାଇଁ ପରସ୍ପରର ମତକୁ ସମ୍ମାନ ଦେବା ଜରୁରୀ ଅଟେ। ଯଦି ଏହା ନ ହୁଏ ତେବେ ଏହା ଛାଡ଼ପତ୍ରର ଏକ କାରଣ ହୋଇଯାଏ। ବାସ୍ତବରେ ଏହା ଅନେକ କ୍ଷେତ୍ରରେ ଦେଖାଯାଇଛି ଯେ, ଯେତେବେଳେ କିଛି ବିଷୟ ଉପରେ ଦୁଇ ଜଣଙ୍କ ମଧରେ ଯୁକ୍ତିତର୍କ ଚାଲିଥାଏ, ଏହା ବଢ଼ିବାରେ ଲାଗେ ଏବଂ ବେଳେବେଳେ ଏହା ଛାଡ଼ପତ୍ରର କାରଣ ହୋଇଯାଏ। ପ୍ରାୟ ୫୭.୭% ଛାଡ଼ପତ୍ର ମାମଲା କ୍ରମାଗତ ଯୁକ୍ତି କାରଣରୁ ହୋଇଥାଏ।

ଅଧିକ ଆଶା ରଖିବା ଛାଡ଼ପତ୍ରର ଅନ୍ୟତମ କାରଣ ବି ହୋଇପାରେ। ବିବାହରେ ସ୍ୱାମୀ ଏବଂ ସ୍ତ୍ରୀ ଅନ୍ୟ ସାଥୀଙ୍କଠାରୁ କିଛି ଆଶା କରନ୍ତି। ବେଳେବେଳେ ଜଣେ ସାଥୀ ଅନ୍ୟ ସାଥୀଠାରୁ ଅବାସ୍ତବ ଆଶା ରଖିଥାନ୍ତି ଏବଂ ଏହା ଦୁଇ ଜଣଙ୍କ ମଧରେ ବହୁତ ଟେନ୍ସନ୍ ସୃଷ୍ଟି କରିଥାଏ। ଉଭୟଙ୍କ ମଧରେ ଅଯୌକ୍ତିକ ଏବଂ ଅବାସ୍ତବ ଆଶା ରହିବା ଛାଡ଼ପତ୍ରର ଏକ ପ୍ରମୁଖ କାରଣ ହୋଇପାରେ।

# କିଭଳି ଉପାୟରେ ସେବନ କରିବେ ଡାଳିମ୍ବ



ଡାଳିମ୍ବ ଏଭଳି ଏକ ଫଳ ଯାହା ବର୍ଷସାରା ମିଳିଥାଏ। ଏହା ଦେଖିବାକୁ ଯେତିକି ସୁନ୍ଦର ସେତିକି ଲାଭଦାୟୀ। ଏଥିରେ ୮୫% ଜଳ, ୧୦% ସର୍କରା ଏବଂ ୫% ଅନ୍ୟ ପୋଷକତତ୍ତ୍ୱ ରହିଥାଏ। ପ୍ରତ୍ୟେହ ଗୋଟିଏ ଡାଳିମ୍ବ ସେବନ କରିବା ଦ୍ୱାରା ଶରୀର ସୁସ୍ଥ ରହିଥାଏ। ରକ୍ତରେ ଶର୍କରା ନର୍ମାଲ ରହିଥାଏ। କୋଲେଷ୍ଟରଲ ନର୍ମାଲ କରିବାରେ ମଧ ଏହା ବେଶ ଉପଯୋଗୀ ଥାଏ। ହୃଦୟକୁ ମଧ ଏହା ସୁସ୍ଥ ରଖେ। କିଛି ଏହାକୁ ଥଣ୍ଡା ହେବା ଭୟରେ ଖାଇ ନ ଥାନ୍ତି। ତେବେ ଆସନ୍ତୁ ଜାଣିବା ଆପଣ ଡାଳିମ୍ବ କିଭଳି ଉପାୟରେ ସେବନ କରିବେ...

ଡାକ୍ତରଙ୍କ ମତରେ ଯଦି ଆପଣ ଡାଳିମ୍ବକୁ ଫ୍ରିଜରେ ରଖି ଖାଇବେ ତେବେ ଲାଭ ବଦଳରେ କ୍ଷତି ହେବ। ସକାଳ ଜଳଖିଆ ପୂର୍ବରୁ ଏହାକୁ ଗରମ କରି ଖାଆନ୍ତୁ। ଲାଭବାନ ହେବେ। ଏଥିପାଇଁ ଗୋଟିଏ ପାତ୍ରରେ ଜଳ ଫୁଟାଇ ନିଅନ୍ତୁ ଏବଂ ଗ୍ୟାସ୍କୁ ଓହ୍ଲାଇ ଦିଅନ୍ତୁ। ଏବେ ସେହି ଗରମ ପାଣିରେ ଡାଳିମ୍ବ ରଖନ୍ତୁ। ଯେତେବେଳେ ପାଣି ଥଣ୍ଡା ହୋଇଯିବ ଏବଂ ଡାଳିମ୍ବ ଭିତରୁ ସିଝିଯିବ। ତାର ଦାନାଗୁଡ଼ିକୁ ବାହାର କରି ନିଅନ୍ତୁ। ପରେ ଏହାକୁ ସେବନ କରନ୍ତୁ। ଏହାଦ୍ୱାରା ଆପଣଙ୍କ ହୃଦୟ ସହ ଯକୃତ ସୁସ୍ଥ ରହିବ। ମନ ଶାନ୍ତ ସହ ଚିଡଚିଡାପଣ ଦୂର ହୋଇଯିବ। ତେବେ ଗରମ ଦିନରେ ଆପଣ ଡାଳିମ୍ବକୁ ଫ୍ରିଜରେ ନ ରଖି ବାହାରେ ରଖି ଖାଆନ୍ତୁ। ଖାଲି ପେଟରେ ଏହାକୁ ଖାଆନ୍ତୁ। ଲାଭ ମିଳିବ।

ଲାଭ: ଡ଼ାଳିମ୍ବରେ ଫାଇବର, ଭିଟାମିନ ସି, ପୋଟାସିୟମ ଭରପୂର ଥାଏ। ଏହାର ନିୟମିତ ସେବନ ଦ୍ୱାରା ବ୍ଲଡ ପେସର ନର୍ମାଲ ରହିଥାଏ। ଏହା ରକ୍ତରେ ଶର୍କରା ସ୍ତରକୁ କଣ୍ଟ୍ରୋଲ କରିଥାଏ। କୋଲେଷ୍ଟରଲ କଣ୍ଟ୍ରୋଲ କରିବା ସହ ହୃଦୟ ସ୍ୱାସ୍ଥ୍ୟକୁ ଭଲ ରଖିଥାଏ। ଭିଟାମିନ ସି ଏବଂ ପୋଲିଫିନୋଲ୍ସ ଭଳି ଆଣ୍ଟିଅକ୍ସିଡାଣ୍ଟ ଏଥିରେ ଭରପୂର ଥାଏ। ଏହା ଭୋକକୁ କଣ୍ଟ୍ରୋଲ କରିଥାଏ। ଏଭଳି ଭାବେ ୧୦୦ ରୋଗରୁ ଏହା ରକ୍ଷା କରିଥାଏ।

# ସମ୍ବର



ଆବଶ୍ୟକ ସାମଗ୍ରୀ: ଅଧା କପ୍ ହରଡ ଡାଲି, ଗୋଟିଏ ମଧମ ଆକାର ବାଇଗଣ, କିଛି ଭେଣ୍ଡି, ୨ଟି ଛୁଇଁ, ଫାଳେ ଛୋଟ ଭଣ୍ଡା, ୧୦୦ ଗ୍ରାମ କଖାରୁ, ଗୋଟିଏ ଆଳୁ, ଗୋଟିଏ ପିଆଜ, ଗୋଟିଏ ଟମାଟୋ, ୩ ଚାମଚ ସମ୍ବର ପାଉଡର, ୩ଟି ଶୁଖିଲା ଲଙ୍କା, କିଛି ତେନ୍ତୁଳି ରସ, ୩ ଚାମଚ ତେଲ, ଗୋଟିଏ ଚାମଚ ସୋରିଷ, ଟିକିଏ ହେଙ୍ଗୁ, ସ୍ୱାଦ ଅନୁଯାୟୀ ଲୁଣ, ଭୃଷଙ୍ଗ ପତ୍ର।

ପ୍ରସ୍ତୁତି ପ୍ରଣାଳୀ: ଭେଣ୍ଡିକୁ ଛାଡି ସବୁ ପନିପରିବାକୁ ପ୍ରେସର କୁକରରେ ରଖନ୍ତୁ । ଡାଲି, ହଳଦି, ଲୁଣ ଏବଂ ପନିପରିବାକୁ ଢ଼ାଙ୍କିବା ପାଇଁ ଯଥେଷ୍ଟ ହେଉଥିବା ପାଣି ମିଶାନ୍ତୁ । ୨ଟି ହୁଇସିଲ୍ ପରେ ତୁରନ୍ତ ଚୁଲା ବନ୍ଦ କରି ଦିଅନ୍ତୁ ଏବଂ ପ୍ରେସର ବାହାରିଯିବା ପର୍ଯ୍ୟନ୍ତ ହଲଚଲ କରନ୍ତୁ ନାହିଁ ।ପ୍ରେସର ବାହାରିଗଲା ପରେ, କୁକର ଖୋଲନ୍ତୁ । ଆଗରୁ ଭାଜି ରଖିଥିବା ଭେଣ୍ଡିକୁ ମିଶାନ୍ତୁ । ୨ କିମ୍ବା ୩ ଚାମଚ ସମ୍ବର ପାଉଡର, ତେନ୍ତୁଳି ରସ ଏବଂ ହେଙ୍ଗୁ ପକାନ୍ତୁ । ଗୋଳାଇ ଦିଅନ୍ତୁ । ଏହା ପରେ ଦୁଇ ମିନିଟ ପର୍ଯ୍ୟନ୍ତ ଗରମ କରନ୍ତୁ । ଅନ୍ୟ ଏକ କଡେଇରେ ସୋରିଷ, ଶୁଖିଲା ଲଙ୍କା ଏବଂ ଭୃଷଙ୍ଗ ପତ୍ର ତେଲରେ ଫୁଟାଇ ଦିଅନ୍ତୁ । ଏହାକୁ କୁକରରେ ଥିବା ସମ୍ବରରେ ଢ଼ାଳିଦେଇ କିଛି ସମୟ ଘୋଡାଇ ରଖନ୍ତୁ । ଏବେ ଗରମ ଗରମ ପରଷନ୍ତୁ ।

## ଦଲାଲି ରୋକିବାକୁ ଇ -କେଓ୍ୱାଇସି ବ୍ୟବସ୍ଥା: ମନ୍ତ୍ରୀ

ଭୁବନେଶ୍ୱର,(ହି.ସ.): ଚାଷୀ ପଞ୍ଜୀକରଣକୁ ନେଇ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଦଲାଲମାନଙ୍କୁ ରୋକିବା ପାଇଁ ସରକାର ଇ-କେଓ୍ୱାଇସି ବ୍ୟବସ୍ଥା କରିଛନ୍ତି। ସେଲ୍ଫ ଡିକ୍ଲାରେସନ ଫର୍ମ ଫିଲପ୍ ପ୍ରକ୍ରିୟା କାଲିଠୁ ଆରମ୍ଭ ହୋଇଛି। କାହାରିକୁ ହଇରାଣ କରିବା ଏହାର ଉଦ୍ଦେଶ୍ୟ ନୁହେଁ। ଫର୍ମ ଗ୍ରହଣ ନହେବାର ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଭାଗ ଚାଷୀ ମାଲିକଙ୍କଠୁ ଲେଖା ଆଣିଲେ ପଞ୍ଜୀକରଣ ହୋଇପାରିବ। ପ୍ରକୃତ ଚାଷୀଙ୍କୁ ଚିହ୍ନିବା ଓ ଦଲାଲଙ୍କୁ ରୋକିବାକୁ ସରକାର ପଦକ୍ଷେପ ନେଇଛନ୍ତି। ରାଜନୈତିକ ଉଦ୍ଦେଶ୍ୟରେ ଚାଷୀଙ୍କ ସଂଖ୍ୟା କମାଇବା କଥା ବିରୋଧୀ କହୁଛନ୍ତି ।

## ରିପୋର୍ଟ ଆସିବାର ୨୪ ଘଣ୍ଟା ଭିତରେ ମିଳିବ ସହାୟତା: ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର, (ହି.ସ.): ବନ୍ୟା କ୍ଷୟକ୍ଷତି ରିପୋର୍ଟ ଆସିବାର ୨୪ ଘଂଟା ଭିତରେ ମିଳିବ ସହାୟତା ବୋଲି କହିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ସେହିପରି ପାଗ ଅନୁକୂଳ ହେଲେ ମୁଖ୍ୟମନ୍ତ୍ରୀ ଆସନ୍ତାକାଲି ଆକାଶ ମାର୍ଗରୁ ବନ୍ୟାଂଚଳ ପରିଦର୍ଶନ କରିବେ। ସେ ଆହୁରି କହିଛନ୍ତି ଯେ ପ୍ରାୟ ସବୁ ନଦୀରେ ଜଳସ୍ତର କମିଛି। ତଳିଆ ଅଂଚଳରୁ ପାଣି ଛାଡିବା ପାଇଁ ସମୟ ଲାଗିବ। ଯେତେ ଦିନ ପର୍ଯ୍ୟନ୍ତ ଲୋକେ ରିଲିଫ ସେଂଟର ଅଛନ୍ତି ସେମାନଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦେବା ପାଇଁ ଜିଲ୍ଲାପାଳ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

### ଗୋପାଳପୁର ବେଳାଭୂମିରେ ଯୁବତୀଙ୍କୁ ଗଣବଳାତ୍କାର ଘଟଣା

# ଚାର୍ଜସିଟ୍ ଦାଖଲ କଲା କ୍ରାଇମ୍‌ବ୍ରାଞ୍ଚ

ବ୍ରହ୍ମପୁର (ପିପିଏସ୍): ଗୋପାଳପୁର ବେଳାଭୂମିରେ ଯୁବତୀଙ୍କୁ ଗଣବଳାତ୍କାର ମାମଲାର ୪୩ଦିନରେ ସୋମବାର ଚାର୍ଜସିଟ୍ ଦାଖଲ କରିଛି କ୍ରାଇମବ୍ରାଞ୍ଚ। କ୍ରାଇମ୍ବ୍ରାଞ୍ଚର ସ୍ୱତନ୍ତ୍ର ଟିମ୍ ବ୍ରହ୍ମପୁର ସିଏସ୍ଇ ଅଫିସରେ ପହଞ୍ଚିଥିଲେ। ସିଏସ୍ଇଙ୍କ ଜରିଆରେ କ୍ରାଇମବ୍ରାଞ୍ଚ ୫୭୪ ପୃଷ୍ଠାର ଚାର୍ଜସିଟ୍ ବ୍ରହ୍ମପୁର ଜେଏମ୍ଏଫ୍ସି (ଗ୍ରାମାଞ୍ଚଳ) କୋର୍ଟରେ ଦାଖଲ କରିଛନ୍ତି। ଚାର୍ଜସିଟ୍ ପରେ ଏହି ମାମଲାର ଚାର୍ଜଫ୍ରେମ ହେବ ଏବଂ ଶୀଘ୍ର ବିଚାରଣା ଆରମ୍ଭ ହେବ ବୋଲି ଜଣାପଡିଛି। କ୍ରାଇମବ୍ରାଞ୍ଚ ଏହି ମାମଲାରେ ୪ଜଣ ନାବାଳକ ସହ ୧୦ଜଣ ଅଭିଯୁକ୍ତ ଦର୍ଶାଇଥିଲା। ଦାଖଲ କରିଥିବା ଚାର୍ଜସିଟ୍‌ରେ ଜଣେ ସାବାଳକଙ୍କୁ ବାଦ୍ ଦିଆଯାଇଥିବା ଜଣାପଡିଛି। ତେବେ ଏ ନେଇ କ୍ରାଇମବ୍ରାଞ୍ଚ ମୁହଁ ଖୋଲୁନଥିବା ବେଳେ କାହାକୁ ଓ କାହିଁକି ବାଦ୍ ଦିଆଯାଇଛି, ତାହା ପରବର୍ତ୍ତୀ ସମୟରେ ଜଣାପଡିବ। ଅଭିଯୁକ୍ତଙ୍କ ଠାରୁ ଜବତ ହୋଇଥିବା ବିଭିନ୍ନ ସାମଗ୍ରୀ ଏବଂ ସାଇଣ୍ଟିଫିକ୍ ପରୀକ୍ଷା କରିଥିବା ବିଭିନ୍ନ ନମୁନାର ରିପୋର୍ଟ ମଧ୍ୟ ଏଥିରେ ସଂଲଗ୍ନ କରାଯାଇଥିବା ଜଣାପଡିଛି।



୨୦୨୫ ଜୁନ୍ ୧୫ ତାରିଖରେ ପୁରୁଷବନ୍ଧୁଙ୍କ ସହ ଗୋପାଳପୁର ବେଳାଭୂମି ବୁଲିବାକୁ ଯାଇଥିବା ଯୁବତୀଙ୍କୁ ୧୦ଜଣ ଅଭିଯୁକ୍ତ ବଳାତ୍କାର କରିଥିଲେ। ସମ୍ପୃକ୍ତ ମାମଲାରେ ଘଟଣାର ପରଦିନ ଗୋପାଳପୁର ଥାନା ପୁଲିସ ମୁଖ୍ୟ ଅଭିଯୁକ୍ତ ପୁରୁଷୋତ୍ତମପୁର ଥାନା ହୁଣ୍ଡତ ଗ୍ରାମର ପ୍ରମୋଦ ନାୟକ, ହିଞ୍ଜିଳି ଥାନା ଦୁରୁପଡ଼ା ଗ୍ରାମର ବାବୁରାଓ ଦଳାଇ, ବେଲଗାଁ ଥାନା ପାଟପୁର ଗ୍ରାମର କୁନାଲ ପ୍ରଧାନ, ହିଞ୍ଜିଳି ଥାନା ବୁରୁପଡ଼ା ଗ୍ରାମର ଲକ୍ଷ୍ମଣ ପ୍ରଧାନ ଓ ଶିକିରି ଗ୍ରାମର ଦୀପକ ତରାଇଙ୍କୁ କୋର୍ଟ ଚାଲାଣ କରିଥିଲା ଏବଂ ୪ଜଣ ନାବାଳକଙ୍କୁ ଜେଜେବିରେ ହାଜର କରିଥିଲା। ସଙ୍ଗେ ସଙ୍ଗେ ଏହି ମାମଲାକୁ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରିଥିଲେ ସରକାର। ବର୍ତ୍ତମାନ ଅଭିଯୁକ୍ତମାନେ ବିଚାର ବିଭାଗୀୟ ହାଜତରେ ଥିବା ବେଳେ ଚାର୍ଜସିଟ୍ ଦାଖଲ ହୋଇଛି। ଯୁବତୀ (ଯୁକ୍ତତିନି ଛାତ୍ରୀ) ଓ ତାଙ୍କ ପୁରୁଷବନ୍ଧୁ ଘଟଣାଦିନ ସନ୍ଧ୍ୟା ପ୍ରାୟ ୬.୩୦ରେ ସେମାନେ ପାନ୍ଥନିବାସ ପଛ ଏକ ନିର୍ଜନ ସ୍ଥାନରେ ବସିଥିଲେ। ରାତି ପ୍ରାୟ ୮ଟାରେ ଅଭିଯୁକ୍ତମାନେ ଆସି ଯୁବତୀ ଓ ତାଙ୍କ ପୁରୁଷବନ୍ଧୁଙ୍କ ଭିଡ଼ିଓ କରି ଘର ଲୋକଙ୍କୁ ପଠାଇଦେବେ କହି ବ୍ଲାକ୍‌ମେଲିଂ କଲେ ଏବଂ ପୁରୁଷବନ୍ଧୁଙ୍କୁ ମାଡ଼ ମାରି ଯୁବତୀଙ୍କୁ ବଳାତ୍କାର କରିଥିଲେ। ରାତି ୧୧ଟରେ ପୀଡ଼ିତା ଓ ତାଙ୍କ ପୁରୁଷବନ୍ଧୁ ଗୋପାଳପୁର ଥାନାରେ ପହଞ୍ଚି ସମସ୍ତ ଘଟଣା ଜଣାଇବା ପରେ ପୁଲିସ ଜଣକ ପରେ ଜଣେ ସମସ୍ତ ଅଭିଯୁକ୍ତଙ୍କୁ କାବୁ କରିଥିଲା। ସମ୍ବେଦନଶୀଳ ଘଟଣା ହୋଇଥିବାରୁ କ୍ରାଇମବ୍ରାଞ୍ଚକୁ ଏହା ହସ୍ତାନ୍ତର କରାଯାଇଥିଲା।

# ମୁଖ୍ୟମନ୍ତ୍ରୀଙ୍କ ୧୩ତମ ଅଭିଯୋଗ ଶୁଣାଣି





ଭୁବନେଶ୍ୱର: ଏ ସରକାର ଲୋକଙ୍କ ସରକାର, ଆପଣମାନଙ୍କ ସରକାର। ଲୋକଙ୍କ ସରକାରରେ କେହି ଜଣେ ମଧ୍ୟ ଯେମିତି ନ୍ୟାୟ ପାଇବାରୁ ବଞ୍ଚିତ ହେବେ ନାହିଁ, ଏଥିପାଇଁ ଆମେ ସବୁପ୍ରକାର ପ୍ରୟାସ କରୁଛୁ। ସାଧାରଣ ଜନତାଙ୍କ ଅସୁବିଧାକୁ ଆମ ସରକାର ଅତି ଗୁରୁତ୍ୱର ସହ ବିଚାର କରୁଛନ୍ତି ଏବଂ ସମାଧାନ ପାଇଁ ସବୁବେଳେ ତତ୍ପର ଅଛନ୍ତି । ଜନ ଶୁଣାଣି ମାଧ୍ୟମରେ ସରକାର ଓ ଜନତାଙ୍କ ଭିତରେ ଥିବା କୃତ୍ରିମ ବାଡ଼କୁ ଭାଙ୍ଗି ଆମେ ବ୍ୟବସ୍ଥାକୁ ଆପଣଙ୍କ ପାଖରେ ପହଞ୍ଚାଇଛୁ। ଏ ସରକାର ଆପଣଙ୍କ ସହିତ ଅଛି, ଆପଣଙ୍କ ବିଶ୍ୱାସ ଆମକୁ କାମ କରିବା ପାଇଁ ଶକ୍ତି ଯୋଗାଉଛି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଭୁବନେଶ୍ୱର ୟୁନିଟ-୨ ସ୍ଥିତ ଅଭିଯୋଗ ପ୍ରକୋଷ୍ଠରେ ଆୟୋଜିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ୧୩ ତମ ପାଳିରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସିଥିବା ଜନସାଧାରଣଙ୍କ ଅଭିଯୋଗ ଶୁଣିବା ସହ ତ୍ୱରିତ ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

### ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ନାକ୍ ମୂଲ୍ୟାଙ୍କନ

# ବଢୁଛି ସନ୍ଦେହ, କିକ୍‌ବ୍ୟାକ୍ ଅଭିଯୋଗ

ବ୍ରହ୍ମପୁର(ପିପିଏସ୍): ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟରେ ନାକ୍ ମୂଲ୍ୟାଙ୍କନ ସମ୍ପର୍କରେ ଚିନ୍ତାବ୍ୟକ୍ତ କରିଛନ୍ତି ବିଶ୍ୱ ବିଦ୍ୟାଳୟର ଅଣଶିକ୍ଷା କର୍ମଚାରୀ ଏବଂ ଛାତ୍ରଛାତ୍ରୀ। ଏପରିକି ନାକ୍ ମୂଲ୍ୟାଙ୍କନରେ ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ବି ଉଠିଛି। ନାକ୍ ପିଅର ଟିମ୍ ଜୁଲାଇ ୨୩ରୁ ୨୫ତାରିଖ ୩ଦିନ ପର୍ଯ୍ୟନ୍ତ ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟର ମୂଲ୍ୟାଙ୍କନ କରିଥିଲା। ଏହି ସମୟରେ ଅନେକ ଦିଗକୁ ମୂଲ୍ୟାଙ୍କନରୁ ବାଦ୍ ଦିଆଯାଇ ଥିବାରୁ ମୂଲ୍ୟାୟନର ନିରପେକ୍ଷତା ଏବଂ ସମ୍ପୂର୍ଣ୍ଣତା ସମ୍ପର୍କରେ ଛାତ୍ର ଏବଂ କର୍ମଚାରୀ ଉଭୟଙ୍କ ଦ୍ୱାରା ଚିନ୍ତା ପ୍ରକାଶ ପାଇଛି। ଉଲ୍ଲେଖନୀୟ ଯେ, ନାକ୍ ପିଅର ଟିମ୍ ପିଜି କାଉନସିଲ୍ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ କିମ୍ବା ସେଠାରେ ଥିବା ବିଶ୍ୱ ବିଦ୍ୟାଳୟର ୬ଟି ପୁରୁଣା ବିଭାଗ ପରିଦର୍ଶନ କରିନଥିଲା ଯାହା ବିଶ୍ୱ ବିଦ୍ୟାଳୟର ଶିକ୍ଷାଗତ ଏବଂ ପ୍ରଶାସନିକ କାର୍ଯ୍ୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏହି ଅବହେଳା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠାଇଛି ଯେ, ନାକ୍ ଟିମ୍ ଉପରୋକ୍ତ ପ୍ରମୁଖ ଉପାଦାନଗୁଡ଼ିକର ସମୀକ୍ଷା



ନକରି କିପରି ବିଶ୍ୱ ବିଦ୍ୟାଳୟର ଏକ ଯଥାର୍ଥ ଏବଂ ସାମଗ୍ରିକ ମୂଲ୍ୟାଙ୍କନ ପ୍ରଦାନ କରିପାରିବ। ସୂଚନାଥାଉକି, ବିଶ୍ୱ ବିଦ୍ୟାଳୟରେ ୨୪ଟି ବିଭାଗରେ ପଢୁଥିବା ବିଦ୍ୟାର୍ଥୀଙ୍କୁ ପ୍ରାୟ ୧୨୦ଜଣ ଟିଚିଂ ଷ୍ଟାପ୍ ଓ ପ୍ରାୟ ୧୫୦ଜଣ ନନ୍‌ଟିଚିଂ ଷ୍ଟାପ୍ ଶିକ୍ଷାଦାନ କରୁଛନ୍ତି । ଏହା ସହିତ ବିଶ୍ୱ ବିଦ୍ୟାଳୟ ପ୍ରଶାସନ ଦ୍ୱାରା ନାକ୍ ଟିମ୍‌କୁ ଉନ୍ନତ ନମ୍ବର ପ୍ରଦାନ ପାଇଁ ଲକ୍ଷାଧିକ ପରିମାଣର ଟଙ୍କା ଦିଆଯାଇଥିବା ଅଭିଯୋଗ ହେଉଛି। କାରଣ ନାକ୍ ଟିମର ଗସ୍ତ ସମୟରେ ବିଶ୍ୱ ବିଦ୍ୟାଳୟକୁ ଗଣମାଧ୍ୟମ ପ୍ରବେଶରେ କଟକଣା ହୋଇଥିଲା। ଟିମ୍‌ର ଅନୁଶୀଳନ ବିଷୟରେ ସାମାନ୍ୟ ସୂଚନା ଦିଆ ନଯିବା ଉପରୋକ୍ତ ଅଭିଯୋଗକୁ ବଳବତ୍ତର କରିଛି। ପୂର୍ବରୁ ନାକ୍ ଟିମ୍ ସଦସ୍ୟ ଅନ୍ୟ ରାଜ୍ୟରେ ଲାଞ୍ଚ ନେଇ ସିବିଆଇ ଦ୍ୱାରା ଗିରଫ ହୋଇଛନ୍ତି। ତେଣୁ ଟଙ୍କା କାରବାର ନେଇ ସନ୍ଦେହ ହେବ ଅଯୁକ୍ତିକର ନୁହେଁ। ସ୍ୱଚ୍ଛତା ଏବଂ ବିଶ୍ୱସନୀୟତା ପାଇଁ ଏପରି ଅଭିଯୋଗ ଗୁଡ଼ିକୁ ଆନୁଷ୍ଠାନିକ ଭାବରେ ସ୍ପଷ୍ଟୀକରଣ କରାଯିବା ଏବଂ ଯାଞ୍ଚ କରାଯିବା ଗୁରୁତ୍ୱପୂର୍ଣ୍ଣ। ଉପଯୁକ୍ତ କର୍ତ୍ତୃପକ୍ଷ ଏହି ବିଷୟକୁ ଯାଞ୍ଚ କରନ୍ତୁ ଏବଂ ନିଶ୍ଚିତ କରନ୍ତୁ ଯେ ନାକ୍ ମୂଲ୍ୟାଙ୍କନ ପ୍ରକ୍ରିୟା ସ୍ୱଚ୍ଛ, ନିରପେକ୍ଷ ଏବଂ ବିଶ୍ୱ ବିଦ୍ୟାଳୟର ପ୍ରକୃତ ସ୍ଥିତିକୁ ପ୍ରତିଫଳିତ କରିବ। ଏନେଇ ବିଶ୍ୱ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିବା ପାଇଁ ଚେଷ୍ଟା କରାଯାଇଥିବା ବେଳେ ତାହା ସମ୍ଭବପର ହୋଇନାହିଁ।

# ବଢୁଛି ଦେବୀ ନଦୀର ଜଳସ୍ତର

ଅସ୍ତରଙ୍ଗ (ପିପିଏସ୍): ହୀରାକୁଦ ଗେଟ ଖୋଲିବା ପରେ ମହାନଦୀରେ ଜଳସ୍ତର ବୃଦ୍ଧି ପାଇବା ତାହାର ଶାଖା ନଦୀ ଦେବୀ ନଦୀରେ ଦ୍ୱିତୀୟ ପର୍ଯ୍ୟାୟ ରେ ଜଳସ୍ତର ବୃଦ୍ଧି ପାଇଁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି।ବନ୍ୟା ପାଣିରେ ତଳିଆ ଅଞ୍ଚଳର ଅନେକ ଚାଷ ଜମି ଜଳମଗ୍ନ ହୋଇଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଦେବୀ ନଦୀ ଉପକଣ୍ଠ ନଗର ପଞ୍ଚାୟତ ବିରୁଡି ପନ୍ତାଳ, ଦିନାଡିଆ, ବାଲିପନ୍ତାଳ, ତାଳଦା ପଂଚାୟତ ଏଡ଼ବାଂଶ, ଡିଆ,



ସମେତ ଖଣ୍ଡାସାହି, ଓସିଆ, ବିନାୟକପୁର, ଝାଡ଼ଲିଙ୍ଗ, ସହନ ନିକଟ ତଳିଆ ଅଞ୍ଚଳରେ ଲହଡି ମାରୁଛି ବନ୍ୟା ପାଣି। କିଛି ଦିନ ଆଗରୁ ନଗର ପଞ୍ଚାୟତ ବିରୁଡି ପନ୍ତାଳ, ଦିନାଡିଆ, ପାଟସୁନ୍ଦରପୁର ଅଞ୍ଚଳର ନଦୀପଠା ରେ ହେଉ ଅବା ଚାଷ ଜମିରେ ଖିଲିଖିଲି ହସୁଥିଲା କଞ୍ଚା ପରିବା ଏବେ ବନ୍ୟା ଜଳରେ ବୁଡିଯାଇଛି। ପୋଟଳ, କଲରା, କଞ୍ଚା ଲଙ୍କା, ବାଇଗଣ ଉପରେ ବନ୍ୟା ପାଣି ମାଡି ଯାଇଛି। ଚାଷ ଜମିରେ ୩ ଫୁଟର ପାଣି। ନିଜ କଷ୍ଟ ଅର୍ଜିତ ଫସଲକୁ ନଦୀରେ ବନ୍ଧରେ ଠିଆ ହୋଇ ଦୁଃଖ କୋହ ଭରା ନୟନରେ ଚାହିଁ ରହିଛନ୍ତି ଚାଷୀ। ପାଣି ପ୍ରବେଶ କରିଥିବା ପନିପରିବା ଫସଲ ବନ୍ୟା ଜଳ ଛାଡିଲେ ନାଁ ଖାଇହେବ, ନାଁ ବିକ୍ରି

### ତଳିଆ ଅଞ୍ଚଳର ଅନେକ ଚାଷ ଜମି ଜଳମଗ୍ନ

କରିହେବ।ଅସ୍ତରଙ୍ଗ ଅଞ୍ଚଳର ସହ ଅନେକ ସ୍ଥାନରେ କ୍ଷେତରେ ବନ୍ୟା ପାଣି ପ୍ରବେଶ କରିଛି।କିଏ ୨ ଏକର ଜମିରେ ବାଇଗଣ ଫଳାଇଥିଲା କିଏ ଏକର ଏକର ଜମିରେ ପୋଟଳ ଲଗାଇଥିଲେ। ଅନେକ ଗଛରେ ଫଳ ହୋଇଥିବା ବେଳେ ବନ୍ୟା ପାଣିରେ ସବୁ ବୁଡିଯାଇଛି। ବନ୍ୟା ପାଣିରେ ବୁଡ଼ିଯାଇଥିବା କ୍ଷେତ ଦେଖି ଚାଷୀ ଆଖିରେ ଲୁହଯକାଇ ଆସୁଛି। ମହାନଦୀରେ ବନ୍ୟାଜଳ ଆସିବା ପରେ ଶାଖା ନଦୀରେ ଜଳ ସ୍ତର ବୃଦ୍ଧି ପାଇଁ ଦେବୀ ନଦୀରେ ବନ୍ୟା ଜଳ ପ୍ରବାହିତ ହେଉଛି ଯାହାକି ତଳିଆ ଅଞ୍ଚଳ ଥିବା ଏକର ଏକର ଚାଷ ଜମିରେ ଲହଡି ମାଡୁଚି ବନ୍ୟା ଜଳ। ଚାଷୀକୁ ଦେବୀନଦୀର ବନ୍ୟା କରାଇଦେଲା ଅଭୁଲା କ୍ଷେତ।

### ନୟାଗଡ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଜୟ ଜଗନ୍ନାଥ ଫାଉଣ୍ଡେସନର ଦାବି

# ବୁଦ୍ଧିଜୀବୀ, ସାମ୍ବାଦିକ ଓ ସମାଜସେବୀଙ୍କୁ ନେଇ ହେବ ଆଲୋଚନା

ନୟାଗଡ (ପିପିଏସ): ନୟାଗଡ ଜୟ ନୟାଗଡ଼ ଫାଉଣ୍ଡେସନ ତରଫରୁ ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ଗତ ୦୩.୦୭.୨୦୨୫ରିଖ ଠାରୁ ଆରମ୍ଭ ହୋଇଥିବା ସେଲ୍ଫି ଷ୍ଟାଣ୍ଡ, ସାମାଜିକ ଗଣମାଧ୍ୟମରେ ଦାବି ଉତ୍ଥାପନ, ଦସ୍ତଖତ ଅଭିଯାନ ଜାରି ରହିଅଛି। ଅଦ୍ୟାବଧି ୨୨୦୦୦ରୁ ଉର୍ଦ୍ଧ୍ୱ ଦସ୍ତଖତ ଏବଂ ୨୦୦୦ରୁ ଉର୍ଦ୍ଧ୍ୱ ସେଲ୍ଫି ଫୋଟୋଚିତ୍ର ସଂଗଠନ ଏହି କାର୍ଯ୍ୟକ୍ରମ ଦ୍ୱାରା ପୂରଣ କରାଯାଇଅଛି। ଆଜି ଏହି କାର୍ଯ୍ୟକ୍ରମ ନୟାଗଡ଼ ବ୍ଲକ ମୁଥାଗାଡ଼ିଆ ଓ ଲାଠିପଡା ଗ୍ରାମରେ ଦସ୍ତଖତ ଅଭିଯାନ ଦ୍ୱାରା ଦସ୍ତଖତ ଗ୍ରହଣ କରାଯାଇଅଛି। ସେହିଭଳି ଏହି ସମସ୍ତ କାର୍ଯ୍ୟକ୍ରମକୁ ଆହୁରି ତ୍ୱରାନ୍ୱିତ କରିବା ନିମନ୍ତେ ଆସନ୍ତା ଜୁଲାଇ ୨୯ ତାରିଖ ୨୦୨୫ ମସିହା ମଙ୍ଗଳବାର ସମୟ ଅପରାହ୍ନ ୩ ଘଟିକା ଠାରୁ ସନ୍ଧ୍ୟା ୭ ଘଟିକା ସମୟ ପର୍ଯ୍ୟନ୍ତ 'ଜୟ ନୟାଗଡ଼ ଫାଉଣ୍ଡେସନ' ତରଫରୁ 'ନୟାଗଡ଼ ମେଡିକାଲ କଲେଜ ପ୍ରତିଷ୍ଠା ଦାବିକୁ ନେଇ ଏକ ଆଲୋଚନା ଚକ୍ରର ଆୟୋଜନ ନୟାଗଡ ସହର ସ୍ଥିତ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ଅନୁଷ୍ଠିତ ହେବାକୁ ଯାଉଅଛି। ଏହି କାର୍ଯ୍ୟକ୍ରମରେ ନୟାଗଡ଼ର ବୁଦ୍ଧିଜୀବୀ, ସାମ୍ବାଦିକ ଏବଂ ସମାଜସେବୀମାନଙ୍କୁ ସଂଗଠନ ତରଫରୁ ନିମନ୍ତ୍ରଣ କରାଯାଇଅଛି ବୋଲି ସଂଗଠନର ପ୍ରତିଷ୍ଠାତା ଶେଖ ଅବଦୁଲ ଆହାଦ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି। ଆଜିର କାର୍ଯ୍ୟକ୍ରମରେ ସଂଗଠନ ସଂଯୋଜକ ଅମ୍ଲାନ ଅଂଶୁମାନ ସାହୁ, ଜୀବନ ଜ୍ୟୋତି ପ୍ରକାଶ ରାଉତ, ଛାତ୍ର କଂଗ୍ରେସ ସଭାପତି ଶିବ ରଞ୍ଜନ ସାହୁ, ସଂଗଠନ ସୋସିଆଲ ମିଡ଼ିଆ ସଂଯୋଜକ ଅରବିନ୍ଦ ପାଢ଼ୀ ପ୍ରମୁଖ ଦସ୍ତଖତ ସଂଗ୍ରହ କରିଥିଲେ।

# ସାମ୍ବାଦିକ ଅଜିତଙ୍କ ପାଇଁ ଶ୍ରଦ୍ଧାଞ୍ଜଳି



ଚାରିଛକ,(ପିପିଏସ): କୋଣାର୍କ ଅଞ୍ଚଳର ସ୍ୱର୍ଗତ ସାମ୍ବାଦିକ ଅଜିତ ମଲ୍ଲିକଙ୍କ ପାଇଁ ପୁରୀ ଜିଲ୍ଲା ପେଶାଦାର ସାମ୍ବାଦିକ ସଂଘ ଓ କାକଟପୁର ପ୍ରେସ କ୍ଲବ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ପୁରୀ ଜିଲ୍ଲା କାକଟପୁରର ଖୁଣ୍ଟିଆ କମ୍ୟୁନିଟି ସେଣ୍ଟରରେ ବରିଷ୍ଠ ସାମ୍ବାଦିକ ସଞ୍ଜୟ ପତିଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଥିଲା। ଏହି ଶ୍ରଦ୍ଧାଞ୍ଜଳି ସଭା ରେ ପୁରୀ ଜିଲ୍ଲା ପେଶାଦାର ସାମ୍ବାଦିକ ସଂଘ ସଭାପତି ପୂର୍ଣ୍ଣ ଚନ୍ଦ୍ର ନାୟକ, ସମ୍ପାଦକ ଆଦିତ୍ୟ ରାଉତ, ବରିଷ୍ଠ ସାମ୍ବାଦିକ ପ୍ରସନ୍ନ କୁମାର ତ୍ରିପାଠୀ, କାକଟପୁର ପ୍ରେସ କ୍ଲବ ସଭାପତି କମଳ ଲୋଚନ ଦିକ୍ଷିତ, ଗୋପ ପ୍ରେସ କ୍ଲବ ସଭାପତି ଭାରତୀ ଭୂଷଣ ଉପାଧ୍ୟାୟ, ଚାରିଛକ ପ୍ରେସ କ୍ଲବ ସଭାପତି ପ୍ରଫୁଲ୍ଲ କୁମାର କର, ନିମାପଡ଼ା ପ୍ରେସ କ୍ଲବ ସଭାପତି ଅକ୍ଷୟ କୁମାର ବେହେରା, ନିରଞ୍ଜନ ଦାସ, ତୁଷାର ରଞ୍ଜନ ଦିକ୍ଷିତ, ଦୈନିକ ବିଶ୍ୱବାର୍ତ୍ତା ସମ୍ପାଦକ ଅକ୍ଷୟ କୁମାର ମୁଦୁଲି, ସ୍ତମ୍ଭକାର ସନ୍ତୋଷ କୁମାର ଦାଶ, ଶେଖ ସମସୁଲ, ପ୍ରଦୀପ କୁମାର ପଣ୍ଡା, ପ୍ରଦୀପ୍ତ କୁମାର ଦିକ୍ଷିତ, ଡ.କେଦାର ନାଥ ସାହୁ, ଲୋକନାଥ ସ୍ୱାଇଁ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ସାମ୍ବାଦିକ ଅଜିତଙ୍କ ସ୍ମୃତି ଚାରଣ କରିଥିଲେ। ପ୍ରଥମେ ତାଙ୍କ ଅମର ଆତ୍ମାର ସଦଗତି ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ତାଙ୍କ ଅସହାୟ ପରିବାରକୁ ସମସ୍ତ କ୍ଲବ ସାମ୍ବାଦିକ ସଂଘ ପକ୍ଷରୁ ସାହାଯ୍ୟ ସହଯୋଗ ଯୋଗାଇ ଦେବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହି ଶ୍ରଦ୍ଧାଞ୍ଜଳି ସଭାରେ ପୁରୀ ଜିଲ୍ଲା ର ପିପିଲି, ନିମାପଡ଼ା, କୋଣାର୍କ, ନିମାପଡ଼ା, ଗୋପ, କୋଣାର୍କ, କାକଟପୁର, ଅସ୍ତରଙ୍ଗ, ଚାରିଛକ, ବ୍ରହ୍ମଗିରି ବ୍ଲକ ଅଞ୍ଚଳରୁ ଶତାଧିକ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇ ଅଜିତଙ୍କ ସ୍ମୃତି ଚାରଣ କରିଥିଲେ।

# ରାଜେନ୍ଦ୍ର ସିଂ ଥିଲେ ଓଡ଼ିଶା ସମାଜବାଦ ଆନ୍ଦୋଳନର ଅନ୍ୟତମ କର୍ଣ୍ଣଧାର



କଟକ ସଦର (ପିପିଏସ): ବିଶିଷ୍ଟ ଶ୍ରମିକ ନେତା, ଓଡ଼ିଶାରେ ସମାଜବାଦ ଆନ୍ଦୋଳନର ଅନ୍ୟତମ କର୍ଣ୍ଣଧାର, ପୂର୍ବତନ ବିଧାୟକ ରାଜେନ୍ଦ୍ର ପ୍ରସାଦ ସିଂଙ୍କ ତୃତୀୟ ବାର୍ଷିକ ପୁଣ୍ୟତିଥିରେ ବୟାଳିଶ ମୌଜା ଚାନ୍ଦୁଲି କଲିକାମାନ ପାଠଶ୍ମୃତି ତାଙ୍କ ପ୍ରତିମୂର୍ତ୍ତି ନିକଟରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ସମାଜସେବୀ ଶେଷଦେବ ପାତ୍ରଙ୍କ ଆହ୍ୱାନ କ୍ରମେ ଅଭିଭକ୍ତ କଟକ ସଦର ଅଞ୍ଚଳର ବନ୍ଧୁ ରାଜୁ ପ୍ରେମୀ ଏକତ୍ରିତ ହୋଇ ପ୍ରିୟ ନେତାଙ୍କ ପ୍ରତିମୂର୍ତ୍ତିରେ ଉପରୀ ଏବଂ ପୁଷ୍ପମାଲ୍ୟ ପିନ୍ଧାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ସମାଜ ଗଠନ ପାଇଁ ତାଙ୍କର ଉତ୍ସର୍ଗକୃତ ଜୀବନ ଧାରା ସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଟକ ଜିଲ୍ଲା ବିଜୁ ଜନତା ଦଳ କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ ସିଂହ, ଉଦୟନାଥ ରାଉତ, ବିଷ୍ଣୁଚରଣ ପ୍ରଧାନ, ପ୍ରମୋଦ ସ୍ୱାଇଁ, ନିରଞ୍ଜନ ପରିଡା, ଚନ୍ଦ୍ରମଣି ପ୍ରଧାନ, କମଳାକାନ୍ତ ଦାସ, ସୋମନାଥ ଦାସ, ଦୀପକ ମହାନ୍ତି, ପ୍ରଦ୍ୟୁମ୍ନ ପତି, ଅଜୟ ବିଶ୍ୱାଳ, କୁଳସରିଗୁଆଁ ସରପଞ୍ଚ ବନମାଳି ବିହାରୀ, ସମିତି ସଭ୍ୟ ରାଜୁ ନାୟକ, ଦିଲ୍ଲୀପ ବିହାରୀ, ରମେଶ ରାଉଳ, ଗୋବିନ୍ଦ ସାମନ୍ତ, ପ୍ରଫୁଲ୍ଲ ସାମଲ, ହରି ରାଉଳ, ପରମାନନ୍ଦ ଚୌଧୁରୀ, ସୁକାନ୍ତ ସାହୁ, ଶୁକଦେବ ପଟ୍ଟନାୟକ, ଚଇତା ମହାନ୍ତି, କେଦାର ସ୍ୱାଇଁ, ଭାଗ୍ୟଧର ବେଉରା, ଗିରିଧାରୀ ବେହେରା, ଆଇନଜୀବୀ ରାଜୁ ଜେନା, ସତ୍ୟନାରାୟଣ ମହାନ୍ତି ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଶେଷରେ ବିମଳ ମହାପାତ୍ର ଓ କିଶୋର ବାରିକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିବା ପରେ 'ରାଜୁ ଭାଇ ଅମର ରହେ' ସ୍ଲୋଗାନରେ ଏରିଆ ପ୍ରକମ୍ପିତ ହୋଇଥିଲା।

# ଗଞ୍ଜାମ ଜିଲ୍ଲାପାଳ ଭାବେ ଦାୟିତ୍ୱ ଗ୍ରହଣ କଲେ କାର୍ତ୍ତିଭାସନ



ବ୍ରହ୍ମପୁର(ପିପିଏସ): ସୋମବାର ଗଞ୍ଜାମ ଜିଲ୍ଲାର ନୂତନ ଜିଲ୍ଲାପାଳ ଭାବେ ଯୁବ ଆଇଏଏସ୍ ଅଫିସର ଭି.କାର୍ତ୍ତିଭାସନ ଦାୟିତ୍ୱ ଗ୍ରହଣ କରିଛନ୍ତି। ଦାୟିତ୍ୱ ଗ୍ରହଣ ପୂର୍ବରୁ ଅଧିଷ୍ଠାତ୍ରୀ ଦେବୀ ମା' ତାରାତାରିଣୀଙ୍କ ଆଶିଷ ଭିକ୍ଷା କରିଛନ୍ତି। ପୂର୍ବରୁ ଥିବା ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କୁ ପୁରୀ ଜିଲ୍ଲାପାଳ ଭାବେ ବଦଳି ହୋଇଛି। ନୂତନ ଜିଲ୍ଲାପାଳ ପୂର୍ବାହ୍ନରେ ଛତ୍ରପୁରସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆନୁଷ୍ଠାନିକ ଭାବେ ଦାୟିତ୍ୱ ଗ୍ରହଣକରି ଜିଲ୍ଲାରେ ବିଭିନ୍ନ ବିକାଶମୂଳକ ଯୋଜନାକୁ ଗୁରୁତ୍ୱ ଦେବାସହିତ ସରକାରଙ୍କ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାମକୁ ତୁରନ୍ତ ଶେଷ କରିବା ଓ ଜିଲ୍ଲାର ଜନସାଧାରଣଙ୍କୁ ଉପଯୁକ୍ତ ସେବା ଯୋଗାଇଦେବା, ଜନସାଧାରଣଙ୍କ ଅଭିଯୋଗ ଶୁଣାଣୀକୁ ପ୍ରାଥମିକ ଦିଆଯିବ ବୋଲି ଜିଲ୍ଲାପାଳ ଗଣମାଧ୍ୟମକୁ କହିଛନ୍ତି। ନିଜର ଚାକିରୀକାଳ ଗଞ୍ଜାମରୁ ପ୍ରବେଶନାଲ ଭାବେ ଆରମ୍ଭକରି ବ୍ରହ୍ମପୁର ଉପଜିଲ୍ଲାପାଳ ଭାବେ ପ୍ରାୟ ୨ ବର୍ଷ ଓ ପରେ ଗଞ୍ଜାମ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ଦେଢ଼ବର୍ଷରୁ ଊର୍ଦ୍ଧ୍ୱ ସମୟ କାର୍ଯ୍ୟକରିବାର ଅଭିଜ୍ଞତା ମୋତେ ଜିଲ୍ଲାପାଳ ଭାବେ କାର୍ଯ୍ୟ କରିବାରେ ସାହାଯ୍ୟ କରିବ ବୋଲି କହିଛନ୍ତି। ଜିଲ୍ଲାର ବିକାଶ କରିବା ନିମନ୍ତେ ଗଞ୍ଜାମ ଜିଲ୍ଲାବାସୀ, ପୁଲିସ୍ ପ୍ରଶାସନ, ଗଣମାଧ୍ୟମ ବ୍ୟକ୍ତିବିଶେଷ ଓ ବିଭିନ୍ନ ରାଜନୈତିକ ଦଳର ବ୍ୟକ୍ତିବିଶେଷଙ୍କ ସହଯୋଗରେ କାର୍ଯ୍ୟ କରାଯିବ। ଜନସାଧାରଣଙ୍କ ଯେଉଁସବୁ ଅଭିଯୋଗ ତଥା ସମସ୍ୟା ରହିଛି ତାହାକୁ ପ୍ରାଥମିକତାଭିତ୍ତିରେ ସମାଧାନ କରିବା ନିମନ୍ତେ ପଦକ୍ଷେପ ନିଆଯିବ। ଜିଲ୍ଲାରେ ଅନେକ ପ୍ରକଳ୍ପ ଚାଲିଥିବା ବେଳେ ତାହା କିଭଳି ସଠିକ୍ ସମୟରେ ଶେଷହେବ ସେନେଇ ବିଭାଗ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷାକରି କାର୍ଯ୍ୟ କରାଯିବ। ସୂଚନାଥାଉକି, ଜିଲ୍ଲାପାଳ କାର୍ତ୍ତିଭାସନ ପୂର୍ବରୁ କୋରାପୁଟ ଜିଲ୍ଲାପାଳ ଭାବେ କାର୍ଯ୍ୟକରି ଜିଲ୍ଲାକୁ ଶ୍ରେଷ୍ଠ ଜିଲ୍ଲା ଭାବେ ସାରା ଦେଶରେ ପରିଚିତକରି ପୁରସ୍କୃତ ମଧ୍ୟ ହୋଇଥିଲେ। ତେଣୁ ଗଞ୍ଜାମକୁ ମଧ୍ୟ ଦେଶର ଶ୍ରେଷ୍ଠ ଜିଲ୍ଲା କରିବାରେ ପ୍ରୟାଶ ଜାରି ରଖନ୍ତୁ ବୋଲି ଜିଲ୍ଲାର ବୃଦ୍ଧିଜୀବୀମାନେ କହିଛନ୍ତି।

# ଜିଲ୍ଲାସ୍ତରୀୟ ବିଶ୍ୱ ହେପାଟାଇଟିସ ଦିବସ ପାଳିତ

କେନ୍ଦ୍ରାପଡ଼ା,(ପିପିଏସ): କେନ୍ଦ୍ରାପଡ଼ା ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଆଜି ଅପରାହ୍ନରେ ଜିଲ୍ଲାସ୍ତରୀୟ ବିଶ୍ୱ ହେପାଟାଇଟିସ ଦିବସ ୨୦୨୫ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ତଥା ଜିଲ୍ଲା ମିଶନ ନିର୍ଦ୍ଦେଶକ ଡ. ମନୋରଞ୍ଜନ ରାଉତ ପୌରହିତ୍ୟ କରିଥଲେ। ପାଞ୍ଚ ପ୍ରକାର ହେପାଟାଇଟିସ – ଏ, ବି, ସି, ଡି ଏବଂ ଇ ଉପରେ ଉପସ୍ଥିତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ. ଗୌରାଙ୍ଗ ଚରଣ ଗିରି, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ଶ୍ୟାମ ସୁନ୍ଦର ଟୁଡୁ, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ପରିବାର କଲ୍ୟାଣ- ଡ. ସଚ୍ଚିଦାନନ୍ଦ ମିଶ୍ର, ଏଡିଏମଓ ମେଡ଼ିକାଲ ଡ. ପ୍ରମୋଦ କୁମାର୍ ପ୍ରହରାଜ, ଡିପିଏମ ମନୋରଂଜନ ସାହୁ, ଏପିଡେମିଓଲୋଜିଷ୍ଟ ଡ. ଅଶୋକ କୁମାର ସାହୁ, ଆକାଉଣ୍ଟସ୍ ଅଫିସର ଆଶୁତୋଷ ତ୍ରିପାଠୀ, ମାଇକ୍ରୋ ବାୟୋଲୋଜିଷ୍ଟ ବିଜେତା ନନ୍ଦ ଓ ସତ୍ୟନାରାୟଣ ସିଂହ, ଡିପିଏଚସିଓ ସତ୍ୟ ନାରାୟଣ ନାୟକ ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିଲେ। ଏ ଏନ ଏମ ଟ୍ରେନିଂ ସେଣ୍ଟର୍ ଛାତ୍ରୀମାନଙ୍କ ମଧ୍ୟରେ ରଚନା ପ୍ରତିଯୋଗିତା କରି ବିଜେତା ମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଟାଟୋ କରିବା ଦ୍ୱାରା ହେପାଟାଇଟିସ ମଧ୍ୟ ବ୍ୟାପିଥାଏ। ସେଥିପାଇଁ ଯୁବ ସମାଜ ଟାଟୋ ନକରିବା ପାଇଁ ପରାମର୍ଶ ଦିଆଯାଇଥିଲା। ଜନ୍ମ ସମୟରେ ହେପାଟାଇଟିସ ଟୀକା ପ୍ରଦାନ କରାଯାଉଛି। ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀମାନଙ୍କୁ ମଧ୍ୟ ହେପାଟାଇଟିସ ଟିକା ପ୍ରଦାନ କରାଯାଉଛି। ସର୍ବୋପରି ସମସ୍ତେ ସଚେତନ ରହିଲେ ହେପାଟାଇଟିସକୁ ଆମେ ଦୂରେଇ ପାରିବା ବୋଲି ସାଧାରଣରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆସିଷ୍ଟାଣ୍ଟ ମ୍ୟାନେଜର- ମମତା ଦାସ, ଶ୍ୟାମସୁନ୍ଦର ବରାଳ, ଜ୍ୟୋତ୍ସ୍ନା ନାୟକ ଜିଲ୍ଲା ଡାଟା ମ୍ୟାନେଜର ଜ୍ୟୋତିରଞ୍ଜନ ପରିଡ଼ା ଓ ଏ ଏନ ଏମ ଟ୍ରେନିଂ ସେଣ୍ଟରର ପ୍ରିନ୍ସିପାଲ ଭାରତୀ ସ୍ୱାଇଁ, ଟ୍ୟୁଟୋର, ସମସ୍ତ ଛାତ୍ରୀ ଓ ଆଶା କର୍ମୀମାନେ ଉପସ୍ଥିତ ଥିଲେ। ଡେପୁଟି ମ୍ୟାନେଜର, ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ- ସୁକାନ୍ତ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ପୁରୁଣା ମେଡିକାଲ କ୍ୟାମ୍ପସରେ ଉପସ୍ଥିତ ଅଂଶ ଗ୍ରହଣକାରୀମାନେ ବିଶ୍ୱ ହେପାଟାଇଟିସ ଉପରେ ରାଲି କରି ସ୍ଲୋଗାନ ଦେଇଥିଲେ।

# ବ୍ୟାସନଗର ମହାବିଦ୍ୟାଳୟର ଅଧ୍ୟାପକ ଦିଲ୍ଲୀପ ରାଉତଙ୍କ ପ୍ରଥମ ଶ୍ରଦ୍ଧାଞ୍ଜୀଳି ସଭା



ଯାଜପୁର, (ପିପିଏସ): ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ସ୍ୱର୍ଗତ ଦିଲ୍ଲୀପ କୁମାର ରାଉତଙ୍କ ପ୍ରଥମ ବାର୍ଷିକ ଶ୍ରଦ୍ଧାଞ୍ଜୀଳି ସଭା ତାଙ୍କ କୋପଣ୍ଡସ୍ଥିତ ବାସଭବନରେ ବ୍ୟାସନଗର ନାଗରିକ କମିଟିର ସଭାପତି ଡାକ୍ତର ହେମନ୍ତ କିଶୋର ସାହୁଙ୍କ ଅଧ୍ୟକ୍ଷତାରେ ଓ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. କୁଶ ଚନ୍ଦ୍ର ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛିଛି କ୍ଷ ଏହି ଶ୍ରଦ୍ଧାଞ୍ଜୀଳି ସଭାରେ ମାନ୍ୟବର କୋରେଇ ବିଧାୟକ ଶ୍ରୀ ଆକାଶ ଦାସ ନାୟକ, ପ୍ରାକ୍ତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ,ଶିକ୍ଷାବିତ ଡ ଦୁଷ୍ମନ୍ତ କୁମାର ନାୟକ, ସୌରଭମୟ ଦାସ,ପ୍ରଫୁଲ୍ଲ କୁମାର ନାୟକ,ସୁଧାନିଧି ମହାପାତ୍ର, ବିଦ୍ୟାଧର ମହାନ୍ତି, ମଧୁସୂଦନ ମହାପାତ୍ର, ଶିବଚରଣ ମାଝୀ, ଦିଗନ୍ତ ରାଉତ, ବି ଏସ କେ ସାମଲ,ନିରଞ୍ଜନ ଘଡ଼ାଇ, ଅଶୋକ କୁମାର ରାଉତ, ବାବାଜୀ ଚରଣ ମଲ୍ଲିକ, ବିଭୀଷଣ ନାୟକ, ଜ୍ଞାନରଞ୍ଜନ ରାଉତ, ପ୍ରଶାନ୍ତ କୁମାର ରାଉତ, ପୁତୁରା ଶିବାନନ୍ଦ ରାଉତ, ପୁତ୍ର ଶୁଭଜିତ ରାଉତ,ରମେଶ ପାତ୍ର, ମନମୋହନ ନାୟକ,କିଶୋର କୁମାର ରାଉତ ପ୍ରଭୃତି ସ୍ୱର୍ଗତ ଆତ୍ମାଙ୍କ ପ୍ରତି ଶ୍ରଦ୍ଧାଞ୍ଜୀଳି ଅର୍ପଣ କରିବା ସହିତ ସ୍ମୃତିଚାରଣ କରିଥିଲେ କ୍ଷ ସ୍ୱର୍ଗତ ରାଉତ ତାଙ୍କ ଜୀବନ ଅବଧି ମଧ୍ୟରେ ଓ ବ୍ୟାସନଗର ମହାବିଦ୍ୟାଳୟରେ ଚାକିରି ସମୟରେ ଛାଡିଯାଇଥିବା ଆଦର୍ଶ, କର୍ତ୍ତବ୍ୟନିଷ୍ଠା, ବାଗ୍ମୀ ଶିକ୍ଷକତା, ତ୍ୟାଗ, ସ୍ପଷ୍ଟବାଦିତା, ରାଜକୀୟ ପରିଚାଳନା, ସାଲିସବିହୀନ ଜୀବନଶୈଳୀ ତାଙ୍କୁ ସବୁଦିନେ ଅମର କରି ରଖିବାଶହ ଅନ୍ୟମାନଙ୍କ ପାଇଁ ଜଣେ ପ୍ରେରଣା ଓ ଉଦାହରଣ ହୋଇ ରହିବେ ବୋଲି ସମସ୍ତେ ମତବ୍ୟକ୍ତ କରିଥିଲେ। ସଂଯୋଜକ ଡ ପ୍ରଧାନ ସ୍ୱର୍ଗତ ରାଉତଙ୍କ ସ୍ମୃତି ଉଦ୍ଦେଶ୍ୟରେ ମହାବିଦ୍ୟାଳୟ ଛାତ୍ରଛାତ୍ରୀ ମାନଙ୍କୁ ଇଂରାଜୀ ବିଷୟରେ ନିଃଶୁଳ୍କ ଶିକ୍ଷାଦାନ ଷ୍ଟାଡିଅମ ରୋଡ଼ସ୍ଥିତ କ୍ରିଷ୍ଟ ଇଣ୍ଟରନେଶନାଲ ସ୍କୁଲରେ ଆରମ୍ଭ କରିଛନ୍ତି ଓ ଇଂରାଜୀ ଭାଷା ଓ ସାହିତ୍ୟ ଉପରେ ବିଭିନ୍ନ ସମୟରେ ସମ୍ମାନ କରାଯିବ ବୋଲି ଘୋଷଣା ଓ ମତବ୍ୟକ୍ତ କରିଥିଲେ। ବ୍ୟାସନଗର ମହାବିଦ୍ୟାଳୟର ଶିକ୍ଷକ, କର୍ମଚାରୀ ଓ ବ୍ୟାସନଗର ଅଂଚଳର ମାନ୍ୟଗଣ୍ୟ ବ୍ୟକ୍ତିମାନେ ସ୍ୱର୍ଗତ ଆତ୍ମାଙ୍କୁ ଶ୍ରଦ୍ଧାଞ୍ଜୀଳି ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ରତ୍ନାକର ରାଉତ ଓ ରାଉତ ପରିବାରର ସଦସ୍ୟମାନେ ସହଯୋଗ ପ୍ରଦାନ କରିଥିଲେ। ଶେଷରେ ବରିଷ୍ଠ ସାମ୍ବାଦିକ ସୁଜିତ କୁମାର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଧାମନଗର ଛକ-ଷେଣ୍ଡପୁର ପୂର୍ତ୍ତ ରାସ୍ତା ମରଣଯନ୍ତା

ଧାମନଗର (ପିପିଏସ): ୧୬ ନଂ ଜାତୀୟ ରାଜପଥ ଧାମନଗର ଛକ ଠାରୁ ଷେଣ୍ଡପୁର ରାସ୍ତାଟି ଏବେ ମରଣଯନ୍ତା। ଦୀର୍ଘ ୧୬.୬୫୦ ମିଟର ଏହି ପୂର୍ତ୍ତ ରାସ୍ତାର ମହୂରା ,ଗୁହାଳିଆ, ପଳିକିରୀ, ଭଗବାନପୁର, ଗୁହାଳଡିହ, ଦକ୍ଷିଣବାଡ଼ ଇତ୍ୟାଦି ସ୍ଥାନରେ ରାସ୍ତା ମଝିରେ ବିରାଟ ଗର୍ତ୍ତ ମାନ ସୃଷ୍ଟି ହୋଇ ବାରମ୍ବାର ଦୁର୍ଘଟଣା ଘଟି ଜୀବନ ମଧ୍ୟ ଗଲାଣି। ତଥାପି ବିଭାଗ ନୀରବଦ୍ରଷ୍ଟା। ଏହି ବିଭାଗର ଯନ୍ତ୍ରୀ ପାଣିବାବୁଙ୍କ ଚିନ୍ତାଧାରା ନିଆରା। ଦୋବଲ ବଜାର ଠାରେ ରାସ୍ତା ମଝିରେ ଗଛ ଥାଇ କଂକ୍ରିଟ ରୋଡ ତିଆରି ହୋଇଛି। ଦୁଇ ପଟକୁ ରାସ୍ତା ସମ୍ପ୍ରସାରଣ ହେବା ପାଇଁ ଗଛ କଟା ଯିବାକୁ ନିର୍ଦ୍ଦେଶ ସହ କ୍ରମାନୁସାରେ ଗଣା ଯିବା କାର୍ଯ୍ୟ ଚାଲୁଥିବା ବେଳେ ପଳିକିରୀ ଛକଠାରେ ରାସ୍ତାକୁ ଲାଗି ନୂତନ ବିଦ୍ୟୁତ ଖୁଣ୍ଟ ଗୁଡ଼ିଏ ପଡୁଥିବା ମଧ୍ୟ ଏହି ବାବୁଙ୍କ ଅନ୍ୟ ଏକ ପାରିବା ପଣିଆ।ଭଗବାନପୁର ବଜାର ପର କଲ୍ୟାଣମଣ୍ଡପ ସମ୍ମୁଖ ଏହି ରାସ୍ତାଟି ବର୍ଷା ସମୟରେ ନୟନଯୋରିର ଭ୍ରମ ସୃଷ୍ଟି କରେ। ଧାମନଗରରୁ ଦୋବଲ ଓ ସେଠାରୁ ଷେଣ୍ଡପୁର ରାସ୍ତା ଅବସ୍ଥା ଅତ୍ୟନ୍ତ ଜରାଜୀର୍ଣ୍ଣ।ଏତେ ସବୁ ଅସୁବିଧା ଥାଇ ଗଣମାଧ୍ୟମରେ ଖବର ପ୍ରସାରଣ ସତ୍ତ୍ୱେ ଏହି ରାସ୍ତା ମରାମତି ହେଉନାହିଁ। ପୂର୍ତ୍ତ ବିଭାଗ ଉଚ୍ଚ ଅଧିକାରୀ, ଭଦ୍ରକ ଜିଲ୍ଲାପାଳ ଓ ଉଚ୍ଚ ଶିକ୍ଷାମନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

# ବୃକ୍ଷ ମାନବ ସମାଜ ପାଇଁ ଜୀବନ ସଦୃଶ୍ୟ

# ଜୟ ଜଗନ୍ନାଥ ମନ୍ଦିର କମିଟି ପକ୍ଷରୁ ଚାରା ରୋପଣ

ରଘୁନାଥପୁର (ପିପିଏସ୍): ରଘୁନାଥପୁର ବ୍ଲକ ଜଇପୁର ସ୍ଥିତ ଜୟ ଜଗନ୍ନାଥ ମନ୍ଦିର ଉନ୍ନୟନ କମିଟି ପକ୍ଷରୁ ନୂତନ ଭାବେ ନିର୍ମାଣ କରାଯାଉଥିବା ଜଗନ୍ନାଥ ମନ୍ଦିର ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ମନ୍ଦିର ପରିଚାଳନା କମିଟିର ସମ୍ପାଦକ ସୂର୍ଯ୍ୟ ନାରାୟଣ ପଣ୍ଡାଙ୍କ ତତ୍ତ୍ୱାବଧାନରେ କମିଟିର ସଦସ୍ୟମାନେ ଚାରା ରୋପଣ କରି ସମାଜକୁ ଗଛ ଲଗାଇବା ଦେଶ ବଞ୍ଚାଇବା ବାର୍ତ୍ତା ପ୍ରଦାନ କରିଥିଲେ। କମିଟିର ସଭାପତି ଭ୍ରମରବର ନାୟକ ବିଶ୍ୱ ପରିତାପନ ଓ ଅସନ୍ତୁଳିତ ଜଳବାୟୁ ପରିବର୍ତ୍ତନ ପାଇଁ ମାନବ ସଭ୍ୟତା ଦାୟି ବୋଲି ପ୍ରକାଶ କରିଥିଲେ।ଏହାଛଡା ବୃକ୍ଷ ମାନବ ସମାଜ ପାଇଁ ଜୀବନ ସଦୃଶ୍ୟ ବୋଲି ମତବ୍ୟକ୍ତ କରିଥିଲେ।ଏହି ଅବସରରେ ମହିଳାମାନେ ବହୁ ସଂଖ୍ୟାରେ ସାମିଲ ହୋଇ ଚାରା ରୋପଣ କରିଥିଲେ। କୋଷାଧକ୍ଷ ଶରତ ଚନ୍ଦ୍ର ସାମଲ, ହେମନ୍ତ କୁମାର ସାହୁ, ବାନାମ୍ବର ସେନାପତି, ବୁଲା ସାହୁ, ମାନସ ପୃଷ୍ଟି, ଲିପା ପାତ୍ର, ପାଣ୍ଡୁ ଦାସ, ରନୁଆ ଦାସ ଓ ପ୍ରମିଳା ଦାସ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

# ବିନା ନୋଟିସ୍‌ରେ ଘର ଭାଙ୍ଗୁଛି ଏନ୍‌ଏଲ୍‌ସି କମ୍ପାନୀ, ପ୍ରଶାସନ ଚୁପ




ଝାରସୁଗୁଡା, (ପିପିଏସ୍): ଝାରସୁଗୁଡା ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ହିର୍ମା ପଂଚାୟତର କୁମ୍ଭାରୀ, ଗରିଆଡ଼ିହି, ତରେଇକେଲା ଠାରେ ଭାରତ ସରକାର ଅଧୀନ ରେ କାର୍ଯ୍ୟ କରୁଥିବା ଏନ ଏଲ ସି କମ୍ପାନୀ ଏକ ତାପଜ ବିଦ୍ୟୁତ ପ୍ରକଳ୍ପ ଖୋଲିବା ପାଇଁ ଏହି ଗ୍ରାମ ଗୁଡିକର ବିସ୍ଥାପନ ପ୍ରକ୍ରିୟା ଚାଲିଅଛି । ବିସ୍ଥାପନ ପ୍ରକ୍ରିୟା ସମ୍ପୂର୍ଣ୍ଣ ନ ହୋଇ, କମ୍ପାନୀ ଜିଲ୍ଲା ପ୍ରଶାସନର ସହାୟତାରେ ଲୋକଙ୍କ ଘର ଭାଙ୍ଗୁଥିବା ସହିତ ଘର ଭାଙ୍ଗୁଥିବା ବେଳେ ଲୋକମାନଙ୍କୁ କମ୍ପାନୀ ପକ୍ଷ ରୁ ନୋଟିସ ମଧ୍ୟ ଜାରି ନ କରିଥିବା କୁମ୍ଭାରୀ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନଏଲସି କମ୍ପାନୀ ଲୋକ ମାନଙ୍କୁ ବିସ୍ଥାପିତ କରିବା ପାଇଁ ଚାଷ ଜମିର ଟଙ୍କା ଦେଇଥିବା ବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ଘରମାନଙ୍କ ଟଙ୍କା ଦେଇ ନ ଥିବା ବେଳେ ବିନା ନୋଟିସରେ ଜିଲ୍ଲା ପ୍ରଶାସନର ସହାୟତାରେ ଘର ଭାଙ୍ଗୁଥିବା ଅଭିଯୋଗ ହେଉଛି। ଏହାସହିତ କିଛି ଲୋକଙ୍କ ଘରର ମାପ ନେଇ ବିଲ୍ ହୋଇ ସାରିଥିବା ବେଳେ ବିନା କାରଣରେ ତାଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ନ ଦେଇ ହୋଲଡ଼ କରି କମ୍ପାନୀ ଏବଂ ଜିଲ୍ଲା ପ୍ରଶାସନ ରଖିଛନ୍ତି ।ଯାହାକୁ ନେଇ କୁମ୍ଭାରୀ ଗ୍ରାମର ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ରହିଥିବା ବେଳେ ଆଗାମୀ ଦିନରେ କମ୍ପାନୀ ଓ ଜିଲ୍ଲା ପ୍ରଶାସନ ବିରୋଧରେ ଉଚ୍ଚ ନ୍ୟାୟାଳୟର ସାହାଯ୍ୟ ନେବାପାଇଁ ଲୋକମାନେ ପ୍ରସ୍ତୁତ ହେଉଛନ୍ତି। ଗୋଟିଏ ପଟେ କୁମ୍ଭାରୀ ଗ୍ରାମର ଲୋକମାନଙ୍କୁ ଭିଟା ମାଟି ଛାଡ଼ିବାର ଦୁଃଖ ରହିଥିବା ବେଳେ,ଅନ୍ୟ ପଟେ କମ୍ପାନୀ ଓ ଜିଲ୍ଲା ପ୍ରଶାସନର ଏପରି ବୈମାତୃକ ମନୋଭାବ ଲୋକଙ୍କୁ ବହୁ ମାତ୍ରାରେ ନିରାଶ କରିଛି। ଏହି ବିଷୟ ରେ ଜିଲ୍ଲା ଭୁ-ବିଭାଗ ତରଫରୁ ଭଙ୍ଗା ଯାଉଛି।

# ଓଭରବ୍ରିଜ୍ ନିର୍ମାଣ ଦାବିରେ ଧାରଣା



ବ୍ରହ୍ମପୁର(ପିପିଏସ୍): ବ୍ରହ୍ମପୁର ଲାଞ୍ଜିପଲ୍ଲୀ ବାଇପାସ ଛକ ଠାରେ ଦୁର୍ଘଟଣାରୁ ବର୍ତ୍ତିବା ପାଇଁ ତୁରନ୍ତ ଓଭର ବ୍ରିଜ ନିର୍ମାଣ ନେଇ ବ୍ରହ୍ମପୁର ଜାତୀୟ ରାଜମାର୍ଗ କାର୍ଯ୍ୟାଳୟ ସମ୍ମୁଖରେ ଗଞ୍ଜାମ ଓକିଲ ସଂଘର ସଭାପତି ମନୋଜ ପଟ୍ଟନାୟକଙ୍କ ନେତୃତ୍ୱରେ ଦିନ ୧୧ଟାରୁ ୧୨ଟା ପର୍ଯ୍ୟନ୍ତ ଧାରଣା ଦିଆଯାଇଥିଲା। ଶେଷରେ ଏକ ସ୍ମାରକ ପତ୍ର ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଜରିଆରେ କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀଙ୍କ ଉଦ୍ଦେଶ୍ୟାରେ ତୁରନ୍ତ ଓଭର ବ୍ରିଜ ନିର୍ମାଣ କାମ ଆରମ୍ଭ କରିବା ପାଇଁ ଦିଆଯାଇଥିଲା । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ଅବନୀ ଗୟା, ପ୍ରଣବ ପଣ୍ଡା, ତାରାଚାନ୍ଦ ପାତ୍ର, ନଦିଆଚାନ୍ଦ ବିଶ୍ୱାଳ, କେ.ଗୌତମ ଦାସ, ପିଣ୍ଟୁ କୁମାର ପାତ୍ର, ରାଜେଶ ପଟ୍ଟନାୟକ ଓ ସମାଜସେବୀ ସୁଜିତ କୁମାର ତ୍ରିପାଠୀ, ଦଣ୍ଡପାଣି ରେଡ୍ଡୀଙ୍କ ସମେତ ସ୍ଥାନୀୟ ଲୋକ ଯୋଗ ଦେଇଥିଲେ ।

# ଯାଜପୁର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣି



ରସୁଲପୁର (ପିପିଏସ): ଯାଜପୁର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ଆଜି ରସୁଲପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୋଟ ୨୨୪ଟି ଅଭିଯୋଗ ହୋଇଥିଲା। ସେଥିମଧ୍ୟରୁ ୭୨ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଛି। ଅବଶିଷ୍ଟ ୮୦ଟି ବ୍ୟକ୍ତିଗତ, ୩ଟି ସାମୂହିକ ଓ ୬୯ଟି ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ସହାୟତା ନିମନ୍ତେ ଆବେଦନ କରିଥିଲେ। ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର,ଆରକ୍ଷୀ ଅଧିକ୍ଷକ ଯଶ ପ୍ରତାପ ଶ୍ରୀମଲ୍, ଉପଜିଲ୍ଲାପାଳ ତାପସ ରଂଜନ ଦେହୁରୀ,ଏଡିଏମ୍ ଯୁଧିଷ୍ଠିର ନାୟକ, ଜିଲ୍ଲାପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ,ସିଡିଏମ୍ଓ ଡଃ ବିଜୟ କୁମାର ମିଶ୍ର, ରସୁଲପୁର ତହସିଲଦାର ସିଧାର୍ଥ କୁମାର ବେହେରା, ରସୁଲପୁର ସହକାରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌରଭ ପାଲ ଓ କୁଆଖିଆ ଥାନାଅଧିକାରୀ ଚିନ୍ମୟୀ ସାହୁ ସମେତ ମୋଟ ୫୪ ଜଣ ବଭିନ୍ନ ବଭାଗର ଅଧିକାରୀ ଉପସ୍ଥିତ ରହି ଅଭିଯୋଗ ଶୁଣିଥିଲେ। ସମାଧାନ ଦିଗରେ ସହଯୋଗ କରିଥିଲେ। ଯାଜପୁରରେ ଜିଲ୍ଲାପାଳ ନୂତନଭାବେ ଯୋଗ ଦେବାପରେ ଏହା ତାଙ୍କର ପ୍ରଥମ ଅଭିଯୋଗ ଶୁଣାଣି ଶିବିର ଥିଲା। ଆଜି ସେ ବିଳମ୍ବରେ ଶିବିରରେ ପହଞ୍ଚି ସମସ୍ତ ଅଭିଯୋଗ ଶୁଣିବାପରେ ବହୁ ବିଳମ୍ବରେ ଯାଇଥିଲେ। ଗତ କାଲି କାର୍ଯ୍ୟରେ ଯୋଗଦେବାପରେ ବନ୍ୟାଞ୍ଚଳ ବୁଲିଦେଖିବା ସହିତ ଭିସି ମାଧ୍ୟମରେ ଅଧିକାରୀଙ୍କ ଠାରୁ ସ୍ଥିତି ଅନୁଧ୍ୟାନ କରିଥିଲେ ବୋଲି ଜିଲ୍ଲାପାଳ ଶ୍ରୀ କର ସୂଚନା ଦେବା ସହିତ ଶୌଚ ହେବାକୁଯାଇ ଗୋଡ ଖସିଯିବାରୁ ପ୍ରାଣ ହରାଇଥିବା ଦଶରଥପୁର ବ୍ଲକ ଅନ୍ତର୍ଗତ ଚାନ୍ଦକୁଡା ଗ୍ରାମର ମକର ଜେନାଙ୍କ ପୁଅ ସନ୍ତୋଷ ୩୦ ବର୍ଷ ବୟସରେ ଚାଲିଯିବାକୁ ନେଇ ଜିଲ୍ଲାପାଳ ଦୁଃଖ ପ୍ରକାଶ କରିଥିଲେ ଏବଂ ସତର୍କ ରହିବାକୁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ।

# ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଚୌଦ୍ୱାର,(ପିପିଏସ୍): ଚୌଦ୍ୱାର ଥାନା ଅନ୍ତର୍ଗତ ମୁଣ୍ଡମାଳ ଗ୍ରାମରେ ଏକ ଘର ଭିତରୁ ଝୁଲନ୍ତା ଅବସ୍ଥାରେ ଜଣେ ଯୁବତୀଙ୍କ ମୃତଦେହକୁ ପୋଲିସ ସୋମବାର ସକାଳେ ଉଦ୍ଧାର କରିଛି। ପ୍ରାଥମିକ ତଦନ୍ତ ପରେ ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ କଟକ ବଡଡାକ୍ତରଖାନା ପଠାଇଛି। ଯୁବତୀ ଜଣକ ମୁଣ୍ଡମାଳ ଗ୍ରାମର ଗଡଡ ସାହିରେ ଏକୁଟିଆ ରହୁଥିବା ବେଳେ ତାଙ୍କର ବାପା ଓ ମା ସୁରଟରେ ରହୁଥିଲେ। ସୋମବାର ସକାଳେ ଯୁବତୀଙ୍କ ମୋବାଇଲ ଫୋନ ବାରମ୍ବାର ରିଙ୍ଗ ହେଉଥିବା ଶୁଣି ପାଖ ପଡ଼ୋଶୀ ଲୋକେ ଘରର ପଛପଟେ ଭିତରକୁ ଯାଇ ଯୁବତୀ ଜଣକ ନିଜ ବେକରେ ଓଢଣୀ ବାନ୍ଧି ଫ୍ୟାନରେ ଝୁଲିପଡିଥିବା ଦେଖିବାକୁ ପାଇ ଥାନାକୁ ଖବର ଦେଇଥିଲେ ।

# ପ୍ରଫେସର ହୃଦାନନ୍ଦ ରାୟଙ୍କ ଶ୍ରାଦ୍ଧବାର୍ଷିକୀ

କଟକ : ପ୍ରବୀଣ ସାରସ୍ୱତ ସାଧକ, ବିଶିଷ୍ଟ ଦାର୍ଶନିକ, ସୁବକ୍ତା ତଥା ଶିକ୍ଷାବିତ୍ ପ୍ରଫେସର ହୃଦାନନ୍ଦ ରାୟଙ୍କ ଦଶମ ଶ୍ରାଦ୍ଧବାର୍ଷିକୀ କଟକ ଲେଖକ ସହଯୋଗ ସମିତି ଆନୁକୂଲ୍ୟରେ ପାଳିତ ହୋଇଯାଇଅଛି। ଅନୁଷ୍ଠାନର ସଭାପତି ଡ଼ାକ୍ତର ରବି ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାଧାରଣ ସଂପାଦକ ରଘୁନାଥ ମହାପାତ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଖାନନଗରସ୍ଥ ସମିତିର ସଭାଗୃହରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଡ଼ାକ୍ତର ନିମାଇଁ ଚରଣ ପରିଜା, ମୁଖ୍ୟବକ୍ତା ପ୍ରଫେସର ପ୍ରଫୁଲ୍ଲ ଚନ୍ଦ୍ର ଦାଶ ଓ ସମ୍ମାନୀତ ଅତିଥି ଭାବେ ସାହିତ୍ୟିକ ପ୍ରଫେସର ଭାଗବତ ଶୁକ୍ଳ ପ୍ରମୁଖ ଯୋଗ ଦେଇଥିଲେ। ସ୍ୱର୍ଗତ ରାୟଙ୍କ ଜୀବନ ଥିଲା ସାରସ୍ୱତ ପ୍ରତିଭାର ଜ୍ୱଳନ୍ତ ପ୍ରମାଣ। ସେ କେବଳ ସାହିତ୍ୟରେ ଆବଦ୍ଧ ନ ଥିଲେ ବିଭିନ୍ନ ପ୍ରାସଙ୍ଗିକ ଆଲେଖ୍ୟ ପ୍ରସ୍ତୁତ କରୁଥିଲେ। ଓଡ଼ିଆ ଜାତୀୟ ଜୀବନର ବିକାଶରେ ସେ ଯେଉଁ ନିଷ୍ପାପର କାର୍ଯ୍ୟ କରିଯାଇଛନ୍ତି ତାହାର ପଟାନ୍ତର ନାହିଁ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ସର୍ବଶ୍ରୀ ଅଶ୍ୱିନୀ ସେଠୀ, ସମରେନ୍ଦ୍ର ଘୋଷ, ଲକ୍ଷ୍ମୀପ୍ରସାଦ ଆଚାର୍ଯ୍ୟ, ପ୍ରାଣେଶ୍ୱର ମିଶ୍ର, ଦେବେନ୍ଦ୍ର କୁମାର ପରିଡ଼ା, କୋକିଳସ୍ୱରା ପାତ୍ର, ନିବାସ ଚନ୍ଦ୍ର ମିଶ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିଦ୍ୟୁତ କୁମାରୀ ଲାଲା ଧନ୍ୟବାଦ ଅର୍ପଣ କରିଥିଲେ।

# ବୃକ୍ଷରୋପଣ ସାରା ବିଶ୍ୱକୁ ସନ୍ତୁଳନ କରିପାରିବ



ଗୋପ (ପିପିଏସ): ଗୋପର ଏକ ଅଗ୍ରଣୀ ସ୍ୱାସ୍ଥାସେବୀ ସଂଗଠନ ନିଃସ୍ୱାର୍ଥ ପରିବାର ପରିବେଶ ସୁରକ୍ଷା ପାଇଁ ପ୍ରତ୍ୟକ ସମୟରେ, ବୃକ୍ଷରୋପଣ, ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ସଫେଇ କାର୍ଯ୍ୟକ୍ରମ ସହିତ ନିରାଶୟ ଓ ଅସହାୟଙ୍କୁ ଅନେକ ସମୟରେ ସହାୟତାର ହାତ ବଢ଼ାଇ ଆସିଛି। ନିଃସ୍ୱାର୍ଥପର ଭାବ ନିଃସ୍ୱାର୍ଥ ପରିବାର ସଂଗଠନର କାର୍ଯ୍ୟକର୍ତ୍ତା ନିରନ୍ତର ଭାବରେ ତାଙ୍କର ଏପରି ସ୍ୱଚ୍ଛତା କାର୍ଯ୍ୟକ୍ରମ ପାଇଁ ଅନେକ ସଂଗଠନ ତରଫରୁ ମାନପତ୍ର ସହିତ ପ୍ରଶଂସା ସାଉଁଟିଛନ୍ତି। ବିଗତ ୧୧ ବର୍ଷ ମଧ୍ୟରେ ଏହା ହେଉଛି ୨୮ତମ ମେଗା ବୃକ୍ଷରୋପଣ କାର୍ଯ୍ୟକ୍ରମ। ବୃକ୍ଷ ରୋପଣ ପୂର୍ବରୁ ତାର ସୁରକ୍ଷା କବଚକୁ ଗୁରୁତ୍ୱ ଦିଅନ୍ତି ତାପରେ ସଦସ୍ୟ ସଦସ୍ୟାଙ୍କ ଦ୍ୱାରା ଗୋପ ଓ ଏହାର ଆଖପାଖ ଅଞ୍ଚଳ ହାଜର ହାଜର ସଂଖ୍ୟାରେ ବୃକ୍ଷ ରୂପଣ କରିସାରିଲେଣି। ବିନା ସରକାରୀ ସହାୟତାରେ ନିରବଚ୍ଛିନ୍ନ ଭାବେ ପରିବେଶ ସ୍ୱଚ୍ଛତା, ବୃକ୍ଷ ରୋପଣ, ଅନେକ ଜନହିତକର କାର୍ଯ୍ୟକ୍ରମ କ୍ରମାଗତ ଭାବେ କରୁଛନ୍ତି। ଗୋପର ଅଖଣ୍ଡଳେଶ୍ୱର ମନ୍ଦିର ସାମ୍ନା ମୁଖ୍ୟରାସ୍ତାର ନଦୀ ବନ୍ଧ ପାର୍ଶ୍ୱରୁ ଗୋପ ଡାକବଙ୍ଗଳା ପର୍ଯ୍ୟନ୍ତ ପ୍ରାୟ ୬୦ ଗୋଟି ବଉଳଚାରା ରୋପଣ କରିବା ସହିତ ଏହାକୁ ସୁରକ୍ଷା କବଚରେ ସୁରକ୍ଷିତ କରିଥିଲେ ନିସ୍ୱାର୍ଥ ପରିବାର ସଦସ୍ୟ। ୨୮ତମ ମେଗା ବୃକ୍ଷ୍ୟରୋପଣ କାର୍ଯ୍ୟକର୍ମରେ ଅତିଥି ଭାବେ ବୁଦ୍ଧିଜୀବୀ ଭଗବାନ ସାହୁ, ଡା. ପୂର୍ଣ୍ଣଚନ୍ଦ୍ର ପାଣି, ଆଦିକାନ୍ତ ମହାନ୍ତି, ବରିଷ୍ଠ ପ୍ରକୃତି ପ୍ରେମୀ ତାପସ ସାହୁ, ସନତ ସେନାପତି, ପ୍ରଦୀପ୍ତ ସିଂ,ପ୍ରଦୀପ ପାଇକରା, ବୈଲୋଚନ ପ୍ରଧାନ, ଦୁଃଖିଶ୍ୟାମ ସେନାପତି, ଶରତ ପ୍ରଧାନ ପ୍ରମୁଖ ଯୋଗ ଦେଇଥିବା ବେଳେ ସଂଗଠନର ଉପଦେଷ୍ଟା ସମରେନ୍ଦ୍ର ସିଂ, ପ୍ରକାଶ ଚନ୍ଦ୍ର ଖଟୋଇ, ସଂଗଠନ ସଭାପତି ରତ୍ନାକର ସେଠୀ ଏବଂ ସମ୍ପାଦକ ସିଲନ କୁମାର ମହାନ୍ତିଙ୍କ ସମେତ ସଂଗଠନର ଶତାଧିକ ସଭ୍ୟ ଉପସ୍ଥିତ ଥିଲେ।

# ବିଜ୍ଞାପନ ଜାଲରେ ଫସାଉଛନ୍ତି ସାଇବର ଲୁଟେରା

### ■ ଲିଙ୍କ ପଠାଇ ମୋବାଇଲି ହ୍ୟାକ୍ ■ ଟାର୍ଗେଟରେ କଲେଜ ଛାତ୍ର

ଅସ୍ତରଙ୍ଗ (ପିପିଏସ୍): ଇଣ୍ଟରନେଟର ବ୍ୟବହାର ବଢୁଥିଲା ବେଳେ ସାଇବର ଲୁଟେରା ଏହା ମାଧ୍ୟମରେ ବିଭିନ୍ନ କୌଶଳରେ ଲୁଟ କରି ଚାଲିଛନ୍ତି। ବ୍ୟାପକ ସଚେତନତା ସତ୍ତ୍ୱେ ନୂଆ ନୂଆ ବାଟରେ ସେମାନେ ଲୋକଙ୍କ ଆକାଉଣ୍ଟ୍ସ ସଫା କରି ଦେଉଛନ୍ତି। ଏବେ ଅର୍ଥ ରୋଜଗାର ପାଇଁ ବିଭିନ୍ନ ନିବେଶ ଓ ନିଯୁକ୍ତି ସୁଯୋଗର ଲୋଭନୀୟ ବିଜ୍ଞାପନ ଦେଇ ସାଇବର ଠକ ମାନେ ଲୋକଙ୍କୁ ନିଜ ଜାଲରେ ଫସାଉଛନ୍ତି। ବିଶେଷ କରି କଲେଜ ଛାତ୍ର, ଛାତ୍ରୀ ମାନଙ୍କୁ ଅର୍ଥ ଉପାର୍ଜନର ସୁଯୋଗ ଦେବା ଆଳରେ ଲିଙ୍କ ପଠାଇ ସେମାନଙ୍କ ମୋବାଇଲି ହ୍ୟାକ କରି ଲୁଟୁଛନ୍ତି। କିଛି ଘଣ୍ଟା ରେ ୫ହଜାର ରୁ ୧୫ହଜାର ଟଙ୍କାରେ ପରିଣତ ହେବା ଭଳି ଲୋଭ ଦେଖି ଛାତ୍ର, ଛାତ୍ରୀ ମାନେ ସାଇବର ଲୁଟେରା ପଠାଇଥିବା ଆପ ଓ ଲିଙ୍କ ଡାଉନଲୋଡ଼ କରି ଦେଉଛନ୍ତି। ପରେ ପେମେଣ୍ଟ ଆପ ଦ୍ୱାରା ସବୁ ଟଙ୍କା ଲୁଟି ନେଉଛନ୍ତି ଠକ।

ଏବେ ସମସ୍ତଙ୍କ ହାତରେ ସ୍ମାଟ ଫୋନ ରହିଛି। ଟଙ୍କା ନେଣଦେଣ ପ୍ରାୟ ଡିଜିଟାଲ ମାଧ୍ୟମରେ କରାଯାଉଛି। ସମସ୍ତଙ୍କ ମୋବାଇଲିରେ ବିଭିନ୍ନ ପେମେଣ୍ଟ ଆପ ରହିଛି। ତେବେ ସାଇବର ଠକ ମାନେ ଅଳ୍ପ ଟଙ୍କା ନିବେଶ କରି ଅଧିକ ଲାଭ ମିଳିବ ବୋଲି ବିଭିନ୍ନ ଆପ ବ୍ୟବହାର କରିବାକୁ ବିଜ୍ଞାପନ ଦେଉଛନ୍ତି। ମୋବାଇଲି ରେ ସେଭଳି ଆପ ଡାଉନଲୋଡ଼ କରିବା ପରେ ସେଥିରୁ ମଧ୍ୟ ବିଭିନ୍ନ ଲିଙ୍କ ମୋବାଇଲି ନମ୍ବରକୁ ଆସୁଛି। ଏମିତି ଏକ ଘଟଣା ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ସରିପୁର ପଂଚାୟତ ଦୀପକ ନାୟକ ଙ୍କ ମୋବାଇଲି କୁ ଟଙ୍କା ନିବେଶ କରନ୍ତୁ, ୨ ଦିନ ପରେ ୫ଶତକଡା ଅଧିକ ଆସିବ। ଯାହା ଫଳରେ ଭ୍ୟୁ ପୋଷ୍ଟ ଉପରେ କ୍ଲିକ କରନ୍ତୁ। କିଛି ସମୟ ପରେ ସେଠାରେ ପେମେଣ୍ଟ କରିବାକୁ ଅନୁମତି ମାଗିଥିଲା। ଥରେ ଅନୁମତି ମିଳିଲା ପରେ ମୋବାଇଲି ହ୍ୟାକ କରି ସାଇବର ଠକ ଗ୍ୟାଙ୍କ ଆକାଉଣ୍ଟ୍ସ ଥିବା ୩୨୭୮ଟଙ୍କା ଶହ ମୋବାଇଲି ଅନେକ ଡାଟା ଚୋରି କରି ନେଇଥିଲେ। ଯାହାକି ସାଇବର ଥାନାରେ ଅଭିଯୋଗ କରିଛନ୍ତି। ତେଣୁ ଟଙ୍କା ରୋଜଗାର କରିବା ପ୍ରଲୋଭନରେ ଅନେକ ଫସି ଯାଉଛନ୍ତି। ଏଥିରେ କଲେଜ ଛାତ୍ର ମାନେ ବେଶ ମାତ୍ରାରେ ପ୍ରଭାବିତ ହେଉଥିବା ଜଣା ପଡିଛି। ଏ ନେଇ ଅନେକ ସମୟରେ ସାଇବର ବିଶେଷଜ୍ଞ ତରଫରୁ ସଚେତନତା କରାଯାଉଛି। କୌଣସି ଅନାବଶ୍ୟକ ଆପ ଡାଉନ ଲୋଡ଼ କରନ୍ତୁ ନାହିଁ କିମ୍ବା କୌଣସି ଲିଙ୍କ ନ ବୁଝି ଖୋଲନ୍ତୁ ନାହିଁ ବୋଲି ସାଇବର ବିଶେଷଜ୍ଞ ମାନେ ସତର୍କ କରାଇ ଦେଉଛନ୍ତି।

# ବର୍ଷାରେ ବଜାର ଅବସ୍ଥା ବେହାଲ
# ବ୍ୟବସାୟୀ ଓ ବୁଣାକାର ହଟହଟା



ପଦ୍ମପୁର : ସମ୍ପ୍ରତି ସାରା ରାଜ୍ୟରେ ଲଘୁଚାପଜନିତ ବର୍ଷା ହେଉଥିବାବେଳେ ବିଭିନ୍ନ ସ୍ଥାନରେ ବର୍ଷା ଯୋଗୁ ଯାତାୟାତ ମଧ ବାଧାପ୍ରାପ୍ତ ହୋଇଛି । ବର୍ଷା ଯୋଗୁ ପଦ୍ମପୁରରୁ ମାତ୍ର ୨ କି.ମି ହେବ ମହୁଲପାଲି ସମ୍ବଲପୁରୀ କପଡା ବଜାର ବେହାଲ ହୋଇପଡ଼ିଛି । ଏହି ବଜାରକୁ ପଦ୍ମପୁର ବ୍ଲକ ସମେତ ବରପାଲି, ଗାଇସିଲାଟ, ବରଗଡ଼, ବଲାଙ୍ଗିର ଅଞ୍ଚଳର ପ୍ରାୟ ୪ ହଜାର ରୁ ଉର୍ଦ୍ଧ୍ୱ ବୁଣାକାର ଓ ବ୍ୟବସାୟୀ ନିର୍ଭର କରିଥାନ୍ତି । ଦୀର୍ଘ ବର୍ଷ ଧରି ବୁଣାକାରମାନେ ବର୍ଷା ଦିନରେ ବହୁତ ଅସୁବିଧାର ସମ୍ମୁଖୀନ ହେଉଥିବା ଖବର ନଜରକୁ ଆସିଛି । ବର୍ଷାରେ ଓଦା ହୋଇଛି କପଡା ଓ ସୂତା ସାମଗ୍ରୀ । ଫଳରେ ହତାଶ ହୋଇ ଫେରିଯାଇଛନ୍ତି କପଡା ବ୍ୟବସାୟୀ ଓ ବୁଣାକାର । ବର୍ଷା ଦିନରେ ରାସ୍ତା କାଦୁଅ ହେବା ସହ କୌଣସି ସ୍ଥାନରେ ଛପର ନ ଥିବାରୁ ବର୍ଷା ଆସିଲେ ବୁଣାକାର ଓ ବ୍ୟବସାୟୀମାନଙ୍କର କପଡା ଓଦା ହୋଇଯିବାରୁ ବହୁତ ଅସୁବିଧାର ସମ୍ମୁଖୀନ ହୋଇଥାଆନ୍ତି । ଯଥାଶୀଘ୍ର ଏହାର ସମାଧାନ ପାଇଁ ପଦ୍ମପୁର ମହୁଲପାଲି ବୁଣାକାର ଓ ବ୍ୟବସାୟୀ ସଂଘ ଗଣମାଧମ ଜରିଆରେ ଦାବି କରିଛନ୍ତି ।

## ଗାଡି ଯାଞ୍ଚ୍
# ୭ ହଜାର ଜରିମାନା

ଜୟପୁର, (ହି.ସ.)- ଜୟପୁର ସଦର ଥାନା ପକ୍ଷରୁ ପାତ୍ରପୁଟ୍ ଅଂଚଳରେ କାର୍ ଓ ମୋଟରସାଇକେଲ ଯାଂଚ୍ କରାଯାଇ ୭ ହଜାର ୫୦୦ ଟଙ୍କା ଜୋରିମାନା ଆଦାୟ କରାଯାଇଛି । ସଦରଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ଏକ ଟିମ ପାତ୍ରପୁଟ୍ ଅଂଚଳରେ ମୋଟର ସାଇକଲ ଓ କାର ଗୁଡିକ ଅଟକାଇ ଯାଂଚ୍ କରାଯାଇଥିଲା । ଗୋଟିଏ ମୋଟର ସାଇକେଲରେ ୩ ଜଣ ବସିଥିବା ମାମଲାରେ ଦୁଇ ଜଣ, ବିନା ହେଲମେଟରେ ଗାଡି ଚଲାଉଥିବା ମାମଲାରେ ୫ ଜଣ, କାରରେ ସିଟବେଲଟ ବାନ୍ଧିନଥିବା ମାମଲାରେ ଜଣକୁ ମିଶାଇ ମୋଟ ୭୫୦୦ ଟଙ୍କା ଆଦାୟ କରାଯାଇଛି । ଏହି ଯାଂଚ୍ ପ୍ରକ୍ରିୟା ପ୍ରତିଦିନ ସଦର ଅଂଚଳର ବିଭିନ୍ନ ସ୍ଥାନରେ ଚାଲିବ ବୋଲି ସଦରଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି ।

# ପୁରୁଣା କୋଠାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ ଦାବି

## ଜନଆନ୍ଦୋଳନ ଚେତାବନୀ

ଦେବଗଡ(ପିପିଏସ୍) : ନୂଆଁ ବାଲିରୋଇ ମୌଜାର ୪୦ ଏକର ଜାଗାରେ ୧୪୩ କୋଟି ଟଙ୍କାର ବ୍ୟୟ ଅଟକଳରେ ନିର୍ମିତ ୩୦୦ ଶଯ୍ୟା ଓ ୭ ମହଲା ବିଶିଷ୍ଟ ସୁପର ସ୍ପେସିଆଲିଟି ହସ୍ପିଟାଲରେ ତ୍ରୁଟିପୂର୍ଣ୍ଣ ସ୍ୱାସ୍ଥ୍ୟସେବା ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ମୁଖ୍ୟ ସହରଠାରୁ ୫କିମି ଦୂର ବାଲିରୋଇ ପାହାଡ଼ରେ ନିର୍ମାଣ ହୋଇଥିବା ଏହି ନୂତନ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଅଦ୍ୟାବଧି ଏକ୍ସ-ରେ ଓ ସିଟି ସ୍କାନ୍ ଭଳି ଅତ୍ୟାବଶ୍ୟକୀୟ ବ୍ୟବସ୍ଥା ହୋଇନଥିବାରୁ ରୋଗୀ ଓ ସମ୍ପର୍କୀୟ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସ୍ୱଳ୍ପସଂଖ୍ୟକ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ନେଇ ଜିଲ୍ଲା ପ୍ରଶାସନ ଅତ୍ୟନ୍ତ ତରବରିଆ ଭାବେ ବାଲିରୋଇ ଠାରେ ନବନିର୍ମିତ ଅବ୍ୟବସ୍ଥିତ ନୂତନ କୋଠାକୁ ଗତ ୧୧ ତାରିଖ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ସ୍ଥାନାନ୍ତର କରିବାରୁ ଏହାର ସିଧା ପ୍ରଭାବ ରୋଗୀସେବା ଉପରେ ପଡ଼ିଛି । ଦେବଗଡ଼ ଡାକ୍ତରଖାନା ପାଇଁ ବିଭିନ୍ନ ବିଭାଗରେ ମଞ୍ଜୁର ହୋଇଥିବା ୫୫ ବିଶେଷଜ୍ଞ ଓ ଚିକିତ୍ସକ ପଦବୀ ମଧ୍ୟରୁ ଏବେ ମାତ୍ର ୨୦ ଜଣ ଡାକ୍ତର ରହିଛନ୍ତି । ସେହିପରି ବିଭିନ୍ନ ୱାର୍ଡରେ ଆବଶ୍ୟକ ସ୍ୱାସ୍ଥ୍ୟସେବିକା ଓ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଘୋର ଅଭାବ ରହିଥିବା ବେଳେ ପରୀକ୍ଷାଗାର ଓ ଡ୍ରେସିଂରୁମ୍‌ରେ ଆବଶ୍ୟକ ସଂଖ୍ୟକ ବୈଷୟିକ କର୍ମଚାରୀ ନାହାନ୍ତି । ଅନ୍ୟପକ୍ଷରେ ନବନିର୍ମିତ ଏହି ବହୁତଳ ବିଶିଷ୍ଟ ଡାକ୍ତରଖାନା ଆଖପାଖ ଅଞ୍ଚଳରେ ସାମାନ୍ୟ ପାଉଁରୁଟି, ବିସ୍କୁଟ ଓ ପାଣି ବୋତଲ ପାଇଁ ଦୋକାନ ଖଣ୍ଡିଏ ନଥିବାରୁ ରୋଗୀ ଓ ସମ୍ପର୍କୀୟ ଦୁର୍ଦ୍ଦଶା ଭୋଗୁଛନ୍ତି । ଏ ସମସ୍ୟା ନେଇ ସ୍ଥାନୀୟ ଗୋପାଳଜୀଉ ମନ୍ଦିର ନିକଟ ସେଣ୍ଟର ଫର୍ କଲ୍‌ଚର ପ୍ରାଙ୍ଗଣରେ ଜିଲ୍ଲା ନାଗରିକ କମିଟି ତରଫରୁ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଛି । ନାଗରିକ କମିଟି ସଭାପତି ସୁଶିଲ କପରଦାରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଧାୟକ ତଥା ଜିଲ୍ଲା ବିଜେଡି ସଭାପତି ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଭାରପ୍ରାପ୍ତ ପୌରାଧକ୍ଷ ପ୍ରଜିତ୍ କୁମାର ଭୋଜ, ପୂର୍ବତନ ବିଜେପି ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଓ ପୂର୍ବତନ ବିଜେଡି ବିଧାୟକ ସଞ୍ଜିବ କୁମାର ପ୍ରଧାନଙ୍କ ସହ ସମ୍ବଲପୁର ସାଂସଦ ନୋମିନୀ ତଥା ଜିଲ୍ଲା ବିଜେପି ସଭାପତି ଅରୁଣ କୁମାର ସାହୁ, ଜିଲ୍ଲା ଓକିଲସଂଘ ସଭାପତି ସଚ୍ଚିକାନ୍ତ ଦାଶ, ଜିଲ୍ଲା ବଣିକସଂଘ ସଭାପତି ଉମାଶଙ୍କର ସାହୁ, ଜିଲ୍ଲା ଘରୋଇ ବସ୍ ମାଲିକ ସଂଘ ସଭାପତି ରାଜକିଶୋର ଦାଶ, ଜିଲ୍ଲା ଡ୍ରାଇଭରସଂଘ ସଭାପତି ଆଦିତ୍ୟ ପ୍ରସାଦ ବେହେରାଙ୍କ ସମେତ ଶିକ୍ଷାବିତ, ବୟୋଜ୍ୟେଷ୍ଠ ବ୍ୟକ୍ତି, ଓକିଲ, ସାମ୍ବାଦିକ ଓ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତା ଯୋଗଦେଇ ଡାକ୍ତରଖାନା ପରିଚାଳନାକୁ ନାପସନ୍ଦ କରିବା ସହ ପୁରୁଣା ଡାକ୍ତରଖାନା କୋଠାରେ ତୁରନ୍ତ ଏକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ ପାଇଁ ସମୂହ ମତବ୍ୟକ୍ତ କରିଥିଲେ । ଅନ୍ୟଥା ଜିଲ୍ଲା ଗଠନ ସମୟର ଆନ୍ଦୋଳନ ଭଳି ଆଗାମୀ ଦିନରେ ବ୍ୟାପକ ଜନଆନ୍ଦୋଳନ କରାଯିବାକୁ ଚେତାବନୀ ଦେଇଛନ୍ତି । ଏହିକ୍ରମରେ ଆସନ୍ତା ଅଗଷ୍ଟ ମାସ ପ୍ରଥମ ସପ୍ତାହରେ ପୁଣିଥରେ ଆଲୋଚନା ପାଇଁ ନିଷ୍ପତ୍ତି ନିଆଯାଇଛି ।

# ଫୁପୁଗାଁରେ ଧାନମଣ୍ଡି ଦାବି
# ପ୍ରଶାସନର ଦ୍ୱାରସ୍ଥ ଚାଷୀ

ଜୟପୁର, (ହି.ସ.) - ଫୁପୁଗାଁରେ ଧାନମଣ୍ଡି ଖୋଲିବାକୁ ଜୟପୁର ଉପଜିଲ୍ଲାପାଳଙ୍କ ନିକଟରେ ଦ୍ୱାରସ୍ଥ ହୋଇଛନ୍ତି ଚାଷୀ । ଏନେଇ ଜୟପୁର ଉପଜିଲ୍ଲାପାଳ ଆକା ବରମ ଶଶ୍ୟା ରେଡ୍ଡିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଉକ୍ତ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି ଯେ କୋଟପାଡ ବ୍ଲକ ଅନ୍ତର୍ଗତ ବୋବେୟା ଗ୍ରାମ ପଞ୍ଚାୟତର ଫୁପୁଗାଁ ,ଏକୋମ୍ବା, ଭାଜିଗୁଡା ଓ ମିଚିୟା ଗ୍ରାମର ଚାଷୀମାନେ ଲିଖିତ ଜଣାଇଛନ୍ତି ଯେ ବୋବେୟା ଠାରେ ଧାନ ମଣ୍ଡି ଅଛି କିନ୍ତୁ ଚାଷୀ ମାନେ ନିଜର ଧାନ ପଞ୍ଜିକରଣ ନିମନ୍ତେ ସେଠାକୁ ଯାଇ ବହୁତ ହଇରାଣ ହରକତ ହେଉଛନ୍ତି । ଉକ୍ତ ମଣ୍ଡିରେ ୬୦ ହଜାରରୁ ଉର୍ଦ୍ଧ୍ୱ ଚାଷୀ ରେଜିଷ୍ଟ୍ରେସନ କରି ଧାନ ଆଣୁଛନ୍ତି । ଉପଯୁକ୍ତ ସ୍ଥାନର ଅଭାବ ସହ ଗୋଦାମ ଗୃହ ମଧ ନାହିଁ । ତେଣୁ ଧାନ ରଖିବା ଓ ଚାଷୀ ମାନେ ଧାନ ଆଣିବା ନିମନ୍ତେ ଦୁର ଦୁରାନ୍ତରୁ ଆସି ବହୁତ ହଇରାଣ ହରକତ ହେଉଛନ୍ତି । ଗୋଟିଏ ଜାଗାରେ ବହୁତ ଧାନ ଆସୁଥିବାରୁ ନିକଟସ୍ଥ ଗାଁ ଫୁପୁଗାଁ ଠାରେ ମୁତନ ଭାବେ ମଣ୍ଡି କରାଗଲେ ଚାଷୀମାନେ ଉପକୃତ ହୋଇ ପାରିବେ ବୋଲି କୃଷକ କଲ୍ୟାଣ ମଞ୍ଚର ସାଧାରଣ ସମ୍ପାଦକ ନରେନ୍ଦ୍ର କୁମାର ପ୍ରଧାନଙ୍କ ସହ ଚାଷୀ ମାନେ ଦାବି କରିଛନ୍ତି ।

# ସରକାରୀ ମହାବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ

ମାଲକାନଗିରି, (ହି.ସ.) -ନାରୀ ସମ୍ମାନ ଆଉ ସୁରକ୍ଷା ନିମନ୍ତେ ରାଜ୍ୟ ସରକାରଙ୍କ ବିହୀତ ପଦକ୍ଷେପର ସମର୍ଥନ ସ୍ୱରୂପ ସରକାରୀ ସ୍ନାତକ ମହାବିଦ୍ୟାଳୟ ଚିତ୍ରକୋଣ୍ଡାରେ ଏକ ସଚେତନ ଧର୍ମୀ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଅଧକ୍ଷ ଡ. ଚିନ୍ମୟ କୁମାର ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଏକଦିବସୀୟ କର୍ମଶାଳାରେ ନାରୀସୁରକ୍ଷା ବାବଦରେ, ଛାତ୍ରୀମାନଙ୍କ ପ୍ରତି ଅସଦାଚରଣ ବିରୁଦ୍ଧରେ ଏବଂ ମହିଳାମାନଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ ଦିଗରେ ବିଶଦ ଆଲୋଚନା କରାଯାଇଥିଲା । ଏହି ସଚେତନ ଧର୍ମୀ କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀଙ୍କ ସମେତ ଛାତ୍ରଛାତ୍ରୀମାନେ ଯୌନ ନିର୍ଯାତନା ମୁକ୍ତ ଏକ ସୁରକ୍ଷିତ ସମ୍ମାନଜନକ ଶିକ୍ଷାନୁଷ୍ଠାନ ଏବଂ ଶିକ୍ଷଣ ପରିବେଶ ସୃଷ୍ଟି କରିବାର ଶପଥ ଗ୍ରହଣ କରିଥିଲେ । ଏହି କର୍ମଶାଳାରେ ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ତଥା ଶକ୍ତି-ଶ୍ରୀ ଆପ୍, ୧୮୧ ହେଲ୍ପଲାଇନ୍ ନମ୍ବର୍ ଆଦି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଏହା ସହ ସେପରି କିଛି ସମ୍ଭାବ୍ୟ ପରିସ୍ଥିତିରୁ କିପରି ମୁକୁଳି ହେବ ସେଥି ପ୍ରତି ସତର୍କ ରହିବାକୁ ବିଭିନ୍ନ ଯୋଜନା ସମ୍ବନ୍ଧରେ ଅଧକ୍ଷ ,ଅଧ୍ୟାପକ ଓ ଅଧ୍ୟାପିକାମାନେ ବିଶେଷ ଆଲୋକପାତ କରିଥିଲେ । ଏହି ଅବସରରେ ମହାବିଦ୍ୟାଳୟର ଅଭ୍ୟନ୍ତରୀଣ ଅଭିଯୋଗ ସମିତି ସଦସ୍ୟମାନଙ୍କ ପରିଚୟ ପ୍ରଦାନ କରାଯାଇଥିଲା । ସଦସ୍ୟମାନେ ନିଜ ନିଜ ଭୂମିକା ବିଷୟରେ ସୁନ୍ଦର ଭାବରେ ବୁଝାଇବା ସହ ଛାତ୍ରଛାତ୍ରୀମାନେ ନିଜେ ସଚେତନ ହୋଇ ଅନ୍ୟମାନଙ୍କୁ କିପରି ସଚେତନ କରାଇପାରିବେ ସେ ସମ୍ବନ୍ଧରେ କହିଥିଲେ ।

# ଗ୍ରାମାଞ୍ଚଳରେ ପାନୀୟଜଳ ବ୍ୟବସ୍ଥା ସୁଦୃଢ଼ ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ସମ୍ବଲପୁର, (ହି.ସ.) - ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଧନକଉଡା ବ୍ଲକ ଗସ୍ତ କରି ବିଭିନ୍ନ ବିକାଶମୂଳକ କାର୍ଯ୍ୟ ପରିଦର୍ଶନ କରିବା ସହିତ ଚାଷୀମାନଙ୍କ ସହ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ପରେ କାଳାମାଟି ଗ୍ରାମର ଡ୍ରାଗନ ଫଳ(କମଳମ) ଚାଷ, ଗୋଡଭଗା +୩ କଲେଜ, ବସନ୍ତପୁର ଗ୍ରାମ ପଂଚାୟତ ର ସାହଜଜବାହାଲ ଗ୍ରାମର ଟେରାକୋଟା କଳାକୃତି କର୍ମଶାଳା ପରିଦର୍ଶନ, ଆୟୁଷ ଆରୋଗ୍ୟ କେନ୍ଦ୍ର ପ୍ରଭୃତି ବିଭିନ୍ନ ବିକାଶ ମୂଳକ କାର୍ଯ୍ୟକୁ ସମୀକ୍ଷା କରିଥିଲେ । ଜିଲ୍ଲାପାଳ ଡ୍ରାଗନ ଫଳ ଚାଷକୁ ପ୍ରୋତ୍ସାହିତ କରିବାକୁ କ୍ଲଷ୍ଟର ଆଧାରିତ ପ୍ରଣାଳୀ ଗଠନ ଏବଂ କୃଷି ପର୍ଯ୍ୟଟନ ଉନ୍ନତି ପାଇଁ ପରାମର୍ଶ ଦେଇଛନ୍ତି । ଜିଲ୍ଲାପାଳ ଓଡ଼ିଶା ଜୀବିକା ମିସନ୍ (ଓଏଲମ) ଏବଂ ଓଡ଼ିଶା ଗ୍ରାମୀଣ ବିକାଶ ଓ ବିପଣନ ସୋସାଇଟି (ଓରମାସ) କୁ ଏହି ଉଦ୍ୟମରେ ସଂଯୁକ୍ତ ଭାବେ କାର୍ଯ୍ୟ କରିପାରିବେ ବୋଲି କହିଥିଲେ । ଗୋଡଭଗା +୩ କଲେଜର ବିକାଶମୂଳକ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାପାଳ ଟେରାକୋଟା କଳାକୃତି ଘର ପରିଦର୍ଶନ କରି ସ୍ଥାନୀୟ କାରିଗର ମାନଙ୍କର ଉନ୍ନତ ପ୍ରଶିକ୍ଷଣ ସୁବିଧା ପାଇଁ ପ୍ରସ୍ତାବ ଦେଇଛନ୍ତି ଏବଂ ଗ୍ରାମରେ ସମସ୍ତ ସୁବିଧା ଯୋଗାଇଦେବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି । ଧନକଉଡ଼ା ବ୍ଲକ ଉନ୍ନୟନ ଅଧିକାରୀ କୁ ଗ୍ରାମରେ ମୌଳିକ ସୁବିଧା ଯୋଗାଇଦେବା, ବିଶେଷକରି ସୁଦୃଢ଼ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

# କାନ୍ଥ ଭୁଶୁଡ଼ି ସ୍ୱାମୀ-ସ୍ତ୍ରୀ ଆହତ

## ବର୍ଷା ବିପ୍ଳାତ

ଚମ୍ପୁଆ, (ହି.ସ.) - ଲଗାଣ ବର୍ଷା ଯୋଗୁଁ ଚମ୍ପୁଆ ବ୍ଲକ୍ ଚନ୍ଦ୍ରଶେଖରପୁର ପଂଚାୟତ ଅନ୍ତର୍ଗତ କାଞ୍ଜିଆଶୁଳା ଗ୍ରାମରେ କାନ୍ଥ ପଡିବାରୁ ସ୍ୱାମୀ ଓ ସ୍ତ୍ରୀ ଆହତ ହେଇଥିବା ଜଣାପଡ଼ିଛି । ଚମ୍ପୁଆ ଅଞ୍ଚଳରେ ବର୍ଷା ଲାଗିରହିଥିଲା । ।ରାତି ପ୍ରାୟ ସାଢ଼େ ୯ଟା ସମୟରେ କାଞ୍ଜିଆଶୁଳା ପ୍ରାଥମିକ ବିଦ୍ୟାଳୟ ନିକଟରେ ରହୁଥିବା ବେଣୁଧର ଦାସ (୬୫) ଓ ତାଙ୍କ ସ୍ତ୍ରୀ କାନ୍ଥ ଦାସ (୫୫) ଖାଇପିଇ ଶୋଇଥିବା ବେଳେ ସେମାନଙ୍କ ଉପରେ ଘରକାନ୍ଥ ପଡିଯିବାରୁ ଦୁହେଁ କାନ୍ଥ ତଳେ ଚାପି ହୋଇଯାଇଥିଲେ । ସଙ୍ଗେ ସଙ୍ଗେ ପରିବାର ଲୋକେ ସେଠାରୁ ଉଦ୍ଧାର କରି ଚିକିତ୍ସା ପାଇଁ ଚମ୍ପୁଆ ଉପଖଣ୍ଡ ଡାକ୍ତରଖାନାକୁ ଆଣିଥିଲେ । ଚିକିତ୍ସା ପରେ ସେମାନଙ୍କ ଅବସ୍ଥା ସ୍ଥିର ରହିଛି । ତେବେ ଘର ଭାଙ୍ଗିବା ଯୋଗୁ ବେଣୁଧର ବେସାହାରା ହୋଇ ପଡିଛନ୍ତି । ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବୀ କରିଛନ୍ତି ।

## ହାତୀପଲଙ୍କ ଉତ୍ପାତ
# ଭାଙ୍ଗିଲେ ଘର, ଉଜାଡ଼ିଲେ ଫସଲ



ପାଟଣା : କେନ୍ଦୁଝରେ ଜିଲ୍ଲା ପାଟଣା ରେଞ୍ଜରେ ଭାଗଭାଗ ହୋଇ ବୁଲୁଛନ୍ତି ୨୯ ହାତୀ । ଗତ ସପ୍ତାହକ ମଧରେ ୫୦ରୁ ଉର୍ଦ୍ଧ୍ୱ ଘର ଭାଙ୍ଗିଲେଣି ଏହି ୨୯ ଟିକିଆ ହାତୀପଲ । ରବିବାର ବିଲମ୍ବିତ ରାତିରେ ୨୯ ଟିକିଆ ହାତୀପଲ ପାଟଣା ରେଞ୍ଜ ସୋରାସକୋଲା ପଞ୍ଚାୟତ ତୁଳସୀପୁରରେ ଥିବା ହରିହର ନନ୍ଦଅରଣ୍ୟାଶ୍ରମରେ ବ୍ୟାପକ ନଷ୍ଟ କରିଛନ୍ତି । ହାତୀପଲ ଆଶ୍ରମ ଘରର ୨ଖମ୍ବ ଭାଙ୍ଗିବା ସହ ୨ ନଡ଼ିଆ ଗଛ ଉପାଡ଼ି ପଇଡ ଡାଳପତ୍ର ନଷ୍ଟ କରିବା ସହ ଖାଇ ଯାଇଛନ୍ତି । ଏଥିସହ ଆଶ୍ରମର କଦଳୀ ବଗିଚାର ସମସ୍ତ ଗଛ ଖାଇବା ସହ ଦଳିଚକଟି ନଷ୍ଟ କରିଛନ୍ତି । ଏହି ପଞ୍ଚାୟତ ଜିଆଣିସାହିର ୨ଟି ଘର ଭାଙ୍ଗି ଚାଉଳ ଖାଇ ଦେଇଛନ୍ତି । ଏଥିସହ ତୁଳସୀପୁର ଅଙ୍ଗନୱାଡ଼ି କେନ୍ଦ୍ର ଝରକାକୁ ଭାଙ୍ଗି ଘର ଭିତରେ ପିଲାମାନଙ୍କ ପାଇଁ ଥିବା ମୁଢ଼ି, ଲଡୁ, ସୋଲାକୁ ଖାଇଦେଇଛନ୍ତି । ହାତୀପଲ ଏକ ସପ୍ତାହରୁ ଉର୍ଦ୍ଧ୍ୱ ହେବ ଏ ଅଞ୍ଚଳରେ ଆତଙ୍କ ଖେଳାଇ ଘରଦ୍ୱାର ଭାଙ୍ଗିବା ସହ ଧାନଚାଷକୁ ଦଳିଚକଟି ନଷ୍ଟ କରିଛନ୍ତି ।

# ଲିଫ୍ଟ ଦେବା ବାହାନାରେ ନାବାଳିକାକୁ ଦୁଷ୍କର୍ମ ଅଭିଯୋଗ

ମାଲକାନଗିରି, (ହି.ସ.)- ପୁଣି ଏକ ନାବାଳିକା ଦୁଷ୍କର୍ମ ମାମଲା ନଜରକୁ ଆସିଛି । ଏଭଳି ଅଭାବନୀୟ ଘଟଣା ଘଟିଛି ମାଲକାନଗିରି ଜିଲ୍ଲା ଓର୍କେଲ ଥାନା ଅଞ୍ଚଳରେ । ଜଣେ ନାବାଳିକା ସହ ଦୁଷ୍କର୍ମ ହୋଇଥିବା ଅଭିଯୋଗ ହୋଇଛି । ଲିଫ୍ଟ ଦେବା ବାହାନାରେ ଜଣେ ନାବାଳିକା ସହ ଦୁଷ୍କର୍ମ ହୋଇଥିବା ନେଇ ପୀଡିତାଙ୍କ ମାମୁ ଓର୍କେଲ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି । ସେହିପରି ଅନ୍ୟ ଏକ ଘଟଣାରେ ଖଇରପୁଟ ବ୍ଲକ ଅନ୍ତର୍ଗତ ମୁଦୁଲିପଡା ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗ ହୋଇଛି । ନାବାଳିକା ଜଣକ ଦୁଷ୍କର୍ମ ପରେ ଗର୍ଭବତୀ ହୋଇଥିଲେ । ତେବେ ନାବାଳିକା ଏକ ପୁତ୍ର ସନ୍ତାନ ଜନ୍ମ ଦେବା ପରେ ନବଜାତକର ମୃତ୍ୟୁ ହୋଇଥିଲା । ଏହାପରେ ପୀଡିତା ନିଜ ପରିବାର ସହ ମୁଦୁଲିପଡା ଥାନା ର ଦ୍ୱାରସ୍ଥ ହୋଇ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଜଣେ ଗିରଫ ହୋଇଥିବା ଜଣାପଡିଛି ।

# ‘ସମ୍ବଲପୁରୀ ଦିନ୍’ ପାଇଁ ସାଂସ୍କୃତିକ ଶୋଭାଯାତ୍ରା

ସମ୍ବଲପୁର, (ହି.ସ.)- ସମ୍ବଲପୁର ଜେଲ୍ ଛକ ନିକଟରେ ପଶ୍ଚିମାଂଚଳ ଏକତା ମଂଚ ତରଫରୁ ସମ୍ବଲପୁରୀ ଡେରା ଠାରେ ୧୩ ତମ ରାଜ୍ୟ ସ୍ତରୀୟ ‘ସମ୍ବଲପୁରୀ ଦିନ୍’ ଆୟୋଜିତ ହେବ । ସମ୍ବଲପୁରୀ ଦିନ ଆୟୋଜନ ପୂର୍ବରୁ ରବିବାର ଏକ ସାଂସ୍କୃତିକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଇଷ୍ଟଦେବୀ ସମଲେଇଙ୍କ ଠାରେ ପୂଜାର୍ଚ୍ଚନା କରାଯିବା ପରେ ବାଲିବନ୍ଧା ମନ୍ଦିର ଠାରୁ ଶୋଭାଯାତ୍ରା ଆରମ୍ଭ ହୋଇଥିଲା । ସମ୍ବଲପୁରର କଳାକାର ଏବଂ ପଶ୍ଚିମାଂଚଳ ଏକତା ମଂଚର କର୍ମକର୍ତ୍ତା ମାନେ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ଶୋଭାଯାତ୍ରା କୁଞ୍ଜେଲପଡା, ଝାଡୁଆପଡା, ନନ୍ଦପଡା, ହାଟପଡା, ଦଲେଇପଡା, ମୁନିସିପାଲିଟି ଛକ ଦେଇ ଗୁରୁ ସତ୍ୟ ନାରାୟଣ ସମ୍ବଲପୁରୀ ଡେରା କୁ ପହଂଚିଥିଲା । ପୂର୍ବତନ ମନ୍ତ୍ରୀ ତଥା ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ପୂର୍ବତନ ରେଙ୍ଗାଲି ବିଧାୟକ ନାଉରୀ ନାୟକ, ବରିଷ୍ଠ ଆଇନଜୀବୀ ଡ଼.ପ୍ରମୋଦ ରଥ ମଧ ଶୋଭାଯାତ୍ରାରେ ସମିଲ ହୋଇ ସମସ୍ତଙ୍କର ଉତ୍ସାହ ବର୍ଦ୍ଧନ କରିଥିଲେ । ଏହାପରେ ଗୁରୁଶ୍ରୀ ଇଷ୍ଟଦେବୀ ମାଁ ସମଲେଶ୍ୱରୀଙ୍କ ପ୍ରତିମୂର୍ତ୍ତି ଓ ସତ୍ୟ ନାରାୟଣ ବହିଦାରଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଶୋଭାଯାତ୍ରା ରେ ଶତାଧିକ କଳାକାର ପଶ୍ଚିମାଂଚଳ ଯୁବ ଏକତା ମଂଚ, ଯୋଗ ପରିବାର, ଆପ୍ରାଇଜ ମହାବିଦ୍ୟାଳୟ ଏବଂ ନାରୀଶକ୍ତିର ସଦସ୍ୟ ମାନେ ସାମିଲ ହୋଇଥିଲେ । କାର୍ଯ୍ୟକ୍ରମରେ ଝୁନୁ ତ୍ରିପାଠୀ ପଙ୍କଜିନୀ ମେହେର, କାନ୍ତୀ ମେହେର, ସ୍ୱସ୍ତିକା ନାୟକ, ପଙ୍କଜିନୀ ବୈଠାରୁ, ସଂଘମିତ୍ରା ପଣ୍ଡା, ଶ୍ରୀମୟୀ ସାହୁ, ଭୂମୀସୂତା ମେହେର, ଲତିତା ଭୋଇ, ଯାମିନୀ ଠାକୁର, ଜୁଲି ମହାପାତ୍ର, ଅଳକା ମହାପାତ୍ର, ସୁଜାତା ଗୁରୁ, ଛବି ପତି, ତୃପ୍ତୀ ପଣ୍ଡା, ଦେବୀ ପ୍ରସାଦ ଭୋଇ, ପଥମ ପଣ୍ଡା, ସ୍ୱୟଂ ପ୍ରକାଶ ପଣ୍ଡା, ଦଶରଥ ମେହେର, ରାଜେଶ ସାଇଁ, ରାହୁଲ ମୋଦକ, ରାହୁଲ ଗୁପ୍ତା, କିଶୋର ଧରେଇ, ସୁରେନ୍ଦ୍ର ବଗର୍ତୀ, ନିଶିକାନ୍ତ ବିଶ୍ୱାଲ, କ୍ଷିତୀଶ ବାଗ, ହିମାଂଶୁ ସାହୁ, ପ୍ରାଶିସ ପଣ୍ଡା, ଶଙ୍କର ମେହେର, ସୁବୋଧ ଦୋରା, ଆବାହକ ଭବାନୀଶ ଭୋଇ, ମୁଖ୍ୟ ସଂଯୋଜକ ମାନସ ବକ୍ସି ପ୍ରମୁଖ ସାମିଲ ଥିଲେ ।

# ଆଇନ ସଚେତନତା ଶିବିର

ବଲାଙ୍ଗିର, (ହି.ସ.)- ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଲିଟିଲ ଫ୍ଲାୱାର ସ୍କୁଲ, ବଲାଙ୍ଗିର ଠାରେ ‘ଆଇନ ଏବଂ କର୍ତବ୍ୟ, ପୋକ୍ସୋ ଏବଂ ପୋସ ଆଇନର ବିଶେଷ ଉଲ୍ଲେଖ’ ଉପରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରାଧିକରଣର ଅଧକ୍ଷ ଡାଃ. ପବିତ୍ର ମୋହନ ସାମଲ ଯୋଗଦେଇ ଆଇନ ଓ କର୍ତବ୍ୟ ସହିତ ଶିଶୁ ମାନଙ୍କ ଉପରେ ହେଉଥିବା ଯୌନ ଅତ୍ୟାଚାର ଏବଂ କର୍ମ କ୍ଷେତ୍ରରେ ମହିଳା ମାନଙ୍କ ଉପରେ ହେଉଥିବା ଯୌନ ଅତ୍ୟାଚାର ଓ ତାର ପ୍ରତିକାର ଉପରେ ଆଲୋକପାତ କରିଥିଲେ । ପରିବାର ଅଦାଲତର ଜଜ ବିକ୍ରମ କେଶରୀ ପଟ୍ଟନାୟକ “ପୋକ୍ସୋ ଓ ପୋସ” ଆଇନର ବିଭିନ୍ନ ପ୍ରକାରର ଦଣ୍ଡ ବିଧାନ ଉପରେ ଆଲୋକପାତ କରିଥିଲେ । ଏହି ଶିବିରରେ ଜଜ ପୋକ୍ସୋ କୋର୍ଟ ସୁନନ୍ଦା ପାଢ଼ୀ “ପୋକ୍ସୋ” ଆଇନର ବିଭିନ୍ନ ଦିଗ ଉପରେ ସଚେତନତା କରାଇଥିଲେ ଓ ଜଜ ଜେଏମଏଫସି ଅର୍ଘ୍ୟରୂପା ମିଶ୍ର ପୋସ ଆଇନ ଉପରେ ଆଲୋକପାତ କରିବା ସହିତ ପୋସ ଆଇନରେ ଥିବା ବିଭିନ୍ନ କମିଟିର କାର୍ଯ୍ୟକାରୀତା ଉପରେ ଅବଗତ କରାଇଥିଲେ । ପ୍ରାଧିକରଣର ସଚିବ ପବିତ୍ରାନନ୍ଦ ପ୍ରଧାନ ଆଇନ ସେବା ପ୍ରାଧିକରଣର କାର୍ଯ୍ୟକ୍ରମ ଓ ମହିଳା ଏବଂ ଶିଶୁ ମାନଙ୍କ ଉଦ୍ଦେଶ୍ୟରେ ଜାତୀୟ ଆଇନ ସେବା ପ୍ରାଧିକରଣ (ନାଲସା)ର ବିଭିନ୍ନ ଯୋଜନା ଉପରେ ଅବଗତ କରିଥିଲେ । ବିଦ୍ୟାଳୟର ଅଧକ୍ଷ ସ୍ୱାଗତ ଭାଷଣ ଦେବା ସହିତ ଛାତ୍ରଛାତ୍ରୀ ମାନଙ୍କୁ ଉତମ ମଣିଷ ହେବା ସହ ସମାଜ ସେବା କରିବା ପାଇଁ ଉପଦେଶ ଦେଇଥିଲେ ।

# ଏନ୍‌ଆଇ ଆକ୍ଟ ଉପରେ ଜିଲ୍ଲାସ୍ତରୀୟ ଲୋକ ଅଦାଲତ

ଜୟପୁର, (ହି.ସ.) - ଓଡ଼ିଶା ରାଜ୍ୟଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ ଅନୁଯାୟୀ ଜିଲ୍ଲା ଆଇନ ସେବା ପ୍ରାଧିକରଣ, କୋରାପୁଟ-ଜୟପୁର ଠାରେ ଜିଲ୍ଲା ସ୍ତରୀୟ ଲୋକ ଅଦାଲତ କରାଯାଇଥିଲା । ଏହି ଲୋକ ଅଦାଲତରେ କେବଳ ଏନଆଇ ଆକ୍ଟ କେସେସ୍ ଅଣ୍ଡର ସେକ୍ସନ୍ ୧୩୮ ମାମଲା ଉପରେ ଆପୋଷ ସହମତିରେ ସମାଧାନ କରାଯାଇଥିଲା । ଏହି ଜିଲ୍ଲା ସ୍ତରୀୟ ଲୋକ ଅଦାଲତରେ ଜିଲ୍ଲା ଦୌରା ଜଜ୍ ତଥା ଅଧକ୍ଷ ଜିଲ୍ଲା ଆଇନ ସେବା ପ୍ରାଧିକରଣ, କୋରାପୁଟ-ଜୟପୁର ପ୍ରଦୀପ କୁମାର ମହନ୍ତ, ରେଜିଷ୍ଟ୍ରାର୍ ସିଭିଲ୍ କୋର୍ଟ, ଶ୍ରୀ ବିଷ୍ଣୁ ପ୍ରାସାଦ ଦେବତା, ସଚିବ ତଥା ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତ ବିଚାରପତି ଶ୍ରୀମତୀ ପ୍ରଦ୍ୟୋମୟୀ ସୁଜାତା, ଏସ୍.ଡି.ଜେ.ଏମ୍, ସନ୍ତୋଷ କୁମାର ବାରିକ ଓ ପ୍ରଥମ ଶ୍ରେଣୀ ବିଚାବିଭାଗୀୟ ଦଣ୍ଡାଧିକରି ହରମୋହନ ଦାସ ଉପସ୍ଥିତ ରହି ମୋକଦ୍ଦମା ସମାଧାନ କରିଥିଲେ । ଏହି ଜିଲ୍ଲା ସ୍ତରୀୟ ଲୋକ ଅଦାଲତରେ ସମୁଦାୟ ମକଦ୍ଦମା ୪୯ ଗୋଟି ମାମଲାରୁ ୧୨ ଗୋଟି ଏନ.ଆଇ. ଆକ୍ଟ କେସେସ୍ ଅଣ୍ଡର ସେକ୍ସନ୍ ୧୩୮ ମାମଲାରେ ଫଇସଲା କରାଯାଇ ୩୭,୪୫,୭୭୭- ଟଙ୍କା ଧାର୍ଯ୍ୟ କରାଯାଇଥିଲା ।

# ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀଙ୍କ ପରଲୋକ

ଭବାନୀପାଟଣା: କଳାହାଣ୍ଡି ଜିଲା ଭବାନୀପାଟଣା ଭାଜପା ନଗର ମହିଳା ମୋର୍ଚ୍ଚା ସଭାନେତ୍ରୀ ଗୀତାଞ୍ଜଳୀ ସାହୁ(୪୮)ଙ୍କ ରବିବାର ବିଳମ୍ବିତ ରାତ୍ରିରେ ପରଲୋକ ହୋଇଯାଇଛି । ଗତ କିଛି ମାସ ହେଲା ସେ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ । ରବିବାର ବିଳମ୍ବିତ ରାତ୍ରିରେ ଚିକିତ୍ସାଧୀନ ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ପରଲୋକ ହୋଇଯାଇଛି । ତାଙ୍କ ପରଲୋକ ଖବର ଶୁଣି ଭାଜପା କାର୍ଯ୍ୟକର୍ତ୍ତା ତଥା ଅଞ୍ଚଳବାସୀଙ୍କ ମଧରେ ଶୋକର ଛାୟା ଖେଳିଯାଇଛି । ଗୀତାଞ୍ଜଳୀଙ୍କ ପରଲୋକ ଦଳ ପାଇଁ ଅପୂରଣୀୟ କ୍ଷତି ଓ ଜଣେ ନିଷ୍ଠାବାନ ମହିଳା ନେତ୍ରୀଙ୍କୁ ହରେଇ ଆମେ ଦୁଃଖିତ ବୋଲି ଅନେକ କାର୍ଯ୍ୟକର୍ତ୍ତା ନିଜ ଫେସବୁକ ପେଜରେ ପୋଷ୍ଟ କରି ଦୁଃଖ ପ୍ରକାଶ କରିଛନ୍ତି ।

# ମାଟି ଗୋଲା ବାଉଁଶ ମଞ୍ଜି ରୋପଣ କାର୍ଯ୍ୟକ୍ରମ

କେନ୍ଦୁଝର, (ହି.ସ.) - ବଣୁଆ ହାତୀକୁ ଗାଁ ମୁହଁ ରୋକିବା ନିମନ୍ତେ ଆରମ୍ଭ ହୋଇଛି ଅଭିନବ ପ୍ରୟାସ । ଅଟେଇ ସଂରକ୍ଷିତ ଜଙ୍ଗଲର ବିଭିନ୍ନ ପ୍ରକାର ଜୀବଜନ୍ତୁ ଲାଗି ଆରମ୍ଭ ହୋଇଛି ଖାଦ୍ୟ ପ୍ରସ୍ତୁତ ପ୍ରଣାଳୀ । ଖାଦ୍ୟ ଅଭାବରୁ ଜଙ୍ଗଲ ନିକଟସ୍ଥ ଗାଁଗୁଡିକକୁ ଚାଲିଆସୁଥିବାରୁ ବନ ବିଭାଗ ପକ୍ଷରୁ ଖାଦ୍ୟ ଉପନ ଲାଗି ଜାରୀ ରହିଛି ନୂଆ ପ୍ରୟାସ । ପ୍ରକାଶ ଥାଉକି ଘଟଗାଁ ରେଞ୍ଜ ଅନ୍ତର୍ଗତ ଅଟେଇ ସଫାରୀ ସଂରକ୍ଷିତ ଜଙ୍ଗଲରେ ମାଟି ଗୋଳା ମାଧମରେ ବାଉଁଶ ମଞ୍ଜି ରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା । ଉଲ୍ଲେଖନୀୟ ଯେ ବଣୁଆ ହାତୀ ଓ ଜୀବଜନ୍ତୁ ଜଙ୍ଗଲରେ ବାଉଁଶ ଗଛର ପତ୍ର କୁ ନିଜର ଉତ୍କୃଷ୍ଟ ଖାଦ୍ୟ ରୂପେ ବ୍ୟବହାର କରିଥାନ୍ତି । ଏଥି ପାଇଁ ବାଉଁଶ ମଞ୍ଜିକୁ ମାଟିରେ ବିଭିନ୍ନ ଜୈବ ପଦାର୍ଥ କରି ପେଣ୍ଡୁ କରାଯାଇ ଜଙ୍ଗଲର ବିଭିନ୍ନ ପାର୍ଶ୍ୱକୁ ଫିଙ୍ଗା ଯାଇଥିଲା । ସେହି ପିଣ୍ଡୁଳା ବର୍ଷାପାଣି ପାଇବା ପରେ ଗଛ ସୃଷ୍ଟି ହେବା ସହ ଧୀରେ ଧୀରେ ଗଛ ବଡ଼ ହୋଇଥାଏ । ସେଥିରୁ ଯେଉଁ ବାଉଁଶ ପତ୍ର ସୃଷ୍ଟି ହେବ ଜଙ୍ଗଲ ବନ୍ୟ ଜନ୍ତୁ ନିଜର ଖାଦ୍ୟ ରୂପେ ଗ୍ରହଣ କରିବେ ଓ ଗାଁ ମୁହାଁ ହେବେ ନାହିଁ । ଏହି ପ୍ରୟାସ ଜଙ୍ଗଲ ସଫାରୀରେ ପ୍ରଥମ ଥର ପାଇଁ କରାଯାଇଛି । ଆଜି ଅଟେଇ ଜଙ୍ଗଲରେ ଜିଲ୍ଲା ବନ ଅଧିକାରୀଏଚ.ଡ଼ି.ଧନରାଜ, ,ସାଂସଦ ପ୍ରତିନିଧି ଅଖିଳ ପାତ୍ର, ବିଡ଼ିଓ ଖଗେଶ୍ୱର ବରାଳ,ବନାଂଚଳ ଅଧିକାରୀ ସରୋଜ କୁମାର ମିଶ୍ର,ଜିଲ୍ଲା ପରିଷଦ ସଦସ୍ୟ ସୁରେନ୍ଦ୍ର ଜେନା, ବଡଜାମ୍ବୁପାସି ସରପଂଚ ଯମୁନା ମୁଣ୍ଡା,ସମାଜସେବୀ ହରିହର ବାରିକ, ଗଣମାଧମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ରହି ମାଟି ଗୋଲା ବାଉଁଶ ମଞ୍ଜି ରୋପଣ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ଘଟଗାଁ ବନପାଳ ଯତୀନ୍ଦ୍ର କୁମାର ସାହୁ, ଢେଙ୍କିକୋଟ ବନପାଳ ନଗେନ୍ଦ୍ର ଜେନା, ଦେଓବନ୍ଧ ବନପାଳ ଶରଣ କୁମାର ବାରିକ, ରଂଜିତ ପଲେଇ,ବନରକ୍ଷୀ ଓମ ପ୍ରକାଶ ଜେନା, ପୂଜାରାଣୀ ବଳ,ପ୍ରମୁଖ ସହଯୋଗ କରିଥିଲେ ।

# ଜୀବନ କୌଶଳ ଦକ୍ଷତା ତାଲିମ୍

ବଲାଙ୍ଗୀର, (ହି.ସ.) – ଆଗଲପୁର ବ୍ଲକର ଝରଣୀପାଲି ଓ ନୁନିଆପାଲି ପଂଚାୟତର ପାଣ୍ଡେସରା କମ୍ୟୁନିଟି ହଲ ଠାରେ ପଲ୍ଲୀ ଆଲୋକ ପାଠାଗାର ନଅଗାଁ(ଖ) ତରଫରୁ ସ୍ଥାନୀୟ କିଶୋରୀ ସଂଘର ଲିଡରଙ୍କୁ ନେଇ ଜୀବନ କୌଶଳ ଦକ୍ଷତା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ କିଶୋରୀମାନେ କିଭଳି ଜୀବନ କୌଶଳ ଦକ୍ଷତା ଅବଲମ୍ବନ କରି ନିଜ ଜୀବନକୁ ସରସ ସୁନ୍ଦର କରିପାରିବେ ସେ ଉପରେ ସଚେତନ କରାଯାଇଥିଲା । ଏଥିସହିତ ସବୁଜ ପନିପରିବା ତଥା ପୃଷ୍ଟିକର ଖାଦ୍ୟ ଏବଂ ଶରୀର ଗଠନ କାରି ଖାଦ୍ୟକୁ ଗୁରୁତ୍ୱ ଦେବାସହ ପରିଷ୍କାର, ପରିଚ୍ଛନ୍ନତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ପାଂଚଟି ମାଡୁଲ, ଯଥା କିଶୋରୀ ସଂଘ ଗଠନ, ଚିନ୍ତନ ଦକ୍ଷତା, ବୁଝାମଣା ଦକ୍ଷତା, ପୃଷ୍ଟିକର ଖାଦ୍ୟ ଓ ପରିଷ୍କାର ପରିଚ୍ଛନତା ଉପରେ ବିଭିନ୍ନ ଗୀତ, ଗପ, ନାଚ କାର୍ଯ୍ୟକ୍ରମ ମାଧମରେ କିଶୋରୀମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା । ଏଥିରେ ପ୍ରାୟ ୬୫ ଜଣ କିଶୋରୀ ସକ୍ରିୟ ଅଂଶଗ୍ରହଣ କରିଥିଲେ । ପ୍ରହଲ୍ଲାଦ ପଧାନ, ଅଭିଜିତ ମିଶ୍ର, ସୁଶାନ୍ତ ସା, ନମିତା ପଧାନ, ବର୍ଷା ଯୁଆଡି ପ୍ରମୁଖ ତାଲିମ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ଓଡ଼ିଶା ରାଜସ୍ୱ ଅମଲା ସଂଘର ସାଧାରଣ ପରିଷଦ ବୈଠକ

ଫୁଲବାଣୀ, (ହି.ସ.): କନ୍ଧମାଳ ଜିଲ୍ଲା ସଦର ମହକୁମା ଫୁଲବାଣୀ ଠାରେ ସମନ୍ୱିତ ଆଦିବାସୀ ଜନଜାତି ଉନ୍ନୟନ ସଂସ୍ଥାର ସମ୍ମିଳନୀ କକ୍ଷରେ ଓଡିଶା ରାଜସ୍ୱ ଅମଲା ସଂଘ ଜିଲ୍ଲା ଶାଖା କନ୍ଧମାଳର ଏକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲା ସଭାପତି ପ୍ରକାଶ ଚନ୍ଦ୍ର ସାହୁ ଅଧକ୍ଷତା କରିଥିଲେ । ଏହି ଅବସରରେ ସମ୍ମାନିତ ଅତିଥି ଭାବରେ ଓଡିଶା ରାଜସ୍ୱ ଅମଲା ସଂଘର ରାଜ୍ୟ ସଭାପତି ତ୍ରିପତି ବାଲାଜୀ ସାହୁ, ସାଧାରଣ ସମ୍ପାଦକ ନରେଶ ଚନ୍ଦ୍ର ମହାପାତ୍ର, କାର୍ଯ୍ୟକାରୀ ପରିଷଦ ଅଧକ୍ଷ ପ୍ରସନ୍ନ କୁମାର ନାୟକ, ସଂଗଠନ ସମ୍ପାଦକ ରମାକାନ୍ତ ସାହୁ, ରାଜ୍ୟ କୋଷାଧକ୍ଷ କିର୍ତୀ ରଞ୍ଜନ ପ୍ରଧାନ, ଦକ୍ଷିଣାଚଂଳ ଖଣ୍ଡିୟ ସଭାପତି କୈଳାଶ ଚନ୍ଦ୍ର ଦାସ, କୋରାପୁଟ ଜିଲ୍ଲା ସମ୍ପାଦକ ନିତ୍ୟାନନ୍ଦ ଭତ୍ରା, ବୌଦ୍ଧ ଜିଲ୍ଲା ସଭାପତି ମାନସ ରଞ୍ଜନ ସେଠି, ଖୋର୍ଦ୍ଧା ଜିଲ୍ଲା ସମ୍ପାଦକ ଅରୁଣ କୁମାର ମୁଦୁଲି, କଟକ ଜିଲ୍ଲାର ସମ୍ପାଦକ ସୂର୍ଯ୍ୟକାନ୍ତ ପାଣି, ନେତୃ ବୃନ୍ଦ ମଂଚାସୀନ ଥିଲେ । ସଭାର ପ୍ରାରମ୍ଭରେ ଜଗତର ନାଥ ଜଗନ୍ନାଥଙ୍କ ନିକଟରେ ଅତିଥି ମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା ଓ ଜିଲ୍ଲା ସଂଘ କାର୍ଯ୍ୟକର୍ତାଙ୍କର କାର୍ଯ୍ୟକାଳ ଶେଷ ହୋଇଯାଇଥିବାରୁ ସର୍ବସମ୍ମତି କ୍ରମେ ନୂତନ କର୍ମକର୍ତା ଚୟନ ହୋଇଥିଲା । ଜିଲ୍ଲା ସଭାପତି ଭାବେ ଗଣେଶ ନାୟକ, ଉପସଭାପତି କେ. ଗୌତମ ରାଓ (ବାଲିଗୁଡା ଉପଖଣ୍ଡ), ରୁପମ୍ବିକା ତ୍ରିପାଠୀ (ଫୁଲବାଣୀ ଉପଖଣ୍ଡ), ସମ୍ପାଦକ ସିମାଚଂଳ ପଣ୍ଡା, କୋଷାଧକ୍ଷ ସୁନୀତ କୁମାର ଦଳବେହେରା, ଯୁଗ୍ମ ସମ୍ପାଦକ ନିଖିଲ ଚନ୍ଦ୍ର ସାହା, ସଂଗଠନ ସମ୍ପାଦକ ବିଶ୍ୱଜିତ ପଣ୍ଡା, କ୍ଷୀରାବ୍ଧିତନୟା ଦିଗାଲ ଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଗଲା ଓ ଶେଷରେ ନୂତନ କର୍ମକର୍ତାଙ୍କୁ ରାଜ୍ୟ ସାଧାରଣ ସମ୍ପାଦକ ଶ୍ରୀ ମହାପାତ୍ର ଶପଥପାଠ କରାଇଥିଲେ । ବୈଠକରେ ସଂଘର ଆଗାମୀ କାର୍ଯ୍ୟପନ୍ଥା ବିଷୟରେ ବିସ୍ତୃତ ଆଲୋଚନା କରଯାଇଥିଲା ଓ ଏହି ଅବସରରେ ଜିଲ୍ଲାର ଦୁଇଟି ଉପଖଣ୍ଡ ସ୍ତରର ରାଜସ୍ୱ ଅମଲା ବହୁତ ସଂଖ୍ୟାରେ ଯୋଗଦାନ କରିଥିଲେ ।

ସ୍ଥିର ଲକ୍ଷ୍ୟ, ନିଷ୍ଠାବାନ ନେତୃତ୍ୱ ଓ ପରିଶ୍ରମୀ କର୍ମୀ ଏତିକି ଉପାଦାନର ସମାବେଶରେ ଭାରତର ଜନତା ଯେ ଅସାଧ୍ୟ ସାଧନ କରିପାରନ୍ତି ତାହା ବାରମ୍ବାର ପ୍ରମାଣିତ ହୋଇଛି ।

(ଗାଁ ମଜଲିସ, ୭ମ ଖଣ୍ଡ, ପୃଷ୍ଠା-୨)

-ଡକ୍ଟର ହରେକୃଷ୍ଣ ମହତାବ

ପ୍ରଜାତନ୍ତ୍ର

ତା ୨୯।୭।୨୦୨୫ ■ ମଙ୍ଗଳବାର

# ଦୁରାଗ୍ରହର ପରିଧି

ବଡ଼ ବିଚିତ୍ର ବିଡ଼ମ୍ବନାର ବିଷୟ ଏହି ଯେ ଯେଉଁ ଯୁଗରେ ବିଶ୍ୱସାରା କୌଣସି ସମାଜର ବିକାଶକୁ ଆଧୁନିକତାର ଆଇନାରେ ଦେଖିବାକୁ ଆଗ୍ରହ ହୋଇଥାଏ, ତହିଁରେ ଏପରି କିଛି ଘଟଣା ଅନେକମାତ୍ରାରେ ବିଫଳତାକୁ ରେଖାଙ୍କିତ କରିଦିଏ । ଏପରି ସାମାଜିକ ପ୍ରବୃତ୍ତିଗୁଡ଼ିକର କାରଣ ତେଣୁ ଖୋଜିବା କଷ୍ଟକର ହୋଇପଡ଼େ, ଯହିଁରେ ଆଉ ଏକ ସମାଜ ସଭ୍ୟତାର ମାନଦଣ୍ଡ ଉପରେ ଅନ୍ୟ ତୁଳନାରେ ନିଜକୁ ଶ୍ରେଷ୍ଠ ବୋଲି ଦାବି କରେ, କିନ୍ତୁ ସେଇଠି ଆଉ କିଛି ଲୋକଙ୍କର ବ୍ୟବହାର ଏପରି ମଧ ହୋଇଥାଏ ଯାହା ସେମାନଙ୍କ ଦୁରାଗ୍ରହ ଓ କୁଣ୍ଠାରେ ଭର୍ତ୍ତି ଥିବା ଭଳି ସୂଚନା ଦିଏ । ଉଲ୍ଲେଖଯୋଗ୍ୟ ଯେ ଅଷ୍ଟ୍ରେଲିଆର ମେଲବର୍ଣ୍ଣସ୍ଥିତ ଏକ ହିନ୍ଦୁ ମନ୍ଦିର ଓ ଦୁଇଟି ଏସୀୟ ରେଷ୍ଟୋରାଁର କାନ୍ଥକୁ ବର୍ଣ୍ଣବାଦୀ ଭିତ୍ତିଚିତ୍ର ଦ୍ୱାରା ବିକୃତ କରିଦିଆଗଲା ଓ ବର୍ଣ୍ଣବୈଷମ୍ୟ ପ୍ରଚାର ଲେଖାଗଲା । ଖବର ମୁତାବକ, ସେଠାରେ ସ୍ଥାନୀୟ ପୋଲିସ ଏ ଘଟଣାକୁ ସତ୍ୟ ବୋଲି ମାନି କହିଲା ଆମ ସମାଜରେ ଘୃଣା ଆଧାରିତ ଓ ବର୍ଣ୍ଣବୈଷମ୍ୟବାଦୀ ବ୍ୟବହାରର ଆଦୌ ସ୍ଥାନ ନାହିଁ । ଅର୍ଥାତ୍ ଯେଉଁ ଲୋକମାନେ ବର୍ଣ୍ଣବିଦ୍ୱେଷ ପ୍ରଚାର ଲାଗି ଉଦ୍ୟମ କଲେ, ତାଙ୍କ ପ୍ରତି ସ୍ଥାନୀୟ ସ୍ତରରେ କୌଣସି ବ୍ୟାପକ ସମର୍ଥନ ନାହିଁ।

ଏହା ସତ୍ତ୍ୱେ ଅଧିକାଂଶ ସମୟରେ ଏପ୍ରକାର ଘଟଣା ଘଟୁଥିବା ଖବର ନଜରକୁ ଆସୁଛି ଯାହା ଦର୍ଶାଉଛି ଯେ ଅଷ୍ଟ୍ରେଲିଆର ସାମାଜିକ ବିକାଶ ସତ୍ତ୍ୱେ କିଛି ଦୁର୍ବଳତା ମଧ ବଳବତ୍ତର ରହିଛି । ଭାରତୀୟ ଓ ଏସୀୟ ପରିଚୟର ବ୍ୟକ୍ତିମାନଙ୍କୁ ଟାର୍ଗେଟ କରି ମେଲବର୍ଣ୍ଣରେ ଏ ପ୍ରକାର ବର୍ଣ୍ଣବିଦ୍ୱେଷ ଦୁରାଗ୍ରହର ପ୍ରଦର୍ଶନ କରାଯିବା ଆଦୌ ପ୍ରଥମ ଘଟଣା ନୁହେଁ । ବିଗତ କିଛିବର୍ଷ ଭିତରେ ଅଷ୍ଟ୍ରେଲିଆରେ ଏ ପ୍ରକୃତି ସାମନାକୁ ଆସିଛି । ଏହାଛଡ଼ା, କନାଡା, ବ୍ରିଟେନ, ଆମେରିକା, ନିଉଜିଲ୍ୟାଣ୍ଡ ଓ ଅନ୍ୟ କେତେକ ଦେଶରେ ମଧ ଭାରତୀୟଙ୍କ ଉପରେ ବର୍ଣ୍ଣବିଦ୍ୱେଷ ଆକ୍ରମଣ ହୋଇଛି, ଘୃଣାଭରା ଟିପ୍ପଣୀ କରାଯାଇଛି ଓ ପ୍ରତ୍ୟକ୍ଷ ଭାବେ ଅପମାନିତ କରିବା ଲାଗି ଉଦ୍ୟମ ମଧ ହୋଇଛି । ଏପରି ଅନେକ ଘଟଣା ଘଟିଛି, ଯେଉଁଠି କୌଣସି ବ୍ୟକ୍ତିକୁ ବିନା କାରଣରେ, କେବଳ ଭାରତୀୟ ପରିଚୟ ଆଧାରରେ, ମରଣାନ୍ତକ ଆକ୍ରମଣ କରାଯାଇଛି । ପ୍ରଶ୍ନ ହେଉଛି ଏପ୍ରକାର ଆକ୍ରମଣ କରାଯାଉଛି କାହିଁକି ? କେଉଁ କାରଣରୁ ବିଗତ ବର୍ଷମାନଙ୍କରେ ଭିନ୍ନ ଭିନ୍ନ ଦେଶରେ ଭାରତୀୟମାନଙ୍କ ପ୍ରତି ଏପ୍ରକାର ଆକ୍ରମଣ ସଂଖ୍ୟା ବୃଦ୍ଧି ପାଉଛି? ଯେଉଁ ସମୟରେ ଭାରତ ଆନ୍ତର୍ଜାତିକ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ନିଜର ପ୍ରମୁଖ ଭୂମିକା ପ୍ରଦର୍ଶନ କରୁଛି, ସେତେବେଳେ ଭାରତୀୟଙ୍କ ପ୍ରତି ଓ ତାଙ୍କ ଆସ୍ଥା ଉପରେ ଚୋଟ ପକାଇଲା ଭଳି ଘଟଣା କେବଳ ଚିନ୍ତା ଉଦ୍ରେକ ଭିତରେ ସୀମିତ ରହିଯାଉଛି କାହିଁକି ?

କ'ଣ ଏହାକୁ କୂଟନୈତିକ ସ୍ତରରେ ଏକ ବିଫଳତା ଭାବେ ଦେଖାଯିବ ଯେ ସଂପୃକ୍ତ ଦେଶ ଓ ସେଠାକାର ସରକାର ଭାରତୀୟଙ୍କ ପ୍ରତି ବର୍ଣ୍ଣବିଦ୍ୱେଷୀ ଘୃଣା ପ୍ରଚାର କରୁଥିବା ତତ୍ତ୍ୱଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଇଚ୍ଛୁକ ନୁହନ୍ତି ଓ ଏଇଥିପାଇଁ ଏପ୍ରକାର ଘଟଣା ବୃଦ୍ଧି ପାଇଚାଲିଛି ? ଯେଉଁ ଦେଶସବୁ ଆର୍ଥିକ ଦୃଷ୍ଟିକୋଣରୁ ବିକଶିତ ଦେଶ ଶ୍ରେଣୀଭୁକ୍ତ, ସେସବୁଠି ଏପ୍ରକାର ସ୍ଥିତି ସୃଷ୍ଟି ହେଉଛି ଓ ଅନ୍ୟ ବର୍ଣ୍ଣର ବ୍ୟକ୍ତିମାନଙ୍କୁ, ସଂପ୍ରଦାୟଙ୍କୁ ନିମ୍ନ ବିଚାର କରି ଅମାନବୀୟ ଆଚରଣ କରୁଛନ୍ତି । ପ୍ରଶ୍ନ ହେଉଛି ଘୃଣାରେ ଭରା କୌଣସି ବ୍ୟକ୍ତି କି ସମାଜ ସଭ୍ୟ କି ଆଧୁନିକ ବୋଲି କିପରି ନିଜକୁ ମାନିନେଇ ପାରିବ ? ବର୍ଣ୍ଣବିଦ୍ୱେଷ ଦୁରାଗ୍ରହରେ ଭରା କିଛି ଲୋକ ଏ ଦିଗ ପ୍ରତି କେବେ ବିଚାର ବିବେଚନା କରିବାକୁ ଉଦ୍ୟମ କରିନାହାନ୍ତି ଯେ ସେମାନଙ୍କ ଉତ୍ପାତ ଯୋଗୁଁ ଉପୁଜିଥିବା ପ୍ରଶ୍ନର ଉତ୍ତର ଅନ୍ୟମାନଙ୍କୁ ଦେବାକୁ ପଡୁଛି । ବର୍ଣ୍ଣବିଦ୍ୱେଷ ଘୃଣାରେ ବୁଡ଼ିରହିଥିବା ବ୍ୟକ୍ତି ଓ ସମାଜର ପରିଣାମ ହେଉଛି ଆକ୍ରମଣାତ୍ମକ ବ୍ୟବହାର ଓ ହିଂସାଚରଣ ବୃଦ୍ଧି । ଏହାର ପରିଣାମ ଏକାସାଥୀରେ ସବୁ ପକ୍ଷକୁ ଭୋଗିବାକୁ ପଡ଼ିଥାଏ । ❑❑

# ଶାସ୍ତ୍ରରୁ ଜୀବନ୍ତ ବାର୍ତ୍ତା

ଶାସ୍ତ୍ରଗୁଡ଼ିକ ଜୀବନ୍ତ ବାର୍ତ୍ତା ବହନ କରିଥାନ୍ତି। ଭଗବାନଙ୍କ ମୂର୍ତ୍ତିଗୁଡ଼ିକ ଜୀବନ୍ତ ଶିକ୍ଷା ପ୍ରଦାନ କରିଥାନ୍ତି। ସେମାନେ କାଠ ବା ପଥର ନୁହଁନ୍ତି। ଥରେ ରାଣୀ ରାସମଣୀଙ୍କ କୃଷ୍ଣ ମନ୍ଦିରର କୃଷ୍ଣ ମୂର୍ତ୍ତିର ଗୋଡଟି ଭାଙ୍ଗିଗଲା। ଅନେକେ ପରାମର୍ଶ ଦେଲେ ଯେ ସେ ମୂର୍ତ୍ତି ଆଉ ପୂଜା ହୋଇପାରିବ ନାହିଁ। କିନ୍ତୁ ଶ୍ରୀରାମକୃଷ୍ଣ ପରମହଂସ ଏ ପ୍ରକାର ପରାମର୍ଶକୁ ସମର୍ଥନ କଲେନାହିଁ। ସେ ପଚାରିଲେ ଆଜି ଯଦି ଆପଣଙ୍କ ଜ୍ୱାଇଁ ମାଥୁରବାବୁଙ୍କ ଗୋଡ ଭାଙ୍ଗି ଯାଇଥାନ୍ତା ଆପଣ କ'ଣ ତାଙ୍କୁ ପରିତ୍ୟାଗ କରି ଦେଇଥାନ୍ତେ ? ମୂର୍ତ୍ତିଟିକୁ ଆଉ ଥରେ ସଜାଡ଼ି, ମରାମତି କରି ପୂଜା କରିବାକୁ ସେ ଉପଦେଶ ଦେଲେ। ନିଜ ବୃତ୍ତି ଅନୁସାରେ କାମ କର। ନିଜ ସହ ବା ନିଜ ଆଦର୍ଶ ସହ ମିଥ୍ୟାଚାର କରନାହିଁ। ତୁମେ ଯେଉଁ ଆଦର୍ଶ କଥା କହୁଛ ତାହା ଯଦି କାମରେ କଲ ନାହିଁ ତେବେ ତାହା ଗୋଟିଏ ଭୀରୁତା। ତୁମେ କହୁଛ ଯେ ବାବା ସବୁ କିଛି ଜାଣି ପାରନ୍ତି ଓ ଦେଖି ପାରନ୍ତି, କିନ୍ତୁ ପୁଣି ବେଳେ ବେଳେ ବାବା ଏଠାରେ ନାହାନ୍ତି ବୋଲି ଭାବି କିଛି ଭୁଲ କାମ କରି ପକାଇ ଥାଅ। ଦେବମୂର୍ତ୍ତିକୁ ଜୀବନ୍ତ ଭାବି ପୂଜା କରୁଛ କିନ୍ତୁ କେହି ଜାଣିବେ ନାହିଁ ବୋଲି କିଛି ଜିନିଷ ସେଇ ମୂର୍ତ୍ତି ପଛରେ ଲୁଚାଇ ଦେଇ ପାରୁଛ।

ଶାସ୍ତ୍ର ଆମ୍ଭମାନଙ୍କୁ ଦେଉଥିବା ସବୁ ମୂଲ୍ୟବାନ ବାର୍ତ୍ତା ହେଉଛି 'ତୁମର ସ୍ୱାଭାବିକ କର୍ମ କରିଯାଅ, ନୀତି ଦୃଷ୍ଟିରୁ ଯାହା କରିବା କଥା ତାହା ସମ୍ପାଦନ କରିଯାଅ, ଅଧିକାର ମୁତାବକ ଜୀବନ ଯାପନ କର। କିନ୍ତୁ ଆସକ୍ତି ବଢ଼ିବାକୁ ଦିଅ ନାହିଁ। ପରିବାର, ଧନ ସମ୍ପତ୍ତି, ଖ୍ୟାତି, ଜ୍ଞାନ ଏବଂ କୌଶଳ ଏସବୁ ବାବଦରେ ନିଜକୁ ଜଣେ ଜିମ୍ମାଦାର ଭାବେ ଭାବ। ଯେତେବେଳେ ଆର ପାରିରୁ ଡାକରା ଆସିବ ସେତେବେଳେ ଏସବୁକୁ ପଛରେ ପକାଇ ଆନନ୍ଦରେ ବାହାରି ପଡ଼। ଜୀବନରେ ଯେତେ ଶୀଘ୍ର ଶୃଙ୍ଖଳାଭ୍ୟାସ କରାଯାଏ ସେତେ ଭଲ। ଏ ସବୁକୁ ବୃଦ୍ଧି ବୟସକୁ ରଖିବା ଠିକ ନୁହେଁ। ସେତେବେଳକୁ ଏ ଦେହ ବୟସାଧିକ୍ୟ ହେତୁ ଦୁର୍ବଳ ଓ ପ୍ରାୟ ଅକାମୀ ହୋଇ ଯାଇଥିବ। ଅନେକେ ଲୋକ ତାଙ୍କ ପିଲାମାନଙ୍କୁ ସାଧୁସନ୍ଥ ବା ପବିତ୍ର ଗ୍ରନ୍ଥ ମାନଙ୍କ ଠାରୁ ଦୂରରେ ରଖିବାକୁ ଚେଷ୍ଟା କରନ୍ତି। ସେମାନଙ୍କର ଭୟ ଯେ କାଳେ ପିଲା ବୟସରୁ ସେମାନେ ଏସବୁକୁ ଭଲ ପାଇଯିବେ। କିନ୍ତୁ ଏ ବିଷୟରେ କୌଣସି ବେଳ ଅତିଶୀଘ୍ର ନୁହେଁ। ତୁମେ ଯେତେବେଳେ ଆରମ୍ଭ କରି ସେଇଟି ବିଳମ୍ବ ବୋଲି ଭାବ। କାରଣ କିଏ କହି ପାରିବ କେତେବେଳେ ଜୀବନର ଶେଷ ପର୍ଦ୍ଦାଟି ପଡ଼ିଯିବ ?

ସନ୍ତୋଷ କୁମାର ସାହୁ,
ପୁରୀ

# ପୀଡ଼ିତାଙ୍କୁ ନ୍ୟାୟ ସମ୍ପର୍କରେ...

**ଅବନୀ ଚନ୍ଦ୍ର ଦାସ**

ବିଭିନ୍ନ କାରଣରୁ ଆମ ଦେଶର ନାରୀ, ପୁରୁଷ, ଶିଶୁ, ଯୁବା, ବୃଦ୍ଧ ବୃଦ୍ଧା, ଛାତ୍ର ଛାତ୍ରୀ ଶାରୀରିକ କିମ୍ବା ମାନସିକ ସ୍ତରରେ ନିର୍ଯାତନା ପାଇ ନିଜକୁ ଅସହାୟ ମଣୁଛନ୍ତି । ଆମ ସମାଜ କିମ୍ବା ଶାସନ ସେତିକି ସମୟୋଚିତ ସୁରକ୍ଷା ଦେବାପାଇଁ ସାମର୍ଥ୍ୟ ଦେଖାଇ ପାରୁନଥିବା ପରିଲକ୍ଷିତ ହେଉଛି । ଭାରତର ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ ଏଭଳି ସମସ୍ୟା ଦେଖାଯାଉଛି । କେଉଁଠି ଯୌତୁକ ଜନିତ ନିର୍ଯାତନା, ଶାଶୁ ନଣନ୍ଦଙ୍କର ବଧୂ ନିର୍ଯାତନା ତ, କେଉଁଠି ବୃଦ୍ଧ ପିତାମାତାଙ୍କ ଉପରେ ପୁତ୍ର - ପୁତ୍ରବଧୂଙ୍କ ଅକଥନୀୟ ତାଡନା, ପୁଣି କେଉଁଠି ତରୁଣ / ଯୁବା ବୟସରେ ପ୍ରେମୀ ଯୁଗଳଙ୍କ ମଧ୍ୟରେ ବ୍ଲାକ୍ ମେଲିଂ ତ, କେବେ ଏକ ତରଫା ପ୍ରେମ ବ୍ୟାପାରରେ ଅସଦାଚରଣ, ଏପରିକି ଅନେକ ସ୍ଥଳରେ ଅନିଚ୍ଛାକୃତ ଭାବେ ଲମ୍ପଟ ବ୍ୟଭିଚାର ଜନିତ ଯୌନ - ନିର୍ଯାତନା ସାଙ୍ଗକୁ କେଉଁଠି ଧନ ସଂପତ୍ତି ମୋହ ତଥା ଲୁଣ୍ଠନ ପ୍ରକ୍ରିୟାରେ ଅତ୍ୟନ୍ତ ଅମାନୁଷିକ ନିର୍ଯାତନା ଦିଆଯାଉଥିବା ଆଜିର ବହୁ ଚର୍ଚ୍ଚିତ ପ୍ରସଙ୍ଗ ପାଲଟି ଯାଇଛି।

ଭାରତ ଭଳି ଗଣତାନ୍ତ୍ରିକ ରାଷ୍ଟ୍ରରେ ଏହି ପ୍ରକାର ତାଡନା ଅଥବା ନିର୍ଯାତନା ସମାଜ ଜୀବନକୁ ଅତ୍ୟନ୍ତ ଦୁର୍ବିସହ କରି ଦେଇଛି । ବିଶେଷ କରି ସମାଜରେ ନାରୀ ଏବଂ ଶିଶୁ ତଥା ବୟସ୍କ ମାନଙ୍କ ଦୈନନ୍ଦିନ ଜୀବନ ଉପରେ ଏପରି ପୀଡ଼ାର ପ୍ରଭାବ କେବଳ ସେମାନଙ୍କୁ ନୁହେଁ, ବରଂ ସମାଜ ଜୀବନକୁ ବହୁ ଭାବରେ ଆକ୍ରାନ୍ତ କରୁଛି । ଆମ ରାଜ୍ୟ ଓଡ଼ିଶାରେ ବିଗତ ଅନ୍ୟୁନ ଚାରି ଦଶନ୍ଧି ଧରି ସଂଘଟିତ ହୋଇଥିବା ପ୍ରସଙ୍ଗ ମଧ୍ୟରୁ ତତ୍କାଳୀନ ଚର୍ଚ୍ଚିତ ପ୍ରସଙ୍ଗ 'ଛବିରାଣୀ ହତ୍ୟାକାଣ୍ଡ' ଠାରୁ ଆରମ୍ଭ କରି ସଂପ୍ରତି ସଦ୍ୟ ସ୍ୱର୍ଣ୍ଣକାତର ପ୍ରସଙ୍ଗ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ପର୍ଯ୍ୟନ୍ତ ପର୍ଯ୍ୟାଲୋଚନା କଲେ, ଗୋଟିଏ ବିଶେଷ ଉପଲବ୍ଧି ହୃଦୟକୁ ଆନ୍ଦୋଳିତ କରେ କି, ପୀଡ଼ିତା ଙ୍କୁ ନ୍ୟାୟ କଣ, କେତେ ପରିମାଣ, କିଏ ଦେବ ଓ କିପରି ଦିଆଯିବ ?

ଏ ସମ୍ପର୍କରେ ବିବିଧ ସମୀକ୍ଷା, ଆଲୋଚନା, ବିତର୍କ, ଦାବି, ହରତାଳ, ଦଙ୍ଗା ହଂଗାମା, ଆରୋପ, ପ୍ରତ୍ୟାରୋପ ଏବଂ ତଦନ୍ତ, ଅନୁଶୀଳନ, ବିଚାର ପ୍ରକ୍ରିୟା ବଳରେ ଏମିତିକା ସାମାଜିକ ସ୍ଖଳନକୁ ଏପର୍ଯ୍ୟନ୍ତ ରୋକାଯାଇ ପାରିଛି କି ? ବରଂ ଜଘନ୍ୟ ଅପରାଧ ମୁଣ୍ଡ ଟେକିଛି । ବର୍ବର ଅମାନୁଷିକ ଅତ୍ୟାଚାର ବୃଦ୍ଧି ପାଇବାରେ ଲାଗିଛି। ଦରଦୀ ସମବେଦନା

ପରିବର୍ତ୍ତେ ରାଜନୈତିକ ଅଙ୍କକଷା ର ଦ୍ୱନ୍ଦମୟ ପରିବେଶ ସୃଷ୍ଟି କରାଯାଉଛି । ବିଚିତ୍ର ଏ ବ୍ୟବସ୍ଥାର ଧାରା !!

ସଦ୍ୟ ସଂଘଟିତ ବହୁ ଚର୍ଚ୍ଚିତ ପୀଡ଼ିତା ପ୍ରସଙ୍ଗଟି ସାରା ରାଜ୍ୟକୁ ସ୍ତମ୍ଭୀଭୂତ କରିଦେଇଛି । ପୁଣି ଏହା ଦେଶର କୋଣ ଅନୁକୋଣରେ ଗଭୀର ଆଲୋଡନ ସୃଷ୍ଟି କରିଛି । ଏହି ଘଟଣାକ୍ରମରେ ପୀଡ଼ିତାଙ୍କ ବୟାନକୁ ଆଧାର କରି ଭିନ୍ନ ଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଇବାରେ ଲାଗିଛି । ସମ୍ବେଦନଶୀଳ ପ୍ରସଙ୍ଗକୁ ବିଭିନ୍ନ ମହଲରେ ଏଭଳି ଚର୍ଚ୍ଚା କରାଯାଉଛି ଯେ, ତହିଁର ନିର୍ଦ୍ଦିଷ୍ଟ ନିଷ୍କର୍ଷ ମିଳିବା ପ୍ରାୟତଃ 'ଫ୍ୟାକ୍ଟ ଇଜ୍ ଟୁ ହାଭିଂ ନୋ କ୍ଲୁ' ସଦୃଶ ପ୍ରସ୍ତୁତିକୁ ଇଙ୍ଗିତ କରୁଛି ଯେମିତି ?

ସଂକ୍ଷିପ୍ତରେ ପ୍ରସଙ୍ଗଟିକୁ ନିମ୍ନମତେ ଅନୁଧ୍ୟାନ କରାଯାଇ ପାରେ । ପୀଡ଼ିତା ସଂପୃକ୍ତ ଶିକ୍ଷାନୁଷ୍ଠାନରେ ଦୁଇବର୍ଷ ଧରି ଅଧ୍ୟୟନ କରୁଥିଲେ । ମେଧା ଓ ନେତୃତ୍ୱ ଦକ୍ଷତା ଥିଲା । ଏକ ଛାତ୍ର ସଂଗଠନ ସହିତ ସକ୍ରିୟ ସଂପୃକ୍ତି ତାଙ୍କୁ ଚର୍ଚ୍ଚା ପରିସରକୁ ଟାଣିଥିଲା । ବୟାନ ଅନୁସାରେ ଅଭିଯୁକ୍ତ ଅଧ୍ୟାପକ ଜଣକ ଏହି ସାଂଗଠନିକ କାର୍ଯ୍ୟକଳାପକୁ ଆଳ କରି ତାଙ୍କ ପ୍ରତି ଅନୈତିକ ଆଚରଣ ପ୍ରଦର୍ଶନ କରିଥିଲେ । ପୁଣି କୁହାଯାଉଛି କି, ମାନସିକ ହେଉ କି, ଶାରୀରିକ ଭାବେ ସେ ଯୌନ ଶୋଷଣର ଶିକାର ହୋଇଥିଲେ । ଏପରିକି, ପ୍ରକାରାନ୍ତରେ ତାଙ୍କୁ ଅଧ୍ୟୟନ ପ୍ରବୃତ୍ତି କ୍ଷେତ୍ରରେ ପ୍ରତିହତ କରାଯିବା, ସାମାଜିକ ସ୍ତରରେ ଅପନିନ୍ଦିତ କରାଯିବା ଭଳି ଧମକପୂର୍ଣ୍ଣ ସମ୍ଭାଷଣ ସହିତ ବାରମ୍ବାର ମାନସିକ ଯୌନ ନିର୍ଯାତନା ଯୋଗୁଁ ସେ ଅତିଷ୍ଠ ହୋଇ ପଡ଼ିଥିଲେ । ଅଗ୍ରଣୀ ଆଭିମୁଖ୍ୟ ଥିବା ତାରୁଣ୍ୟ ତାଙ୍କୁ ଦ୍ୱିବିଧାରେ ପକାଇଥିଲା । ପାରିବାରିକ ପରିବେଶ ସନ୍ତୁଳନ ରକ୍ଷା ଏବଂ ବିଦ୍ୟା ଅଧ୍ୟୟନର ଏକାନ୍ତ ଅଭିଳାଷ ହୁଏତ, ପିତାମାତା କିମ୍ବା ଅଭିଭାବକଙ୍କ ସମ୍ମୁଖରେ ନିର୍ବିଘ୍ନରେ ପ୍ରଖ୍ୟାପନ କରିବାକୁ ସଙ୍କୋଚ ଲାଗିଥିଲା ତାଙ୍କୁ । ହେଲେ ପ୍ରତ୍ୟୁତ୍ପନ୍ନମତି ଏହି ମେଧାବୀ ଛାତ୍ରୀ ଜଣକ ମନର ପୀଡ଼ା /କୋହକୁ କେତେଦିନ ଅବଦମିତ କରି ରଖି ପାରିଥାନ୍ତେ ?

ହୃଦୟ ଭିତରେ ଆଶା - ଆଶଙ୍କାର ଯୁଗପତ୍ ଆନ୍ଦୋଳନ ଭିତରେ ପୀଡ଼ିତା ଛାତ୍ରୀର ସଂଗ୍ରାମୀ ଚେତନା ଜାଗି ଉଠିଲା । ନିଜପାଇଁ ନ୍ୟାୟ ଭିକ୍ଷା, ନାରୀ ସୁରକ୍ଷା, ଆଶ୍ୱାସନା ଏବଂ ଅଭିଯୁକ୍ତକୁ ଉପଯୁକ୍ତ ଦଣ୍ଡ ବିଧାନ ପାଇଁ ସଂପୃକ୍ତ କର୍ତ୍ତୃପକ୍ଷ, ପ୍ରଶାସନ, ସରକାର ତଥା ପ୍ରମୁଖ ରାଜନୈତିକ ନେତୃବୃନ୍ଦ, ସାମାଜିକ ଗଣ ମାଧ୍ୟମ ଆଦିଙ୍କୁ ଅବଗତ କରିଥିଲେ ସେ । ସେହିସବୁ ଆବେଦନ ବ୍ୟର୍ଥ ହେଲା ଆଉ ଅଙ୍କୁରି ଉଠୁଥିବା ଆଶା ଅଚିରେ ମଉଳି ଗଲା । କେହି କର୍ଣ୍ଣପାତ କଲେ ନାହିଁ କି, ହେୟଜ୍ଞାନ ପୂର୍ବକ ନୈତିକ ମୂଲ୍ୟବୋଧକୁ ହେଜିଲେ ନାହିଁ । ସମ୍ଭାବନାମୟ ଭବିଷ୍ୟତର ସ୍ୱପ୍ନ ଉଜୁଡ଼ି ଯିବାର ଭୟ ଆଉ ଆଶଙ୍କିତ ସାମାଜିକ ପାରିପାର୍ଶ୍ୱିକ ଉତ୍ପୀଡନକୁ ଏକାକୀ ସାମ୍ନା କରିବାର ସାମର୍ଥ୍ୟ ହରାଇ ପୀଡ଼ିତା ଜଣକ ଆତ୍ମାହୁତି ଭଳି ଚରମ ପଦକ୍ଷେପ ନେବାକୁ ନିଷ୍ପତ୍ତି ନେଇ ଥାଇପାରନ୍ତି। ଏହି ପରିପ୍ରେକ୍ଷୀରେ ପର୍ଯ୍ୟାଲୋଚାନା କଲାବେଳେ, କେହି କେହି ସ୍ଥାନ, କାଳ ଓ ପାତ୍ର ଆଧାରରେ ଏହାର ସତ୍ୟାସତ୍ୟ ଉପରେ ପ୍ରଶ୍ନବାଚୀ ଲଗାଉଛନ୍ତି । ଯେଉଁଠାରେ ଏହି ଦୁର୍ଘଟଣା ଘଟିଲା, ଯେଉଁ ସମୟରେ ଏବଂ ଯେଉଁ ମାନଙ୍କ ଉପସ୍ଥିତି ଏହାର ପ୍ରତ୍ୟକ୍ଷ ପ୍ରମାଣ, ତାହା ସିସି ଟିଭି ଫୁଟେଜ୍ ରୁ ମିଳିବା କଥା । ତାହା ଯାଞ୍ଚ କରାଯାଇ ଏବେ ସୁଦ୍ଧା ସାର୍ବଜନୀନ ହୋଇନାହିଁ କାହିଁକି ? ଅପର ପକ୍ଷରେ ଯେଉଁ ଛାତ୍ର ସଂଗଠନ ସହିତ ପୀଡ଼ିତା ଓତଃପ୍ରୋତଃ ଭାବେ ଜଡ଼ିତ ଥିଲେ, ତହିଁର କର୍ମକର୍ତ୍ତା, ସତୀର୍ଥ ସହଯୋଗୀ ତଥା ବିଦ୍ୟାର୍ଥୀ ସାଥୀ ସହଚରୀ ମାନଙ୍କ ଭୂମିକା କଣ ଥିଲା ? ପୀଡ଼ିତାଙ୍କ ସମ୍ପୂର୍ଣ୍ଣ ଘଟଣା କ୍ରମ ସମ୍ପର୍କରେ ସେମାନଙ୍କ ମଧ୍ୟରୁ କେହି ଅବଗତ ଥିଲେ କି ନାହିଁ ? ଆନୁଷ୍ଠାନିକ କାର୍ଯ୍ୟାନୁଷ୍ଠାନ ନେବାକୁ କର୍ତ୍ତୃପକ୍ଷ କୁଣ୍ଠା ପ୍ରକାଶ କରୁଥିବା, ଟାଳଟୁଳ ନୀତି ଅବଲମ୍ବନ କରୁଥିବା, ଅଭିଯୁକ୍ତ ଅଧ୍ୟାପକଙ୍କ ପତିଆରାକୁ ପ୍ରମାଣିତ କରୁନାହିଁକି ? ତଦୋପରି ପୀଡ଼ିତାଙ୍କ ଅଭିଯୋଗ ଦ୍ୱାରା ସଂପୃକ୍ତ ଅନୁଷ୍ଠାନର ସମ୍ମାନ କ୍ଷୁର୍ଣ୍ଣ ହେବାର ଦ୍ୱାହି ଦେବା ନ୍ୟାୟିକ ପ୍ରକ୍ରିୟାରେ ଅନ୍ତରାୟ ନୁହେଁ କି ?

ଯେଉଁମାନଙ୍କ ହସ୍ତକ୍ଷେପରେ ଘଟଣାର ସମାଧାନ ହୋଇ ପାରିଥାନ୍ତା କିମ୍ବା ଏଭଳି ଅଘଟଣ ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇ ଦିଆଯାଇ ପାରିଥାନ୍ତା, ସେମାନେ ଜାଣି ନଜାଣିଲା ପରି ଆଉ ସବୁ ଶୁଣି ନଶୁଣିଲା ପରି ଅବହେଳା ପ୍ରଦର୍ଶନ କରିବା ହେତୁ ପୀଡ଼ିତା ନ୍ୟାୟ ପାଇବାରୁ ବଞ୍ଚିତ ଏବଂ ତାଙ୍କ ଆକସ୍ମିକ ଆତ୍ମହତ୍ୟା ଜନିତ ମୃତ୍ୟୁ ପାଇଁ ଅଭିଯୁକ୍ତଙ୍କ ସମେତ ଏଇମାନେ ହିଁ ମୁଖ୍ୟତଃ ଦାୟୀ ବୋଲି ବିବେଚନା କରାଯାଉଥିବା ସ୍ୱାଭାବିକ । ଦେଶର ଉଜ୍ଜ୍ୱଳ ଭବିଷ୍ୟତ ପିଢ଼ିର ଜଣେ ମେଧାବୀ ଛାତ୍ରୀକୁ ନିର୍ଯାତନା ଦେବା, ତାର ସମ୍ଭାବନାମୟ ସ୍ୱପ୍ନକୁ ଧୂଳିସାତ୍ କରିବାପାଇଁ ପ୍ରୟାସ ଜାରି ରଖିବା ଏବଂ ସର୍ବୋପରି ତାହା ପ୍ରତି ଲୋଲୁପ ଦୃଷ୍ଟି ନିକ୍ଷେପ କରିବା ଭଳି ଜଘନ୍ୟ ଅପରାଧରେ ଲିପ୍ତ ଅଭିଯୁକ୍ତକୁ ଘଣ୍ଟ ଘୋଡାଇବାକୁ ଏପରି ଅବହେଳା କରାଯାଇ ଥାଇପାରେ ବୋଲି ଅନୁମେୟ । ପରେ କୁମ୍ଭୀର କାନ୍ଦଣା ସ୍ୱରୂପ ପୀଡ଼ିତା ର ଅନ୍ତିମ ମୁମୂର୍ଷୁ ଅବସ୍ଥାରେ କେତେକ ଛାତ୍ର ସଂଗଠନ, ସହପାଠୀ, ଶୁଭେଚ୍ଛୁ,ବନ୍ଧୁ ବାନ୍ଧବ, ସାଇପଡିଶା ଙ୍କ ସମେତ ବିଭିନ୍ନ ରାଜନୈତିକ ଦଳମାନଙ୍କ ଶସ୍ତା ବୟାନ ବାଜି, ଅଯଥା ଅନୁକମ୍ପା, ସରକାରୀ ପ୍ରତିଶ୍ରୁତି, ପ୍ରଶାସନିକ ଧୁମ୍ ଧଡାକ୍ ସବୁ ମିଶି 'ଫମ୍ପା ମାଠିଆର ଶବ୍ଦ' ଭଳି ପ୍ରତୀତ ହେଉଛି । ମୃତ୍ୟୁ ପରେ ପୀଡ଼ିତା ପରିବାରକୁ ଆର୍ଥିକ ସାହାଯ୍ୟ ଘୋଷଣା କରି ସରକାର ଦାୟିତ୍ୱ ସାରି ଦେଇଛନ୍ତି ବୋଲି କହିପାରନ୍ତି । କିନ୍ତୁ, ସତରେ କଣ ନ୍ୟାୟ ପାଇପାରିବ ପୀଡ଼ିତା ? ପ୍ରଶମିତ ହେବକି ତାର ଶରୀରର ତୀବ୍ର ଜ୍ୱଳନ ? ପୁଣି ଥରେ ଫେରି ଆସିବ କି ତାର ଜୀବନ, ଶରୀରରେ ସଞ୍ଚାରିତ ହେବକି ପ୍ରାଣଶକ୍ତି ? ବଞ୍ଚିବାର ଦୁରନ୍ତ ଅଭିଳାଷ ନେଇ ସେ ପରିବାରଜନଙ୍କ ପାଖରେ ଠିଆ ହୋଇ ପାରିବକି ନିର୍ବିଘ୍ନରେ ? ସଗର୍ବରେ ମଥା ଟେକି ଧାଇଁ ଯିବକି ସେ କଲେଜ୍ କ୍ୟାମ୍ପସ୍ କୁ ଆଉଥରେ ତାର ନିଜ ସ୍ୱପ୍ନକୁ ସାକାର କରିବାପାଇଁ ?

ଏଇଠାରେ ଗୋଟିଏ କଥା ସ୍ପଷ୍ଟ ଓ ନିର୍ବିବାଦ ଭାବରେ କୁହାଯାଇପାରେ କି, ତଦନ୍ତ ହେଉ, ବିଚାର ହେଉ, ସଂପୃକ୍ତ ସମସ୍ତ ଦୋଷୀଙ୍କୁ ଦଣ୍ଡ ମିଳୁ । ତାହା ସହିତ ବ୍ୟବସ୍ଥାରେ ପରିବର୍ତ୍ତନ ପାଇଁ ଉଦ୍ୟମ ହେବା ଦରକାର । ଯେମିତିକି ଅବହେଳା କିମ୍ବା ଉଦାସୀନତା କାରଣରୁ ଏପରି ଜୀବନ ବିନାଶକାରୀ କୁତ୍ସିତ ଘଟଣାର ପୁନରାବୃତ୍ତି ନହେବ; ସେଥିପ୍ରତି ସାମାଜିକ, ଆନୁଷ୍ଠାନିକ ତଥା ସରକାରୀ ସ୍ତରରେ ସମସ୍ତେ ଯତ୍ନଶୀଳ ହେବା ବାଞ୍ଛନୀୟ । ସେଥିପାଇଁ ସୁସ୍ଥ ମାନସିକତା, ଉପଯୁକ୍ତ ଶୈକ୍ଷିକ ବାତାବରଣ, ସାମଗ୍ରିକ ସ୍ୱକୀୟ ଦାୟିତ୍ୱବୋଧ, ମାନବୀୟ ବିଚାରଧାରା, ସହଯୋଗ, ରାଜନୈତିକ ଐକାନ୍ତିକ ଇଚ୍ଛାଶକ୍ତି, ହୃଦୟବତ୍ତା ଏବଂ ପ୍ରଶାସନିକ ନୀତିଗତ ନିଷ୍ପତ୍ତି ନିଶ୍ଚିତ ଭାବେ ଆମ ସମାଜକୁ ସୁବ୍ୟବସ୍ଥିତ କରାଇପାରିବ । ଯେକୌଣସି ଉତ୍ପୀଡନରୁ ମଧ ମୁକ୍ତି ଦେଇପାରିବ ବୋଲି ଆଶା କରାଯାଇପାରେ ।

ପ୍ରଶାନ୍ତି ବିହାର, ଭୁବନେଶ୍ୱର
ମୋ: ୯୯୩୭୫୩୭୯୭୪

# ନକଲି ପରିଚୟ

**ପ୍ରଣତି ଆଚାର୍ଯ୍ୟ ମିଶ୍ର**

ଆଜିର ସମାଜ ଏପରି ଏକ ସ୍ଥିତିରେ ପହଞ୍ଚିଛି ଯେଉଁଠାରେ ଗୋଟିଏ ପଟେ ପ୍ରଯୁକ୍ତିବିଦ୍ୟାର ଉନ୍ନତି ଜୀବନକୁ ସହଜ ଏବଂ ଦ୍ରୁତ କରିଛି ଅନ୍ୟପଟେ ସେହି ପ୍ରଯୁକ୍ତିବିଦ୍ୟା ଧୀରେ ଧୀରେ ଏବଂ ନୀରବରେ ସାମାଜିକ ଗଠନକୁ ଭାଙ୍ଗିବାରେ ଲାଗିଛି ।ଏକଦା ସୋସିଆଲ ମିଡିଆ ସୂଚନା ଏବଂ ସମ୍ପର୍କର ଶକ୍ତିଶାଳୀ ମାଧ୍ୟମ ଥିଲା ଆଜି ଏକ ନିଶା ପାଲଟିଛି ଯାହା ପରିବାର, ସମ୍ପର୍କ ଏବଂ ମାନସିକ ସ୍ୱାସ୍ଥ୍ୟକୁ ଗମ୍ଭୀର ଭାବରେ ପ୍ରଭାବିତ କରିଛି ।ଆଗରୁ ଯୋଗାଯୋଗର ଅର୍ଥ ଥିଲା ବସି କଥାବାର୍ତ୍ତା, ହସିବା, କାନ୍ଦିବା, ଯୁକ୍ତିତର୍କ କରିବା ଏବଂ ବୁଝିବା। ଆଜି ଏସବୁ ଟାଇପିଂ ଏବଂ ସ୍କ୍ରୋଲିଂରେ ପରିଣତ ହୋଇଛି। ପିଲା ହୁଅନ୍ତୁ କିମ୍ବା ବୃଦ୍ଧ ମହିଳା ହୁଅନ୍ତୁ କିମ୍ବା ପୁରୁଷ ସମସ୍ତଙ୍କ ହାତରେ ସ୍ମାର୍ଟଫୋନ୍ ଏବଂ ଆଖି ସ୍କ୍ରିନ୍ ଉପରେ। ରୋଷେଇ ଘର, ଅଗଣା କିମ୍ବା ବୈଠକଖାନାରେ ଯେଉଁ କଥାବାର୍ତ୍ତା ହେଉଥିଲା ତାହା ଏବେ ଷ୍ଟାଟସ୍ ଅପଡେଟ୍, ରିଲ୍ କିମ୍ବା ଟ୍ୱିଟ୍ ରେ ସୀମିତ। ଇଣ୍ଟରନେଟର ଏବଂ ସ୍ମାର୍ଟଫୋନର ପ୍ରସାର ଯେଉଁ ଗତିରେ ବୃଦ୍ଧି ପାଉଛି ସେହି ଗତିରେ ବାସ୍ତବ ଦୁନିଆ ସଙ୍କୁଚିତ ହେଉଛି। ବର୍ତ୍ତମାନ ସମ୍ପର୍କର ପରିଭାଷା ବଦଳି ଯାଇଛି । ଏବେ ବନ୍ଧୁ ହେଉଛନ୍ତି ସେମାନେ ଯାହାଙ୍କ ପୋଷ୍ଟରେ ଆମେ ହୃଦୟର ଚିହ୍ନ ପଠାଉ। ପରିବାର ହେଉଛନ୍ତି ସେମାନେ ଯାହାଙ୍କ ମେସେଜ୍ ଆମେ ଅବଲୋକନ କରୁଛନ୍ତି ଏବଂ ସୁଖ ଦୁଃଖ ହେଉଛି ଯାହା ଆମେ ଷ୍ଟୋରୀ ମାଧ୍ୟମରେ ସେୟାର କରୁଛନ୍ତି । ପିଲାମାନେ ଏବେ ଖେଳ ପଡ଼ିଆରେ ନୁହଁନ୍ତି ମୋବାଇଲ୍ ସ୍କ୍ରିନରେ ଉପସ୍ଥିତ । ସ୍କୁଲରୁ ଫେରିବା ପରେ ପିତାମାତାଙ୍କ ସହ କଥା ହେବା ପରିବର୍ତ୍ତେ ଇନଷ୍ଟାଗ୍ରାମ୍ ଖୋଲନ୍ତି। କିଶୋରାବସ୍ଥା ଯାହା ଥରେ ଆତ୍ମ-ଅନ୍ୱେଷଣ ଏବଂ ସାମାଜିକ ଅଭିଜ୍ଞତାର ସମୟ ଥିଲା ଏବେ ସେଲ୍ଫି, ଫିଲ୍ଟର ଏବଂ ଭର୍ଚୁଆଲ୍ ପରିଚୟର ଦୌଡ଼ରେ ଫସିଯାଇଛି। ସୋସିଆଲ ମିଡିଆର ଏହି ଅତ୍ୟଧିକ ବ୍ୟବହାର ଏପରି ଏକ ଦ୍ୱନ୍ଦ୍ୱ ସୃଷ୍ଟି କରିଛି ଯେଉଁଠାରେ ଜଣେ ବ୍ୟକ୍ତି ଦେଖାଣିଆ ଭାବରେ ବହୁତ ବ୍ୟସ୍ତ କିନ୍ତୁ ଭିତରେ ବହୁତ ଏକା। ସ୍ୱାମୀ ଏବଂ ସ୍ତ୍ରୀ ଗୋଟିଏ ଛାତ ତଳେ ରୁହନ୍ତି କିନ୍ତୁ କଥାବାର୍ତ୍ତା ହ୍ୱାଟ୍ସଆପରେ ହୁଏ। ପିତାମାତା ପିଲାମାନଙ୍କୁ ଖାଦ୍ୟ ପରିବେଷଣ କରନ୍ତି ଏବଂ ପିଲାମାନେ ଖାଇବା ପୂର୍ବରୁ ଏହାର ଏକ ଫଟୋ ଉଠାଇ ପୋଷ୍ଟ କରନ୍ତି। ଏହି ଅଭ୍ୟାସ ଏକ ନିଶା ପାଲଟିଛି। ସକାଳେ ଉଠିବା ମାତ୍ରେ ସୋସିଆଲ ମିଡିଆ ଯାଞ୍ଚ କରିବା ରାତିରେ ଶୋଇବା ପୂର୍ବରୁ ସ୍କ୍ରୋଲ୍ କରିବା ପ୍ରତ୍ୟେକ ମୁହୂର୍ତ୍ତକୁ ଲାଇଭ୍ ଷ୍ଟ୍ରିମିଂ କରିବା କିମ୍ବା ଅତି କମରେ ଫୋନରେ ଏହାକୁ କଏଦ କରିବା। ଏହି ଆଚରଣ କେବଳ ସମୟର ଅପଚୟ ନୁହେଁ ବରଂ ମାନସିକ ବିକାରର କାରଣ ମଧ ହୋଇଛି। ଡିଜିଟାଲ ଜୀବନଶୈଳୀ କେବଳ ନିଦ, ଖାଦ୍ୟ, ଏକାଗ୍ରତାକୁ ପ୍ରଭାବିତ କରିନାହିଁ ବରଂ ମାନସିକ ସ୍ୱାସ୍ଥ୍ୟ ଉପରେ ମଧ ଗଭୀର ପ୍ରଭାବ ପକାଇଛି। ସୋସିଆଲ ମିଡିଆରେ ଦେଖାଯାଉଥିବା ସମ୍ପୂର୍ଣ୍ଣ ଜୀବନର ନିରନ୍ତର ପ୍ରକାଶ ସାଧାରଣ ମଣିଷକୁ ଏକ ହୀନମନ୍ୟତାରେ ପୂର୍ଣ୍ଣ କରେ। ଅନ୍ୟମାନଙ୍କ ସଫଳତା, ସୌନ୍ଦର୍ଯ୍ୟ, ଯାତ୍ରା ଏବଂ ଜୀବନଶୈଳୀର ଫଟୋ ଦେଖି ଜଣେ ବ୍ୟକ୍ତି ନିଜ ଜୀବନକୁ ତୁଚ୍ଛ ମନେ କରିବା ଆରମ୍ଭ କରେ। ଏହା ସେହି ମୁହୂର୍ତ୍ତ ଯେତେବେଳେ ଚାପ, ଅବସାଦ ଏବଂ ଆତ୍ମ-ନିନ୍ଦା ଭଳି ବ୍ୟାଧି ଜନ୍ମ ନେବା ଆରମ୍ଭ କରେ। ଏହାର ପ୍ରଭାବ ବିଶେଷ କରି କିଶୋର ଏବଂ ଯୁବପିଢ଼ିଙ୍କ ମଧ୍ୟରେ ତୀବ୍ର। ସୋସିଆଲ ମିଡିଆରେ ପ୍ରାପ୍ତ ଲାଇକ୍, ମନ୍ତବ୍ୟ ଏବଂ ଫଲୋଅର୍ସ ଆତ୍ମ-ମୂଲ୍ୟାୟନର ଏକ ନୂତନ ସ୍ତର ସୃଷ୍ଟି କରିଛି। ଯଦି କୌଣସି ପୋଷ୍ଟ କମ୍ ଲାଇକ୍ ପାଏ ତେବେ ଏହା ଆପଣଙ୍କ ଆତ୍ମସମ୍ମାନକୁ ଆଘାତ କରେ। ଯଦି ଆପଣ ଟ୍ରୋଲ୍ ହୁଅନ୍ତି, ତେବେ ଆପଣ ମାସ ମାସ ଧରି ହତାଶ ଅନୁଭବ କରନ୍ତି। ଏହି ପ୍ଲାଟଫର୍ମରେ ନକଲି ପରିଚୟ ଏବଂ ଭର୍ଚୁଆଲ୍ ଗ୍ଲାମର ର ଜାଲ ଏତେ ଦୃଢ ହୋଇଯାଇଛି ଯେ ଲୋକମାନେ ବାସ୍ତବତାରୁ ବିଚ୍ଛିନ୍ନ ହୋଇଯାଉଛନ୍ତି। ଅନ୍ୟମାନଙ୍କୁ ଦେଖାଇବା ପାଇଁ ମହଙ୍ଗା ପୋଷାକ, କାର ଏବଂ ଏକ କାଫେରେ ବସି ଫଟୋ ପୋଷ୍ଟ କରନ୍ତି କିନ୍ତୁ ବାସ୍ତବ ଜୀବନରେ ସେ ଋଣ ଏବଂ ଚାପରେ ରହିଥାନ୍ତି। ପରିବାରରେ ଯୋଗାଯୋଗର ସ୍ଥାନ ସନ୍ଦେହ, ଦୂରତା ଏବଂ ଝଗଡ଼ା ନେଇଛି। ବିବାହିତ ଜୀବନରେ ସୋସିଆଲ ମିଡିଆରେ ଅନାବଶ୍ୟକ କଥାବାର୍ତ୍ତା ଏବଂ ଛାଡପତ୍ର ମାମଲା ବୃଦ୍ଧି ପାଇଛି। ପିଲାମାନଙ୍କ ମଧ୍ୟରେ ଚିଡ଼ଚିଡ଼ା, ସାମାଜିକ ଏକାକୀତା ବୃଦ୍ଧି ପାଇଛି। ପିଲାମାନେ ସେମାନଙ୍କ ମୋବାଇଲ୍ ଫୋନ୍ ?ରେ ହଜିଯିବାରୁ ବୟସ୍କମାନେ ନିଜ ଘରେ ଅବହେଳିତ ଅନୁଭବ କରନ୍ତି। ସୋସିଆଲ ମିଡିଆ ମଧ ମିଥ୍ୟା ଆଦର୍ଶ ଏବଂ କ୍ଷତିକାରକ ବିଷୟବସ୍ତୁରେ ପରିପୂର୍ଣ୍ଣ। ଯୁବକମାନେ ସଫଳତାର ମିଥ୍ୟା ମଡେଲ ଦେଖି ଦ୍ୱନ୍ଦ୍ୱରେ ପଡିଯାଆନ୍ତି। ଛୋଟ ପିଲାମାନେ ହିଂସାତ୍ମକ କିମ୍ବା ଭ୍ରାମକ ଖେଳରେ ଫସି ଯାଆନ୍ତି। ସୋସିଆଲ ମିଡିଆର ନୂତନ ନିଶା ସେତେବେଳେ ହିଁ ଭାଙ୍ଗିବ ଯେତେବେଳେ ଆମେ ଏହାକୁ ଆତ୍ମନିୟନ୍ତ୍ରଣ, ଯୋଗାଯୋଗ ଏବଂ ବୁଝାମଣା ସହିତ ଗ୍ରହଣ କରିବା ।

ନୟାଗଡ
ମୋ: ୯୪୩୭୬୪୨୯୪୭

# ଦାରିଦ୍ର୍ୟ ହ୍ରାସ

**ସୌଭାଗ୍ୟ ରଂଜନ ମହାନ୍ତି**

ଗୋଟିଏ ଦଶନ୍ଧି ମଧ୍ୟରେ ଭାରତରେ ୨୭କୋଟି ଲୋକ ଦାରିଦ୍ର୍ୟରୁ ମୁକୁଳିଥିବା ନେଇ ବିଶ୍ୱବ୍ୟାଙ୍କର ସଦ୍ୟତମ ରିପୋର୍ଟ କେବଳ କେନ୍ଦ୍ର ସରକାରଙ୍କର ବିଭିନ୍ନ ଦାରିଦ୍ର୍ୟ ଦୂରିକରଣର ସଫଳ ରୂପାୟନର ପ୍ରତିଫଳନ ବୋଲି କୁହାଯାଇପାରିବ। ଉଲ୍ଲେଖଯୋଗ୍ୟ ଯେ, ବିଶ୍ୱବ୍ୟାଙ୍କର ରିପୋର୍ଟ ଅନୁଯାୟୀ ୨୦୧୧-୧୨ ବର୍ଷରେ ଭାରତରେ ଦାରିଦ୍ର୍ୟ ହାର ୨୭.୧ ପ୍ରତିଶତ ଥିବାବେଳେ ୨୦୨୨-୨୩ ବର୍ଷରେ ତାହା ୫.୩ ପ୍ରତିଶତକୁ ହ୍ରାସ ପାଇଛି। ୨୦୧୧-୧୨ରେ ଦେଶରେ ୩୪୪.୪୭ ନିୟୁତ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ବାସ କରୁଥିବା ବେଳେ ୨୦୨୨-୨୩ ବେଳକୁ ସେମାନଙ୍କ ସଂଖ୍ୟା ୭୫.୨୪ ନିୟୁତକୁ ହ୍ରାସ ପାଇଛି, ଯାହାକି ଅଦ୍‌ଭୂତପୂର୍ବ ବୋଲି କୁହାଯାଇପାରେ। ବିଶ୍ୱବ୍ୟାଙ୍କ ୨୦୨୦ରେ ଖାଉଟି ମୂଲ୍ୟକୁ ଆଧାର କରି ଦାରିଦ୍ର୍ୟ ସୀମରେଖା ତଳେ ଥିବା ଲୋକଙ୍କ ଦୈନିକ ରୋଜଗାର ସୀମା ୨.୧୫ ଡଲାରରୁ ୩ ଡଲାରକୁ ବୃଦ୍ଧି କରି ଭାରତରେ ଦାରିଦ୍ର୍ୟ ହ୍ରାସ ରିପୋର୍ଟ ପ୍ରସ୍ତୁତ କରିଛନ୍ତି।

ଦେଶରେ ଦୈନିକ ରୋଜଗାର ୩ଡଲାର ଅର୍ଥାତ ୨୫୭ ଟଙ୍କାରୁ କମ ରୋଜଗାର ବ୍ୟକ୍ତିଙ୍କୁ ଦାରିଦ୍ର୍ୟ ଭାବେ ଚିହ୍ନଟ କରାଯାଇଛି। ଏହି କ୍ରମରେ ଭାରତରେ ଏଭଳି ଲୋକଙ୍କ ସଂଖ୍ୟା ୧୬.୨ ପ୍ରତିଶତ ଥିବାବେଳେ ୨୦୨୨-୨୩ରେ ଏହା ୨.୩ ପ୍ରତିଶତକୁ ହ୍ରାସ ପାଇଥିବା ରିପୋର୍ଟରେ କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଦେଶରେ ଦାରିଦ୍ର୍ୟ ଦୂରିକରଣ ପାଇଁ କେନ୍ଦ୍ର ସରକାର ୪୯ଟି ଜନହିତକର ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଯେଉଁ ଯୋଜନାଗୁଡିକରେ ଦେଶର ୧୪୪କୋଟି ଲୋକଙ୍କ ମଧ୍ୟରୁ ୯୪କୋଟି ଲୋକ ସାମିଲ ହୋଇଛନ୍ତି। ଏହା ନିସନ୍ଦେହ ଯେ, ଦାରିଦ୍ର୍ୟ ହ୍ରାସ ନିଶ୍ଚିତ ଭାବେ ଗୋଟିଏ ଦେଶ ପାଇଁ ଗୌରବର ବିଷୟ କିନ୍ତୁ ଏବେ ବି ଦେଶରେ ଭୋକିଲା ଲୋକଙ୍କ ସଂଖ୍ୟା ଉଦ୍‌ବେଗଜନକ ସ୍ଥିତିରେ ରହିଛି। ହ୍ୟୁମାନ ଡେଭଲପମେଂଟ ଇଣ୍ଡେକ୍ସ (ମାନବିକ ବିକାଶ ସୂଚ୍ୟାଙ୍କ) ଏବଂ ଆନ୍ତର୍ଜାତିକ କ୍ଷୁଧା ସୂଚ୍ୟାଙ୍କ (ଗ୍ଲୋବାଲ ହାଙ୍ଗର ଇଣ୍ଡେକ୍ସ) ରିପୋର୍ଟରେ ତାଲିକାରେ ଭାରତର ର୍‍ୟାଙ୍କ ସବା ତଳେ ରହିଛି। ଭାରତର ର୍‍ୟାଙ୍କ ଯଥାକ୍ରମେ ୧୪୪, ୧୩୦ ଏବଂ ୧୦୫ରହିଛି। ଏହି ର୍‍ୟାଙ୍କ ଦେଶରେ ଏବେ ବି କୋଟି କୋଟି ଲୋକ ଭୋକିଲା ରହୁଥିବା ସୂଚିତ କରେ। ଦିନକୁ ଦୁଇ ଓଳି ଖାଇବାକୁ ନପାଇ ଭୋକିଲା ରହୁଥିବା ଲୋକ ଦରିଦ୍ର ବୋଲି କହିବାକୁ ଦେଇଛି। ତେଣୁ ଭାରତରେ ଏବେ ବି କୋଟି କୋଟି ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ବାସ କରୁଛନ୍ତି। ଯାହାକି ବିଶ୍ୱବ୍ୟାଙ୍କ ରିପୋର୍ଟରୁ ବିରୁଦ୍ଧାଚରଣ କରୁଛି ବୋଲି ସ୍ୱୀକାର କରିବାକୁ ହେବ। ଉଲ୍ଲେଖଯୋଗ୍ୟ ଯେ, ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଯୋଜନା (ଏନଏଫଏସ)ରେ କେନ୍ଦ୍ର ସରକାର ଦେଶର ଦୁଇ ତୃତୀୟାଂଶ ଅର୍ଥାତ ୮୦କୋଟି ଲୋକଙ୍କୁ ମାଗଣାରେ ମୁଣ୍ଡ ପିଛା ୫କେଜି ଖାଦ୍ୟ ଯୋଗାଇ ଦେଉଛନ୍ତି।

ଏହା ସତ୍ତ୍ୱେ ଦେଶରେ ଭୋକିଲା ସଂଖ୍ୟା ର୍‍ୟାଙ୍କରେ ଆଶାତୀତ ଉନ୍ନତି ହୋଇପାରୁନାହିଁ। ଜୀବନଜୀବିକାର ସୁରକ୍ଷା ଓ ସୁସ୍ଥ ଆୟ ହେଉଛି ସାମାଜିକ ଓ ଅର୍ଥନୈତିକ ବିକାଶର ପ୍ରତୀକ। କିନ୍ତୁ ଏବେ ଦେଶରେ ସରକାରଙ୍କ ମାଗଣା ଯୋଜନାରେ ସାମିଲ ହେବା ପାଇଁ ଲୋକଙ୍କ ମଧ୍ୟରେ ଏକ ପ୍ରକାର ପ୍ରତିଯୋଗିତା ଚାଲିଛି ଯାହା ଅବର୍ଣ୍ଣନୀୟ। ଏହା ନିଶ୍ଚିତ ଯେ, ଦାରିଦ୍ର୍ୟ ଓ ଅସମାନତା ଦେଶରେ ଦଶନ୍ଧି ଦଶନ୍ଧି ଧରି ବିତର୍କର କାରଣ ହୋଇରହିଛି। ବିଶେଷ କରି ନିକଟ ଅତୀତରେ ଅର୍ଥନୀତି ବହୁ ବାଧାବିଘ୍ନର ସମ୍ମୁଖୀନ ହୋଇଆସିଛି।

ହାଉସ ହୋଲଡ୍ ସର୍ଭେ ରିପୋର୍ଟ ଯାହାକି ପରିସଂଖ୍ୟାନ ଓ ଦାରିଦ୍ର୍ୟ ହାର ଉପରେ ପର୍ଯ୍ୟବେସିତ, ବିବାଦ ମୁକ୍ତ ହୋଇନାହିଁ। କେନ୍ଦ୍ର ସରକାର ୨୦୧୭-୧୮ ଉପଭୋକ୍ତା ବ୍ୟୟ ସର୍ଭେ ରିପୋର୍ଟକୁ ସାର୍ବଜନୀନ କରିନଥିଲେ। କାରଣ ଏହି ସର୍ଭେରେ କେତେକ ଅସଙ୍ଗତି ରହିଥିବା କୁହାଯାଏ। ସେହିପରି ବିଶ୍ୱବ୍ୟାଙ୍କ ତାର ଦାରିଦ୍ର୍ୟ ହାର ଆକଳନ ପାଇଁ ୨୦୧୧-୧୨ ରୁ ୨୦୨୨-୨୩ ମଧ୍ୟରେ କରାଯାଇଥିବା ଉପଭୋଗ ଖର୍ଚ୍ଚ ସର୍ବେକ୍ଷଣକୁ ଆଧାର କରିଥିଲେବେଳ ଏହି ସର୍ବେକ୍ଷଣଗୁଡିକର ତୁଳନାତ୍ମକତା ଉପରେ ସନ୍ଦେହ ରହିଛି। କାରଣ ସରକାର ଏହି ସର୍ବେକ୍ଷଣର ପଦ୍ଧତି ଓ ନମୂନାରେ ପରିବର୍ତନ କରିଥିଲେ। ତେଣୁ ବିଶ୍ୱବ୍ୟାଙ୍କର ଦାରିଦ୍ର୍ୟ ହାର ହ୍ରାସ ରିପୋର୍ଟ ନେଇ ବିଶେଷ ଖୁସି ହେବାର ନାହିଁ। ଦେଶରେ ଆର୍ଥୀକ ଅସମାନତା ମଧ କିଛି କମ୍ ନୁହେଁ, ଯାହାର ଚିନ୍ତାର କାରଣ।

ଭୁବନେଶ୍ୱର
ମୋ:୭୯୭୮୬୬୬୪୦୩

## ସଂପାଦକଙ୍କୁ ପତ୍ର


### କେବେ ଦୂର ହେବ ଜନନୀ ଯନ୍ତ୍ରଣା ?

ମହାଶୟ,


ଓଡ଼ିଶା ରାଜ୍ୟ ଗଠନର ଶହେ ବର୍ଷ ପାଳିବାକୁ ବାକି ଅଛି ଆଉ ମାତ୍ର ଏଗାର ବର୍ଷ। ଏବେ ଭିଜନ୍ ଡକ୍ୟୁମେଣ୍ଟ ପ୍ରଣୟନ କରାଯାଇଛି 'ବିକଶିତ ଓଡ଼ିଶା' ୨୦୩୬ ଓ 'ବିକଶିତ ଭାରତ' ୨୦୪୭ ଗଠନ ଲକ୍ଷ୍ୟରେ। ଭାରତ ବର୍ତ୍ତମାନ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି। ଏଠାରେ କହି ରଖିବା ପ୍ରାସଙ୍ଗିକ ହେବ ଯେ ଗତବର୍ଷ ରାଜ୍ୟର ବଜେଟ ପରିମାଣ ଥିଲା ୨,୯୦,୦୦୦ କୋଟି ଟଙ୍କା। ଶିକ୍ଷା, ସ୍ୱାସ୍ଥ୍ୟ , ଗମନାଗମନ ବାବଦରେ ପ୍ରତିବର୍ଷ ରାଜ୍ୟ ସରକାର କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। ବିପୁଳ ପରିମାଣର ଖର୍ଚ୍ଚ ସତ୍ତ୍ୱେ ପ୍ରତିଦିନ ବିଭିନ୍ନ ଖବରକାଗଜରେ ପ୍ରକାଶିତ ଓ ଟେଲିଭିଜନ ଚ୍ୟାନେଲ୍ ରେ ପ୍ରସାରିତ ଜନନୀ ଯନ୍ତ୍ରଣାର କରୁଣ ଚିତ୍ର ସାଧାରଣ ମଣିଷର କୋମଳ ହୃଦୟକୁ ଗଭୀର ଭାବେ ମର୍ମାହତ କରୁଛି। କୋରାପୁଟ, କଳାହାଣ୍ଡି, ମାଲକାନଗିରି, ନବରଙ୍ଗପୁର, ଫୁଲବାଣୀ ଭଳି ଜିଲ୍ଲାର ପାହାଡ଼ିଆ, ଦୁର୍ଗମ ଅଞ୍ଚଳ ତଥା ଅନେକ ଗାଁରେ ସବୁଦିନିଆ ରାସ୍ତା ନ ଥିବାରୁ ସେଠାକୁ ଆମ୍ବୁଲାନ୍ସ ପହଞ୍ଚି ପାରୁନାହିଁ। ଯାହା ଫଳରେ ରୋଗୀ ବା ଗର୍ଭବତୀ ମହିଳାଙ୍କୁ କେଉଁଠି ଭାରରେ ତ ଆଉ କେଉଁଠାରେ ଖଟିଆରେ ମାଇଲ୍ ମାଇଲ୍ ବୋହି ଆଣିଥାଆନ୍ତି ରୋଗୀଙ୍କ ଆତ୍ମୀୟ। ଆମ୍ବୁଲାନ୍ସ ନିକଟରେ ପହଞ୍ଚିବା ପୂର୍ବରୁ କେଉଁଠି ରୋଗୀର ଜୀବନ ଚାଲି ଯାଉଛି, ଆଉ କେଉଁଠାରେ ଗର୍ଭବତୀଟି ବାଟରେ ପ୍ରସବ କରୁଛି କିମ୍ବା ଅସହ୍ୟ ଗର୍ଭ ଯନ୍ତ୍ରଣାରେ ତାହାର ମୃତ୍ୟୁ ଘଟୁଛି। ଯେ ତ ଗଲା ଉପାନ୍ତ ଅଞ୍ଚଳର କଥା। ଏଥର ଆସିବା ବିକଶିତ ଉପକୂଳର ଏକ ଗାଆଁର ଘଟଣାକୁ। ସମ୍ବାଦପତ୍ରରେ ପ୍ରକାଶିତ, ଭଦ୍ରକର ଚାନ୍ଦବାଲିରେ ଭଲ ରାସ୍ତା ନଥିବାରୁ ବାହା ହେବାକୁ ଗଲେ ଓ ବାହାଘର ପରେ ବି କାନ୍ଧରେ ବୁହା ହୋଇ ଫେରିଲେ ବର। ଗତ ବିଧାନସଭାରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକଙ୍କ ଉତ୍ତର ଅନୁଯାୟୀ 'ରାଜ୍ୟରେ ପାଞ୍ଚ ହଜାର ରୁ ଊର୍ଦ୍ଧ୍ୱ ଗାଁ କୁ ରାସ୍ତା ନାହିଁ। ସୁନ୍ଦରଗଡ଼ରେ ସର୍ବାଧିକ ୯୦୫ ଟି ସଂଯୋଗହୀନ ଗ୍ରାମ ଓ ପଡ଼ା ଥିବାବେଳେ ନବରଙ୍ଗପୁରରେ ୪୩୫ ଟି, ମାଲକାନଗିରିରେ ୩୨୮ ଟି ଓ କଳାହାଣ୍ଡିରେ ୩୨୧ ଟି ଗ୍ରାମକୁ ରାସ୍ତା ସଂଯୋଗ ନାହିଁ। ଏସବୁ ଗାଁ କୁ ପର୍ଯ୍ୟାୟକ୍ରମେ ରାସ୍ତା ସଂଯୋଗ ହେବ।' ଏଠାରେ ସ୍ୱାଭାବିକ ଭାବେ ପ୍ରଶ୍ନଟିଏ ମନକୁ ଆସେ, ମାଲମାଲ ଯୋଜନା କାହା ପାଇଁ? ସ୍ୱାଧୀନତାର ଆଉ କେତେ ବର୍ଷ ପରେ ଓଡ଼ିଶାର ସବୁ ଗାଁକୁ ସବୁଦିନିଆ ରାସ୍ତା ସଂଯୋଗ ହେବ ? ଭାରରେ ଓ ଖଟିଆରେ ରୋଗୀ ବୋହିବାର ବିକଳ ଚିତ୍ର କେବେ ବନ୍ଦ ହେବ ? କେବେ ପଡିବ ଜନନୀ ଯନ୍ତ୍ରଣାର ଯବନିକା ?

**ପ୍ରତାପ ନାୟକ**
କଳିଙ୍ଗ ବିହାର
ଭୁବନେଶ୍ୱର





## ଗିଲ୍‌ଙ୍କ ଭୀଷ୍ମ ପ୍ରହାର




ମାଂଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡରେ ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଖେଳାଯାଇଥିବା ଆଣ୍ଡରସନ-ତେନ୍ଦୁଲକର ଟ୍ରଫିର ଚତୁର୍ଥ ଟେଷ୍ଟ ମ୍ୟାଚ୍ ଡ୍ରରେ ଶେଷ ହୋଇଛି। ଏହା ସହିତ, ଭାରତ ସିରିଜରେ ୨-୧ରେ ପଛୁଆ ଅଛି। ଏବେ ଏହି ସିରିଜର ପଂଚମ ଏବଂ ଅନ୍ତିମ ମ୍ୟାଚ୍ ୩୧ ଜୁଲାଇରୁ ଖେଳାଯିବ, ଯାହାକୁ ଜିତି ଟିମ୍ ଇଣ୍ଡିଆ ସିରିଜକୁ ୨-୨ରେ ସମାନ କରିବାକୁ ଚାହିଁବ। ଭାରତ ପ୍ରଥମ ଇନିଂସରେ ୩୫୮ ରନ୍ କରିଥିଲା। ଏହା ପରେ ଇଂଲଣ୍ଡ ତା'ର ପ୍ରଥମ ଇନିଂସରେ ୬୬୯ ରନ୍ କରିଥିଲା ଏବଂ ଭାରତ ଉପରେ ୩୧୧ ରନ୍ ର ଲିଡ୍ ହାସଲ କରିଥିଲା। ଟିମ୍ ଇଣ୍ଡିଆ ଦ୍ୱିତୀୟ ଇନିଂସରେ ୪ ୱିକେଟ୍ ହରାଇ ୪୨୫ ରନ୍ କରିଛି। ପଂଚମ ଦିନର ଶେଷ ସେସନ୍‌ରେ ମ୍ୟାଚ୍‌ର ଫଳାଫଳ ଆସୁ ନଥିବା ଦେଖି ଇଂଲଣ୍ଡ ଏବଂ ଭାରତ ପରସ୍ପର ସହମତିରେ ମ୍ୟାଚ୍‌କୁ ଡ୍ର ରଖିବାକୁ ନିଷ୍ପତି ନେଇଥିଲେ। ଭାରତ ପାଇଁ ଏହି ମ୍ୟାଚ୍ ଡ୍ର କରିବାରେ ଶୁଭମନ ଗିଲ୍ ଏବଂ କେଏଲ୍ ରାହୁଲ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। (୦-୨) ୱିକେଟ୍ ହରାଇବା ପରେ, ରାହୁଲ ଏବଂ ଗିଲ୍ ମିଳିତ ଭାବେ ତୃତୀୟ ୱିକେଟ୍ ପାଇଁ ୧୬୬ ରନ୍ ର ଭାଗୀଦାରି କରିଥିଲେ। ରାହୁଲ ୯୦ ରନ୍ କରିବା ପରେ ୬୧ତମ ଓଭରରେ ଷ୍ଟୋକ୍ସଙ୍କ ବଲ୍ ରେ ପାଭିଲିୟନ ଫେରିଥିଲେ, ଯେତେବେଳେ ଶୁଭମନ ଗିଲ୍ ୧୦୩ ରନ୍ ର ଏକ ଚମତ୍କାର ଶତକୀୟ ଇନିଂସ ଖେଳିଥିଲେ ଏବଂ ୮୩ତମ ଓଭରରେ ଆର୍ଚର ତାଙ୍କୁ ପ୍ୟାଭିଲିୟନ ପଠାଇଥିଲେ। ଏହା ପରେ ଭାରତ ପାଇଁ ୱାଶିଂଟନ ସୁନ୍ଦର ଏବଂ ରବିନ୍ଦ୍ର ଜାଡେଜା ଏକ ମହାନ ଖେଳ ଖେଳିଥିଲେ ଏବଂ ଉଭୟ ଶତକ ହାସଲ କରିଥିଲେ। ସୁନ୍ଦର ୨୦୬ ବଲ୍‌ରେ ୯ ଚୌକା ଏବଂ ୧ ଛକା ସହିତ ୧୦୧ ରନ୍ ର ଶତକ ହାସଲ କରିଥିଲେ। ଏହା ସୁନ୍ଦରଙ୍କ କ୍ୟାରିୟରର ପ୍ରଥମ ଟେଷ୍ଟ ଶତକ ଥିଲା। ଜାଡେଜା ୧୮୫ ବଲ୍‌ରେ ୧୩ ଚୌକା ଏବଂ ୧ ଛକା ସହିତ ୧୦୭ ରନ୍ କରିଥିଲେ, ଏହା ତାଙ୍କ ଟେଷ୍ଟ କ୍ୟାରିୟରର ୫ମ ଶତକ ଥିଲା। ଇଂଲଣ୍ଡ ପ୍ରଥମ ଇନିଂସରେ ୬୬୯ ରନ କରିଥିଲା। ଇଂଲଣ୍ଡ ପକ୍ଷରୁ ଜୋ ରୁଟ୍ ପ୍ରଥମ ଇନିଂସରେ ୧୪ ଚୌକା ସହାୟତାରେ ୨୪୮ ବଲ୍ ରେ ୧୫୦ ରନ କରିଥିଲେ। ବେନ୍ ଷ୍ଟୋକ୍ସ ୧୯୮ ବଲ୍ ରେ ୧୧ ଚୌକା ଏବଂ ୩ ଛକା ସହାୟତାରେ ୧୪୧ ରନ କରିଥିଲେ। ଏହାବାଦ୍ ଜ୍ୟାକ୍ କ୍ରାଉଲି ୮୪, ବେନ୍ ଡକେଟ ୯୪, ଓଲି ପୋପ୍ ୭୧ ଏବଂ ବ୍ରାଇଡନ୍ କାର୍ସେ ୪୭ ରନ୍ କରିଥିଲେ। ଭାରତ ପକ୍ଷରୁ ରବିନ୍ଦ୍ର ଜାଡେଜା ୪ ୱିକେଟ ନେଇଥିଲେ। ଟିମ୍ ଇଣ୍ଡିଆ ପ୍ରଥମ ଇନିଂସରେ ୩୫୮ ରନ୍ କରିଥିଲା। ଯଶସ୍ୱୀ ଜୟସ୍ୱାଲ ୫୮, ସାଇ ସୁଦର୍ଶନ ୬୧ ଏବଂ ରିଷଭ ପନ୍ତ ୫୪ ରନ୍ କରିଥିଲେ। କେଏଲ ରାହୁଲ ୪୬ ଏବଂ ଶାର୍ଦ୍ଦୁଳ ଠାକୁର ୪୧ ରନ୍ କରିଥିଲେ। ଇଂଲଣ୍ଡ ପାଇଁ ଅଧିନାୟକ ବେନ୍ ଷ୍ଟୋକ୍ସ ପ୍ରଥମ ଇନିଂସରେ ୫ ୱିକେଟ୍ ନେଇଥିଲେ। ଭାରତୀୟ ଟେଷ୍ଟ ଅଧିନାୟକ ଶୁମନ ଗିଲ୍ ଆଣ୍ଡରସନ-ତେନ୍ଦୁଲକର ଟ୍ରଫିରେ ତାଙ୍କର ଚମତ୍କାର ପ୍ରଦର୍ଶନ ଜାରି ରଖିଛନ୍ତି। ଗିଲ୍ ଦ୍ୱିତୀୟ ଇନିଂସରେ ୧୦୩ ରନର ଇନିଂସ ଖେଳି ଡନ୍ ବ୍ରାଡମ୍ୟାନ୍ ଏବଂ ସୁନୀଲ ଗାଭାସ୍କରଙ୍କ ଦ୍ୱାରା ସ୍ଥାପିତ ବିଶ୍ୱ ରେକର୍ଡର ସମକକ୍ଷ ହୋଇଛନ୍ତି। ଏଥିସହ ଗିଲ୍ ଗୋଟିଏ ଟେଷ୍ଟ ସିରିଜରେ ଚାରିଟି ଶତକ ହାସଲ କରିଥିବା ଅଧିନାୟକଙ୍କ ଏକ ସ୍ୱତନ୍ତ୍ର କ୍ଲବରେ ସାମିଲ ହୋଇଛନ୍ତି।

## ସେପ୍ଟେମ୍ବର ୯ରୁ ଏସିଆ କପ୍




ଭାରତ, ପାକିସ୍ତାନ ଏବଂ ଶ୍ରୀଲଙ୍କା ଭଳି ଦଳକୁ ନେଇ ବହୁ ପ୍ରତୀକ୍ଷିତ ଏସିଆ କପ୍ ସେପଟ୍ଟେମ୍ବର ୯ରୁ ୨୮ ତାରିଖ ପର୍ଯ୍ୟନ୍ତ ସଂଯୁକ୍ତ ଆରବ ଏମିରେଟ୍ସରେ ଅନୁଷ୍ଠିତ ହେବ। ସମ୍ବାଦ ସରବରାହ ସଂସ୍ଥା ପିଟିଆଇ ଡ୍ରାଫ୍ଟ ସୂଚୀକୁ ଉଦ୍ଧୃତ କରି କହିଛି ଯେ, ଟୁର୍ଣ୍ଣାମେଂଟରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଗ୍ରୁପ୍ ମ୍ୟାଚ୍ ୧୪ ସେପଟ୍ଟେମ୍ବର ଦୁବାଇ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଖେଳାଯିବ। ଟୁର୍ଣ୍ଣାମେଂଟରେ ଭାରତ ଏବଂ ପାକିସ୍ତାନୀ ଦଳ ସମାନ ଗ୍ରୁପ୍‌ରେ ଅଛନ୍ତି। ଏପରି ପରିସ୍ଥିତିରେ ୨୧ ସେପଟ୍ଟେମ୍ବର (ରବିବାର) ସୁପର ଫୋର୍ ମ୍ୟାଚ୍‌ରେ ସେମାନେ ପୁଣି ପରସ୍ପରର ସାମ୍ନା କରିବେ ବୋଲି ଆଶା କରାଯାଉଛି। ଟିମ୍ ଇଣ୍ଡିଆ ସେପଟ୍ଟେମ୍ବର ୧୦ରେ ଟଇର ବିପକ୍ଷରେ ଏସିଆ କପରେ ତା'ର ଅଭିଯାନ ଆରମ୍ଭ କରିବ। ଭାରତର ସମସ୍ତ ମ୍ୟାଚ୍ ଦୁବାଇରେ ଖେଳାଯିବାର ସମ୍ଭାବନା ଅଛି। ଭାରତ, ପାକିସ୍ତାନ, ଏବଂ ଓମାନକୁ ଗ୍ରୁପ-ଇରେ ରଖାଯାଇଛି। ସେହିପରି ଶ୍ରୀଲଙ୍କା, ବାଂଲାଦେଶ, ଆଫଗାନିସ୍ତାନ ଏବଂ ହଂକଂ ଗ୍ରୁପରେ ଅଛନ୍ତି। ୧୯ ମ୍ୟାଚ୍ ବିଶିଷ୍ଟ ଏହି ଟୁର୍ଣ୍ଣାମେଂଟ୍ ପାଇଁ ଇଉଉ ୧୭ ଜଣିଆ ଦଳକୁ ଅନୁମତି ଦେବ। ମ୍ୟାଚ୍ଗୁଡ଼ିକ ଦୁବାଇ ଏବଂ ଆବୁଧାବିରେ ଖେଳାଯିବ। ଏସିଆନ୍ କ୍ରିକେଟ୍ କାଉନସିଲ୍ ସଭାପତି ମୋହସିନ୍ ନକଭି ଢରେ ଏକ ପୋଷ୍ଟ ମାଧ୍ୟମରେ ଏହି ଖବରକୁ ନିଶ୍ଚିତ କରିଛନ୍ତି। ନକଭି, ଯିଏ ପାକିସ୍ତାନ କ୍ରିକେଟ୍ ବୋର୍ଡର ଅଧ୍ୟକ୍ଷ ମଧ୍ୟ, ପୋଷ୍ଟ କରିଛନ୍ତି , 'ମୁଁ ୟୁଏଇରେ ଏସିସି ପୁରୁଷ ଏସିଆ କପ୍ ୨୦୨୫ ପାଇଁ ତାରିଖ ନିଶ୍ଚିତ କରି ଖୁସି। ଏହି ସମ୍ମାନଜନକ ଟୁର୍ଣ୍ଣାମେଂଟ୍ ସେପଟ୍ଟେମ୍ବର ୯ରୁ ୨୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଆମେ କ୍ରିକେଟର ଏକ ଚମତ୍କାର ପ୍ରଦର୍ଶନ ପାଇଁ ଅପେକ୍ଷା କରିଛୁ! ବିସ୍ତୃତ କାର୍ଯ୍ୟସୂଚୀ ଖୁବ୍ ଶୀଘ୍ର ପ୍ରକାଶ ପାଇବ।

## ତେନ୍ଦୁଲକରଙ୍କ ମହାରେକର୍ଡ ଭାଙ୍ଗିପାରିବେ କି ରୁଟ୍ ?




## ସେମିରେ କୋନେରୁଙ୍କ ଦମଦାର୍ ପ୍ରଦର୍ଶନ



ଗ୍ରାଣ୍ଡମାଷ୍ଟର କୋନେରୁ ହମ୍ପି ଟାଇବ୍ରେକରରୁ ଫେରି ଉଓଉର ମହିଳା ବିଶ୍ୱକପ୍ ୨୦୨୫ର ସେମି ଫାଇନାଲରେ ଚୀନର ଟିଂଜି ଲେଇଙ୍କୁ ପରାସ୍ତ କରିଥିଲେ ଏବଂ ଆଗକୁ ଫାଇନାଲରେ ସେ ନିଜ ଦେଶର ଦିବ୍ୟା ଦେଶମୁଖଙ୍କ ସହ ମୁକାବିଲା କରିବେ। ହମ୍ପି ସେମି ଫାଇନାଲରେ ଚମତ୍କାର ପ୍ରଦର୍ଶନ କରିଥିଲେ ଏବଂ ଚୀନ୍ ଖେଳାଳି ତାଙ୍କ ସହିତ ସମକକ୍ଷ ହୋଇପାରି ନଥିଲେ। ଫାଇନାଲରେ ପହଂଚିଥିବା ହମ୍ପି ଏବଂ ଦିବ୍ୟା ଉଭୟ ଆସନ୍ତା ବର୍ଷର ମହିଳା ପ୍ରାର୍ଥୀ ପ୍ରତିଯୋଗିତା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ପ୍ରଥମ ଦୁଇଟି ଖେଳ ଡ୍ର କରିବା ପରେ, କୋନେରୁ ହମ୍ପିଙ୍କୁ ଟାଇବ୍ରେକର ୧-୧ ଡ୍ରରେ ସନ୍ତୁଷ୍ଟ ହେବାକୁ ପଡିଲା, ଯେଉଁଥିରେ ଉଭୟ ଖେଳାଳିଙ୍କ ପାଇଁ ଅତିରିକ୍ତ ସମୟ ସହିତ ୧୫-୧୫ ମିନିଟ୍ ର ଦୁଇଟି ଖେଳ ଥିଲା। ପରବର୍ତ୍ତୀ ଦୁଇଟି ଟାଇବ୍ରେକର ଖେଳ ୧୦-୧୦ ମିନିଟ୍ ର ଥିଲା। ଲେଇ ପ୍ରଥମ ଖେଳ ଜିତି ନେତୃତ୍ୱ ନେଇଥିଲେ, କିନ୍ତୁ ହମ୍ପି କଷ୍ଟକର ସ୍ଥିତିରେ ଥିବା ସତ୍ତ୍ୱେ ଦ୍ୱିତୀୟ ଖେଳ ଜିତି ମ୍ୟାଚ୍ ସମାନ କରିଥିଲେ। ଟାଇ-ବ୍ରେକ୍ ଖେଳର ତୃତୀୟ ସେଟ୍‌ରେ, କୋନୋରୁ ହମ୍ପି ପ୍ରଥମ ଖେଳରେ ଧଳା ଗୋଟି ସହିତ ଆରମ୍ଭ କରିଥିଲେ ଏବଂ ଖେଳର ସମସ୍ତ ବିଭାଗରେ ଟିଂଜି ଲେଇଙ୍କୁ ପରାସ୍ତ କରି ବିଜୟୀ ହୋଇଥିଲେ। ପ୍ରଥମ ଖେଳ ଜିତିବା ପରେ, ହମ୍ପିଙ୍କୁ ଫାଇନାଲରେ ପହଂଚିବା ପାଇଁ କେବଳ ଏକ ଡ୍ର ଆବଶ୍ୟକ ଥିଲା ଏବଂ ସେ ଟାଇଟଲ୍ ମ୍ୟାଚ୍‌ରେ ସ୍ଥାନ ସୁରକ୍ଷିତ କରିବା ପାଇଁ ଏହାକୁ ଜିତିଥିଲେ। ଅନ୍ୟପକ୍ଷରେ, ଅନ୍ତର୍ଜାତୀୟ ମାଷ୍ଟର ଦିବ୍ୟା ଦେଶମୁଖ ସେମିଫାଇନାଲରେ ପୂର୍ବତନ ବିଶ୍ୱ ଚାମ୍ପିଅନ ଚୀନର ଟାନ୍ ଝୋଙ୍ଗିଙ୍କୁ ପରାସ୍ତ କରି ମହିଳା ବିଶ୍ୱକପ ଚେସ୍ ର ଫାଇନାଲରେ ପ୍ରବେଶ କରିଛନ୍ତି। ଫାଇନାଲରେ ପହଂଚିବା ତାଙ୍କୁ ଆଗାମୀ ବର୍ଷ ମହିଳା ପ୍ରତିଯୋଗିତାରେ ମଧ୍ୟ ପ୍ରବେଶ କରାଇଛି। କ୍ୱାର୍ଟର ଫାଇନାଲ୍‌ରେ ଦ୍ୱିତୀୟ ସିଡ୍ ଚୀନ୍‌ର ଜୋନର୍ ଝୁ ଏବଂ ତା'ପରେ ଗ୍ରାଣ୍ଡମାଷ୍ଟର୍ ଡି ହାରିକାଙ୍କୁ ପରାସ୍ତ କରି ଦିବ୍ୟା ଟୁର୍ଣ୍ଣାମେଂଟ୍‌ରେ ପ୍ରାଧାନ୍ୟ ବିସ୍ତାର କରିଥିଲେ। ଟାନ୍‌ଙ୍କ ବିପକ୍ଷରେ ତାଙ୍କର ୧୦୧ ଚାଲର ବିଜୟ, ତାଙ୍କର ବର୍ଦ୍ଧିତ ଚେସ୍ ଦକ୍ଷତାର ପ୍ରମାଣ ଥିଲା।

ଆଣ୍ଡରସନ୍-ତେନ୍ଦୁଲକର ଟ୍ରଫି ଅଧୀନରେ ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ପାଂଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳାଯାଉଛି । ଏହି ସିରିଜ୍ ୩ ମ୍ୟାଚ୍ ପରେ ୨-୧ ରେ ପଛରେ ରହିଛି ଟିମ୍ ଇଣ୍ଡିଆ । ଏବେ ଭାରତୀୟ ଦଳ ୨୩ ଜୁଲାଇରୁ ଆରମ୍ଭ ହୋଉଥିବା ଚତୁର୍ଥ ଟେଷ୍ଟ ମ୍ୟାଚ୍ ଜିତି ସିରିଜ୍ ସମାନ ଚାହୁଁଥିବା ବେଳେ ୩ୟ ଦିନ ଖେଳ ଶେଷ ସୁଦ୍ଧା ଡ୍ରାଇଭର ସିଟରେ ରହିଛି ଘରୋଇ ଦଳ । ବୋଲରଙ୍କ କମାଲ ପରେ ବ୍ୟାଟରଙ୍କ ଜବରଦସ୍ତ ପାଳି ପାଇଁ ଫ୍ରଂଟଫୁଟରେ ରହିଛି ଇଂଲିସ ଟିମ୍ । ତେବେ ଏହି ସମୟରେ ଚର୍ଚ୍ଚାରେ ଷ୍ଟାର ଇଂଲଣ୍ଡ ବ୍ୟାଟସମ୍ୟାନ୍ ଜୋ ରୁଟ୍ । ଏପଟେ ପୂର୍ବତନ ଭାରତୀୟ ବ୍ୟାଟସମ୍ୟାନ୍ ସଚିନ ତେନ୍ଦୁଲକରଙ୍କ ଅନେକ ରେକର୍ଡ ଭାଙ୍ଗି ଟେଷ୍ଟରେ ନମ୍ବର ୧ ମୁକୁଟ ପିନ୍ଧି ପାରିବେ କି ରୁଟ୍ ବୋଲି ପ୍ରଶ୍ନ ଉଠିଛି । ଭାରତୀୟ କିମ୍ବଦନ୍ତୀ ସଚିନ ତେନ୍ଦୁଲକରଙ୍କ ପାଖରେ ସର୍ବାଧିକ ରନ ସ୍କୋର କରିବାଠାରୁ ଆରମ୍ଭ କରି ସର୍ବାଧିକ ମ୍ୟାଚ୍ ଖେଳିବା ପର୍ଯ୍ୟନ୍ତ ଅନେକ ଗୁରୁତ୍ୱପୂର୍ଣ୍ଣ ବ୍ୟାଟିଂ ରେକର୍ଡ ଅଛି । ସକ୍ରିୟ କ୍ରିକେଟରମାନଙ୍କ ମଧ୍ୟରେ, ଇଂଲଣ୍ଡର ଜୋ ରୁଟ୍ ଏହି ଐତିହାସିକ ସଫଳତାକୁ ଚ୍ୟାଲେଞ୍ଜ କରିବାର ସବୁଠାରୁ ସମ୍ଭାବ୍ୟ ପ୍ରାର୍ଥୀ ବୋଲି ବିବେଚନା କରାଯାଏ । ୩୪ ବର୍ଷ ୬ ମାସ ବୟସରେ, ରୁଟ୍‌ଙ୍କ ଆଗରେ ଏବେ ବି ଏକ ଲମ୍ବା ଖେଳ କ୍ୟାରିଅର ଅଛି ।

ସଚିନ୍ ତେନ୍ଦୁଲକରଙ୍କ ଚମତ୍କାର କ୍ୟାରିଅର ୧୬ ବର୍ଷରୁ ୪୦ ବର୍ଷ ବୟସ ପର୍ଯ୍ୟନ୍ତ ବ୍ୟାପିଥିଲା ଏବଂ ଏହା ଅବିଶ୍ୱସନୀୟ ଥିଲା । ସେ ତାଙ୍କ ୨୪ ବର୍ଷର କ୍ୟାରିଅର ମଧ୍ୟରେ ରେକର୍ଡ ୨୦୦ ଟେଷ୍ଟ ମ୍ୟାଚ୍ ଖେଳିଥିଲେ । ଅନ୍ୟପକ୍ଷରେ ଜୋ ରୁଟ୍ ୨୦୧୨ ମସିହାରେ ତାଙ୍କର ଟେଷ୍ଟ କ୍ୟାରିଅର ଆରମ୍ଭ କରିଥିଲେ । ସଚିନ୍‌ଙ୍କ ଅବସର ନେବାର ଗୋଟିଏ ବର୍ଷ ପୂର୍ବରୁ ଯେତେବେଳେ ରୁଟ୍ ତାଙ୍କ ୨୨ତମ ଜନ୍ମଦିନରୁ ମାତ୍ର କିଛି ଦିନ ଦୂରରେ ଥିଲେ । ଯଦିଓ ରୁଟ୍ ସଚିନ୍‌ଙ୍କ ପରି ୪୦ ବର୍ଷ ବୟସ ପର୍ଯ୍ୟନ୍ତ ଖେଳନ୍ତି, ତଥାପି ତାଙ୍କ କ୍ୟାରିଅର କେବଳ ୧୮ ବର୍ଷ ରହିବ । ସଚିନ୍‌ଙ୍କ କ୍ୟାରିଅରଠାରୁ ପୂରା ଛଅ ବର୍ଷ କମ୍, ତେଣୁ ସଚିନ୍‌ଙ୍କ ଚମତ୍କାର ରେକର୍ଡ ଭାଙ୍ଗିବାର ସମ୍ଭାବନା ତାଙ୍କ ବର୍ତ୍ତମାନର ଫର୍ମ କେତେ ଦିନ ବଜାୟ ରଖିପାରିବେ ତାହା ଉପରେ ନିର୍ଭର କରିବ । ଜୋ ରୁଟ୍‌ଙ୍କ ବୟସ ୩୪ ବର୍ଷ ୨୦୧ ଦିନ। ସଚିନ ତେନ୍ଦୁଲକରଙ୍କ ସମାନ ବୟସରେ କ୍ୟାରିଅର ପ୍ରାୟ ୧୮ ବର୍ଷ ଲମ୍ବା ଥିଲା। ତଥାପି, ରୁଟ୍, ଯାହାଙ୍କ କ୍ୟାରିଅର ୧୩ ବର୍ଷ ପୂରଣ କରିବାକୁ ଚାରି ମାସରୁ ଅଧିକ ସମୟ ବାକି ଅଛି, ସେହି ବୟସରେ ସଚିନଙ୍କ ଅପେକ୍ଷା ଅଧିକ ଟେଷ୍ଟ ମ୍ୟାଚ୍ ଖେଳିଛନ୍ତି । ସଚିନ ରୁଟ୍‌ଙ୍କ ବର୍ତ୍ତମାନ ବୟସ ପର୍ଯ୍ୟନ୍ତ ମାତ୍ର ୧୪୫ ମ୍ୟାଚ୍ ଖେଳିଥିଲେ, କିନ୍ତୁ ରୁଟ୍ ୧୫୬ ମ୍ୟାଚ୍ ଖେଳିଛନ୍ତି । ସଚିନଙ୍କ ୨୦୦ ଟେଷ୍ଟ ମ୍ୟାଚ୍ ରେକର୍ଡ ଭାଙ୍ଗିବା ପାଇଁ ରୁଟ୍‌ଙ୍କୁ ଆହୁରି ୪୫ ମ୍ୟାଚ୍ ଖେଳିବାକୁ ପଡ଼ିବ । ଏହି ବର୍ଷ ଇଂଲଣ୍ଡ ଏପର୍ଯ୍ୟନ୍ତ ୪ଟି ଟେଷ୍ଟ ମ୍ୟାଚ୍ ଖେଳିଛି । ଗତ ବର୍ଷ ସେମାନେ ୧୭ ମ୍ୟାଚ୍ ଖେଳିଛନ୍ତି ଏବଂ ଗତ ତିନି ବର୍ଷ ମଧ୍ୟରେ ଇଂଲଣ୍ଡ ୪୦ଟି ଟେଷ୍ଟ ମ୍ୟାଚ୍ ଖେଳିଛି । ଏହା ପ୍ରତି ବର୍ଷ ହାରାହାରି ୧୩ରୁ ଅଧିକ ମ୍ୟାଚ୍ । ରୁଟ୍ ଏହି ପ୍ରତ୍ୟେକ ମ୍ୟାଚ୍‌ରେ ମଧ୍ୟ ଖେଳିଛନ୍ତି । ଯଦି ରୁଟ୍ କୌଣସି ଗୁରୁତର ଆଘାତ ବିନା ଏହି ଗତିରେ ଜାରି ରଖନ୍ତି, ତେବେ ସେ ଆଗାମୀ ୪-୫ ବର୍ଷ ମଧ୍ୟରେ ସଚିନଙ୍କ ୨୦୦ ଟେଷ୍ଟ ମ୍ୟାଚ୍ ର ଯାଦୁକରୀ ସଂଖ୍ୟା ଅତିକ୍ରମ କରିପାରିବେ ।

### ସଚିନଙ୍କ ଶତକ ରେକର୍ଡ ସମକକ୍ଷ ହେବେ ରୁଟ୍ !

ସଚିନଙ୍କ ସର୍ବାଧିକ ଟେଷ୍ଟ ଶତକର ରେକର୍ଡ ଭାଙ୍ଗିବା ପାଇଁ ରୁଟ୍‌ଙ୍କୁ ଆହୁରି ୧୫ ଶତକ କରିବାକୁ ପଡିବ । ରୁଟ୍‌ଙ୍କ ସାମ୍ପ୍ରତିକ ପ୍ରଦର୍ଶନ ଦର୍ଶାଉଛି ଯେ ଏହା ତାଙ୍କ ସମ୍ଭାବନା ସହିତ ସଙ୍ଗତ । ଚଳିତ ବର୍ଷ ବ୍ୟତୀତ ଗତ ଚାରି ବର୍ଷରେ ସେ ୧୯ ଶତକ ମାରିଛନ୍ତି । ସେ କେବଳ ଏହି ବର୍ଷ ୨ଟି ଶତକ ଯୋଡ଼ିଛନ୍ତି । ଯଦି ସେ ଏହି ଅବିଶ୍ୱସନୀୟ ହାର ବଜାୟ ରଖନ୍ତି, ତେବେ ରୁଟ୍ ୩ ରୁ ୫ ବର୍ଷ ମଧ୍ୟରେ ସଚିନଙ୍କ ଶତକର ରେକର୍ଡ ଭାଙ୍ଗି ପାରିବେ ।

ସଚିନଙ୍କ ଆଉ ଏକ ବଡ଼ ରେକର୍ଡ ଭାଙ୍ଗିବା ଦ୍ୱାରରେ ରୁଟ୍- ସଚିନଙ୍କ ମୋଟ ୧୧୯ ସ୍କୋର ୫୦ କିମ୍ବା ତା'ଠାରୁ ଅଧିକ (ଅର୍ଦ୍ଧଶତକ) । ରୁଟ୍ ବର୍ତ୍ତମାନ ୧୦୩ ଏପରି ସ୍କୋର କରିଛନ୍ତି । ଏହାର ଅର୍ଥ ହେଉଛି ଯେ ସଚିନଙ୍କୁ ପଛରେ ପକାଇବା ପାଇଁ ରୁଟ୍ ୧୭ ସ୍କୋର ୫୦ କିମ୍ବା ତା'ଠାରୁ ଅଧିକ ସ୍କୋର କରିବାକୁ ପଡିବ । ତାଙ୍କର ସାମ୍ପ୍ରତିକ ପ୍ରଦର୍ଶନ ଏଠାରେ ମଧ୍ୟ ତାଙ୍କର ଦୃଢ଼ ସମ୍ଭାବନାକୁ ଦର୍ଶାଉଛି, କାରଣ ସେ ଗତ ତିନି ବର୍ଷ ମଧ୍ୟରେ ୨୫ ସ୍କୋର ୫୦ କିମ୍ବା ତା'ଠାରୁ ଅଧିକ ସ୍କୋର କରିଛନ୍ତି। ଯଦି ସେ ଏହି ସ୍ଥିରତା ଜାରି ରଖନ୍ତି, ତେବେ ରୁଟ୍ ୨ ରୁ ୪ ବର୍ଷ ମଧ୍ୟରେ ଏହି ରେକର୍ଡ ଭାଙ୍ଗି ପାରିବେ ।



## ପ୍ରଶଂସକଙ୍କୁ ନିରାଶ କଲେ ଉନ୍ନତି

ଭାରତୀୟ ପ୍ରଶଂସକମାନେ ବ୍ୟାଡମିଂଟନ କୋର୍ଟରୁ ନିରାଶାଜନକ ଖବର ପାଇଛନ୍ତି। ଚୀନ୍ ଓପନ୍ ୨୦୨୫ ମହିଳା ସିଙ୍ଗଲ୍ସରେ ଭାରତର ଯାତ୍ରା ଶେଷ ହୋଇଛି। କାରଣ ୧୭ ବର୍ଷୀୟ ଭାରତୀୟ ମହିଳା ବ୍ୟାଡମିଂଟନ ଖେଳାଳି ଉନ୍ନତି ହୁଡାଙ୍କୁ କ୍ୱାର୍ଟର ଫାଇନାଲରେ ପରାଜୟର ସାମ୍ନା କରିବାକୁ ପଡିଛି, ଏହା ସହିତ ସେ ସେମିଫାଇନାଲରେ ସ୍ଥାନ ପାଇବାରୁ ବଂଚିତ ହୋଇଛନ୍ତି।



### ଜାପାନୀ ଖେଳାଳିଙ୍କଠାରୁ ପରାସ୍ତ ହୋଇଛନ୍ତି ଉନ୍ନତି ହୁଡା

ଭାରତର ଉନ୍ନତି ହୁଡା ଇଡଉ ସୁପର ୧୦୦୦ ଟୁର୍ଣ୍ଣାମେଂଟ୍ ଚାଇନା ଓପନ୍ ୨୦୨୫ର ମହିଳା ସିଙ୍ଗଲ୍ସର କ୍ୱାର୍ଟର ଫାଇନାଲରେ ଜାପାନୀ ଶଟଲର ଆକାନେ ୟାମାଗୁଚିଙ୍କ ସହ ମୁହାଁମୁହିଁ ହୋଇଥିଲେ। ଏହି ମ୍ୟାଚ୍‌ରେ ୟାମାଗୁଚି ସିଧାସଳଖ ୧୬-୨୧ ଏବଂ ୧୨-୨୧ରେ ଉନ୍ନତିଙ୍କୁ ପରାସ୍ତ କରିଛନ୍ତି। ଏହା ସହିତ, ଭାରତୀୟ ପ୍ରଶଂସକଙ୍କ ମହିଳା ସିଙ୍ଗଲ୍ସ ଟାଇଟଲ ଜିତିବାର ସ୍ୱପ୍ନ ମଧ୍ୟ ଶେଷ ହୋଇଛି କାରଣ ଚୀନ୍ ଓପନ୍ ୨୦୨୫ର ମହିଳା ସିଙ୍ଗଲ୍ସରେ ଭାରତର ଅଭିଯାନ ଶେଷ ହୋଇଯାଇଛି। ଏହି କ୍ୱାର୍ଟର ଫାଇନାଲ୍ ମ୍ୟାଚ୍ ବିଷୟରେ କହିବାକୁ ଗଲେ, ଉନ୍ନତି ହୁଡା ଆକାନେ ୟାମାଗୁଚିଙ୍କ ବିପକ୍ଷରେ ତିଷ୍ଠି ପାରିଲେ ନାହିଁ। ପ୍ରଥମ ସେଟ୍‌ରେ ୟାମାଗୁଚି ଏକ ମହାନ ଆରମ୍ଭ କରିଥିଲେ ଏବଂ ଶେଷ ପର୍ଯ୍ୟନ୍ତ ଏହାକୁ ବଜାୟ ରଖିଥିଲେ। ସେ କେବଳ ୧୬ ପଏଂଟ୍ ସ୍କୋର କରିପାରିଥିଲେ ଯେତେବେଳେ ୟାମାଗୁଚି ୨୧ ପଏଂଟ୍ ସ୍କୋର କରି ପ୍ରଥମ ସେଟ୍ ୧୬-୨୧ରେ ଜିତିଥିଲେ। ଏହାପରେ ଭାରତୀୟ ସଟଲର୍ ଉନ୍ନତି ଦ୍ୱିତୀୟ ସେଟ୍‌ରେ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଆଶା କରାଯାଉଥିଲା କିନ୍ତୁ ସେ ଏଠାରେ ମଧ୍ୟ ନୈରାଶ୍ୟଜନକ ପ୍ରଦର୍ଶନ କରିଥିଲେ ଏବଂ ପ୍ରତ୍ୟାବର୍ତ୍ତନ କରିପାରି ନଥିଲେ। ଉନ୍ନତି ଦ୍ୱିତୀୟ ସେଟ୍‌ରେ କେବଳ ୧୨ ପଏଂଟ୍ ସ୍କୋର କରିପାରିଥିଲେ, ଯେତେବେଳେ ୟାମାଗୁଚି ୨୧ ପଏଂଟ୍ ସ୍କୋର କରି ଦ୍ୱିତୀୟ ସେଟ୍‌କୁ ଏକତରଫା ଭାବରେ ୧୨-୨୧ରେ ଜିତିଥିଲେ। ଏହା ସହିତ ଜାପାନୀ ଖେଳାଳି ଚାଇନା ଓପନ୍ ୨୦୨୫ର ମହିଳା ସିଙ୍ଗଲ୍ସର ସେମିଫାଇନାଲରେ ପ୍ରବେଶ କରିଛନ୍ତି।

### ସାତ୍ୱିକ-ଚିରାଗଙ୍କୁ ମଧ୍ୟ ଆକ୍ସନରେ ଦେଖିବାକୁ ମିଳିବ

ଚୀନ୍ ଓପନ୍ ୨୦୨୫ରେ ଏବେ ଭାରତର ଆଶା କେବଳ ପୁରୁଷ ଡବଲ୍ସ ମ୍ୟାଚ୍ ଉପରେ ରହିଛି। ଯେଉଁଠାରେ ସନ୍ଧ୍ୟାରେ ଭାରତୀୟ ପୁରୁଷ ଯୋଡ଼ି ସାତ୍ୱିକସାଇରାଜ ରାଙ୍କିରେଡ୍ଡି ଏବଂ ଚିରାଗ ଶେଟ୍ଟି ମାଲେସିଆ ଯୋଡ଼ି ଓଙ୍ଗ ୟୁ ସିନ୍ ଏବଂ ତେଓ ଇ ୟିଙ୍କୁ ଭେଟିବେ। ଯଦି ଭାରତୀୟ ଯୋଡ଼ି ଏହି ପୁରୁଷ ଡବଲ୍ସ କ୍ୱାର୍ଟର ଫାଇନାଲ ମ୍ୟାଚ୍ ରେ ବିଜୟୀ ହୁଅନ୍ତି, ତେବେ ସେମାନେ ଟୁର୍ଣ୍ଣାମେଂଟ୍‌ର ସେମିଫାଇନାଲରେ ପ୍ରବେଶ କରିବେ।

## କମାଲ କଲେ ଦିବ୍ୟା ଦେଶମୁଖ

ପ୍ରଥମ ଥର ପାଇଁ ମହିଳା ଚେସ୍ ବିଶ୍ୱକପ୍ ରେ ଅଂଶଗ୍ରହଣ କରୁଥିବା ନାଗପୁରର ଦିବ୍ୟା ଦେଶମୁଖ ଇତିହାସ ରଚିଛନ୍ତି। ସେ ଜର୍ଜିଆରେ ଅନୁଷ୍ଠିତ ମହିଳା ଚେସ୍ ବିଶ୍ୱକପ୍‌ର ଫାଇନାଲରେ ପହଂଚିଥିବା ପ୍ରଥମ ଭାରତୀୟ ଖେଳାଳି ହୋଇଛନ୍ତି। ସେ ସେମିଫାଇନାଲର ଦ୍ୱିତୀୟ ଖେଳରେ ପୂର୍ବତନ ବିଶ୍ୱ ଚାମ୍ପିଅନ୍ ଚୀନ୍‌ର ଝୋଙ୍ଗି ଟାନ୍‌ଙ୍କୁ ୧.୫-୦.୫ରେ ପରାସ୍ତ କରି ଏହି ସଫଳତା ହାସଲ କରିଥିଲେ। ଏହା ଏକ ଲମ୍ବା ମ୍ୟାଚ୍ ଥିଲା ଯେଉଁଥିରେ ୧୦୧ଟି ଚାଲ୍ ଚାଲିଥିଲା।

### ଇତିହାସ ସୃଷ୍ଟି କରିଛନ୍ତି ଦିବ୍ୟା ଦେଶମୁଖ

ଏହି ବିଜୟ ସହିତ ନାଗପୁର ଗର୍ଲ ଦିବ୍ୟା ମଧ୍ୟ ପ୍ରତିଷ୍ଠିତ ପ୍ରାର୍ଥୀ ପ୍ରତିଯୋଗିତା ପାଇଁ ଯୋଗ୍ୟତା ଅର୍ଜନ କରିଥିବା ପ୍ରଥମ ଭାରତୀୟ ମହିଳା ହୋଇଛନ୍ତି। ଏହି ପ୍ରତିଯୋଗିତା ଆସନ୍ତା ବର୍ଷ ଖେଳାଯିବ, ଯାହା ବର୍ତ୍ତମାନର ମହିଳା ବିଶ୍ୱ ଚାମ୍ପିଅନ୍ ଓ୍ୱେଞ୍ଜୁନ୍ ଜୁଙ୍କ ପ୍ରତିଦ୍ୱନ୍ଦ୍ୱୀ ନିର୍ଣ୍ଣୟ କରିବ। ଦିବ୍ୟା ଏହା ପୂର୍ବରୁ କ୍ୱାର୍ଟର ଫାଇନାଲ୍‌ରେ ଚୀନ୍‌ର ଦ୍ୱିତୀୟ ସିଡ୍ ଝୋଙ୍ଗସୁ ଝୁ ଏବଂ ତା'ପରେ ସାଥୀ ଭାରତୀୟ ଗ୍ରାଣ୍ଡମାଷ୍ଟର ଡି ହାରିକାଙ୍କୁ ପରାସ୍ତ କରିଥିଲେ। ଦିବ୍ୟ ଦେଶମୁଖଙ୍କ ଜନ୍ମ ୯ ଡିସେମ୍ବର ୨୦୦୫ରେ ମହାରାଷ୍ଟ୍ରର ନାଗପୁରରେ ହୋଇଥିଲା। ଦିବ୍ୟା ପିଲାଦିନରୁ ଚେସ୍ ଖେଳିବାକୁ ପସନ୍ଦ କରୁଥିଲେ। ତେଣୁ ସେ ୫ ବର୍ଷ ବୟସରୁ ଚେସ୍ ଖେଳିବା ଆରମ୍ଭ କରିଥିଲେ। ଦିବ୍ୟାଙ୍କ ବାପା-ମା' ଉଭୟ ଡାକ୍ତର। ସେମାନେ ପ୍ରତ୍ୟେକ ସମୟରେ ସେମାନଙ୍କ ଝିଅକୁ ସମର୍ଥନ କରିଥିଲେ, ଯାହା ଯୋଗୁଁ ଆଜି ଦିବ୍ୟା ଦେଶ ପାଇଁ ଗୌରବ ଆଣିଛନ୍ତି। ଦିବ୍ୟା ମାତ୍ର ସାତ ବର୍ଷ ବୟସରେ ୨୦୧୨ ମସିହାରେ ୭ ବର୍ଷରୁ କମ୍ ଜାତୀୟ ଚାମ୍ପିଅନସିପ୍ ଜିତିଥିଲେ। ସେବେଠାରୁ ଦିବ୍ୟା କେବେ ପଛକୁ ଫେରି ଚାହିଁ ନଥିଲେ ଏବଂ ଅନେକ ଟାଇଟଲ ଜିତିଥିଲେ। ତାଙ୍କର ସଫଳତା ତାଙ୍କୁ ୨୦୨୧ ମସିହାରେ ମହିଳା ଗ୍ରାଣ୍ଡମାଷ୍ଟର କରିଥିଲା ଏବଂ ସେ ଏହି ସଫଳତା ହାସଲ କରିବାରେ ୨୨ତମ ମହିଳା ଖେଳାଳି ହୋଇଥିଲେ। ଏହା ପରେ, ଦିବ୍ୟା ୨୦୨୩ ମସିହାରେ ଅନ୍ତର୍ଜାତୀୟ ମାଷ୍ଟର ଉପାଧି ମଧ୍ୟ ପାଇଥିଲେ।

## ନାବାଳିକା ଅସଦାଚରଣ ମାମଲା

# ଦୋଷୀକୁ ୧୫ବର୍ଷ ଜେଲ୍

ସମ୍ବଲପୁର, (ହି.ସ.): ସମ୍ବଲପୁର ସତନ୍ତ୍ର ପୋକ୍ସ କୋର୍ଟ ବିଚାରପତି ଅଭିଳାଶ ସେନାପତି ଜନୈକା ନାବାଳିକା ଦୁଷ୍କର୍ମ ମାମଲାର ଶୁଣାଣି କରି ରାୟ ପ୍ରଦାନ କରିଛନ୍ତି । ମହୁଲପାଲି ଥାନା ଅନ୍ତର୍ଗତ ବିଲେଇଗଡ ଗ୍ରାମର ୨୩ ବର୍ଷର ଅଭିଯୁକ୍ତ ଟେକଚାନ୍ଦ ରୋହିଦାସକୁ ୧୫ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥି ସହ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି । ଏହି ଜରିମାନା ଅର୍ଥ ଅନାଦେୟ ଅଧିକ ୧ବର୍ଷ ଦଣ୍ଡାଦେଶ ଜାରି କରିଛନ୍ତି । ସେହିପରି କ୍ଷତିପୂରଣ ବାବଦରେ ପିଡୀତା ନାବାଳିକାକୁ ୭ଲକ୍ଷ ଟଙ୍କା ଦେବା ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ମାମଲାକୁ ସ୍ୱତନ୍ତ୍ର ପିପି ସନ୍ତୋଷ କୁମାର ପଣ୍ଡା ପରିଚାଳନା କରିଥିଲେ । ସୂଚନାଯୋଗ୍ୟ, ୨୦୧୮ ସେପ୍ଟମ୍ବର ୧୭ ତାରିଖ ସନ୍ଧ୍ୟାରେ ନାବାଳିକା ଜଣକ ନିଜ ଘର ପାଖରେ ଖେଳୁଥିଲା । ଏହି ସମୟରେ ଟେକଚାନ୍ଦ ଗାଁରେ ହେଉଥିବା ଗଣେଶ ପୂଜା ଦେଖାଇବାକୁ ନାବାଳିକାକୁ ସାଇକେଲରେ ବସାଇ ବୁଲାଇ ନେଇଥିଲା । ମାତ୍ର ପୂଜାମଣ୍ଡପ ବଦଳରେ ନାବାଳିକା ଜଣଙ୍କୁ ନିକଟସ୍ଥ ନଦୀପଠାକୁ ନେଇ ସେଠାରେ ଫୁସୁଲା ଫୁସୁଲି କରି ଦୁଷ୍କର୍ମ କରିଥିଲା । ଅଭିଯୋଗକାରୀଙ୍କ ଖୁଡି ଶୌଚ ପରେ ନଦୀରୁ ଫେରୁଥିବା ବେଳେ ଏହି ଘୃଣ୍ୟ ଦୃଶ୍ୟ ଦେଖି ତୁରନ୍ତ ପୀଡିତାକୁ ସେଠାରୁ ଉଦ୍ଧାର କରି ତାଙ୍କ ଘରକୁ ନେଇ ଯାଇଥିଲେ । ମାତ୍ର ଘରକୁ ଫେରିବା ପରେ ନିଜର ରକ୍ତାକ୍ତ ଅବସ୍ଥା ଦେଖାଇବା ସହ ନିଜପ୍ରତି ଘଟିଥିବା ଘଟଣା ନିଜ ମାଁ ଓ ବାପାଙ୍କୁ ଜଣାଇଥିଲା । ମାନସିକ ଦୁଶ୍ଚିନ୍ତାରେ ପରିବାର ଲୋକେ ସେଦିନ କାହାକୁ କିଛି ନକହି ପରଦିନ ପରିବାର ଲୋକେ ଘଟଣା ସମ୍ପର୍କରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ମହୁଲପାଲି ଥାନା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଅଭିଯୁକ୍ତ ଟେକଚାନ୍ଦଙ୍କୁ ଗିରଫ କରିଥିଲା । ତତ୍କାଳୀନ ଥାନା ଅଧିକାରୀ ଏହି ଘଟଣାର ତଦନ୍ତ କରି ଅଭିଯୁକ୍ତ ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲେ । ମୋଟ ୧୭ଜଣଙ୍କ ସାକ୍ଷ୍ୟ ବୟାନକୁ ଭିତି କରି ମାନ୍ୟବର କୋର୍ଟ ଏହି ରାୟ ପ୍ରଦାନ କରିଛନ୍ତି ।

## ଗଞ୍ଜେଇ ଚୋରା ଚାଲାଣ

# ଫେରାର ଅଭିଯୁକ୍ତ ଧରାପଡ଼ିଲା

ଜୟପୁର, (ହି.ସ.) - ଗଞ୍ଜେଇ ଚୋରାଚାଲାଣ ମାମଲାରେ ଫେରାର ଥିବା ଅଭିଯୁକ୍ତକୁ ଆଜି ସଦର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଗତ ୨୦୨୦ ମସିହାରେ ବାୟାଗୁଡା ଗ୍ରାମର ସୁରେନ୍ଦ୍ର ନାଗ ଗଞ୍ଜେଇ ଚୋରା ମାମଲାରେ ଜଡିତ ଥିବା ବେଳେ ସେହି ଦିନଠାରୁ ଫେରାର ଥିଲେ । ଆଜି ସଦରପୁଲିସ ବାୟାଗୁଡା ଗ୍ରାମରୁ ଅଭିଯୁକ୍ତ ସୁରେନ୍ଦ୍ର କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସଦରଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି ।

# ଭତ୍ରା ଡ୍ୟାମ୍‌ର ପୁନରୁଦ୍ଧାର ଦାବି



ଭବାନୀପାଟଣା :କଳାହାଣ୍ଡି ଜିଲାର ଜୁନାଗଡ଼ ବ୍ଲକର ବହୁ ପୁରୁଣା ଭତ୍ରାଡ୍ୟାମ ଏବେ ରକ୍ଷଣାବେକ୍ଷଣ ଅଭାବରୁ ପୋତି ହେବାକୁ ବସିଛି । ୭୦ ବର୍ଷହେବ ଏହି ଡ୍ୟାମ ନିର୍ମାଣ ହେଲାଣି କିନ୍ତୁ ଥରେ ମଧ୍ୟ ପୁନରୁଦ୍ଧାର ହୋଇନାହିଁ । ଡ୍ୟାମରେ ୧୫ ଫୁଟ ମାଟି ପୋତିହେବା ଯୋଗୁ ଜଳଧାରଣା କ୍ଷମତା କ୍ରମଶଃ କମିବାରେ ଲାଗିଛି । ଫଳରେ ଜଳସେଚନରେ ଅନେକ ଅସୁବିଧା ହେଉଛି । ସ୍ଥାନୀୟ ଅଞ୍ଚଳର ଅନେକ ଜମିରେ ଚାଷ ହେଉଥିବାବେଳେ ପାଣି କମ ଯୋଗୁ ଚାଷୀମାନଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଛି । ମିଳିଥିବା ସୂଚନା ଅନୁଯାୟୀ, ଜୁନାଗଡ଼ ବ୍ଲକ ବକ୍ସିତୁଲସିପାଲି ପଞ୍ଚାୟତର ରଣପୁର ଓ ଏକନାଗୁଡା, କଲେଇ ଗାଁ ପଞ୍ଚାୟତର ଜାମଚୁଆଁ ଓ ଡାବ୍ରିଗୁଡା, ଦେଦର ପଞ୍ଚାୟତର ଗୋଲାମୁଣ୍ଡା ଓ ସୋରସମାଲ ଗ୍ରାମ ସମେତ ୩ଟି ପଞ୍ଚାୟତର ୩୦୦ ଏକରରୁ ଊର୍ଦ୍ଧ୍ୱ ଜମିରେ ଭତ୍ରା ଡ୍ୟାମ ନିର୍ମାଣ ହୋଇଛି । ଡ୍ୟାମ୍ ଦ୍ୱାରା ବର୍ତ୍ତମାନ ୧୭୧୩.୩୭ ହେକ୍ଟର ଜମିକୁ ପାଣି ଯୋଗାଇ ଦିଆଯାଉଛି । ଭତ୍ରା ଡ୍ୟାମ ଡାହାଣ ବ୍ୟାଙ୍କ ଦ୍ୱାରା ରଣପୁର, ବକ୍ସିତୁଲସିପାଲି, କୁପାଗାଁ, କୃଷ୍ଣପୁର, ମାଲଗୁଣ୍ଡ, ମେରିଆବନ୍ଧଲି ଓ ଜୁନାଗଡ଼ ଅଞ୍ଚଳକୁ ପାଣି ଯୋଗାଇ ଦିଆଯାଏ । ସେହିପରି ଡ୍ୟାମ୍ ?ର ଡାହାଣ ବ୍ୟାଙ୍କ ଦ୍ୱାରା ସାନ ଡେମେରବାହାଲ, କଲେଇ ଗାଁ, କୁଲିହାରୀ, ଚାରଭାଟି ଅଞ୍ଚଳକୁ ପାଣି ଯୋଗାଇ ଦିଆଯାଇଥାଏ । ଅଞ୍ଚଳର ଚାଷୀଙ୍କ ପାଇଁ ପାଣି ଯୋଗାଇଦେବା ନିମନ୍ତେ ଭତ୍ରାଡ୍ୟାମର କଳ୍ପନା ହୋଇଥିଲା । ଘନା ଜଙ୍ଗଲର ପାଣିକୁ ଦଲମଜୋର ଜରିଆରେ ଆଣି ଭତ୍ରା ଡ୍ୟାମ୍‌ରେ ରଖାଯାଉଥିଲା । ୧୯୫୨ ମସିହାରେ ମଧ୍ୟମ ଜଳ ସେଚନ ବିଭାଗରୁ କ୍ଷୁଦ୍ର ଜଳସେଚନ ବିଭାଗକୁ ହସ୍ତାନ୍ତର ହୋଇଥିଲା । ୧୯୫୮ରେ ଡ୍ୟାମ ଓ କେନାଲ କାମ ଆରମ୍ଭ ହୋଇ ୧୯୬୩ ମସିହା ଜୁନରେ ଏହି କାମ ଶେଷ ହୋଇଥିଲା । ଗତ ୨୦୦୧ ମସିହା ଜୁନ ମାସ ୧୨ରେ କ୍ଷୁଦ୍ର ଜଳସେଚନ ବିଭାଗରୁ ଇନ୍ଦ୍ରାବତୀ କେନାଲ ଡିଭିଜନକୁ ହସ୍ତାନ୍ତର ହୋଇଥିଲା । ଏହି ଡ୍ୟାମ ଭୁବନେଶ୍ୱର ଡ୍ୟାମ ସେଫ୍ଟି ଅଧୀନରେ ଥିବା ଯୋଗୁ ପ୍ରତିବର୍ଷ ରାଜ୍ୟ ସରକାରଙ୍କୁ ପୁନରୁଦ୍ଧାର ପାଇଁ ରିପୋର୍ଟ ପ୍ରଦାନ କରାଯାଇଥାଏ । ବର୍ତ୍ତମାନ ବନ ବିଭାଗ ପକ୍ଷରୁ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ପାଇଁ ଭତ୍ରା ଡ୍ୟାମ୍‌ରେ ନୌକା ବିହାର ବ୍ୟବସ୍ଥା କରାଯାଇଛି । ପର୍ଯ୍ୟଟକଙ୍କ ଭିଡ଼ ମଧ୍ୟ ଦେଖାଯାଉଛି । ହେଲେ ଚାଷୀଙ୍କ ପାଇଁ ଭତ୍ରା ଡ୍ୟାମକୁ ପୁନରୁଦ୍ଧାର ନିମନ୍ତେ କୌଣସି ଆବେଗ ଦେଖାଉ ନ ଥିବା ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଏ ନେଇ ଇନ୍ଦ୍ରାବତୀ କେନାଲ ଡିଭିଜନ ଅଧିକାରୀଙ୍କୁ ପଚାରିବାରୁ ଏହି ସମସ୍ୟା ସମ୍ପର୍କରେ ଆମେ ସରକାରଙ୍କୁ ଜଣାଇଛୁ ବୋଲି କହିଥିଲେ ।

## ଜିଲ୍ଲାସ୍ତରୀୟ ଲୋକ ଅଦାଲତ

ମୟୂରଭଞ୍ଜ,(ହି.ସ.) - ମୟୂରଭଞ୍ଜ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବାରିପଦା କୋର୍ଟ ପରିସରରେ ଚେକ ବାଉନ୍ସ ସମ୍ବନ୍ଧିତ ମାମଲାଗୁଡିକର ଫଏସଲା ପାଇଁ ଜିଲ୍ଲା ଓ ଦୌରାଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ ସୁଦୀପ୍ତ ଆଚାର୍ଯ୍ୟଙ୍କ ଅଧକ୍ଷତାରେ ଜିଲ୍ଲା ସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଲୋକ ଅଦାଲତରେ ମୋଟ ୧୫୧ଟି ମାମଲା ମଧ୍ୟରୁ ୭ଟି ମାମଲାର ଅପୋଷ ବିଚାର ହୋଇ ମୋଟ ୫,୬୯,୭୨୪ଟଙ୍କା ଅଦାୟ ପାଇଁ ସମାଧାନ ହୋଇଥିବା ଜଣାପଡିଛି । ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ରାଜଶ୍ରୀ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ-୧ ସତ୍ୟନାରାୟଣ ପାତ୍ର, ଦ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ - ୨ ସୁମନ କୁମାର ମିଶ୍ର, ଏସ.ଡି.ଜେ.ଏମ. ଜୁଏ୍ୱଲ ପଟ୍ଟନାୟକ, ଜେ.ଏମ.ଏଫ.ସି- ୧ ଲକ୍ଷ୍ମୀପ୍ରିୟା ସ୍ୱାଇଁ, ସରକାରୀ ଓକିଲ ହିମାଂଶୁ କୁମାର ପାଣିଗ୍ରାହୀ, ଆଇନଜୀବୀ ପ୍ରଦୀପ କୁମାର ଜେନା ଓ ବିଶାଳ ରାମ ତଥା ବାରିପଦା ଓକିଲ ସଂଘର ଆଇନଜୀବୀ ମାନେ ସହଯୋଗ କରିଥିଲେ ।

## ସମ୍ବଲପୁର ଷ୍ଟେସନ୍‌ର ଉନ୍ନତିକରଣ କାର୍ଯ୍ୟ

# ୨୫ ଟ୍ରେନ୍ ବାତିଲ୍

ସମ୍ବଲପୁର: ସମ୍ବଲପୁର ଷ୍ଟେସନର ଉନ୍ନୟନ କାର୍ଯ୍ୟ ଯୋଗୁ ୨୫ ଟ୍ରେନ୍ ବାତିଲ ହୋଇଛି ଓ ୯ଟି ଟ୍ରେନ୍‌ର ମାର୍ଗ ପରିବର୍ତ୍ତନ କରାଯାଇଛି । ଯାତ୍ରୀ ସୁରକ୍ଷା ଦୃଷ୍ଟିରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ପୂର୍ବତଟ ରେଳବାଇ ସମ୍ବଲପୁର ମଣ୍ଡଳର ସୂଚନା ଅନୁସାରେ ୬୮୨୧୩ ଟିଟଲାଗଡ଼-ବିଳାସପୁର ପାସେଞ୍ଜର ଅଗଷ୍ଟ ୭ରୁ ୧୫ ତାରିଖ,



୬୮୨୧୪ ବିଳାସପୁର-ଟିଟଲାଗଡ଼ ପାସେଞ୍ଜର ଅଗଷ୍ଟ ୬ରୁ ୧୪ ତାରିଖ, ୬୮୨୧୭ ଟିଟଲାଗଡ଼-ରାୟପୁର ପାସେଞ୍ଜର ଅଗଷ୍ଟ ୬ରୁ ୧୪ ତାରିଖ, ୬୮୨୧୮ ରାୟପୁର-ଟିଟଲାଗଡ଼ ପାସେଞ୍ଜର ଅଗଷ୍ଟ ୭ରୁ ୧୫, ୫୮୩୦୩ସମ୍ବଲପୁର-ଜୁନାଗଡ଼ ରୋଡ୍ ପାସେଞ୍ଜର ଅଗଷ୍ଟ ୬ରୁ ୧୫ ତାରିଖ, ୫୮୩୦୪ ଜୁନାଗଡ଼ ରୋଡ୍ - ସମ୍ବଲପୁର ପାସେଞ୍ଜର ଅଗଷ୍ଟ ୭ରୁ ୧୬, ୫୮୩୦୫ ବଲାଙ୍ଗୀର-ପୁରୁଣା କଟକ ପାସେଞ୍ଜର ଅଗଷ୍ଟ ୭ରୁ ୧୫, ୫୮୩୦୬ ପୁରୁଣାକଟକ-ବଲାଙ୍ଗୀର ପାସେଞ୍ଜର ଅଗଷ୍ଟ ୭ରୁ ୧୫, ୫୮୩୦୭ ବଲାଙ୍ଗୀର-ପୁରୁଣାକଟକ ପାସେଞ୍ଜର ଅଗଷ୍ଟ ୭ରୁ ୧୫, ୫୮୩୦୮ ପୁରୁଣାକଟକ-ବଲାଙ୍ଗୀର ପାସେଞ୍ଜର ଅଗଷ୍ଟ ୭ରୁ ୧୫, ୫୮୩୦୯ ବଲାଙ୍ଗୀର-ସୋନପୁର ପାସେଞ୍ଜର ଅଗଷ୍ଟ ୭ରୁ ୧୫, ୫୮୩୧୦ ସୋନପୁର-ବଲାଙ୍ଗୀର ପାସେଞ୍ଜର ଅଗଷ୍ଟ ୮ରୁ ୧୬, ୧୮୩୦୧/୧୮୩୦୨ ସମ୍ବଲପୁର-ରାୟଗଡ଼ା-ସମ୍ବଲପୁର ଏକ୍ସପ୍ରେସ ଅଗଷ୍ଟ ୭ରୁ ୧୬ ତାରିଖ ପର୍ଯ୍ୟନ୍ତ ବାତିଲ ରହିବ । ୧୮୩୦୩/୧୮୩୦୪ ସମ୍ବଲପୁର-ପୁରୀ-ସମ୍ବଲପୁର ଏକ୍ସପ୍ରେସ ଅଗଷ୍ଟ ୭ରୁ ୧୬ ଉଭୟ ଦିଗରୁ, ଟ୍ରେନ ନମ୍ବର ୨୦୮୦୯ ସମ୍ବଲପୁର-ନାନ୍ଦେଡ୍ ଏକ୍ସପ୍ରେସ୍ ଅଗଷ୍ଟ ୮, ୧୦, ୧୧ ଏବଂ ୧୫ ତାରିଖରେ, ଟ୍ରେନ ନମ୍ବର ୨୦୮୧୦ ନାନ୍ଦେଡ୍-ସମ୍ବଲପୁର ଏକ୍ସପ୍ରେସ୍ ୯, ୧୧, ୧୨ ଏବଂ ୧୬ ଅଗଷ୍ଟରେ ବାତିଲ ରହିବ । ଟ୍ରେନ ନମ୍ବର ୨୦୮୩୨ ସମ୍ବଲପୁର-ଶାଲିମାର ଏକ୍ସପ୍ରେସ୍ ୭, ୧୦, ୧୨ ଏବଂ ୧୪ ଅଗଷ୍ଟରେ, ଟ୍ରେନ ନମ୍ବର ୨୦୮୩୧ ଶାଲିମାର-ସମ୍ବଲପୁର ଏକ୍ସପ୍ରେସ୍ ଅଗଷ୍ଟ ୦୮, ୧୧, ୧୩ ଏବଂ ୧୫ ତାରିଖରେ,ଟ୍ରେନ ନମ୍ବର ୧୮୩୧୧ ସମ୍ବଲପୁର-ବୌଦ୍ଧ ଏକ୍ସପ୍ରେସ୍ ୧୦ ଅଗଷ୍ଟରେ, ଟ୍ରେନ ନମ୍ବର ୧୮୩୧୨ ବୌଦ୍ଧ-ସମ୍ବଲପୁର ଏକ୍ସପ୍ରେସ୍ ୧୨ ଅଗଷ୍ଟରେ, ଟ୍ରେନ ନମ୍ବର ୧୮୩୧୩/୧୮୩୧୪ ବୌଦ୍ଧ-ଭୁବନେଶ୍ୱର-ବୌଦ୍ଧ ଏକ୍ସପ୍ରେସ ୧୧ ଅଗଷ୍ଟ ୨୦୨୫ରେ ବାତିଲ ରହିବ ।

# ରକ୍ତଦାନ ଶିବିର : ୬୮ ୟୁନିଟ୍ ସଂଗ୍ରହ

ଜୟପୁର : ଜୟପୁର ରୋଟାରି କ୍ଲବ ଅଫ୍ ଜୟପୁର ପ୍ରାଇଡ ତରଫରୁ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଛି । ଜୟପୁର ଏନ.କେ.ଟି ରୋଡ ସ୍ଥିତ ବାସବୀ ଭବନ ଠାରେ ଏହି ରକ୍ତ ଦାନ ଶିବିର ଆଜି ଦିନ ୯ଟାରେ ଆରମ୍ଭ ହୋଇ ଅପରାହ୍ନ ୨ଟାରେ ଶେଷ ହୋଇଛି । ଏଠାରେ ୬୮ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି । ରକ୍ତଦାନ କରନ୍ତୁ ଓ ନିଜ ଶରୀରକୁ ସୁରକ୍ଷିତ ରଖନ୍ତୁ । ଏହାଦ୍ୱାରା ହୃଦଘାତ ସମ୍ଭାବନା ଦୁର ହୁଏ, ରକ୍ତ ସଂଚାଳନ ବୃଦ୍ଧି ଘଟେ, ନୂତନ ରକ୍ତ କଣିକା ଜନ୍ମ ହୁଏ, କୋଟୋଟି କର୍କଟ ରୋଗ ନିୟନ୍ତ୍ରଣରେ ସାହାଯ୍ୟ କରିଥାଏ ଆଦି ଜୟପୁର ପ୍ରାଇଡର ସଭାପତି ସୁରେଶ ପାଣିଗ୍ରାହୀ ସଚେତନ କରିଥିଲେ । ସମ୍ପାଦକ ରବି ନନ୍ଦ, ଜି ଭି ରାଓ, ଜୋନାଲ ଚେୟାର ରାମ ନାଥ ସାହୁ, ରାମ ହରି ପଣ୍ଡା, କାଳୁ ରାମ ପଣ୍ଡା, ମୁରଲି ଧର ସାବତ , ଏସ ରାଜେଶ, କେ ରାମ କ୍ରିଷ୍ଣା , ନାରାୟଣ ନିଶଙ୍କ, ପରେଶ ପାଳ, ଗୁଲା ଅଭିନାଶ, ରତ୍ନା କର ଚୌଧୁରି, ଜ୍ୟୋତି ସ୍ୱରୁପ ଭୋଇ, ବସନ୍ତ ରାଓ, ପ୍ରମୋଦ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ । ଜିଲା ମୁଖ୍ୟ ଚିକିତ୍ସାଳୟର ବ୍ଲଡ ବ୍ୟାଙ୍କ ଅଫିସର ଡାକ୍ତର ସୂର୍ଯ୍ୟ ଶେଖର ମିଶ୍ର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । ଏହି ଶିବିର କୁ ଚାଟେର ପ୍ରତିଷ୍ଠାତା ସଭାପତି ପ୍ରକାଶ ନାୟକ ଉଦଘାଟନ କରିଥିଲେ ।

## ବିଶ୍ୱହିନ୍ଦୁ ପରିଷଦର ପ୍ରାନ୍ତୀୟ ବୈଠକ

ବଲାଙ୍ଗିର, (ହି.ସ.): ବଲାଙ୍ଗିର କଲେଜ ଛକ ସରସ୍ୱତୀ ଶିଶୁମନ୍ଦିରରେ ଅନୁଷ୍ଠିତ ହୋଇଥିବା ବିଶ୍ୱହିନ୍ଦୁ ପରିଷଦ ଓଡିଶା ପଶ୍ଚିମ ପ୍ରାନ୍ତର ପ୍ରାନ୍ତୀୟ ବୈଠକରେ ବଲାଙ୍ଗିରର ଯୁବ ସଂଗଠକ ସୌମ୍ୟରଞ୍ଜନ ମିଶ୍ରଙ୍କୁ ବଜରଙ୍ଗ ଦଳ ଓଡିଶା ପଶ୍ଚିମ ପ୍ରାନ୍ତର ପ୍ରାନ୍ତ ସଂଯୋଜକ ଭାବେ ନୂତନ ଦାୟିତ୍ୱ ନ୍ୟସ୍ତ କରାଯାଇଛି । ଏଥିପାଇଁ ବିଶ୍ୱହିନ୍ଦୁ ପରିଷଦ ଓଡିଶା ପଶ୍ଚିମ ପ୍ରାନ୍ତ ସଭାପତି, ପ୍ରାନ୍ତ ସମ୍ପାଦକ ଏବଂ ପ୍ରାନ୍ତ ସଂଗଠନ ମନ୍ତ୍ରୀ ଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି । ଶ୍ରୀ ମିଶ୍ର ବଜରଙ୍ଗ ଦଳ ସାଙ୍ଗଠନିକ ଜୀବନରେ ବଜରଙ୍ଗ ଦଳ ବଲାଙ୍ଗିର ନଗର ମିଳନକେନ୍ଦ୍ର ପ୍ରମୁଖ, ବଲାଙ୍ଗିର ନଗର ସଂଯୋଜକ, ବଲାଙ୍ଗିର ଜିଲ୍ଲା ସହ ସଂଯୋଜକ, ବଲାଙ୍ଗିର ଜିଲ୍ଲା ସଂଯୋଜକ, ବଜରଙ୍ଗ ଦଳ ଓଡିଶା ପଶ୍ଚିମ ପ୍ରାନ୍ତ ମିଳନକେନ୍ଦ୍ର ପ୍ରମୁଖ ଏବଂ ଏହା ପୂର୍ବରୁ ପ୍ରାନ୍ତ ସହ ସଂଯୋଜକ ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରି ସାରିଛନ୍ତି ।

## ପ୍ରଧାନମନ୍ତ୍ରୀଙ୍କ 'ମନ୍‌କୀ ବାତ୍' କାର୍ଯ୍ୟକ୍ରମରେ ପ୍ରମିଳା

### କେନ୍ଦୁଝରର ଜିଲ୍ଲାବାସୀଙ୍କ ସହ ସାଂସଦ, ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

କେନ୍ଦୁଝର, (ହି.ସ.)- ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଙ୍କ 'ମନ କୀ ବାତ 'କାର୍ଯ୍ୟକ୍ରମର ୧୨୪ତମ ସଂସ୍କରଣ ଦେଶବାସୀ, ଆକାଶବାଣୀ, ଦୂରଦର୍ଶନ ଓ ନମୋ ଆପ୍ ମାଧ୍ୟମରେ ଶୁଣିଛନ୍ତି ଏହି ଲୋକଭିମୁଖୀ କାର୍ଯ୍ୟକ୍ରମ । ଜନପ୍ରତିନିଧି, ଲୋକଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିବା ସହ ଏକ 'ବିକଶିତ ଭାରତ 'ଗଠନର ମାର୍ଗ ଦର୍ଶନ କରିଛି ଏହି କାର୍ଯ୍ୟକ୍ରମ । ଏହି କାର୍ଯ୍ୟକ୍ରମରେ ଓଡିଶାର ବିଭିନ୍ନ ପ୍ରତିଭା ଓ କର୍ମକୁ ପ୍ରଶଂସା କରିଛନ୍ତି ପ୍ରଧାନମନ୍ତ୍ରୀ । କେନ୍ଦୁଝର ଜ଼ିଲ୍ଲାର ଘଟଗାଁ ନିକଟରେ ବଡଜାମୁ ପଶି ପଂଚାୟତର ମୃଗା ପାହାଡି ଗ୍ରାମର, ମହିଳା ପ୍ରମିଳା ପ୍ରଧାନ ଓ ସାଥି, ଜଙ୍ଗଲରେ ଲାଗୁଥିବା ନିଆଁକୁ କିପରି ରୋକାଯାଇ ଜଙ୍ଗଲ ରକ୍ଷା କରାଯିବ ସେ ତାଙ୍କ ସଂକୀର୍ତନ ମଣ୍ଡଳୀର ଭୂମିକା ଓ ସଚେତନ ଧର୍ମୀ କାର୍ଯ୍ୟକ୍ରମ କରି ଆସୁଥିବା ବେଳେ, ବିଗତ ଦିନରେ ଭୁବନେଶ୍ୱରରେ ଭାଗ ନେଇଥିଲେ । ଏହି କାର୍ଯ୍ୟକ୍ରମକୁ ପସନ୍ଦ କରି ଆଜିର ମନ କୀ ବାତ 'ରେ ପ୍ରମିଳା ପ୍ରଧାନଙ୍କୁ ପ୍ରଧାନମନ୍ତ୍ରୀ ଉଚ୍ଚ ପ୍ରଂଶସା କରିଛନ୍ତି, ପ୍ରମିଳାଙ୍କୁ 'ମୃଗା ପାହାଡି' ଗ୍ରାମରେ ବହୁ ଲୋକ ଭେଟି ଶୁଭେଚ୍ଛା ଜଣାଇଛନ୍ତି । ପାଖରେ ଅଟେଇ ସଂରକ୍ଷିତ ଜଙ୍ଗଲ କଡ଼ରେ ମୃଗା ପାହାଡି ଗ୍ରାମ ଅବସ୍ଥିତ । ଜଙ୍ଗଲର ସୁରକ୍ଷା ଦିଗରେ ପ୍ରମିଳାଙ୍କ ଉଦ୍ୟମକୁ ସବୁ ମହଲରେ ଆଜି କେନ୍ଦୁଝରର ଜିଲ୍ଲା ପାଇଁ ଗୌରବ ଆସିଛି । ସାଂସଦ ଅନନ୍ତ ନାୟକ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରମିଳାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଜିଲ୍ଲା ଭାଜପା ସଭାପତି ଶୁକଦେବ ମହାନ୍ତ, ସ୍ଥାନୀୟ କର୍ମୀ ସହ, ମୃଗା ପାହାଡି ଗ୍ରାମକୁ ଆସି ପ୍ରମିଳା ପ୍ରଧାନ ଓ ସାଥିଙ୍କୁ ଭେଟି ଶୁଭେଚ୍ଛା ସହ ତାଙ୍କ ଉଦ୍ୟମକୁ ପ୍ରଶଂସା କରି ଉତ୍ସାହ ଦେଇଛନ୍ତି ।

## ବୋଲ୍‌ବମ୍ ପାଇଁ ଭିଡ଼

# ଜୟପୁର - ମାଲକାନଗିରି ରାସ୍ତା ଜାମ୍

କୋରାପୁଟ, (ହି.ସ.) - ଶ୍ରାବଣ ମାସର ତୃତୀୟ ସୋମବାର ଅବସରରେ ବାବା ଗୁପ୍ତେଶ୍ୱରଙ୍କ ନିକଟରେ ଜଳାଭିଷେକ କରିବା ନିମନ୍ତେ ପାତ୍ରପୁଟ ନଦୀରେ କାଉଡିଆଙ୍କ ଭିଡ ଦେଖିବାକୁ ମିଳିଥିଲା । ଜୟପୁର ତଥା ଆଖପାଖ ଅଂଚଳର ହଜାର ହଜାର ଲୋକେ ପାତ୍ରପୁଟ ନଦୀ ନିକଟରୁ ଜଳ ନେଇ ବୋଲବୋମ ନାରା ଦେଇ ଗୁପ୍ତେଶ୍ୱର ଅଭିମୁଖେ ବାହାରିଥିଲେ । ପାତ୍ରପୁଟ୍ ନିକଟରେ ରାତି ୨ଟାରୁ ଗାଡି ଓ ବୋଲବୋମ ଭକ୍ତଙ୍କ ସମାଗମ ହୋଇଥିବା ଯୋଗୁଁ ରାସ୍ତା ଜାମ ହୋଇଥିଲା । ମାଲକାନଗିରି, ବୈପାରିଗୁଡା, ଲମତାପୁଟ ଅଂଚଳରୁ ଆସୁଥିବା ବସ ଟ୍ରକ ଓ ମାଲ ଗାଡିଗୁଡିକ ରାସ୍ତା କଡରେ ଅଟକି ରହିଥିଲା । ଖବର ପାଇ ଜୟପୁର ସଦରପୁଲିସ, ବୈପାରିଗୁଡା ଓର୍ଡାଫ ଟିମ ଆସି ପହଁଚିବା ପରେ ସକାଳ ୮ଟାରେ ଯାତାୟତ ସ୍ୱାଭାବିକ ହୋଇଥିଲା । ସକାଳୁ ବୋଲବମ ଭକ୍ତମାନେ କାଉଡିରେ ପାଣି ଭାର ଧରି ଚାଲୁଥିବା ଦେଖିବାକୁ ମିଳିଥିଲା । ରାସ୍ତା କଡରେ ସେବା ଦଳ ମାନେ କାଉଡିଆଙ୍କୁ ସେବା ଯୋଗାଇଦେଉଥିବା ଦେଖିବାକୁ ମିଳିଥିଲା । ତୃତୀୟ ପାଳି ସୋମବାର ହୋଇଥିବା ଯୋଗୁଁ ସ୍ଥାନୀୟ ଡକରିଘାଟି ଠାରୁ ଗୁପ୍ତେଶ୍ୱର ମନ୍ଦିର ପର୍ଯ୍ୟନ୍ତ କାଉଡିଆଙ୍କ ଲମ୍ବା ଧାଡି ଦେଖିବାକୁ ମିଳିଥିଲା । ଭକ୍ତଙ୍କ ସମାଗମ ଓ ଟ୍ରାଫିକ ନିୟନ୍ତ୍ରଣ କରିବା ନିମନ୍ତେ ପୁଲିସ ପ୍ରଶାସନ ପକ୍ଷରୁ ସମସ୍ତ ୪ଚକିଆ ଯାନକୁ ୱାନ ଓ୍ୱେ କରାଯାଇଥିଲା । ଡକରିଘାଟି ଦେଇ ମନ୍ଦିର ଯାଉଥିବା ବେଳେ ଆସିବା ବେଳକୁ ୪ଚକିଆ ଯାନ ଗୁଡିକ ହଳଦିକୁଣ୍ଡ ଦେଇ ଆସୁଥିଲେ । ଆସନ୍ତା କାଲି ୩୦ ହଜାରରୁ ଅଧିକ କାଉଡିଆ ଜଳାଭିଷେକ କରିବେ ବୋଲି ଅନୁମାନ କରାଯାଉଛି ।

## ବ୍ୟାରେଜ୍ ଛକରେ ବୃକ୍ଷରୋପଣ କାର୍ଯ୍ୟକ୍ରମ



କଟକ : ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ସ୍ଥାନୀୟ ଜଗତପୁର ବ୍ୟାରେଜ୍ ଛକ ପାର୍ଶ୍ୱବର୍ତ୍ତି ଅଞ୍ଚଳରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । କମିଟିର ସଭାପତି ବିରଞ୍ଚି ନାରାୟଣ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ଅତିଥି ଜଗତପୁର ଥାନାର ଏସ୍ଆଇ ରଶ୍ମିତା ନାୟକ ଉଦ୍‌ଘାଟନ କରି ବୃକ୍ଷ ରୋପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଧୀରେନ୍ଦ୍ର କୁମାର ମହାନ୍ତି, ଉପସଭାପତି ଚିତ୍ତରଞ୍ଜନ ଦାସ,ସହ ସମ୍ପାଦକ ବିଜୟ କୁମାର ମିଶ୍ର, ମୁଖ୍ୟ ଉପଦେଷ୍ଟା କରୁଣାକର ଦାସ, କୋଷାଧକ୍ଷ ଦିଲ୍ଲୀପ କୁମାର ଚଇନି, ବରିଷ୍ଠ ନାଗରିକ ସଂଘର ସାଧାରଣ ସମ୍ପାଦକ ପଦ୍ମନାଭ ବେହେରା, ପୂଜା କମିଟି ସଦସ୍ୟ ଅରକ୍ଷୀତ ପରିଡ଼ା, ବାମଦେବ ଶୁକ୍ଳ, ବିମଳ ଦାସ, ଆର୍ତ୍ତବଲ୍ଲଭ କାନୁନ୍‌ଗୋ, ସଞ୍ଜୟ କୁମାର ଭୂୟାଁ, ସୁବୋଧ କୁମାର ବଳ, ବ୍ରଜସୁନ୍ଦର ଦାସ, ବିଜୟ ନାୟକ, ରାଜେନ୍ଦ୍ର କୁମାର ଶୁକ୍ଳ ପ୍ରମୁଖ ଯୋଗଦେଇ ଲିମ୍ବ, ଅଁଳା, ବଉଳ, ଚାକୁଣ୍ଡା, ଆମ୍ବ ଆଦି ବୃକ୍ଷଗୁଡ଼ିକୁ ରୋପଣ କରିଥିଲେ ।

## ସିଆର୍‌ପିଏଫ୍‌ର ୮୭ତମ ପ୍ରତିଷ୍ଠା ଦିବସ

ସମ୍ବଲପୁର, (ହି.ସ.): ଗୌରବଶାଳୀ ଅର୍ଦ୍ଧସାମରିକ ବାହିନୀ କେନ୍ଦ୍ରୀୟ ରିଜର୍ଭ ପୋଲିସ ବାହିନୀ(ସିଆରପିଏଫ )ର ୮୭ ତମ ପ୍ରତିଷ୍ଠା ଦିବସ ସମ୍ବଲପୁର ଗ୍ରୁପ କେନ୍ଦ୍ର ଠାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ବାହିନୀର ଡ଼ିଆଇଜି ସଞ୍ଜୟ କୁମାର ସିଂହ ସହିଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏଥିସହ ସମସ୍ତ ସାହସୀ ସୈନିକ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କୁ ପ୍ରତିଷ୍ଠା ଦିବସର ଅଭିନନ୍ଦନ ଜଣାଇଥିଲେ । ୧୯୩୯ ଆଜିର ଦିନରେ ସ୍ଥାପିତ ସିଆରପିଏଫ ର ଇତିହାସ ଉଲ୍ଲେଖନୀୟ । ଯେଉଁଥିରେ ମୁଖ୍ୟତଃ ହଟ୍ ସ୍ପ୍ରିଙ୍ଗ୍ ଲଦାଖରେ ଚୀନ୍ ସେନା ଏବଂ ସର୍ଦ୍ଦାର ପୋଷ୍ଟ କଚ୍ଛରେ ପାକିସ୍ତାନୀ ସେନାକୁ ପରାସ୍ତ କରିବାର ବିଜୟ ଗାଥା ସ୍ମରଣୀୟ । ଦେଶର ଏକତା ଏବଂ ଅଖଣ୍ଡତା ବଜାୟ ରଖିବା ପାଇଁ ବାହିନୀର ର କର୍ତବ୍ୟ ଏବଂ ସଫଳତା ବିଷୟରେ ସେ ଆଲୋକପାତ କରିଥିଲେ । ସଭାରେ 'ସିଆର୍‌ପିଏଫ୍ ସର୍ବଦା ଅଜେୟ, ଭାରତ ମାତା କି ଜୟ' ସ୍ଲୋଗାନ ଦିଆଯାଇଥିଲା । ଏହି ଅବସରରେ ଫିଟ୍ ଇଣ୍ଡିଆ ଅଧୀନରେ ସାଇକେଲ ରାଲି, ବୃକ୍ଷରୋପଣ, ସ୍ୱଚ୍ଛତା ଅଭିଯାନ, ପରମ୍ପରା ଅନୁଯାୟୀ ସୈନିକ ସମ୍ମିଳନୀ, ପିଲାମାନଙ୍କ ମଧ୍ୟରେ ଚିତ୍ରକଳା ପ୍ରତିଯୋଗିତା, ସୈନିକ ମାନଙ୍କ ମଧ୍ୟରେ ଫୁଟବଲ୍ ଏବଂ ଭଲିବଲ୍ ଖେଳ ଆୟୋଜିତ ହୋଇଥିଲା ।

## ଜିଲ୍ଲାପାଳଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ମାଲକାନଗିରି, (ହି.ସ.)-ମାଲକାନଗିରି ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଢେଙ୍କାନାଳ ଜିଲ୍ଲାକୁ ବଦଳି ହୋଇଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନଙ୍କ ଅଧ୍ୟକ୍ଷତାରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା । ଶ୍ରୀ ପାଟିଲ ପୂର୍ବରୁ କନ୍ଧମାଳ ଜିଲ୍ଲାପାଳ ଭାବେ ସୂଚାରୁ ରୂପେ କାର୍ଯ୍ୟ ସମ୍ପାଦନ କରିଛନ୍ତି । ଜିଲ୍ଲାପାଳ ଶ୍ରୀ ପାଟିଲ ୧୧ ମାସର ରହଣୀରେ ଜିଲ୍ଲାରେ ଏକ ସ୍ୱତନ୍ତ୍ର ଛାପ ଛାଡି ଯାଇଛନ୍ତି । ତାଙ୍କ ପ୍ରଚେଷ୍ଟାରେ ମାଲକାନଗିରି ଜିଲ୍ଲାର ଆକାଂକ୍ଷୀ ବ୍ଲକ୍ ବିଭିନ୍ନ କ୍ଷେତ୍ରରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ ପାଇଁ ନୀତି ଆୟୋଗ ଦ୍ୱାରା ପୁରସ୍କୃତ ହେବାକୁ ଯାଉଛି । ସେହିପରି ଜିଲ୍ଲାରେ ଜଙ୍ଗଲ ଜମି ପଟ୍ଟା ପ୍ରଦାନ ଓ ରେଳ ପ୍ରକଳ୍ପ କ୍ଷତିପୂରଣ ଅର୍ଥ ରାଶି ବଣ୍ଟନରେ ଶ୍ରୀ ପାଟିଲ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରିଥିଲେ ବୋଲି ଅଧିକାରୀ ମାନେ ମତବ୍ୟକ୍ତ କରିଥିଲେ । ଜିଲ୍ଲାର ସମସ୍ତ ଅଧିକାରୀ ବିଦାୟୀ ଜିଲ୍ଲାପାଳ ଶ୍ରୀ ପାଟିଲଙ୍କ ସହ କାର୍ଯ୍ୟ କରିବାର ଅନୁଭୂତି ବଖାଣି ଥିଲେ । ସେହିପରି ତାଙ୍କର କାର୍ଯ୍ୟ କରିବାର ଅଭିନବ ଶୈଳୀ କୁ ସମସ୍ତେ ଭୂରି ଭୂରି ପ୍ରଶଂସା କରିଥିଲେ । ଜିଲ୍ଲାପାଳ ତାଙ୍କର ବକ୍ତବ୍ୟରେ କହିଥିଲେ ଯେ, ମାଲକାନଗିରି ଜିଲ୍ଲାରେ କାମ କରିବାର ଅନୁଭୂତି ତାଙ୍କ ହୃଦୟରେ ସବୁବେଳେ ସ୍ୱତନ୍ତ୍ର ହୋଇରହିବ । ଏହି ଜିଲ୍ଲାର ନିରୀହ ଜନଜାତି ଓ ଜନସାଧାରଣଙ୍କ ଅକୁଣ୍ଠ ସ୍ନେହ ଶ୍ରଦ୍ଧା ସବୁବେଳେ ସ୍ମରଣୀୟ ହୋଇ ରହିବ ବୋଲି ଶ୍ରୀ ପାଟିଲ ନିଜ ବିଦାୟକାଳୀନ ସଭାରେ ମତବ୍ୟକ୍ତ କରିଛନ୍ତି । ଉକ୍ତ ସଭାରେ ବନଖଣ୍ଡ ଅଧିକାରୀ ସାଇ କିରଣ, ଅତିରିକ୍ତ ଜିଲ୍ଲାପାଳ ସାଧାରଣ ସୋମନାଥ ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ନରେଶ ଚନ୍ଦ୍ର ଶବର, ଉପ ଜିଲ୍ଲାପାଳ ଦୁର୍ଯ୍ୟଧନ ଭୋଇ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରଶ୍ମିରଞ୍ଜନ ସେନାପତି ଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ ।

# ଜାତି ପାଇଁ ଅଲୋଡ଼ା ହେଲା ଶବ

## ସାହା ହେଲା ଲାଇଫ୍ ସେଭର୍ସ ଗ୍ରୁପ ଟ୍ରଷ୍ଟ

ଚମ୍ପୁଆ, (ହି.ସ.) – ଚମ୍ପୁଆ ଉପଖଣ୍ଡ ଯୋଡ଼ା ବ୍ଲକ ବାମେବାରି ଥାନା ଅନ୍ତର୍ଗତ ପଳଶା ପଂଚାୟତ ଉଛବାଲି ନିକଟରେ ସ୍ଥାନୀୟ ବସନ୍ତପୁର ପଂଚାୟତ ଜଳିପଦା ଗାଁର ଜଣେ ଭିନ୍ନକ୍ଷମ ବ୍ୟକ୍ତି ନବ ଦେହୁରୀ(କନ୍ଦା) ତାଙ୍କ ଭଉଣୀ ଘରୁ ଫେରୁଥିବାବେଳେ ଅସାବଧାନତା ବଶତଃ ଟ୍ରେନରେ କଟି ମୃତ୍ୟୁବରଣ କରିଥିଲେ । ଗତକାଲି ଜୁରୁଡି ଜିଆରପି ଶବ ଜବତ କରି ପରିବାର ଲୋକଙ୍କୁ ଖବର ଦେଇଥିଲେ । ତେବେ ସେ ଭିନ୍ନକ୍ଷମ ଥିବାରୁ ନିଜେ ବିବାହ କରିନଥିବାବେଳେ କିଛି ସମ୍ପର୍କୀୟ ପହଂଚି ଶବକୁ ବ୍ୟବଛେଦ ପାଇଁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ । ଶନିବାର ବିଳମ୍ବରେ ଶବ ପହଂଚି ଥିବାରୁ ରବିବାର ଶବ ବ୍ୟବଚ୍ଛେଦ କରାଯାଇଥିଲା । କିନ୍ତୁ ଶବକୁ ନିଜ ଗାଁକୁ ନେବାକୁ ସମ୍ପର୍କୀୟମାନେ ଅମଙ୍ଗ ହୋଇଥିଲେ । ଖବର ଅନୁସାରେ ମୃତକ ନବ ଦେହୁରୀ ଭୂୟାଁ ଜନଜାତିର ହୋଇଥିବା ବେଳେ ଗାଁରେ ତାଙ୍କ ପରିବାରର ଜଣେ ଯୁବକ ଅନ୍ୟ ଜାତି ତଥା ମୁଣ୍ଡା ସମ୍ପ୍ରଦାୟର ଝିଅକୁ ବିବାହ କରିଥିବାରୁ କିଛି ବର୍ଷ ହେଲା ଗ୍ରାମବାସୀମାନେ ତାଙ୍କ ପରିବାରକୁ ନିଆଁ ପାଣି ବାସନ୍ଦ କରିଛନ୍ତି । ଏଭଳି ପରିସ୍ଥିତିରେ ଏହି ମୃତକଙ୍କ ଶବକୁ ଗ୍ରାମବାସୀ ତାଙ୍କ ଶ୍ମଶାନରେ ସତ୍କାର ପାଇଁ ଅନୁମତି ଦେଇ ନଥିଲେ । ଏ ସମ୍ପର୍କରେ ତାଙ୍କ ପରିବାର ପକ୍ଷରୁ ଖବରପାଇ ଲାଇଫ୍ ସେଭର୍ସ ଗ୍ରୁପ ଟ୍ରଷ୍ଟର କିଛି ସଦସ୍ୟ ତୁରନ୍ତ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ପହଂଚି ଶବକୁ ବ୍ୟବଛେଦ କରାଇ ଏକ ଆମ୍ବୁଲାନ୍ସ ଯୋଗେ କେନ୍ଦୁଝର ସହରର ପୌରପାଳିକା ଶ୍ମଶାନକୁ ନେଇ ସସମ୍ମାନେ ଶେଷକୃତ୍ୟ ସମ୍ପନ୍ନ କରାଇଥିଲେ । ଏହି ଅବସରରେ ଟ୍ରଷ୍ଟର ସଦସ୍ୟ ସଞ୍ଜୀବ କୁମାର ସାହୁ, ଯୁଧିଷ୍ଠିର ମହାନ୍ତ, ଯୋଗେଶ୍ୱର ମହାନ୍ତ, ପ୍ରିୟବ୍ରତ କମଳକୃଷ୍ଣ ନାୟକ, ବିଦ୍ୟାଧର ମହାନ୍ତ, ରଘୁନାଥ ମହାନ୍ତ, ଚନ୍ଦ୍ରସେନ ମହାନ୍ତ, ସାନ ଯୋଗେଶ୍ୱର ମହାନ୍ତ ଏବଂ ଅଜୟ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ସତ୍କାର କାର୍ଯ୍ୟକୁ ସମ୍ପନ୍ନ କରାଇଥିଲେ ।

## ହାଟଡିହିରେ ୩୫.୨ ମି.ମି. ବର୍ଷା ରେକର୍ଡ଼

ହାଟଡିହ (ହି.ସ.)- ରାଜ୍ୟର କେତେକ ସ୍ଥାନରେ ହାଲ୍କାରୁ ମଧ୍ୟମ ଧରଣର ବର୍ଷା ରେକର୍ଡ଼ ହୋଇଛି । କେନ୍ଦୁଝର ଜିଲ୍ଲାର ହାଟଡିହିରେ ସର୍ବାଧିକ ୩୫.୨ ମି.ମି. ବର୍ଷା ରେକର୍ଡ଼ ହୋଇଛି । ସେହିପରି ବରଗଡ଼ ଜିଲ୍ଲାର ଝାରବନ୍ଧରେ ୩୫.୦ ମି.ମି., ବାଲେଶ୍ୱର ଜିଲ୍ଲାର ବାହାନଗାରେ ୩୩.୦ ମି.ମି., ସୋନପୁର ଜିଲ୍ଲାର ଉଲ୍ଲୁଣ୍ଡାରେ ୩୨.୨ ମି.ମି., ଅନୁଗୁଳ ଜିଲ୍ଲାର ଆର.କେ. ନଗରରେ ୩୧.୨ ମି.ମି., ମାଲକାନଗିରି ଜିଲ୍ଲାର କୋରୁକୁଣ୍ଡାରେ ୩୦.୦ ମି.ମି., ଅନୁଗୁଳ ଜିଲ୍ଲାର ଛେଣ୍ଡିପଦାରେ ୨୮.୪ ମି.ମି., କେନ୍ଦୁଝର ଜିଲ୍ଲାର ବାଂଶପାଳରେ ୨୭.୫ ମି.ମି., କୋରାପୁଟ ଜିଲ୍ଲାର ଜୟପୁରରେ ୨୬.୪ ମି.ମି., ଢେଙ୍କାନାଳ ଜିଲ୍ଲାର କଙ୍କଡ଼ାହାଡ଼ରେ ୧୯.୨ ମି.ମି. ବର୍ଷା ରେକର୍ଡ଼ ହୋଇଛି ।

# ୭୯ତମ ସ୍ୱାଧୀନତା ଦିବସ ନିମନ୍ତେ ପ୍ରସ୍ତୁତି

ମୟୂରଭଞ୍ଜ (ହି.ସ.) : ମୟୂରଭଞ୍ଜ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କ ସଭାପତିତ୍ୱ ରେ ୭୯ତମ ସ୍ୱାଧୀନତା ଦିବସ -୨୦୨୫ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ, ବାରିପଦା ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡା, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର କିଶୋର କୁମାର ଆଚାର୍ଯ୍ୟ ଓ ରିଜର୍ଭ ଇନିସପେକ୍ଟର ଆଲୋକ କୁମାର କାନୁନଗୋ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ସଭାରେ ଯୋଗ ଦେଇଥିବା ସମସ୍ତଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ସ୍ୱାଗତ କରି ପ୍ରସ୍ତୁତି ବୈଠକର ଆଭିମୁଖ୍ୟ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମଲ୍ଲିକ ଚଳିତ ବର୍ଷ ୭୯ତମ ସ୍ୱାଧୀନତା ଦିବସକୁ ଜିଲ୍ଲା ସ୍ତରରେ କିପରି ସୁନ୍ଦର ତଥା ଆକର୍ଷଣୀୟ ଭାବେ ବ୍ୟବସ୍ଥିତ ଢଙ୍ଗରେ ପାଳନ କରାଯିବ ସେ ବିଷୟରେ ପ୍ରତ୍ୟେକଟି ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ତଦନୁସାରେ ଏହି ଜାତୀୟ ଦିବସ ପାଳନ ଅବସରରେ ଆବଶ୍ୟକୀୟ କାର୍ଯ୍ୟ, ଯଥା ଛାତ୍ର ଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ଅନୁଷ୍ଠାନ ଦ୍ୱାରା ପ୍ରତିଯୋଗିତା ଆୟୋଜନ ତଥା ଏଥି ପାଇଁ ଉପଯୁକ୍ତ ବିଚାରକ ମଣ୍ଡଳୀ ପ୍ରସ୍ତୁତି, ପ୍ୟାରେଡ ପଡିଆ ସୁସଜ୍ଜିକରଣ, ଅଭିବାଦନ ମଂଚ ପ୍ରସ୍ତୁତି,ଅଭିବାଦନ ମଂଚର ଉଭୟ ପାର୍ଶ୍ୱ ରେ ନିମନ୍ତ୍ରିତ ଅତିଥି ମାନଙ୍କ ବସିବା ପାଇଁ ଉତମ ବ୍ୟବସ୍ଥା, ସହରାଂଚଳକୁ ପରିଷ୍କାର ପରିଚ୍ଛନ୍ନ କରିବା , ପ୍ୟାରେଡ ପଡିଆ ଠାରେ ପାନୀୟ ଜଳ ଯୋଗାଣ, ଆକସ୍ମିକ ଦୁର୍ଘଟଣାର ମୁକାବିଲା, ପ୍ୟାରେଡ ପରିଚାଳନା, ଅପାତକାଳୀନ ସ୍ୱାସ୍ଥ୍ୟ ସେବା, ରାମ ଧୁନ ପରିବେଷଣ, ଅତିଥି ମାନଙ୍କୁ ନିମନ୍ତ୍ରଣ ଓ କୃତୀ ଛାତ୍ର ଛାତ୍ରୀଙ୍କୁ ପୁରସ୍କାର ବିତରଣ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରହି ଚିକିତ୍ସିତ ହେଉଥିବା ରୋଗୀ, ଗୋପବନ୍ଧୁ ବାଳାଶ୍ରମ ର ଅନ୍ତେବାସୀ ଓ ଭିନ୍ନକ୍ଷମ ବିଦ୍ୟାଳୟ ର ଛାତ୍ର ଛାତ୍ରୀଙ୍କୁ ଫଳ ବିସ୍କୁଟ ବଂଟନ ଇତ୍ୟାଦି କାର୍ଯ୍ୟକୁ ସୁଚାରୁ ରୂପେ ସମ୍ପାଦନ ନିମନ୍ତେ ବିଭିନ୍ନ କମିଟି ଗଠନ କରି ସମ୍ପୃକ୍ତ ବିଭାଗୀୟ ଅଧିକାରୀ ତଥା ବ୍ୟକ୍ତି ବିଶେଷ ଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯିବା ନେଇ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ ଓ ଜିଲ୍ଲା ସ୍ତରୀୟ ଏହି ଜାତୀୟ ଦିବସ କୁ ସୁନ୍ଦର ଓ ଶୃଙ୍ଖଳିତ ଭାବେ ପାଳନ କରିବା ପାଇଁ ସମସ୍ତ ଙ୍କ ସହଯୋଗ କାମନା କରିଥିଲେ । ଅନୁଷ୍ଠିତ ଉକ୍ତ ବୈଠକ ରେ ଜିଲ୍ଲା ସ୍ତରୀୟ ବିଭିନ୍ନ ବିଭାଗୀୟ ପଦାଧିକାରୀ, ବିଭିନ୍ନ ଲାଇନ ବିଭାଗର ଅଧିକାରୀ, ଶିକ୍ଷକ୍ଷନୁଷ୍ଠାନର ମୁଖ୍ୟ ତଥା ଶିକ୍ଷକ ଶିକ୍ଷୟତ୍ରୀ, ଅଧ୍ୟାପକ, ଅଧ୍ୟାପିକା, ବରିଷ୍ଠ ନାଗରିକ,ଆଇନଜୀବୀ,ସହରର ମାନ୍ୟଗଣ୍ୟ ବ୍ୟକ୍ତି, ସ୍ୱେଚ୍ଛାସେବୀ ଅନୁଷ୍ଠାନ ର କର୍ମକର୍ତ୍ତା ଓ ଗଣମାଧ୍ୟମ ର ପ୍ରତିନିଧି ମାନେ ଉପସ୍ଥିତ ରହି ଆଲୋଚନା ରେ ସକ୍ରିୟ ଅଂଶ ଗ୍ରହଣ କରି ସୁଚିନ୍ତିତ ମତାମତ ରଖିଥିଲେ । ଶେଷରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ମୟୁରଭଞ୍ଜ ଶ୍ରୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନା ରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର କର୍ମଚାରୀ ଶ୍ରୀକାନ୍ତ ବେହେରା, ଲଳିତ ରଞ୍ଜନ ନାଏକ, ଲିଜତ କୁମାର ପ୍ରଧାନ, ରବି ନାରାୟଣ ନାଏକ ଓ ଛୋଟରାୟ ସିଂ ସହଯୋଗ କରିଥିଲେ ।

### ଭାପୁର ବ୍ଲକ ଉପାଧ୍ୟକ୍ଷଙ୍କ କବ୍ଜାରେ ଏକର ଏକର ସରକାରୀ ଜାଗା

# ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କଲେ ସଚେତନ ନାଗରିକ

ନୟାଗଡ଼, (ପିପିଏସ) ଭାପୁର ତହସିଲ ଅଞ୍ଚଳରେ ଏକର ଏକର ମୂଲ୍ୟବାନ ଜାଗାକୁ ପ୍ରଭାବଶାଳୀ ବ୍ୟକ୍ତି, ରାଜନୈତିକ ବ୍ୟକ୍ତି ବିଶେଷ ଓ ମାଫିଆ ମାନେ ମାଡ଼ି ବସିଥିବା ନେଇ ବହୁ ପୂର୍ବରୁ ଅଭିଯୋଗ ହୋଇ ଆସୁଛି. ଏଇଭଳି ଏକ ଅଭିଯୋଗ କ୍ରମେ ଭାପୁର ପଞ୍ଚାୟତ ଭାପୁର ମୌଜା ଖାତା ନଂ-୮୦୧, ପ୍ଲଟ ନଂ-୩୯୫୮ରେ ଗୋଚର ଏ ୭.୨୧ ଡେସିମିଲି, ମନ୍ଦାରବେରେଣି ମୌଜା ଖାତା ନଂ- ୧୫୨, ପ୍ଲଟ ନଂ- ୧୪୩ ରେ ଏ୦.୫୦ ଡେସିମିଲି, ନିହଲପ୍ରସାଦ ମୌଜାର ଭାପୁର - ଖଣ୍ଡପଡ଼ା ମୁଖ୍ୟ ରାସ୍ତାର ଉତ୍ତର ପାର୍ଶ୍ୱ ଖାତା ନଂ-୨୫୩, ପ୍ଲଟ ନଂ- ୩୮ରେ ଏ୬.୪୫ ଡେସିମିଲି ଓ ପ୍ଲଟ ନଂ- ୩୮/୧୪୦୬ରେ ଏ୦.୩୬ ଡେସିମିଲି ସରକାରୀ ଜାଗାକୁ ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ନିଜ ଅକ୍ତିଆରରେ ଜବର ଦଖଲ କରି ରଖିଥିବା ନେଇ ସ୍ଥାନୀୟ ସରପଞ୍ଚ ସୁରେଖା ସାହୁ ଅଭିଯୋଗ ଉଠାଇବା ସହ ଏସମ୍ପର୍କରେ ସେ ଲିଖିତ ଭାବେ ରାଜସ୍ୱ ମନ୍ତ୍ରୀ ଓଡ଼ିଶା, ରାଜସ୍ୱ ଶାସନ ସଚିବ ଓଡ଼ିଶା, ନୟାଗଡ଼ ଜିଲ୍ଲାପାଳ, ଭାପୁର ତହସିଲଦାରଙ୍କୁ ଜଣାଇଥିବା ସୂଚନା ମିଳିଛି. ଭାପୁର ସରପଞ୍ଚଙ୍କ ଅଭିଯୋଗ ପରେ ବ୍ଲକ ଉପାଧ୍ୟକ୍ଷଙ୍କ କଳା କାରନାମା ପଦାକୁ ଆସିଥିବା ବେଳେ ଏହି ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି. ଭାପୁର ତହସିଲ ପ୍ରଶାସନର ସ୍ଥାଣୁତା ଓ ଉଦାସୀନତାର ସୁଯୋଗ ନେଇ ବ୍ଲକ ଉପାଧ୍ୟକ୍ଷ ଜବର ଦଖଲ କରିଥିବା ଉକ୍ତ ଜାଗାର ମୂଲ୍ୟ କୋଟି କୋଟି ଟଙ୍କାର ହେବ ବୋଲି ଜଣାପଡିଛି.ଅଭିଯୋଗ ଆଧାରରେ ମୂଲ୍ୟବାନ ସରକାରୀ ଜାଗାକୁ ତୁରନ୍ତ ଜବର ଦଖଲକାରୀଙ୍କୁ ହଟାଇବା ନିମନ୍ତେ ଜିଲ୍ଲା ପ୍ରଶାସନ ଓ ରାଜସ୍ୱ ବିଭାଗ ଏବଂ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଭାପୁର ଅଞ୍ଚଳର ବୁଦ୍ଧିଜୀବୀ ଓ ସଚେତନ ନାଗରିକ ମାନଙ୍କ ପକ୍ଷରୁ ଦାବି ହେଉଛି. ପ୍ରକାଶ ଥାଉ କି, ଏକର ଏକର ସରକାରୀ ଜାଗା ବର୍ଷ ବର୍ଷ ଧରି ଜବର ଦଖଲକାରୀଙ୍କ କବ୍ଜାରେ ରହୁଥିବାରୁ ଭାପୁର ବ୍ଲକ ଓ ପଞ୍ଚାୟତକୁ ଆସୁଥିବା ନୂତନ ପ୍ରକଳ୍ପ ନିମନ୍ତେ ମଞ୍ଜୁର ଅନୁଦାନ ଅର୍ଥ ଆବଶ୍ୟକୀୟ ସରକାରୀ ଜାଗା ଅଭାବରୁ ବିନିଯୋଗ ହୋଇ ନପାରି ଫେରି ଯାଉଥିବା ପ୍ରଶାସନ ପକ୍ଷରୁ ଜଣାପଡୁଛି. ରାଜ୍ୟ ସରକାର ଜବର ଦଖଲକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣନାମା ଜାରୀ କରିଥିବା ମୁଖ୍ୟମନ୍ତ୍ରୀଙ୍କ ଠାରୁ ରାଜସ୍ୱ ମନ୍ତ୍ରୀ ବାରମ୍ବାର ଘୋଷଣା କରିଥିଲେ ହେଁ ତୃଣମୂଳ ସ୍ତରରେ ଏହି ଯୋଜନା କାର୍ଯ୍ୟକାରୀ ହେଉନଥିବା ଏହି ଘଟଣାରୁ ସ୍ପଷ୍ଟ ବାରି ହୋଇ ପଡୁଛି. ଆଗାମୀ ଦିନରେ ଜିଲ୍ଲା ପ୍ରଶାସନ ଓ ବ୍ଲକ ପ୍ରଶାସନ କିଭଳି ଭାବରେ ଜବର ଦଖଲ କାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ଅଞ୍ଚଳବାସୀ ଚାହିଁ ବସିଛନ୍ତି।

## ଶ୍ରୀଜଗନ୍ନାଥ ଟ୍ରଷ୍ଟ ସହାୟତାରେ ବିଶ୍ୱର ମଙ୍ଗଳ କାମନା କଲେ ଦିବ୍ୟାଙ୍ଗ କାଉଡ଼ିଆ



କେନ୍ଦ୍ରାପଡ଼ା, (ପିପିଏସ): ଏବେ ଶ୍ରାବଣ ମାସ ଚାଲିଛି। ଛୋଟ ପିଲା ଠୁ ଆରମ୍ଭ କରି ବୟସ୍କ ମାନଙ୍କ ହାତରେ ଶ୍ରାବଣର କାଉଡ଼ି ଭାର। ଗୋଟିଏ ଲକ୍ଷ୍ୟ ଜଳାଭିଷେକ କରିବା ଓ ମାନସିକ ପୂରଣ କରିବା। ଭିନ୍ନ ଭିନ୍ନ ଭାବରେ କାଉଡ଼ିଆ ମାନେ ବାବା ଶଙ୍କରଙ୍କୁ ଜଳ ଲାଗି କରିଥାଆନ୍ତି। ଏଥିରୁ ଟିକିଏ ଭିନ୍ନ ଚିନ୍ତା କରିଛନ୍ତି ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର କର୍ମକର୍ତ୍ତା ଗଣ। ସେମାନେ ଦିବ୍ୟାଙ୍ଗ ଭାଇ ମାନଙ୍କୁ ଏକାଠି କରି ଜଳାଭିଷେକ କରିବାର ନୂତନ ପ୍ରଚେଷ୍ଟା ଆରମ୍ଭ କରିଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲାର ତିନିମୁହାଣି ନିକଟସ୍ଥ ନାଗଫେଣା ଗ୍ରାମ ନିକଟ ଗୋବରୀ ନଦୀରୁ ପାଣି ଉଠାଇ ବାବା ବିଲେଶ୍ୱର ମହାଦେବଙ୍କ ପୀଠରେ ଜଳାଭିଷେକ କରିଛନ୍ତି। ସେମାନଙ୍କ ପାଇଁ ଟ୍ରଷ୍ଟ ପକ୍ଷରୁ ସମସ୍ତ ସରଞ୍ଜାମ ଯୋଗାଇ ଦିଆଯାଇଛି। ସେମାନେ ତାଙ୍କର ତିନି ଚକିଆ ଯାନରେ ବସିଥିଲେ ଓ କାଉଡ଼ି ଭାର ଧରିଥିଲେ। ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର କର୍ମୀମାନେ ମିଶି ତାଙ୍କ ଯାନକୁ ଠେଲି ଠେଲି ନେଇ ବାବାଙ୍କ ପୀଠରେ ପହଞ୍ଚି ଥିଲେ। ଏହା ପରେ ତାଙ୍କ କାନ୍ଧରେ କାନ୍ଧ ମିଳାଇ ଟେକି ନେଇ ବାବାଙ୍କ ଦର୍ଶନ କରାଇଥିଲେ। ନନାମାନେ ତାଙ୍କ ନାମ ଓ ଗୋତ୍ର ବୁଝି ଜଳାଭିଷେକ କରିଥିଲେ। ଏହି କାର୍ଯ୍ୟକ୍ରମକୁ କେନ୍ଦ୍ରାପଡ଼ା ସହରବାସୀ ମାନେ ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ, କିଛି କିଛି ଲୋକେ କହୁଥିଲେ ସତରେ ମାନବିକତା ବଞ୍ଚିଛି। ଜଣେ ମା'ର ଦିବ୍ୟାଙ୍ଗ ପୁତ୍ର ଆଜି ଜଳାଭିଷେକ କରିଥିଲେ, ଏହା ପରେ ସେ ମା ଲୁହ ଛଳ ଛଳ ଆଖି ରେ କହିଥିଲା ଆଜି ମୋର ଦୀର୍ଘ ୨୮ ବର୍ଷର ଆଶା ପୂରଣ ହେଲା। ଆଜିର ଏହି କାର୍ଯ୍ୟକ୍ରମରେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ସଭାପତି ଦମନ ମହାନ୍ତି, କୋଷାଧ୍ୟକ୍ଷ ବିଜୁ ପ୍ରସାଦ ସାହୁ, ଡାକ୍ତର ବିରେନ୍ଦ୍ର କୁମାର ଦାଶ, ଦିଲ୍ଲିପ କୁମାର ନାଥ, ଶାନ୍ତନୁ ମଲ୍ଲିକ, ବାବାଜୀ ବାରିକ, ସିନ୍ଟୁ କୁମାର ରାଉ, ବିଜୁ ପ୍ରସାଦ ପତି, ଧିରେନ୍ ସାହୁ, ଦେବାଶିଷ ମହାପାତ୍ର, ତାପସ ପରିଡା, ଅକ୍ଷୟ କୁମାର ଭୋଳ, ଶଶିକାନ୍ତ ନାଥ, ରମାକାନ୍ତ ସାହୁ, ସୁକୁନି ନାୟକ, ଆଶିଷ ବିଶ୍ୱାଳ ଓ ସଚେତନ୍ ଶତପଥୀ ପ୍ରମୁଖ ସହଯୋଗ କରିଥିଲେ।

### ଅସ୍ତରଙ୍ଗ ଅଞ୍ଚଳର ବିଭିନ୍ନ ଶୈବପୀଠରେ ଶତାଧିକ କାଉଡିଆ କଲେ ଜଳଲାଗି

## ପଶ୍ଚିମେଶ୍ୱର ଓ ଐଶାନେଶ୍ୱରଙ୍କ ପୀଠରେ କାଉଡିଆଙ୍କ ପ୍ରବଳ ଭିଡ଼



ଅସ୍ତରଙ୍ଗ (ପିପିଏସ୍): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ବିଭିନ୍ନ ଗ୍ରାମରେ ଥିବା ଶୈବ ପୀଠରେ ଶ୍ରାବଣ ମାସର ତୃତୀୟ ସୋମବାରରେ ଶତାଧିକ କାଉଡିଆ ଜଳଲାଗି କରିଛନ୍ତି। ଜଳଭିଷେକ ପାଇଁ ରବିବାର ଠାରୁ ବିଭିନ୍ନ ଗ୍ରାମରୁ କାଉଡିଆ ମାନେ ଆସି ପୀଠ ରେ ପହଂଚି ଥିଲେ। ବୋଲ ବମ୍ ହର ହର ବମ୍ ଡାକରେ ପ୍ରକମ୍ପିତ ହେଉଥିଲା ରାସ୍ତା ଘାଟ। କେହି ବାହୁଙ୍ଗିରେ ତ ଆଉ କେହି ଦୁଇ ହାତରେ କଳସୀ ଧରୀ ପାଣି ନେଇ ଆସିଥିଲେ। ସୋମବାର ଅପରାହ୍ନ ପର୍ଯ୍ୟନ୍ତ କାଉଡିଆ ମାନେ ଅସ୍ତରଙ୍ଗ ବ୍ଲକର ନଗର ଗ୍ରାମର ପଶ୍ଚିମେଶ୍ୱର, ଆଳସାହି ପଂଚାୟତ ଓଳିହା ଗ୍ରାମର ଐଶାନେଶ୍ୱର ସମେତ ବ୍ଲକ ଅଞ୍ଚଳର ଗ୍ରାମେଶ୍ୱର, ଶଙ୍କରେଶ୍ୱର, ଇଷାଣେଶ୍ୱର, ଶୀଧେଶ୍ୱର, ବୁଧେଶ୍ୱର ସମେତ ବିଭିନ୍ନ ମନ୍ଦିରରେ ଶ୍ରଦ୍ଧାଳୁ ଜଳାଭିଷେକ କରିଥିଲେ। ପ୍ରବଳ ଭିଡ଼କୁ ଦୃଷ୍ଟିରେ ରଖି ବିଭିନ୍ନ ମନ୍ଦିରରେ ବ୍ୟାରିକେଟ କରାଯାଇଥିଲା। ରବିବାର ରାତି ୩ଟାରୁ ବିଭିନ୍ନ ଶୈବ ପୀଠରେ ମନ୍ଦିର ସ୍ୱତନ୍ତ୍ର ନୀତି କରାଯାଇ ଠାକୁରଙ୍କ ମଙ୍ଗଳଆଳତୀ କରାଯିବା ପରେ ୧୦୮ଗରାରେ ବାବାଙ୍କ ସ୍ନାନ ନୀତି ସମ୍ପର୍ଣ୍ଣ କରାଯାଇଥିଲା। ପରେ ବଡ଼ ସିଂହାର ଭୋଗ ଲାଗି କରାଯାଇଥିଲା। ନୀତି ପାଳିଆ ସେବକ ସମସ୍ତ ନୀତିକାନ୍ତି ସମାପନ କରିଥିଲେ। ରାତି ୪ରୁ ଭକ୍ତମାନେ ଦର୍ଶନ ନିମନ୍ତେ ଦ୍ୱାର ଫିଟାଯାଇଥିଲା। ଏହାପରେ ଶ୍ରଦ୍ଧାଳୁମାନେ ଜଳାଭିଷେକ କରିଥିଲେ। ଶୃଙ୍ଖଳିତ ଜଳ ଲାଗି ପାଇଁ ବିଭିନ୍ନ ଗ୍ରାମରେ ଥିବା ମନ୍ଦିର ପରିଚାଳନା କମିଟି ସହଯୋଗ କରିଥିଲେ।

## ଚୋରି ପିକ୍‌ପ ଉଦ୍ଧାର

ଚାରିଛକ,(ପିପିଏସ): ପୁରୀ ଜିଲ୍ଲା ଚାରିଛକ ଥାନା ତୁଳସୀପୁର ପଞ୍ଚାୟତର ଗଡ଼ ଅମରପ୍ରସାଦ ଗ୍ରାମରୁ ଏକ ପିକପ ଗାଡି ଚୋରି ହୋଇଥିବା ନେଇ ଚାରିଛକ ଥାନାରେ ଅଭିଯୋଗ ହୋଇଥିଲା। ଚାରିଛକ ଥାନା ଅଧିକାରୀ ମମତା ବିଶ୍ୱାଳ ଅଭିଯୋଗ ପାଇ ଏକ ମାମଲା ରୁଜୁକରି ବିଭିନ୍ନ ସ୍ଥାନରେ ଚଢ଼ାଉ କରି ପିପିଲି ନିକଟସ୍ଥ ଏକ ଗ୍ରାମରୁ ଚୋରି ପିକଅପ ଗାଡ଼ି କୁ ଉଦ୍ଧାର କରିଛନ୍ତି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ସବୁଦିନ ପରି ଗୋପ ଥାନା ନରସିଂହପୁର ହାଟର ସୌଭାଗ୍ୟ ରଞ୍ଜନ ପାତ୍ରଙ୍କ ପିକପ ଗାଡି ନମ୍ବର ଓଡି ୦୨ପି -୮୪୯୭ ଟିକୁ ଡ୍ରାଇଭର ଅନନ୍ତ ଭୋଇ ଗାଡି ଆଣି ଘରକୁ ଆସିଥିଲେ।ରାତ୍ରିରେ ଗାଡି ଦୁଆର ମୁହଁରେ ରଖି ଘରେ ଶୋଇଥିଲେ। ପ୍ରାୟ ରାତ୍ର ଦୁଇଟା ବେଳକୁ ଉଠିଦେଖନ୍ତି ଗାଡି ଦୁଆର ମୁହଁରେ ନାହିଁ। ଗାଡ଼ି ଚୋରି ହୋଇଥିବା ସମ୍ପର୍କରେ ଡ୍ରାଇଭର ଅନନ୍ତ ଗାଡ଼ି ମାଲିକକୁ ଜଣାଇ ଥିଲେ। ବହୁତ ଖୋଜା ଖୋଜି କରିବା ପରେ ଗାଡ଼ିର କୌଣସି ସନ୍ଧାନ ନ ମିଳିବାରୁ ମାଲିକ ସୌଭାଗ୍ୟ ଚାରିଛକ ଥାନାରେ ଲିଖିତ ଅଭଯୋଗ କରିଥିଲେ। ଚାରିଛକ ଥାନା ଅଧିକାରୀ ମମତା ବିଶ୍ୱାଳ ସଦଳବଳେ ଚଢ଼ାଉ କରି ପିପିଲି ଅଂଚଳରୁ ଗାଡିକୁ ଉଦ୍ଧାର କରିଛନ୍ତି।ପ୍ରକାଶ ଥାଉକି ଗତ କିଛି ଦିନ ତଳେ ଅଳକୁଣ୍ଡ ରୁ ଏକ ବୋଲେରୋ ଗାଡ଼ି ଚୋରି ହୋଇ ଥିଲା। ଚାରିଛକ ଥାନା ପୋଲିସ ଉକ୍ତ ଚୋରି ଗାଡ଼ିକୁ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲା।

## ବ୍ରହ୍ମପୁରରେ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି



ବ୍ରହ୍ମପୁର(ପିପିଏସ୍): ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ନୂତନ ଜିଲ୍ଲାପାଳ ଭି.କୀର୍ତ୍ତି ଭାସନ୍ ସୋମବାର କାର୍ଯ୍ୟରେ ଯୋଗଦାନ କରି ୧୧୨ଟି ଅଭିଯୋଗ ଶୁଣିଥିଲେ । ଏହି ଅଭିଯୋଗ ଶୁଣାଣିରେ ବ୍ରହ୍ମପୁର ଏସ୍‌ପି ଡ଼.ଶ୍ରବଣା ବିବେକ ଏମ୍, ନିଗମ କମିଶନର ପ୍ରଥମେଶ ଅରବିନ୍ଦ ରାଜସିର୍କେ, ବ୍ରହ୍ମପୁର ଭାରପ୍ରାପ୍ତ ଉପଜିଲ୍ଲାପାଳ ତଥା ଛତ୍ରପୁର ଅତିରିକ୍ତ ଉପଜିଲ୍ଲାପାଳ ପାର୍ଥ ସାରଥୀ ହାଂସଦା ଉପସ୍ଥିତ ରହି ଅଭିଯୋଗ ଶୁଣାଣି କରିଥିଲେ । ଅଭିଯୋଗ ଗୁଡ଼ିକ ମୁଖ୍ୟତଃ ସ୍ୱାସ୍ଥ୍ୟ, ଶିକ୍ଷା, ଭତ୍ତା, ଜମି, ଶ୍ରମିକ କାର୍ଡ, ରାସନ୍ କାର୍ଡ ଇତ୍ୟାଦି । ସମୁଦାୟ ୧୧୨ଟି ଅଭିଯୋଗ ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ୯୫ଟି ଓ ଗ୍ରାମ ଭିତ୍ତିକ ସମସ୍ୟା ୮ଟି ରହିଥିବା ବେଳେ ୫ଟି ଅଭିଯୋଗ ତୁରନ୍ତ ସମାଧାନ କରାଯାଇଥିଲା । ରେଡକ୍ରସ ତରଫରୁ ୪ଜଣଙ୍କୁ ୧୨୦୦୦ଟଙ୍କା ସହାୟତା ରାଶି ଚେକ୍ ଦ୍ୱାରା ପ୍ରଦାନ କରାଯାଇଥିଲା । ଜିଲ୍ଲାପାଳ ଭି.କୀର୍ତ୍ତି ଭାସନ୍ ସୋମବାର କାର୍ଯ୍ୟରେ ଯୋଗଦାନ କରିଥିବା ହେତୁ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଗଞ୍ଜାମ ଜିଲ୍ଲାର ଉନ୍ନତି ଓ ସରକାରଙ୍କ ବିଭିନ୍ନ ଯୋଜନା ଲୋକ ଲୋଚନକୁ ପହଞ୍ଚାଇବାରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ସମସ୍ତେ ମିଳିମିଶି କାମ କରିବା ବୋଲି କହିଥିଲେ । ଏହି ଅଭିଯୋଗ ଶୁଣାଣିରେ ଜିଲ୍ଲାସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀ ଓ ବ୍ରହ୍ମପୁର ଉପଖଣ୍ଡର ବିଡ଼ିଓ ଓ ତହସିଲଦାର ଉପସ୍ଥିତ ଥିଲେ । ପରେ ସେ ମହାନଗର ନିଗମ କମିଶନରଙ୍କ ସହ ବ୍ରହ୍ମପୁରର ଅଧିଷ୍ଠାତ୍ରୀ ଦେବୀ ମା' ତାରାତାରିଣୀଙ୍କ ଦର୍ଶନ କରିଥିଲେ ।

## ରାଜନଗରରେ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଅଭିଯୋଗ ଶୁଣାଣି

କେନ୍ଦ୍ରାପଡ଼ା, (ପିପିଏସ): ଆଜି ରାଜ ନଗର ବ୍ଲକରେ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ରାଜ ନଗର ବ୍ଲକରେ ଅନୁଷ୍ଠିତ ଏହି ଅଭିଯୋଗ ଶୁଣାଣିରେ ମୋଟ ୩୦୧ ଟି ଅଭିଯୋଗ ପଞ୍ଜୀକୃତ ହେଇଥିଲା। ସେଥିମଧ୍ୟରୁ ୨୬ ଗୋଟି ସାମୂହିକ ହୋଇଥିବା ବେଳେ ୨୭୫ଟି ବ୍ୟକ୍ତିଗତ ଅଭିଯୋଗ ରହିଥିଲା। ୪ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୬୦୦୦/-ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଆଜିର ଏହି ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ରଘୁରାମ ଆର ଆୟାର, ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କୋଟାରିଆ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ ସମେତ ବ୍ଲକର ବିଡ଼ିଓ, ତହସିଲଦାର ଏବଂ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ପରେ ଜିଲ୍ଲାପାଳ ବ୍ଲକ କାର୍ଯ୍ୟାଳୟରେ ସମୀକ୍ଷା କରିଥିଲେ। ସୂଚନା ଯେ, ଆସନ୍ତା ୪ ଅଗଷ୍ଟରେ ମ୍ୟୁନିସିପାଲିଟି ଟାଉନ ହଲ କେନ୍ଦ୍ରାପଡ଼ା, ୧୧ ଅଗଷ୍ଟରେ ପଟ୍ଟାମୁଣ୍ଡାଇ ବ୍ଲକ କାର୍ଯ୍ୟାଳୟ, ୧୮ ଅଗଷ୍ଟରେ ରାଜକନିକା ବ୍ଲକ କାର୍ଯ୍ୟାଳୟ, ୨୫ ଅଗଷ୍ଟରେ ମାର୍ଶାଘାଇ ବ୍ଲକ କାର୍ଯ୍ୟାଳୟ, ୧ ସେପ୍ଟମ୍ବରରେ ମୁନିସିପାଲିଟି ଟାଉନ ହଲ, ୮ ସେପ୍ଟମ୍ବରରେ ଆଳି ବ୍ଲକ କାର୍ଯ୍ୟାଳୟ, ୧୫ ସେପ୍ଟମ୍ବରରେ ମହାକାଳପଡ଼ା ବ୍ଲକ କାର୍ଯ୍ୟାଳୟ ଏବଂ ୨୨ ସେପ୍ଟେମ୍ବରରେ ଡେରାବିଶ ବ୍ଲକ କାର୍ଯ୍ୟାଳୟଠାରେ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

## ବରୋଦା ବ୍ୟାଙ୍କ ପକ୍ଷରୁ ବିଦ୍ୟାଳୟକୁ ଆକ୍ୱାଗାର୍ଡ ପ୍ରଦାନ, ଛାତ୍ରଛାତ୍ରୀଙ୍କୁ ମିଳିବ ଶୁଦ୍ଧ ପାନୀୟ ଜଳ



ଭାପୁର, (ପିପିଏସ): ଖଣ୍ଡପଡା ବ୍ଲକ ରାଣିଛେଳି ଗ୍ରାମରେ ଅବସ୍ଥିତ ବରୋଦା ବ୍ୟାଙ୍କର ୧୧୮ ତମ ପ୍ରତିଷ୍ଠା ଦିବସ ଅବସରରେ ବ୍ୟାଙ୍କ ପକ୍ଷରୁ ସୋମବାର ଦିନ କଳପଙ୍ଗି ଉନ୍ନୀତ ମଧ୍ୟ ଇଂରାଜୀ ବିଦ୍ୟାଳୟକୁ ଆକ୍ୱାଗାଡ଼ ପ୍ରଦାନ କରାଯାଇଛି। ଯାହା ଦ୍ୱାରା ଛାତ୍ରଛାତ୍ରୀଙ୍କୁ ପିଇବା ପାଇଁ ଶୁଦ୍ଧ ପାନୀୟ ଜଳ ମିଳିବ। ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉପସ୍ଥିତିରେ ବ୍ୟାଙ୍କ ଶାଖା ପରିଚାଳକ ମୋହନ ରାଓ ଏବଂ ବ୍ୟାଙ୍କ କର୍ମଚାରୀମାନେ ଆକ୍ୱାଗାଡ଼ ପ୍ରଦାନ କରିଛନ୍ତି। ବରୋଦା ବ୍ୟାଙ୍କର ଏଭଳି ଏକ ମହତ କାର୍ଯ୍ୟକୁ ବୁଦ୍ଧିଜୀବୀ, ସମାଜସେବୀ ଏବଂ ସବୁ ମହଲରୁ ପ୍ରଶଂସାର ସୁଅ ଛୁଟିଛି।

## ରେଡିଓ ଭାବଗ୍ରାହୀରେ ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ



କେନ୍ଦ୍ରାପଡ଼ା, (ପିପିଏସ): ଜିଲ୍ଲାର ଏକମାତ୍ର ଗୋଷ୍ଠୀ ବେତାର କେନ୍ଦ୍ର ରେଡ଼ିଓ ଭାବଗ୍ରାହୀ ଆନୁକୁଲ୍ୟରେ ନୋବେଲ ବିଜେତା ଭାରତ ରତ୍ନ ବିଶିଷ୍ଟ ବୈଜ୍ଞାନିକ ଡ. ସି.ଭି ରମଣଙ୍କ ଅମ୍ଳାନ ସ୍ମୃତି ଆଧାରିତ ଏକ ବିଶେଷ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଭବ୍ୟ ଅବସରରେ ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ଏବଂ ବିଶ୍ୱ ହେପାଟାଇଟିସ ଦିବସ ସମ୍ପର୍କୀତ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ରେଡ଼ିଓ ଭାବଗ୍ରାହୀର ବିଜ୍ଞାନ ଦିଗନ୍ତ, ଆମ ପରିବେଶ ଏବଂ ଶିଶୁ ରାଇଜ କାର୍ଯ୍ୟକ୍ରମ ପାଇଁ ପ୍ରସାରିତ ହୋଇଯାଇଛି। ରେଡ଼ିଓ ଭାବଗ୍ରାହୀର ପ୍ରତିଷ୍ଠାତା ସଙ୍ଗୀତଜ୍ଞ ବିମଳ ପ୍ରସାଦ ପରିଡାଙ୍କ ଅଧ୍ୟକ୍ଷତାରେ ଷ୍ଟୁଡିଓ ସରୋଜିନୀରେ ଅନୁଷ୍ଠିତ ଏହି ସମସ୍ତ କାର୍ଯ୍ୟକ୍ରମରେ ରେଡ଼ିଓ ଭାବଗ୍ରାହୀର ମୁଖ୍ୟ ଟ୍ରଷ୍ଟି ଶ୍ରୀମତୀ ଧୀରାମଣି ପରିଡା, ଭାବଗ୍ରାହୀ କଳା ନିକେତନର ସହ ସମ୍ପାଦିକା ତଥା କଣ୍ଠଶିଳ୍ପୀ ନିରୁପମା ଜେନା,ପ୍ରସାରଣ ସହାୟକ ଗୈାରବ କୁମାର ଦାସ, ରେଡିଓ ଜକି ସୁଶ୍ରୀ ପୂଜାଶ୍ରୀ, ରେକର୍ଡିଷ୍ଟ୍ ପ୍ରଭାତ ବେହେରା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। କଳା ନିକେତନ ପରିସରରେ ପ୍ରକୃତି ସଂରକ୍ଷଣ ଦିବସ ଉପଲକ୍ଷେ ବିଭିନ୍ନ ଫୁଲ ଗଛ ଏବଂ ତୁଳସୀ ଗଛ ରୋପଣ କରାଯାଇଥିଲା। ଶିଶୁ ରାଇଜ କାର୍ଯ୍ୟକ୍ରମ ପାଇଁ ବିଦ୍ୟାଳୟ ପରିକ୍ରମାରେ ମହାକାଳପଡା ବ୍ଲକ ଅନ୍ତର୍ଗତ ବାଲିଆ ସ୍ଥିତ ଗଛ ମଙ୍ଗଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ ଶିଶୁ ଗୀତ ଓ ଗପ ଭିତ୍ତିକ କାର୍ଯ୍ୟକ୍ରମ ପ୍ରସାରିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉପେନ୍ଦ୍ର ପାଢ଼ୀ, ରଞ୍ଜନ ବରାଳ, ଅଜୟ ଜେନା , ବଳରାମ ମଲିକ ସହଯୋଗ କରିଥିଲେ। ରେଡ଼ିଓ ଭାବଗ୍ରାହୀର ଲୋକାଭିମୁଖୀ କାର୍ଯ୍ୟକ୍ରମ ପ୍ରତି ଦିନ ସକାଳ ଏବଂ ସନ୍ଧ୍ୟା ଛଅଟାରୁ ୯ଟା ପର୍ଯ୍ୟନ୍ତ ଶୁଣିବାକୁ ସମସ୍ତ ଶ୍ରୋତା ମାନଙ୍କୁ ରେଡ଼ିଓ ଭାବଗ୍ରାହୀ ତରଫରୁ ପ୍ରତିଷ୍ଠାତା ବିମଳ ପ୍ରସାଦ ପରିଡା ଅନୁରୋଧ କରିଛନ୍ତି।

## ବନ୍ୟା ବିପନ୍ନଙ୍କ ପାଖରେ ବିଜେଡି ଟିମ, ସହାୟତା ପାଇଁ କଲେ ଦାବି



ଧାମନଗର (ପିପିଏସ): ବୈତରଣୀ ନଦୀର ବନ୍ୟା ପାଣି ଗୌରାଙ୍ଗପୁର ଓ ମଲ୍ଲିମାହାରା ଏସ୍କେପରେ ବାହାରି ଧାମନଗର ଅଞ୍ଚଳର ବହୁ ପଞ୍ଚାୟତ ଜଳମଗ୍ନ। ଜଳବନ୍ଦିରେ ଥିବା ଲୋକଙ୍କ ପାଖରେ ପହଞ୍ଚିଛି ବ୍ଲକ ବିଜେଡ଼ି ଟିମ। ଦୁର୍ଗତଙ୍କ ସହ ସମସ୍ୟା ସମ୍ପର୍କରେ ଅବଗତ ସହ ତାର ନିରାକରଣ ଦିଗରେ ସମୀକ୍ଷା କରିଛନ୍ତି।ବନ୍ୟା ଦୁର୍ଗତଙ୍କୁ ଅନୁକମ୍ପା ନେଇ ଏଭଳି ସ୍ପର୍ଶକାତର ସମୟରେ ପ୍ରଶାସନର ଅହେତୁକ ଅପାରଗତାକୁ ନିନ୍ଦା କରିଥିଲେ ଏହି ଟିମ।ତୁରନ୍ତ ବିପନ୍ନଙ୍କୁ ଶୁଖିଲା ଓ ରନ୍ଧା ଖାଦ୍ୟ ସହ ଗୃହ ପାଳିତ ପଶୁ ମାନଙ୍କୁ ଖାଦ୍ୟ ଯୋଗାଇବାକୁ ଜିଲ୍ଲା ଓ ରାଜ୍ୟ ପ୍ରଶାସନ ନିକଟରେ ଦାବି ରଖିଥିଲେ। ଖରିଫ ଓ ପନିପରିବା ଫସଲ କ୍ଷୟକ୍ଷତିର ତୁରନ୍ତ ତଦନ୍ତ କରି ସହାୟତା ଘୋଷଣା କରିବାକୁ ସରକାରଙ୍କ ଠାରେ ଦାବି ରଖିଥିଲେ। ପ୍ରତ୍ୟେକଟି ଜୀବନ ମୂଲ୍ୟବାନ ଏଣୁ ସାହାଯ୍ୟ କରିବାରେ ପ୍ରଶାସନର ଅବହେଳାକୁ ବିଜେଡ଼ି ବରଦାସ୍ତ କରିବ ନାହିଁ ବୋଲି କହିଥିଲେ। ବିଜେଡ଼ିର ନିର୍ବାଚନ ମଣ୍ଡଳୀ ସ୍ତରୀୟ ନେତା ସମାଜସେବୀ ଡାକ୍ତର ସଞ୍ଜୟ ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ, ସାରଦା ପ୍ରସନ୍ନ ସାହୁ, ବ୍ଲକ ବିଜେଡ଼ି ସଭାପତି ପ୍ରତାପ ସାମଲ, ପୂର୍ବତନ ସଭାପତି ଉମେଶ ମହାନ୍ତି, ଯୁବ ବିଜେଡ଼ି ସଭାପତି ଭାରତ ବିଜୟ ଦଳାଇ, ସମବାୟ ସଭାପତି ସନ୍ଦୀପ ସ୍ୱାଇଁ ପ୍ରମୁଖ ବନ୍ୟା ଘେରରେ ବିପନ୍ନଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଦଳ ପକ୍ଷରୁ ବିପନ୍ନଙ୍କୁ ଶୁଖିଲା ଖାଦ୍ୟ ଓ ପଲିଥିନ ପ୍ରଦାନ କରାଯାଇ ଥିଲା।

## ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର

ନୟାଗଡ଼, (ପିପିଏସ୍): ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସଭାପତି ବିଭୂତି ଭୂଷଣ କରଙ୍କ ଆହ୍ୱାନ କ୍ରମେ ଆଜି ନୟାଗଡ ଜିଲ୍ଲା ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସାମ୍ବାଦିକ



ସୁରକ୍ଷା ଆଇନ, ଅବସରପ୍ରାପ୍ତ ସାମ୍ବାଦିକଙ୍କ ପାଇଁ ପେନସନ ଲାଗୁ କରିବା, ସ୍ୱାସ୍ଥ୍ୟ ବୀମାକୁ ୧୦ଲକ୍ଷ ଟଙ୍କାକୁ ବୃଦ୍ଧି ସହ ଏଥିରେ ପିତାମାତା ଏବଂ ୨୫ ବର୍ଷରୁ ଉର୍ଦ୍ଧ ନିର୍ଭରଶୀଳ ସନ୍ତାନସନ୍ତତିଙ୍କୁ ସାମିଲ କରିବା ନେଇ ଦାବି କରାଯାଇଛି। ଦେଶର ୧୮ଟି ରାଜ୍ୟରେ ସାମ୍ବାଦିକ ପେନସନ୍ ଯୋଜନାରେ ୧୫ହଜାରଟଙ୍କା ଦିଆଯାଉଥିବାବେଳେ ଓଡିଶାରେ ଏହାକୁ ତୁରନ୍ତ ଲାଗୁ କରିବା ପାଇଁ ଦାବି କରାଯାଇଛି। ଆୟୁଷ୍ମାନ ଯୋଜନାରେ ସାମିଲ ହିତାଧିକାରୀଙ୍କୁ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରୁ ବାଦ୍ ଦିଆଯିବା ନିଷ୍ପତ୍ତିର ପୁନର୍ବିଚାର ପାଇଁ ଦାବି କରାଯାଇଛି। ନୟାଗଡ଼ ଜିଲ୍ଲା ଓଡ଼ଗାଁ ଜନଶୁଣାଣି ଶିବିରଠାରେ ଉତ୍କଳ ସାମ୍ବାଦିକ ସଂଘ ସଦସ୍ୟମାନେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କୁ ଭେଟି ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ନୟାଗଡ଼ ଜିଲ୍ଲା ଶାଖା ସଭାପତି ଶ୍ରୀକାନ୍ତ ଖଟେଇ, ସମ୍ପାଦକ ବୈଦ୍ୟଭୂଷଣ ମହାପାତ୍ର, ଓଡ଼ଗାଁ ଶାଖା ସଭାପତି ଅଶୋକ କୁମାର ମହାପାତ୍ର, ସମ୍ପାଦକ ଗଣେଶ୍ୱର ସାହୁ, କୋଷାଧ୍ୟକ୍ଷ ସାରସ କୁମାର ମିଶ୍ରଙ୍କ ସମେତ ଜିଲ୍ଲା ଓ ବ୍ଲକ ଶାଖାର ବହୁ ସଦସ୍ୟ ସାମିଲ ହୋଇଥିଲେ।

## ୧୩ ଜଣିଆ ଛିନ୍‌ତାଇ ଦଳ ଗିରଫ, ୮ ବାଇକ ଜବତ

ଯାଜପୁର (ପିପିଏସ ) ଗତ କିଛିଦିନ ହେଲା ଯାଜପୁର ଜିଲ୍ଲା ଅନ୍ତର୍ଗତ ଯଖପୁରା ଥାନା ରାବଣା ଗ୍ରାମ ରୁ କେନ୍ଦୁଝର ଅଞ୍ଚଳ ରୁ ସୁନା ଚେନ୍ ଲୁଟେରା ଆତଙ୍କ ଖେଳେଇ ଥିଲେ କ୍ଷ ଏ ନେଇ କେନ୍ଦୁଝର ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଅଧ୍ୟକ୍ଷତାରେ ଏକ ଟିମ ଗଠନ କରାଯାଇ ଥିଲା। ଏହି ଟିମରେ ଜଣେ ଡିଏସ୍ପି, ତିନିଜଣ ଥାନା ଅଧିକାରୀ ସମେତ ୨୦ ଜଣିଆ ଟିମ୍ ଯାଜପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳ ରେ ଚଢ଼ାଉ କରି ଏକ ଆନ୍ତଃରାଜ୍ୟ ଅପରାଧ ଗ୍ୟାଙ୍ଗକୁ କାବୁ କରିଛି। ଚୋରୀ ଛିନ୍ତାଇ ସମେତ ବିଭିନ୍ନ ମାମଲାରେ ଜଡ଼ିତ ୧୩ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଯାଜପୁର ଜିଲାର ତିକି ପ୍ରଧାନ (୨୩), ବିଜନ ପ୍ରଧାନ (୨୩). ଅଲ୍ପ ପ୍ରଧାନ (୨୨), ଅର୍ଜୁନ ପ୍ରଧାନ (୨୪), ସଗଲ ଚନ୍ଦନ (୨୦), ସାଗର ପ୍ରଧାନ (୨୪). ତାଜୁ ପ୍ରଧାନ (୪୧), ରମା ପ୍ରଧାନ (୩୨), ବିଛାପ ପ୍ରଧାନ (୩୮). ଭାଜୁ ପ୍ରଧାନ (୨୭). ଗୋପୀ ପ୍ରଧାନ (୨୮), ବିଜୁ ପ୍ରଧାନ (୧୯) ଓ ଗଞ୍ଜାମ ଜିଲ୍ଲାର ଏ. ଆଏଣୁ (୨୫)। ଏମାନେ ସନ୍ଧ୍ୟା ସମୟରେ ବିଭିନ୍ନ ସ୍ଥାନରେ ବାଇକରେ ଜଗି ରହି ଝିଅ ଓ ମହିଳାଙ୍କୁ ଟାର୍ଗେଟ କରୁଥିଲେ। ସେମାନଙ୍କ ନିକଟରୁ ୮ ଟି ସୁନା ହାର ଯବଦ କରାଯଇଥିଲା କ୍ଷ ଅପରାଧି ମାନେ ରାଜ୍ୟ ବାହାରେ ବହୁ ଚୋରି ଓ ଅପରାଧିକ କାର୍ଯ୍ୟକଳାପ ରେ ଲିପ୍ତଥିବା କେନ୍ଦୁଝର ପୋଲିସ ପକ୍ଷରୁ କୁହାଯିବା ସହ ସମ୍ପୃକ୍ତ ଅପରାଧି ଙ୍କୁ ରିମାଣ୍ଡରେ ଆଣି ଅଧିକ ତଦନ୍ତ କରିବ ବୋଲି ଜଣାପଡ଼ୁଛି।

## 'ସମ୍ଭାବନା ସାହିତ୍ୟ ସଂସଦ'ର ତୃତୀୟ ମାସିକ ଆସର



ଭଦ୍ରକ, (ପିପିଏସ୍): ନୂଆବଜାରସ୍ଥ ଭାଗବତ କଲ୍ୟାଣ ମଣ୍ଡପ ଠାରେ ଯୁବ କବି ତଥା ସମ୍ଭାବନା ସାହିତ୍ୟ ସଂସଦର ସମ୍ପାଦକ ଋତୁରାଜ ଅକ୍ଷୟ କୁମାରଙ୍କ ଆବାହକତ୍ୱରେ ଭିନ୍ନ ସ୍ୱାଦର ଏକ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ଏହି କବିତା ଆସରରେ ଶତାଧିକ ଯୁବ ଓ ବର୍ଷିଆନ କବି ଯୋଗ ଦେଇଥିଲେ। ମୁଖ୍ୟଅତିଥି ଭାବେ ପ୍ରେମ ପୃଥିବୀର ସମ୍ପାଦକ କୈଳାଶ ଚନ୍ଦ୍ର ପଣ୍ଡା, ମୁଖ୍ୟବକ୍ତା ଭାବେ ଅମୃତ ଦର୍ଶନର ସମ୍ପାଦକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ସମ୍ମାନିତ ବକ୍ତା ଭାବେ ଓଁ ମିତ୍ରାୟଃ ନମଃ (ପଣ୍ଡିଚେରୀ ଆଶ୍ରମରୁ ପ୍ରକାଶିତ) ପତ୍ରିକାର ସମ୍ପାଦକ ପ୍ର. ଅଟଳ ବିହାରୀ ନାୟକ, ଅନ୍ୟତମ ସମ୍ମାନିତ ଅତିଥି ଭାବେ ତ୍ୟାଗଭୂମିର ସଭାପତି ଅଜୟ କୁମାର ନାୟକ, ସମୀକ୍ଷକ ଭାବେ କଥାକାର ଓ କବି ବିପ୍ଳବ ପତି, ସଭାର ସଂଯୋଜକ ଭାବେ କବି ସୁକାନ୍ତ କୁମାର ବେହେରା ଯୋଗ ଦେଇଥିଲେ। ସମ୍ଭାବନା ଶ୍ରେଷ୍ଠ କବିତା ସମ୍ମାନ ୨୦୨୫ ପ୍ରାଧାପକ କବି କିଶୋର ପାଣିଗ୍ରାହୀ, ସୁଶ୍ରୀ ପ୍ରିତିଲତା ପଣ୍ଡା, ବିଜୟ କୁମାର ଜେନା, ସୁକାନ୍ତ କୁମାର ବେହେରା ଓ ପ୍ରୀତିପଦ୍ମା ଦାସ ସମ୍ବର୍ଦ୍ଧିତ ହୋଇଥିବାବେଳେ ସମ୍ଭାବନା କବିତା ସମ୍ମାନ ୨୦୨୫ରେ ସମ୍ବର୍ଦ୍ଧିତ ହୋଇଥିଲେ ଅଧ୍ୟାପିକା ଡ.ହରପ୍ରିୟା ସେଠୀ, ମନୋଜ କୁମାର ପଣ୍ଡା, ଇଂ ଶଶାଙ୍କ ଶେଖର ପଣ୍ଡା, ଲିପ୍ସା ସାହୁ ଓ ସସ୍ମିତା ସାହୁ। ଅଧିବେଶନ ଅପରାହ୍ଣରୁ ଆରମ୍ଭ ହୋଇ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ଚାଲିଥିଲା। ନିମନ୍ତ୍ରିତ ଅତିଥିମାନଙ୍କ ମଧ୍ୟରେ ଶାନ୍ତନୁ ରାଉତ, ପବିତ୍ର ପାଣିଗ୍ରାହୀ, ବୈକୁଣ୍ଠ ନାଥ ବିଶ୍ୱାଳ, ରୂପକ ରାୟ, କବି ହରିଶ ଦାସ, ମଧୁସ୍ମିତା ନାୟକ, କବି ବିପ୍ଳବ ହୋତା, ଜାନକୀ ପାଢ଼ୀ, ମନୋରମା ରାୟ, ବିଜୟ କୁମାର ବହଳୀ ପ୍ରମୁଖ ଯୋଗଦାନ କରିଥିଲେ। ସମ୍ଭାବନା ସାହିତ୍ୟ ସଂସଦର କଳା ସମ୍ପାଦକ ଓ ଡ଼ିଶାର ବିଶିଷ୍ଟ ଚିତ୍ରଶିଳ୍ପୀ ଚୂଡ଼ାମଣି ଦାସଙ୍କର ଯୋଗଦାନ ଏବଂ ଯୁବ ଗୀତିକାର ଅରୁପାନନ୍ଦ ନାୟକ, ଆଦ୍ୟାଶା ଓ ଆରାଧ୍ୟାଙ୍କର ମଂଚ ପରିଚାଳନା ତଥା କବିତା ସାରେଗାମାର ପ୍ରତ୍ୟେକ କବିତାକୁ ବେହେଲା ସ୍ୱରରେ ରସାପ୍ଲୁତ କରିଥିବା ବେହେଲା ବାଦକ ସଙ୍ଗୀତ ଗୁରୁ "ମେଘବର୍ଣ୍ଣ"ଙ୍କର ଯାଦୁକରୀ ଅଙ୍ଗୁଳି ଚାଳନା ସମସ୍ତଙ୍କୁ ବିମୋହିତ କରିଥିଲା। ଶେଷରେ ଅରୁପାନନ୍ଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ଚନ୍ଦ୍ରଭାଗା ତୀର୍ଥର ଐତିହ୍ୟ ଓ ପବିତ୍ରତାକୁ ସମ୍ମାନ ଦିଆଯାଉ

## ଉନ୍ନତୀକରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ କୋଣାର୍କ ଏନ୍‌ଏସି ପକ୍ଷରୁ ଦାବିପତ୍ର

କୋଣାର୍କ (ପି ପିଏସ): ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ଠାରୁ ୪କିମି ଦୂରରେ ଅବସ୍ଥିତ ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗା ତୀର୍ଥର ପବିତ୍ରତା, ଐତିହ୍ୟ ଓ ପରମ୍ପରା ବଜାୟ ରଖିବା ସହ ଏହାର ପାରିପାର୍ଶ୍ୱିକ ଉନ୍ନତିକରଣ ପାଇଁ କୋଣାର୍କ ଏନଏସି ଅଧ୍ୟକ୍ଷା ସମେତ କାଉନସିଲର ମାନଙ୍କ ପକ୍ଷରୁ ୯ଦଫା ଦାବି ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଖବରରୁ ପ୍ରକାଶ ଯେ ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗା ଠାରେ ପବିତ୍ର ମାଘସପ୍ତମୀ ବୁଡ ସମୟରେ ମେଳା ପଡିଆରେ ଷଷ୍ଠୀ ରାତିରେ ଓଡିଶା ସମେତ ଭାରତ ବର୍ଷର ବିଭିନ୍ନ ସ୍ଥାନରୁ ଲକ୍ଷାଧିକ ଶ୍ରଦ୍ଧାଳୁ ଭକ୍ତମାନଙ୍କ ସମାଗମ ହୋଇଥାଏ ।ମାତ୍ର ପୁରୀ ପୂର୍ତ୍ତବିଭାଗ ପକ୍ଷରୁ ଚନ୍ଦ୍ରଭାଗା ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଆଳ ନାଁରେ ମାଘସପ୍ତମୀ ବୁଡ ଅନୁଷ୍ଠିତ ପବିତ୍ର ମାଘସପ୍ତମୀ ପଡିଆରେ ଅସ୍ଥାୟୀ ଭେଣ୍ଡିଂ ଜୋନ, ସ୍ଥାୟୀ ଶୌଚାଳୟ ଓ ପାଇଖାନା ନିର୍ମାଣ କାର୍ଯ୍ୟ କରିବା ନେଇ ଚନ୍ଦ୍ରଭାଗା ତୀର୍ଥର ଐତିହ୍ୟ ଓ ପବିତ୍ରତା କୁ ବିକୃତ କରିବା ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହି ଘଟଣା ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ମାନ ପ୍ରକାଶ ପାଇବା ପରେ କୋଣାର୍କ ଏନଏସି ଅଧ୍ୟକ୍ଷା ସମେତ କାଉନସିଲର ମାନେ ଚନ୍ଦ୍ରଭାଗା ଠାରେ ଚାଲିଥିବା ଐତିହ୍ୟ ମାରଣ କାମ ବନ୍ଦ କରି ପୁରୀ ଜିଲ୍ଲା ପ୍ରଶାସନକୁ ଅବଗତ କରାଇଥିଲେ। ଚନ୍ଦ୍ରଭାଗା ତୀର୍ଥର ଐତିହ୍ୟ ଓ ପବିତ୍ରତା ରକ୍ଷା ଓ ଉନ୍ନତିକରଣ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ୯ଦଫା ଦାବି ସମ୍ବଳିତ ଦାବିପତ୍ର କୋଣାର୍କ ଏନଏସି ଅଧ୍ୟକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀଙ୍କ ସମେତ ଉପାଧ୍ୟକ୍ଷ ଓ କାଉନସିଲର ମାନଙ୍କ ପକ୍ଷରୁ ଇମେଲ ଯୋଗେ ପ୍ରଦାନ କରାଯାଇଛି। ଏହି ଦାବି ଗୁଡିକ ମଧ୍ୟରେ ତୀର୍ଥର ଉନ୍ନତିକରଣ ଯୋଜନାରେ ପାଇଁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ପର୍ଯ୍ୟଟକ ପ୍ରେମୀ ଓ ସଂସ୍କୃତି ପ୍ରେମୀ ବ୍ୟକ୍ତି ବିଶେଷ ମାନଙ୍କ ସହ ଆଲୋଚନା କରିବା, ଏହି କାର୍ଯ୍ୟରେ କୋଣାର୍କ ଏନଏସିକୁ ଅଣଦେଖା ନ କରି ଯୋଜନା ଓ ଉନ୍ନୟନ କାର୍ଯ୍ୟରେ ସାମିଲ୍ କରିବା, ଚନ୍ଦ୍ରଭାଗା ତୀର୍ଥର ପୁନଃ ଖନନ, ପ୍ରଶସ୍ତିକରଣ ଓ ସୌନ୍ଦର୍ଯ୍ୟକରଣ କରିବା, ଚନ୍ଦ୍ରଭାଗା ମେଳା ପଡିଆରେ ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ମାଣ କରାଯାଉଥିବା ଅସ୍ଥାୟୀ ଭେଣ୍ଡିଂ ଜୋନ କାମ ବନ୍ଦ କରିବା, କିମ୍ବଦନ୍ତୀ ଅନୁଯାୟୀ ତୀର୍ଥ ସଂଲଗ୍ନ ହାଣ୍ଡି ବାଡିଆ ପୋଖରୀର ସଂସ୍କୃତି ଓ ସ୍ଥାୟୀତ୍ୱ ପ୍ରତି ଦୃଷ୍ଟି ଦେବା, ଉନ୍ନତିକରଣ ଯୋଜନାକୁ ବାରମ୍ବାର ନ ବଦଳାଇ ଯୋଜନାର ରୂପରେଖକୁ ସାର୍ବଜନୀନ କରିବା ଓ ଚନ୍ଦ୍ରଭାଗା ଠାରେ ଥିବା ବିଜୁ ପଟ୍ଟନାୟକ ସ୍ମାରକୀ ଓ ଶ୍ରୀଜୟଦେବ ବାଟିକାର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରିବା ସମେତ ୯ଦଫା ଦାବି ପୂରଣ କରିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ କୋଣାର୍କ ଏନଏସି ପକ୍ଷରୁ ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡା, ପର୍ଯ୍ୟଟନ ବିଭାଗ ସଚିବ, କାକଟପୁର ବିଧାୟକ, ପୁରୀ ଜିଲ୍ଲାପାଳ ଓ ପୁରୀ ପୂର୍ତ୍ତବିଭାଗ ଅଧିକ୍ଷଣ ଯନ୍ତ୍ରୀ ପ୍ରମୁଖଙ୍କୁ ଲିଖିତ ଭାବେ ଅବଗତ କରାଯାଇ ଏଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ କୋଣାର୍କ ଏନଏସି ଅଧ୍ୟକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ, ଉପାଧ୍ୟକ୍ଷ ସୁରେଶ ଚନ୍ଦ୍ର ରାଉତରାୟ, କାଉନସିଲର ସମୟ ରଂଜନ ସାହୁ, ସୌଦାମିନୀ ମଲ୍ଲିକ, ବିଶ୍ୱମ୍ବର ବିଶ୍ୱାଳ, କୃଷ୍ଣ ପ୍ରିୟା ନାୟକ, ସ୍ୱର୍ଣ୍ଣଲତା ଦାସ, ଦିଲ୍ଲିପ ଦାସ, ସ୍ୱପ୍ନା ଗୋଛାୟତ ଓ ଶୁଭସ୍ମିତା ପାତ୍ର ପ୍ରମୁଖ ଦାବି କରିଛନ୍ତି।

## ବାରବାଙ୍କି ମନ୍ଦିରରେ ଦଳାଚକଟା, ୨ ମୃତ

ବାରବାଙ୍କି : ଉତ୍ତରାଖଣ୍ଡର ହରିଦ୍ୱାର ଜିଲାର ମନସା ଦେବୀ ମନ୍ଦିରରେ ଦଳାଚକଟା ଘଟଣାର ଠିକ ପରଦିନ, ଶ୍ରାବଣ ମାସର ତୃତୀୟ ସୋମବାରରେ ଉତ୍ତର ପ୍ରଦେଶର ବାରବାଙ୍କି ଜିଲାରେ ଏକ ବଡ଼ ଦୁର୍ଘଟଣା ଘଟିଛି। ଶ୍ରାବଣ ମାସର ତୃତୀୟ ସୋମବାର ଅବସରରେ, ପୌରାଣିକ ଐସାନେଶ୍ୱର ମହାଦେବ ମନ୍ଦିରରେ ଭକ୍ତଙ୍କ ଭିଡ଼ ଜମିଛି। ସେଠାରେ ବହୁ ସଂଖ୍ୟକ ଲୋକ ଦର୍ଶନ କରିବାକୁ ପହଞ୍ଚିଛନ୍ତି। ଏହି ସମୟରେ ଏକ ବଡ଼ ଦୁର୍ଘଟଣା ଘଟିଛି। ସେଠାରେ ବିଦ୍ୟୁତ ତାର ଛିଣ୍ଡି ପଡ଼ିଥିଲା ଫଳରେ ଟିନ ସେଡ ଦେଇ କରେଣ୍ଟ ଯାଇଥିଲା। ବିଦ୍ୟୁତ କରେଣ୍ଟ ଯୋଗୁ ଦଳାଚକଟା ହୋଇଥିଲା। ଏହି ଦୁର୍ଘଟଣାରେ ଦେଢ଼ ଡଜନରୁ ଅଧିକ ଶିବ ଭକ୍ତ ଆହତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ବାରବାଙ୍କି ଜିଲାରେ ଦୁର୍ଘଟଣା ସମ୍ପର୍କରେ ଅବଗତ ହୋଇଛନ୍ତି। ଶୋକସନ୍ତପ୍ତ ପରିବାର ପ୍ରତି ମୁଖ୍ୟମନ୍ତ୍ରୀ ଯୋଗୀ ସମବେଦନା ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ରିଲିଫ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆହତଙ୍କୁ ଉପଯୁକ୍ତ ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଆହତମାନଙ୍କୁ ତୁରନ୍ତ ଡାକ୍ତରଖାନା ପଠାଇଛନ୍ତି ଏବଂ ଜିଲ୍ଲା ପ୍ରଶାସନ ଅଧିକାରୀମାନଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଜିଲ୍ଲା ପ୍ରଶାସନ ଅଧିକାରୀମାନଙ୍କୁ ଘଟଣାସ୍ଥଳକୁ ପହଞ୍ଚି ରିଲିଫ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## 'ଆଇ ଲଭ୍ ୟୁ' କହିବା ଯୌନ ନିର୍ଯାତନା ନୁହେଁ: ହାଇକୋର୍ଟ

ନୂଆଦିଲ୍ଲୀ : ଛତିଶଗଡ଼ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ କହିଛନ୍ତି ଯେ, ସ୍ପଷ୍ଟ ଯୌନ ଉଦ୍ଦେଶ୍ୟ ପ୍ରମାଣ ନ ହେଲେ କେବଳ "ଆଇ ଲଭ୍ ୟୁ" କହିବା ଯୌନ ନିର୍ଯାତନା ନୁହେ। ଏହି ମାମଲାରେ ଜଣେ ଯୁବକଙ୍କୁ ପୋକ୍ସୋ ଆଇନ ଓ ଏସସି/ଏସଟି (ଅତ୍ୟାଚାର ନିବାରଣ) ଆଇନ ଅଧୀନରେ ଅଭିଯୁକ୍ତ କରାଯାଇଥିଲା, କିନ୍ତୁ ହାଇକୋର୍ଟର ବିଚାରପତି ସଞ୍ଜୟ ଏସ୍ ଅଗ୍ରୱାଲଙ୍କ ଖଣ୍ଡିକିଆ ବେଞ୍ଚ ଟ୍ରାଏଲ କୋର୍ଟଙ୍କ ରାୟକୁ ବଳବତ୍ତର ରଖି ରାଜ୍ୟ ସରକାରଙ୍କ ଆପୀଲକୁ ଖାରଜ କରିଛନ୍ତି।

ଘଟଣାଟି ଧମତାରୀ ଜିଲାର କୁରୁଦ ଥାନା ଅଞ୍ଚଳରେ ଘଟିଥିଲା। ଜଣେ ୧୫ ବର୍ଷୀୟା ଛାତ୍ରୀ ଅଭିଯୋଗ କରିଥିଲେ ଯେ, ସ୍କୁଲରୁ ଘରକୁ ଫେରୁଥିବା ବେଳେ ଅଭିଯୁକ୍ତ ଯୁବକ ତାଙ୍କୁ ଦେଖି "ଆଇ ଲଭ୍ ୟୁ" କହିଥିଲେ ଏବଂ ପୂର୍ବରୁ ମଧ୍ୟ ଅନେକ ଥର ନିର୍ଯାତନା ଦେଇଥିଲେ। ଏହି ଅଭିଯୋଗ ଆଧାରରେ ପୋଲିସ ଭାରତୀୟ ଦଣ୍ଡବିଧାନର ଧାରା ୩୫୪ଡି (ପଛରୁ ଲାଗିବା) ଓ ୫୦୯ (ମହିଳାଙ୍କ ସମ୍ମାନକୁ ଆଘାତ) ସହ ପୋକ୍ସୋ ଆଇନର ଧାରା ୮ ଓ ଏସସି/ଏସଟି ଆଇନର ଧାରା ୩(୨)(ଭିଏ) ଅଧୀନରେ ମାମଲା ରୁଜୁ କରିଥିଲା।

କିନ୍ତୁ, ଟ୍ରାଏଲ କୋର୍ଟ ପ୍ରମାଣର ଅଭାବରୁ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ଘୋଷଣା କରିଥିଲେ। ରାଜ୍ୟ ସରକାର ଏହାକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଶୁଣାଣି ସମୟରେ ହାଇକୋର୍ଟ ଉଲ୍ଲେଖ କରିଛନ୍ତି ଯେ, ଅଭିଯୋଗକାରୀଙ୍କ ବୟସ ପ୍ରମାଣ କରିବାରେ ତଦନ୍ତ ଅସମ୍ପୂର୍ଣ୍ଣ ରହିଥିଲା ଏବଂ ଅଭିଯୁକ୍ତଙ୍କ କାର୍ଯ୍ୟରେ ଯୌନ ଉଦ୍ଦେଶ୍ୟ ଥିବାର କୌଣସି ପ୍ରମାଣ ମିଳିନାହିଁ। ଏହା ସହ, ଅଭିଯୋଗକାରୀଙ୍କ ଜାତି ସମ୍ପର୍କରେ ଅଭିଯୁକ୍ତଙ୍କୁ ଜଣା ନ ଥିବାରୁ ଏସସି/ଏସଟି ଆଇନ ପ୍ରୟୋଗ ଅନୁଚିତ ବୋଲି କୋର୍ଟ ମତ ଦେଇଛନ୍ତି।

ବିଚାରପତି ଅଗ୍ରୱାଲ କହିଛନ୍ତି, ଏକ ଏକକ "ଆଇ ଲଭ୍ ୟୁ" କହିବା ବା ବାରମ୍ବାର ସମ୍ପର୍କ ବା ଅସଭ୍ୟ ଆଚରଣ ବିନା ପୋକ୍ସୋ ଆଇନର ଧାରା ୭ ଅନୁଯାୟୀ ଯୌନ ନିର୍ଯାତନାର ଆଇନଗତ ମାନଦଣ୍ଡ ପୂରଣ କରେ ନାହିଁ। ସୁପ୍ରିମକୋର୍ଟଙ୍କ ଆଟର୍ଣ୍ଣି ଜେନେରାଲ ଫର ଇଣ୍ଡିଆ ବନାମ ସତୀଶ (୨୦୨୧) ରାୟକୁ ଉଲ୍ଲେଖ କରି କୋର୍ଟ କହିଛନ୍ତି ଯେ, ଯୌନ ଉତ୍ପୀଡ଼ନ ପାଇଁ ସ୍ପଷ୍ଟ ଉଦ୍ଦେଶ୍ୟ ପ୍ରମାଣ ଆବଶ୍ୟକ। ତଦନ୍ତରେ ଅପାରଗତା ଓ ଅସାବଧାନତାକୁ ଦୃଷ୍ଟିରେ ରଖି ହାଇକୋର୍ଟ ଟ୍ରାଏଲ କୋର୍ଟଙ୍କ ନିର୍ଦ୍ଦୋଷ ରାୟକୁ ବଳବତ୍ତର ରଖି ରାଜ୍ୟର ଆପୀଲ ଖାରଜ କରିଛନ୍ତି।

## ସବୁଠୁ ବିପଦପୂର୍ଣ୍ଣ ମିଶାଇଲ୍ ଆଣିଲା ଇରାନ

ତେହେରାନ : ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଯୁଦ୍ଧବିରତି ପାଇଁ ଦିଆଯାଇଥିବା ସମୟସୀମା ପୂର୍ବରୁ, ଇରାନ ଆମେରିକାକୁ ଆକ୍ରମଣ କରିବାର କ୍ଷମତାସମ୍ପନ୍ନ ଏକ ମିଶାଇଲ୍ ତିଆରି କରିଛି। ଖୋରମଶହର-୫ ନାମକ ଏହି ମିଶାଇଲ ଇରାନର ରାଜଧାନୀ ତେହେରାନରୁ ସହଜରେ ଆମେରିକା ଉପରେ ଆକ୍ରମଣ କରିପାରିବ। ଏହି ମିଶାଇଲକୁ ଇରାନର ସବୁଠାରୁ ବିପଦପୂର୍ଣ୍ଣ ମିଶାଇଲ ଭାବରେ ବର୍ଣ୍ଣନା କରାଯାଉଛି।

ଇରାନ ଖୋରମଶହର ସିରିଜର ୪ଟି ମିଶାଇଲ ପରୀକ୍ଷଣ କରିଥିଲା, ସେତେବେଳେ ଏହା ସମଗ୍ର ବିଶ୍ୱକୁ ଏହା ବିଷୟରେ ସୂଚନା ଦେଇଥିଲା, କିନ୍ତୁ ଚୁପଚାପ ସିରିଜର ୫ ନମ୍ବର ମିଶାଇଲ ପରୀକ୍ଷଣ କରିଛି। ଖୋରମଶହର ଇରାନର ଏକ ପ୍ରସିଦ୍ଧ ସହର। ଇରାନ ଏହାର ମିଶାଇଲକୁ ନିଜ ନାମରେ ପ୍ରସ୍ତୁତ କରିଛି। ଖୋରମଶହର-୫କୁ ସବୁଠାରୁ ଉନ୍ନତ ପ୍ରକାରର ମିଶାଇଲ୍ ବୋଲି ବିବେଚନା କରାଯାଏ। ଏହାର ପରିସର ୧୨ ହଜାର କିଲୋମିଟର। ଏଥିରେ ୨ ଟନ ୱାରହେଡ ଅଛି। ଏହାର ଗତି ୧୬ ଗଇଡ। ତେହେରାନରୁ ଯଦି ଏହା ନିକ୍ଷେପ କରାଯାଏ, ତେବେ ଏହି ମିଶାଇଲ ଆମେରିକାରେ ପହଞ୍ଚିବାକୁ ପ୍ରାୟ ୩୬ ମିନିଟ ସମୟ ନେବ। ଇରାନର ରାଜଧାନୀ ତେହେରାନରୁ ଆମେରିକାର ଦୂରତା ପ୍ରାୟ ୧୧ ହଜାର କିଲୋମିଟର। ଅର୍ଥାତ୍ ଇରାନ ଏହି ମିଶାଇଲ ବ୍ୟବହାର କରି ଆମେରିକା ଉପରେ ସହଜରେ ଆକ୍ରମଣ କରିପାରିବ।

ସମ୍ପ୍ରତି ଇସ୍ରାଏଲ ଯୁଦ୍ଧ ସମୟରେ, ଏହା ଦେଖାଯାଇଥିଲା ଯେ ଇରାନ ଏହାର ସହରଗୁଡ଼ିକ ଉପରେ ବହୁତ ମିଶାଇଲ ମାଡ଼ କରିଥିଲା। ଇସ୍ରାଏଲର ଅନେକ ସହର ଧ୍ୱଂସ ପାଇଥିଲା। ଆମେରିକା ଖୋରମଶହର-୫ ଉପରେ କୌଣସି ମନ୍ତବ୍ୟ ଦେଇନାହିଁ। ଖୋରମଶହର-୫ର ଯୁଦ୍ଧାସ୍ତ୍ର ୨ ଟନ, ଯାହା ଆମେରିକୀୟ ବଙ୍କର ବଷ୍ଟର ବୋମା ସହିତ ସମାନ। ଇରାନ ଯୁଦ୍ଧ ସମୟରେ ଆମେରିକା ଏହାର ୩ଟି ପରମାଣୁ ଘାଟି ଉପରେ ଏହି ବୋମା ପକାଇଥିଲା।

## ଶିଶୁ ବିକ୍ରୟ ରାକେଟ୍‌ର ପର୍ଦ୍ଦାଫାସ !

ହାଇଦ୍ରାବାଦ: ଶିଶୁ ବିକ୍ରୟ ରାକେଟର ପର୍ଦ୍ଦାଫାଶ! ହାଇଦ୍ରାବାଦ ପୋଲିସ ସିକନ୍ଦରାବାଦର ୟୁନିଭର୍ସାଲ ସୃଷ୍ଟି ଫର୍ଟିଲିଟି ସେଣ୍ଟରରେ ଚାଲିଥିବା ଏକ ଅବୈଧ ସରୋଗେସି ଓ ଶିଶୁ ବିକ୍ରି ରାକେଟର ପର୍ଦ୍ଦାଫାଶ କରିଛି। ଏଠାରେ ଏକ ଦମ୍ପତିଙ୍କ ସନ୍ତାନ ପ୍ରାପ୍ତିର ସ୍ୱପ୍ନ ଭାଙ୍ଗିଯାଇଥିଲା ଯେତେବେଳେ ଡିଏନଏ ପରୀକ୍ଷାରୁ ଜଣାପଡ଼ିଲା ଯେ, କ୍ଲିନିକ ମାଧ୍ୟମରେ ପାଇଥିବା ଶିଶୁ ସେମାନଙ୍କର ଜୈବିକ ସନ୍ତାନ ନୁହେଁ। ଏହି ମାମଲାରେ କ୍ଲିନିକ୍ର ମାଲିକ ଡ. ଅଥାଲୁରୀ ନମ୍ରତା (୬୪), ତାଙ୍କ ପୁଅ ଓ ଅନ୍ୟ ୬ ଜଣଙ୍କୁ ଗିରଫ କରାଯାଇଛି। ପୋଲିସର ସୂଚନା ଅନୁସାରେ, ୨୦୨୧ରେ ଏହି କ୍ଲିନିକ୍ର ଲାଇସେନ୍ସ ରଦ୍ଦ ହୋଇଥିଲେ ମଧ୍ୟ ଏହା ହାଇଦ୍ରାବାଦ, ବିଜୟୱାଡ଼ା ଓ ବିଶାଖାପାଟଣାରେ ଅବୈଧ ଭାବେ ଚାଲୁ ରହିଥିଲା। ଛାପାମାରି ସମୟରେ ଓଠର ଉପକରଣ, ଗର୍ଭଧାରଣ ସମ୍ବନ୍ଧୀୟ ସାମଗ୍ରୀ ଓ ଲିଙ୍ଗ ନିର୍ଦ୍ଧାରଣ ଯନ୍ତ୍ର ଜବତ ହୋଇଛି, ଯାହା ଅନୁମତି ଓ ପ୍ରଶିକ୍ଷିତ କର୍ମଚାରୀ ବିନା ବ୍ୟବହାର ହେଉଥିଲା। ୨୦୨୪ ଅଗଷ୍ଟରେ ରାଜସ୍ଥାନର ଏକ ଦମ୍ପତି ସିକନ୍ଦରାବାଦରେ ଥିବା ଏହି କ୍ଲିନିକ୍ରେ ଓଠର ଚିକିତ୍ସା ପାଇଁ ଯୋଗାଯୋଗ କରିଥିଲେ। କ୍ଲିନିକ୍ ସେମାନଙ୍କୁ ସରୋଗେସି ପାଇଁ ପରାମର୍ଶ ଦେଇ ଶିଶୁଟି ସେମାନଙ୍କ ଜୈବିକ ସନ୍ତାନ ହେବ ବୋଲି ଆଶ୍ୱାସନା ଦେଇଥିଲା। ଏହା ପାଇଁ ସେମାନେ ୩୫ ଲକ୍ଷ ଟଙ୍କା ମଧ୍ୟ ଦେଇଥିଲେ।୨୦୨୫ ଜୁନରେ ବିଶାଖାପାଟଣାରେ ସି-ସେକ୍ସନ ମାଧ୍ୟମରେ ଏକ ଶିଶୁପୁତ୍ର ଜନ୍ମ ହେବାର ଖବର ଦିଆଯାଇ ଅତିରିକ୍ତ ୨ ଲକ୍ଷ ଟଙ୍କା ନିଆଯାଇଥିଲା। କିନ୍ତୁ ଡିଏନଏ ପରୀକ୍ଷାରୁ ଜଣାପଡ଼ିଲା ଯେ ଶିଶୁଟି ସେମାନଙ୍କ ଜୈବିକ ସନ୍ତାନ ନୁହେ। ପୋଲିସ ତଦନ୍ତରୁ ଜଣାପଡ଼ିଛି ଯେ ଶିଶୁଟି ହାଇଦ୍ରାବାଦରେ ରହୁଥିବା ଆସାମର ଏକ ଗରିବ ଦମ୍ପତିଙ୍କଠାରୁ ୯୦,୦୦୦ ଟଙ୍କାରେ କିଣାଯାଇଥିଲା।

# ଯୁଦ୍ଧବିରତି ଲାଗି କୌଣସି ଦେଶ ମଧ୍ୟସ୍ଥତା କରିନଥିଲେ: ଜୟଶଙ୍କର



ନୂଆଦିଲ୍ଲୀ : ଲୋକସଭାରେ ଅପରେସନ ସିନ୍ଦୂର ଉପରେ ଆଲୋଚନା ଜାରି ରହିଛି। ଗୃହରେ ପ୍ରାରମ୍ଭିକ ହଟ୍ଟଗୋଳ ପରେ, ୧୬ ଘଣ୍ଟାର ବିତର୍କ ଆରମ୍ଭ ହୋଇଛି, ଯାହା ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆରମ୍ଭ କରିଥିଲେ ଏବଂ କହିଥିଲେ ଯେ ଭାରତୀୟ ସେନା ପାକିସ୍ତାନୀ ସେନାକୁ କିପରି ମୁଣ୍ଡ ନଇଁବକୁ ବାଧ କରିଥିଲା। ଏହା ପରେ, ଶାସକ ଦଳ ଏବଂ ବିରୋଧୀ ଦଳର ସାଂସଦମାନେ ସେମାନଙ୍କର ମତ ରଖିଥିଲେ। ପରେ, ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ଭାରତ କ'ଣ ନିଷ୍ପତ୍ତି ନେଇଛି ସେ ବିଷୟରେ କହିଥିଲେ। ସେ କହିଥିଲେ ଯେ ଆତଙ୍କବାଦ ବିରୁଦ୍ଧରେ ଭାରତର ଶୂନ୍ୟ ସହନଶୀଳତା ନୀତି ଅଛି। ଆମେ ତୁରନ୍ତ ବହୁତ କଠୋର ପଦକ୍ଷେପ ନେଇଥିଲୁ। ପାକିସ୍ତାନକୁ ବିଶ୍ୱ ସମ୍ମୁଖରେ ପର୍ଦ୍ଦାଫାସ କରାଯାଇଥିଲା। ସେ ଏହା ମଧ୍ୟ କହିଥିଲେ ଯେ କିପରି ୨୭ ରୁ ଅଧିକ ଦେଶରୁ ତୁରନ୍ତ ଫୋନ୍ କଲ୍ ଆସିଥିଲା। କିନ୍ତୁ ଯୁଦ୍ଧବିରତି ଲାଗି କୌଣସି ଦେଶ ମଧ୍ୟସ୍ଥତା କରିନଥିଲେ ବୋଲି ସେ କହିଥିଲେ। ଏହା ପୂର୍ବରୁ, ଚିରାଗ ପାସୱାନଙ୍କ ଦଳର ସାଂସଦ ଶାମ୍ଭବୀ ଚୌଧୁରୀ କଂଗ୍ରେସକୁ ଚୁପ୍ କରାଇଥିଲେ। ସେ କହିଥିଲେ, କଂଗ୍ରେସ ନେତାମାନେ ବାରମ୍ବାର କହୁଛନ୍ତି ଯେ ୧୯୭୧ ରେ ଇନ୍ଦିରା ଗାନ୍ଧୀ ଏହା କରିଥିଲେ, ଇନ୍ଦିରା ଗାନ୍ଧୀ ତାହା କରିଥିଲେ, କିନ୍ତୁ ସେମାନେ ବିହାରର ପୁଅ ଜଗଜୀବନ ରାମଙ୍କୁ କାହିଁକି ଭୁଲି ଯାଆନ୍ତି।

ସେହି ଜଗଜୀବନ ରାମ ଯିଏ ସେତେବେଳେ ପ୍ରତିରକ୍ଷା ମନ୍ତ୍ରୀ ଥିଲେ। ଏହା ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ କଂଗ୍ରେସ ଦଳିତ ନେତାମାନଙ୍କ ସହିତ ସମସ୍ୟା ରଖିଛି।

## ସର୍ଜରୀର ଲାଇଭ ଟେଲିକାଷ୍ଟ ଉପରେ ଏନ୍‌ଏମ୍‌ସିର କଡ଼ା ଗାଇଡଲାଇନ୍

ନୂଆଦିଲ୍ଲୀ : ନ୍ୟାସନାଲ ମେଡିକାଲ କମିଶନ (ଘଗଉ) ନିର୍ଦ୍ଦେଶ ଦେଇଛନ୍ତି ଯେ ସର୍ଜରୀର ଲାଇଭ୍ ଷ୍ଟ୍ରିମିଂକୁ ସର୍ଜନ, ହସ୍ପିଟାଲ କିମ୍ବା ଉତ୍ପାଦ ବ୍ରାଣ୍ଡର ପ୍ରଚାର ପାଇଁ ବ୍ୟବହାର କରାଯିବା ଉଚିତ୍ ନୁହେଁ। ଏହା କରିବା ପୂର୍ବରୁ ରୋଗୀଙ୍କ ସମ୍ମତି ନିଆଯିବା ଆବଶ୍ୟକ। ଘଗଉ ସର୍ଜରୀର ଲାଇଭ୍ ଷ୍ଟ୍ରିମିଂକୁ ନିୟନ୍ତ୍ରଣ କରିବା ପାଇଁ ଏହି ସପ୍ତାହରେ ବିସ୍ତୃତ ଗାଇଡଲାଇନ୍ ଜାରି କରିଛି। ଏହା ଅନୁଯାୟୀ, ସର୍ଜରୀ ସମୟରେ ବ୍ୟବହୃତ ଉପକରଣରେ ସର୍ଜନମାନଙ୍କର କୌଣସି ଆର୍ଥିକ କିମ୍ବା ବାଣିଜ୍ୟିକ ସ୍ୱାର୍ଥ ରହିବା ଉଚିତ୍ ନୁହେଁ।ଗାଇଡଲାଇନ୍ ଅନୁସାରେ, 'ଲାଇଭ୍ ଷ୍ଟ୍ରିମିଂର ଉଦ୍ଦେଶ୍ୟ କେବଳ ଶିକ୍ଷାଗତ ହେବା ଉଚିତ ଏବଂ ବାଣିଜ୍ୟିକ ଲାଭ କିମ୍ବା ପ୍ରୋତ୍ସାହନ ପାଇଁ ନୁହେଁ। ସର୍ଜନମାନେ ଶଲ୍ୟଚିକିତ୍ସା କୌଶଳ ଏବଂ ରୋଗୀ ଯତ୍ନ ଉପରେ ଧ୍ୟାନ ଦେବା ଉଚିତ। ଏଥିରେ ରେଖାଙ୍କିତ କରାଯାଇଛି ଯେ, ଲାଇଭ୍ ଷ୍ଟ୍ରିମିଂ ସହିତ ଜଡିତ ଜଟିଳତା ଏବଂ ବିପଦଗୁଡ଼ିକୁ କଠୋର ନିୟମ ଏବଂ ବୀମା କଭରେଜ୍ ମାଧ୍ୟମରେ ସମାଧାନ କରାଯିବା ଉଚିତ। ଘଗଉ କହିଛି ,ଯଦିଓ ଶଲ୍ୟଚିକିତ୍ସାର ଲାଇଭ୍ ଷ୍ଟ୍ରିମିଂ ଶିକ୍ଷଣୀୟ ହୋଇପାରେ, ଏହା ଇଣ୍ଟରାକ୍ଟିଭ୍ କିମ୍ବା ବ୍ୟବହାରିକ ତାଲିମ ଭଳି ଗଭୀର ଶିକ୍ଷା ପ୍ରଦାନ କରିପାରିବ ନାହିଁ।

## ଗାଜାରେ ଅଶୁଦ୍ଧ ପାଣି ଯୋଗୁଁ ବହୁ ଲୋକଙ୍କ ଜୀବନ ଯାଉଛି

ଗାଜା: ଗାଜାରେ ଏବେ ସ୍ଥିତି ଅସମ୍ଭାଳ। ଗାଜାର ଦୁଇଟି ସ୍ଥାନରେ ଖାଦ୍ୟ ପାଇଁ ଅପେକ୍ଷା କରିଥିବା ପାଲେଷ୍ଟାଇନ୍ ଲୋକଙ୍କ ଉପରେ ଇସ୍ରାଏଲ୍ ସେନା ଗୁଳି ଚଳାଇଛି ଯେଉଁଥିରେ ଜଣଙ୍କର ଜୀବନ ଯାଇଛି ଏବଂ ଅନେକ ଆହତ ହୋଇଛନ୍ତି। ଯେତେବେଳେ କି ଆଉ ଏକ ଶିଶୁର ଅପପୁଷ୍ଟି ଯୋଗୁ ମୃତ୍ୟୁ ଘଟିଛି। ତେବେ ଗାଜାରେ ଚାଲିଥିବା ସଂଘର୍ଷ ମଧ୍ୟରେ ଏକ ନୂଆ ସଙ୍କଟ ଦେଖାଦେଇଛି । ଅଶୁଦ୍ଧ ପାଣି ଯୋଗୁଁ ବହୁ ଲୋକଙ୍କ ଜୀବନ ଯାଉଛି। ଅନ୍ତର୍ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ, ଗାଜାରେ ଶୁଦ୍ଧ ପାଣିର ଅଭାବ ଏବଂ ଅପରିଷ୍କାର ଜଳ ଉତ୍ସ ଯୋଗୁଁ ବିଭିନ୍ନ ରୋଗ ବ୍ୟାପୁଛି, ଯାହା ଶିଶୁ ଓ ବୟସ୍କଙ୍କ ମୃତ୍ୟୁର କାରଣ ସାଜିଛି । ଅଞ୍ଚଳର ଅଧିକାଂଶ ଜଳ ଉତ୍ସ ଦୂଷିତ ହେବା ସହ ପାଣି ଶୁଦ୍ଧୀକରଣ ବ୍ୟବସ୍ଥା ମଧ୍ୟ ଧ୍ୱଂସ ହୋଇଛି । ଯୁଦ୍ଧ ଯୋଗୁଁ ଗାଜାରେ ପାଣି ଯୋଗାଣ ବନ୍ଦ ରହିଛି । ନଳକୂପ, କୂଅରୁ ପାଣି ପିଇବାଯୋଗ୍ୟ ନାହିଁ । ଦୂଷିତ ପାଣି ପିଇବା ଯୋଗୁଁ ଡାଇରିଆ, ହେପାଟାଇଟିସ୍ ଏ ଏବଂ ଅନ୍ୟାନ୍ୟ ଜଳଜନିତ ରୋଗ ବ୍ୟାପୁଛି, ଯାହା ଶିଶୁ ଓ ବୃଦ୍ଧଙ୍କ ପାଇଁ ଅଧିକ ଘାତକ ହେଉଛି । ସ୍ଥାନୀୟ ହସ୍ପିଟାଲଗୁଡ଼ିକରେ ଔଷଧ ଥିଲେ ମଧ୍ୟ ପାଣି ମିଳୁନି । ଜାତିସଂଘ ଏବଂ ଅନ୍ୟାନ୍ୟ ମାନବିକ ସଂସ୍ଥା ଗାଜାରେ ଜରୁରୀ ଭିତ୍ତିରେ ପରିଷ୍କାର ପାଣି ଓ ଚିକିତ୍ସା ସେବା ଯୋଗାଇବାକୁ ଚେଷ୍ଟା କରୁଛନ୍ତି, କିନ୍ତୁ ଯୁଦ୍ଧ ଏହି ପ୍ରୟାସକୁ ବାଧା ଦେଉଛି । ଗାଜାର ଲୋକମାନେ ବିପଜ୍ଜନକ ପରିସ୍ଥିତିରେ ଜୀବନଯାପନ କରୁଛନ୍ତି, ଯେଉଁଠାରେ ପାଣି ମଧ୍ୟ ଏକ ମାରାତ୍ମକ ଶତ୍ରୁ ହୋଇଉଠିଛି ।


## ଚିଦାମ୍ବରମଙ୍କ ବୟାନକୁ ନେଇ ରାଜନୀତି ସରଗରମ



ନୂଆଦିଲ୍ଲୀ : ଲୋକ ସଭାରେ ଖୁବ ଶୀଘ୍ର ପହଲଗାମ ଆକ୍ରମଣ ଏବଂ ଅପରେଶନ ସିନ୍ଦୂର ଉପରେ ଆଲୋଚନା କରାଯିବ। ସଂସଦରେ ଆଲୋଚନା ପୂର୍ବରୁ ବରିଷ୍ଠ କଂଗ୍ରେସ ନେତା ପି ଚିଦାମ୍ବରମ ଏପରି ଏକ ବୟାନ ଦେଇଥିଲେ, ଯାହା ପରେ ଏକ ବଡ଼ ରାଜନୈତିକ ହଙ୍ଗାମା ସୃଷ୍ଟି ହୋଇଥିଲା। ଏକ ସାକ୍ଷାତକାର ସମୟରେ ପି ଚିଦାମ୍ବରମ କହିଥିଲେ ଯେ ପହଲଗାମ ଆକ୍ରମଣରେ ଘରୋଇ ଆତଙ୍କବାଦୀମାନେ ସାମିଲ ହୋଇପାରନ୍ତି। ସେ ପଚାରିଥିଲେ ଯେ ପ୍ରମାଣରୁ ଜଣାପଡୁଛି ଯେ ଆତଙ୍କବାଦୀମାନେ ପାକିସ୍ତାନରୁ ଆସିଥିଲେ। ପି ଚିଦାମ୍ବରମଙ୍କ ଏହି ବୟାନ ପରେ, ଭାଜପା କଂଗ୍ରେସ ଉପରେ ଆକ୍ରମଣାତ୍ମକ ହୋଇଗଲାଣି। ବିଜେପି ଅଭିଯୋଗ କରିଛି ଯେ କଂଗ୍ରେସ ସର୍ବଦା ଶତ୍ରୁକୁ ରକ୍ଷା କରିବା ପାଇଁ ପଛକୁ ହଟିଥାଏ।

ଏହି ସମୟରେ, ଚିଦାମ୍ବରମଙ୍କ ଏହି ବୟାନ ଉପରେ ଭାଜପା ଆକ୍ରମଣାତ୍ମକ ହୋଇଗଲାଣି। ଭାଜପା ଆଇଟି ସେଲ ମୁଖ୍ୟ ଅମିତ ମାଳବ୍ୟ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟରେ ପି ଚିଦାମ୍ବରମଙ୍କ ସାକ୍ଷାତକାରର ଏକ ଭିଡିଓ ଶେୟାର କରିଛନ୍ତି। ଏହା ସହିତ, ସେ ଲେଖିଛନ୍ତି ଯେ ୟୁପିଏ ଯୁଗର ପୂର୍ବତନ ଗୃହମନ୍ତ୍ରୀ ଏବଂ କୁଖ୍ୟାତ ଭଗୁଆ ଆତଙ୍କବାଦ ତତ୍ତ୍ୱର ମୂଳ ପ୍ରବର୍ତ୍ତକ ପି. ଚିଦାମ୍ବରମ ପୁଣି ଥରେ ଗର୍ବ ଅନୁଭବ କରୁଛନ୍ତି: ସେମାନେ (ଘଓଇ) ଆତଙ୍କବାଦୀମାନଙ୍କୁ ଚିହ୍ନଟ କରିଛନ୍ତି କି ସେମାନେ କେଉଁଠାରୁ ଆସିଛନ୍ତି ? ଆମେ ଯେତେଦୂର ଜାଣିଛୁ, ସେମାନେ ସ୍ଥାନୀୟ ଆତଙ୍କବାଦୀ ହୋଇପାରନ୍ତି। ଆପଣ କାହିଁକି ଅନୁମାନ କରୁଛନ୍ତି ଯେ ସେମାନେ ପାକିସ୍ତାନରୁ ଆସିଛନ୍ତି ? ଏହାର କୌଣସି ପ୍ରମାଣ ନାହିଁ।' ପୋଷ୍ଟରେ ମାଲବ୍ୟ ଆହୁରି କହିଛନ୍ତି ଯେ ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ପୁଣିଥରେ କଂଗ୍ରେସ ପାକିସ୍ତାନକୁ କ୍ଲିନ ଚିଟ ଦେବାକୁ ତତ୍ପର ହୋଇଛି। ଯେତେବେଳେ ଆମର ସେନା ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦର ସମ୍ମୁଖୀନ ହୁଏ, ସେତେବେଳେ କାହିଁକି କଂଗ୍ରେସ ନେତାମାନେ ଭାରତ ପାଇଁ ବିରୋଧୀଙ୍କ ଅପେକ୍ଷା ଇସଲାମାବାଦର ପ୍ରତିରକ୍ଷା ଓକିଲ ପରି ଦେଖାଯାଆନ୍ତି ? ଯେତେବେଳେ ଜାତୀୟ ସୁରକ୍ଷା କଥା ଆସେ, ଏଥିରେ କୌଣସି ଅସ୍ପଷ୍ଟତା ରହିବା ଉଚିତ ନୁହେଁ। କିନ୍ତୁ କଂଗ୍ରେସ ସହିତ ଏହା କେବେବି ନୁହେଁ – ସେମାନେ ସର୍ବଦା ଶତ୍ରୁକୁ ସୁରକ୍ଷା ଦେବା ପାଇଁ ଯଥାସମ୍ଭବ ଚେଷ୍ଟା କରନ୍ତି।

## ନିଃସର୍ତ୍ତ ଯୁଦ୍ଧ ବିରତି ପାଇଁ ରାଜି ହେଲେ କାମ୍ବୋଡ଼ିଆ ଓ ଥାଇଲାଣ୍ଡ



ନିଃସର୍ତ୍ତ ଯୁଦ୍ଧବିରତି ପାଇଁ ସହମତ ହୋଇଛନ୍ତି କାମ୍ବୋଡିଆ ଏବଂ ଥାଇଲାଣ୍ଡ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଚେତାବନୀ ପରେ ଉଭୟ ରାଷ୍ଟ୍ର ଯୁଦ୍ଧ ବିରତି ପାଇଁ ରାଜି ହୋଇଛନ୍ତି। ଏହା ସହିତ ଦୁଇ ଦେଶର ନେତାମାନେ ଟ୍ରମ୍ପଙ୍କୁ ଧନ୍ୟବାଦ ବି ଜଣାଇଛନ୍ତି। ସୋମବାର ମଧ୍ୟରାତ୍ରିରୁ ଯୁଦ୍ଧବିରତି ଲାଗୁ ହେବ। ଗତ ୫ ଦିନ ଧରି ସୀମା ବିବାଦକୁ କେନ୍ଦ୍ର କରି ଥାଇଲାଣ୍ଡ ଏବଂ କାମ୍ବୋଡିଆ ମଧ୍ୟରେ ଯୁଦ୍ଧ ଜାରି ରହିଥିଲା। ଏଥିରେ ୩୫ ଜଣ ପ୍ରାଣ ହରାଇଥିବାବେଳେ ୨ ଲକ୍ଷ ୬୦ ହଜାରରୁ ଅଧିକ ଲୋକ ବିସ୍ଥାପିତ ହୋଇଥିଲେ। ୮୦୦ କିମିର ସୀମାକୁ ନେଇ ଦୁଇ ଦେଶ ମଧ୍ୟରେ ଦଶନ୍ଧି ଧରି ବିବାଦ ଲାଗି ରହିଛି। ଏହାକୁ ନେଇ ଅନେକ ସମୟରେ ଦୁଇ ଦେଶ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥାଏ। କିନ୍ତୁ ଚଳିତଥର ଉଭୟ ଦେଶ ଯୁଦ୍ଧ କ୍ଷେତ୍ରକୁ ଓହ୍ଲାଇଥିଲେ। ଏହା ମଧ୍ୟରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଯୁଦ୍ଧ ବନ୍ଦ କରିବାକୁ ଦୁଇ ଦେଶକୁ କଡ଼ା ଚେତାବନୀ ଦେଇଥିଲେ। ଯୁଦ୍ଧ ବନ୍ଦ ନ କଲେ ଆମେରିକା ଉଭୟ ରାଷ୍ଟ୍ର ସହିତ ବାଣିଜ୍ୟିକ କାରବାର ବନ୍ଦ କରିବ ବୋଲି ଟ୍ରମ୍ପ ଧମକ ଦେଇଥିଲେ। ଶେଷରେ ଦୁଇ ଦେଶ ଯୁଦ୍ଧ ବିରତି ପାଇଁ ସହମତି ପ୍ରକାଶ କରିଥିଲେ।

## ମୋଦୀଙ୍କୁ କଟାକ୍ଷ କଲେ ମମତା

କୋଲକାତା: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମାଳଦ୍ୱୀପ ଗସ୍ତ କରିଥିଲେ । ସେଠାରେ ଦେଶର ୬୦ ତମ ସ୍ୱାଧୀନତା ଦିବସ ଅବସରରେ ମୁଖ୍ୟ ଅତିଥି ଭାବେ ସାମିଲ ହୋଇଥିଲେ ମୋଦୀ । ମୋଦୀଙ୍କ ଏହି ଗସ୍ତ ସମୟରେ ଦୁଇ ଦେଶ ମଧ୍ୟରେ ଏକାଧିକ ଗୁରୁତ୍ୱପୂର୍ଣ୍ଣ ରାଜିନାମା ମଧ୍ୟ ସ୍ୱାକ୍ଷରିତ ହୋଇଛି । ଏହା ସହ ଭାରତ, ମାଳଦ୍ୱୀପକୁ ୪୮୫୦ କୋଟି ଟଙ୍କା ଋଣ ଦେବ ବୋଲି ଘୋଷଣା ହୋଇଛି । ଏହାକୁ ନେଇ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛନ୍ତି । ବେଙ୍ଗଲକୁ କେନ୍ଦ୍ରୀୟ ଅନୁଦାନରୁ ବଞ୍ଚିତ କରାଯାଉଛି ବୋଲି ସେ ଅଭିଯୋଗ କରିଛନ୍ତି । ଏପରିକି ସେ ମାଳଦ୍ୱୀପକୁ ଭାରତ ୪୮୫୦ କୋଟି ଟଙ୍କାର ଲାଇନ୍ ଅଫ୍ କ୍ରେଡିଟ୍ ଦେବାର ଘୋଷଣାକୁ ସମାଲୋଚନା କରିଛନ୍ତି। ସମ୍ବାଦ ସରବରାହ ସଂସ୍ଥା ପିଟିଆଇ ଅନୁଯାୟୀ, ମମତା ବାନାର୍ଜୀ ବୀରଭୂମି ଜିଲ୍ଲାର ବୋଲପୁରରୁ 'ଭାଷା ଆନ୍ଦୋଳନ' ଆରମ୍ଭ କରିଛନ୍ତି । ଏହି ଅବସରରେ ସେ ଖହିଛନ୍ତି ଯେ, ନିଜ ଜୀବନ ତ୍ୟାଗ କରିଦେବେ ପଛେ, କିନ୍ତୁ କାହାକୁ ତାଙ୍କ ଭାଷା ଛଡ଼ାଇ ନେବାକୁ ଦେବେ ନାହିଁ। ସବୁଥର ପରି ଏଥର ମଧ୍ୟ ପ୍ରଧାନମନ୍ତ୍ରୀଙ୍କୁ ମୋଦୀଙ୍କୁ ଟାର୍ଗେଟ କରିବାକୁ ଭୁଲିନାହାନ୍ତି ମମତା । ଆରବ ଦେଶରେ ଶେଖମାନଙ୍କୁ ଆଲିଙ୍ଗନ ସମୟରେ ସେମାନଙ୍କ ଧର୍ମ ପଚାରିଥିଲେ କି ବୋଲି କହି ମୋଦୀଙ୍କୁ କଟାକ୍ଷ କରିଛନ୍ତି ମମତା ବାନାର୍ଜୀ । ଏପରିକି ନିକଟରେ ମୋଦୀଙ୍କ ମାଳଦ୍ୱୀପ ଗସ୍ତକୁ ନେଇ ସେ ପଚାରିଛନ୍ତି, ' ବେଙ୍ଗଲକୁ କେନ୍ଦ୍ରୀୟ ଅନୁଦାନରୁ ବଞ୍ଚିତ କରୁଥିବା ବେଳେ ମାଳଦ୍ୱୀପ ରାଷ୍ଟ୍ରପତିଙ୍କୁ ଆଲିଙ୍ଗନ କରି ୫୦୦୦ କୋଟି ଦେବା ସମୟରେ ତାଙ୍କୁ ଧର୍ମ ସଂପର୍କରେ ପଚାରିଥିଲେ କି ।' ସେପଟେ ଭାଷା ଆଧାରରେ ବିଭାଜନ ଚାହାଁନ୍ତି ନାହିଁ ବୋଲି କହିଛନ୍ତି ମମତା । ଏହା ସହ ବଙ୍ଗାଳୀ ପ୍ରବାସୀମାନଙ୍କ ଉପରେ ହେଉଥିବା ଆକ୍ରମଣର ସେ ପ୍ରତିବାଦ ବି କରିଛନ୍ତି । ବଙ୍ଗଳା ଭାଷାଭାଷୀ ପ୍ରବାସୀଙ୍କୁ ଟାର୍ଗେଟ କରି ପଶ୍ଚିମବଙ୍ଗରେ ଘଜଉ ଲାଗୁ କରିବାକୁ ଚେଷ୍ଟା କରୁଥିବା ନେଇ ସେ କେନ୍ଦ୍ର ଏବଂ ନିର୍ବାଚନ କମିଶନଙ୍କ ଉପରେ ଅଭିଯୋଗ କରିଛନ୍ତି ।

# ଭାରତ-ବାଂଲାଦେଶ ସୀମାରେ ବିଏସ୍‌ଏଫ୍‌କୁ ଡବଲ ଚ୍ୟାଲେଞ୍ଜ



ଭାରତର- ବାଂଲାଦେଶ ସୀମାରେ ବିଏସ୍ଏଫ୍ ପାଇଁ ଡବଲ ଚ୍ୟାଲେଞ୍ଜ। ଗତ ବର୍ଷ ୫ ଅଗଷ୍ଟରେ ବାଂଲାଦେଶରେ ଶେଖ୍ ହସିନା ସରକାରଙ୍କ ପତନ ପରେ ଏବେ ବଢିଛି ମୁସଲମାନ କଟ୍ଟରପନ୍ଥୀଙ୍କ ଦବଦବା। ଯାହାକି ପାକିସ୍ତାନୀ ଗୁଇନ୍ଦା ଏଜେନ୍ସି ଆଇଏସ୍ଆଇ ଦ୍ୱାରା ପରିଚାଳିତ। ଏହି କାରଣରୁ ଭାରତର ଚିନ୍ତା ଖୁବ୍ ବଢିଛି। ବଦଳୁଥିବା ସ୍ଥିତିରେ ବିଏସ୍ଏଫର ଚାପ ବଢଛି। ଏବେ କେବଳ ବେଆଇନ୍ ବାଂଲାଦେଶୀ ଅନୁପ୍ରବେଶକାରୀ ନୁହେଁ ବଂର ଭାରତରେ ତାଙ୍କୁ ସୁରକ୍ଷା ଦେଉଥିବା ଅପରାଧୀଙ୍କର ବି ସାମନା କରିବାକୁ ପଡିଛି। ଏଭଳି ସଙ୍କଟର ମୁକାବିଲା କରିବା ପାଇଁ ସରକାର କିଛି ପଦକ୍ଷେପ ଗ୍ରହଣ କରିଛନ୍ତି।

ପିଟିଆଇର ସୂଚନା ଅନୁଯାୟୀ, ଗୃହ ମନ୍ତ୍ରଣାଳୟ ବିଏସଏଫର ସୁରକ୍ଷା ଚ୍ୟାଲେଞ୍ଜକୁ ଦୃଷ୍ଟିରେ ରଖି ସେମାନଙ୍କ ପାଇଁ କିଛି ଉପକରଣ ମଞ୍ଜୁର କରିଛି। ଏଥିରେ ପ୍ରାୟ ୫୦୦୦ ଅତ୍ୟାଧୁନିକ ବଡି କ୍ୟାମେରା ରହିଛି। ଯାହା ନାଇଟ୍-ଭିଜନ୍ ଡିଭାଇସ୍ ସହିତ ରହିଛି। ଏହା ବ୍ୟତୀତ, ବିଏସଏଫ ପୋଷ୍ଟ ଗୁଡ଼ିକରେ ବାୟୋମେଟ୍ରିକ୍ ଡିଭାଇସ୍ ମଧ୍ୟ ଉପଲବ୍ଧ କରାଯାଉଛି। ସରକାର ବିଏସଏଫକୁ ବୈଷୟିକ ଭାବରେ ମଜବୁତ କରୁଛନ୍ତି ଯାହା ଦ୍ୱାରା ଏହା କେବଳ ସୀମାରେ ପାଟ୍ରୋଲିଂ କରିବ ନାହିଁ ସମସ୍ୟା ସହିତ ଜଡିତ ପ୍ରମାଣ ସଂଗ୍ରହ ମଧ୍ୟ କରିବ। ଭାରତ-ବାଂଲାଦେଶ ସୀମାରେ ବିଏସଏଫ ସୈନିକଙ୍କ ପାଇଁ ଦୁଇଟି ଚ୍ୟାଲେଞ୍ଜ ରହିଛି। ପ୍ରଥମତଃ, ସେମାନେ ବେଆଇନ ଅନୁପ୍ରବେଶକୁ ବନ୍ଦ କରନ୍ତି, ଜାଲ ନୋଟର କଳା ବ୍ୟବସାୟକୁ ରୋକିବା, ନିଶାଦ୍ରବ୍ୟ ଚୋରାଚାଲାଣ ଉପରେ ନଜର ରଖନ୍ତି ଏବଂ ଗୋରୁ ଚାଲାଣ ସହିତ ମାନବ ଚାଲାଣକୁ ବନ୍ଦ କରିବାର ଦାୟିତ୍ୱ ମଧ୍ୟ ନିଅନ୍ତି। କିନ୍ତୁ, ଏହି କର୍ତ୍ତବ୍ୟ ସମୟରେ, ସେମାନଙ୍କୁ ଦେଶୀ ଏବଂ ବିଦେଶୀ ଉଭୟ ପକ୍ଷର ଅପରାଧୀଙ୍କ ସହିତ ମଧ୍ୟ ମୁକାବିଲା କରିବାକୁ ପଡ଼ିଥାଏ, ଯେଉଁମାନେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କଠାରୁ ଆରମ୍ଭ କରି ସମସ୍ତ ବେଆଇନ କାର୍ଯ୍ୟକଳାପ ଜାରି ରଖିବାକୁ ଚାହାଁନ୍ତି। ଗତ ବର୍ଷ ମଧ୍ୟ ବିଏସଏଫ ଉପରେ ଅନେକ ଅପରାଧିକ ଆକ୍ରମଣ ହୋଇଛି । ଚଳିତ ବର୍ଷର ପ୍ରଥମ ୬ ମାସରେ ଅନେକ ଘଟଣା ସାମ୍ନାକୁ ଆସିଛି। ଚଳିତ ବର୍ଷ ଜୁନ୍ ସୁଦ୍ଧା ୩୫ଟି ଏପରି ମାମଲା ସାମ୍ନାକୁ ଆସିଛି ଯେଉଁଥିରେ ବିଏସଏଫ ସୈନିକଙ୍କ ଉପରେ ଆକ୍ରମଣ ହୋଇଛି। ଗତ ବର୍ଷ ୭୭ଟି ଏପରି ଘଟଣା ନେଇ ଜଣାପଡିଥିଲା।

# କମିଶନରେଟ ପୁଲିସର ଆଣ୍ଟି ଡ୍ରଗ୍ସ ଅପରେସନ

ଭୁବନେଶ୍ୱର: କମିଶନରେଟ ପୋଲିସର ଆଣ୍ଟି ଡ୍ରଗ୍ସ ଅପରେସନ । ରାଜଧାନୀର ବିଭିନ୍ନ ଚାହା ଓ ପାନ ଦୋକାନରେ ସ୍ପେଶାଲ କ୍ରାଇମ ୟୁନିଟ ରେଡ୍ କରିଛି । ଖଣ୍ଡଗିରି ଅଂଚଳରେ ଚଢ଼ାଉ ଜାରି ରଖିଛି ପୋଲିସ । ଚଢ଼ାଉ ବେଳେ କିଛି ଦୋକାନରୁ ଗଞ୍ଜେଇ ମିଳିବା ପରେ ଦୋକାନୀଙ୍କୁ ଉଠେଇ ନେଇଛି ପୋଲିସ ।

# ହେପାଟାଇଟିସ୍ ସମ୍ପର୍କରେ ସଚେତନତା ସୃଷ୍ଟି କରିବାକୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଆହ୍ୱାନ

ଭୁବନେଶ୍ୱର, ହେପାଟାଇଟିସ୍ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରିବାକୁ ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ ଆହ୍ୱାନ ଦେଇଛନ୍ତି । ଏନେଇ ସୋସିଆଲ ମିଡିଆ ଏକ୍ସରେ ମନ୍ତ୍ରୀ କହିଛନ୍ତି ଯେ, ହେପାଟାଇଟିସ୍ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ଆଜି ପାଳନ ହେଉଛି 'ବିଶ୍ୱ ହେପାଟାଇଟିସ୍ ଦିବସ' । ଏହି ଭୂତାଣୁ ଜନିତ ଦୁଃସାଧ ରୋଗଠୁ ଦୂରେଇ ରହିବା ପାଇଁ ସତର୍କ ହେବା ଏବଂ ଅଧିକରୁ ଅଧିକ ସଚେତନତା ସୃଷ୍ଟି କରିବା ପାଇଁ ସଂକଳ୍ପବଦ୍ଧ ହେବା। ମନ୍ତ୍ରୀ କହିଛନ୍ତି ଯେ, ନବଜାତ ଶିଶୁକୁ ଜନ୍ମର ୨୪ ଘଣ୍ଟା ମଧ୍ୟରେ ହେପାଟାଇଟିସ୍ ପ୍ରତିଷେଧକ ଟିକା ଦେବାକୁ କେବେବି ଭୁଲନ୍ତୁ ନାହିଁ। ଏହା ସମସ୍ତ ସରକାରୀ ଡାକ୍ତରଖାନାରେ ବିନା ମୂଲ୍ୟରେ ଉପଲବ୍ଧ।

# ପ୍ରକୃତିର ସୁରକ୍ଷା ଓ ସଂରକ୍ଷଣ ହେଉଛି ଆମର ଦାୟିତ୍ୱ: ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର : ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ଅବସରରେ ପ୍ରକୃତିର ସୁରକ୍ଷା ଓ ସଂରକ୍ଷଣ ହେଉଛି ଆମର ଦାୟିତ୍ୱ ବୋଲି କହିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମନ୍ତ୍ରୀ କହିଛନ୍ତି ଯେ, ପ୍ରକୃତି ଆମ ବଞ୍ଚିବାର ମାଧ୍ୟମ, ପ୍ରକୃତି ବିନା ଜୀବନ ଅସମ୍ଭବ, ତେଣୁ ଏହାର ସୁରକ୍ଷା ଓ ସଂରକ୍ଷଣ ହେଉଛି ଆମର ଦାୟିତ୍ୱ। ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ଉପଲକ୍ଷେ ଆସନ୍ତୁ ଏଥିପ୍ରତି ଯତ୍ନବାନ ହେବା। ଅଧିକରୁ ଅଧିକ ବୃକ୍ଷରୋପଣ କରିବା ସହ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଶପଥ ନେବା।

# ହେପାଟାଇଟିସ୍ ସଚେତନତା ସୃଷ୍ଟି କରିବାକୁ ନବୀନଙ୍କ ଆହ୍ୱାନ

ଭୁବନେଶ୍ୱର : ହେପାଟାଇଟିସ୍ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରିବାକୁ ଆହ୍ୱାନ ଦେଇଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଏନେଇ ସୋସିଆଲ ମିଡିଆ ଏକ୍ସରେ ନବୀନ କହିଛନ୍ତି ଯେ, ହେପାଟାଇଟିସ୍ ହେଉଛି ଯକୃତର ଏକ ସୋଜା ଅବସ୍ଥା, ଯାହା ସାରା ବିଶ୍ୱରେ ଲକ୍ଷଲକ୍ଷ ଲୋକଙ୍କୁ ପ୍ରଭାବିତ କରେ। ବିଶ୍ୱ ହେପାଟାଇଟିସ୍ ଦିବସରେ ଆସନ୍ତୁ ଏହି ସାଧ ରୋଗ ସଂପର୍କରେ ସଚେତନତା ସୃଷ୍ଟି କରିବା, ରୋଗ ଚିହ୍ନଟ ଓ ଚିକିତ୍ସାର ସୁବିଧା ବୃଦ୍ଧି କରି ଅମୂଲ୍ୟ ପ୍ରାଣ ବଞ୍ଚାଇବା ପାଇଁ ଉଦ୍ୟମ କରିବା।

# ପିସିଆର ଭ୍ୟାନ୍‌କୁ ଧକ୍କା ଦେଲା କାର, ୮ ଆହତ

କୋଣାର୍କ (ପିପିଏସ): କୋଣାର୍କ- ପୁରୀ ବେଳାମାର୍ଗ ରାସ୍ତାର ନିଆଖିଆ ବ୍ରିଜ ନିକଟରେ ରାସ୍ତା ଉପରେ ଠିଆ ହୋଇଥିବା ଟୁରିଷ୍ଟ ପୋଲିସ ପିସିଆର ଭ୍ୟାନକୁ ଏକ କାର୍ ଧକ୍କା ଦେବାରେ କାର୍‌ରେ ଟୁରିଷ୍ଟ ପୋଲିସ ଭ୍ୟାନରେ ଥିବା ୩ ପୁଲିସ କର୍ମଚାରୀଙ୍କ ସମେତ କାରରେ ଥିବା ୫ଜଣ ପର୍ଯ୍ୟଟକ ଆହତ ହୋଇଥିବା ଜଣାପଡିଛି। ସୂଚନାରୁ ଜଣାପଡେକି ରବିବାର ଅପରାହ୍ନ ୧୨ ଘଟିକା ସମୟରେ ପୁରୀ ପଟୁ କୋଣାର୍କ ଆସୁଥିବା ଏକ କାର ନଂ ଓଡି- ୦୨- ସିଏଲ- ୫୬୭୦ ରାସ୍ତା ପାର୍ଶ୍ୱରେରେ ଠିଆ ହୋଇଥିବା ଟୁରିଷ୍ଟ ପୋଲିସ ପିସିଆର ଭ୍ୟାନକୁ ପଛପଟୁ ଧକ୍କା ଦେଇଥିଲା। ଫଳରେ କାରରେ ଥିବା ପର୍ଯ୍ୟଟକଙ୍କ ସମେତ ପୁଲିସ କର୍ମଚାରୀ ଆହତ ହୋଇଥିବା ବେଳେ ଘଟଣାସ୍ଥଳରେ ରାମଚଣ୍ଡୀ ଥାନା ଅଧିକାରୀ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ପୁରୀ ମେଡିକାଲକୁ ପଠାଇଥିଲେ। ପ୍ରାଥମିକ ତଦନ୍ତରୁ ଜଣାପଡେକି କାର ଚାଳକଙ୍କ ଆଖି ଲାଗିଯିବାରୁ ଏପରି ଦୁର୍ଘଟଣା ଘଟିଛି ବୋଲି ଅନୁମାନ କରାଯାଇଛି ।

# ଆୟୁଷ୍ମାନ ଯୋଜନାରେ ରାଜ୍ୟରେ ୩ ମାସରେ ଅଢେଇ ଲକ୍ଷ ପାଇଲେଣି ଚିକିତ୍ସା

ଭୁବନେଶ୍ୱର: ଆୟୁଷ୍ମାନ ଯୋଜନା ଅଧିନରେ ତିନି ମାସରେ ଓଡ଼ିଶାର ଅଢ଼େଇ ଲକ୍ଷ ଲୋକଙ୍କୁ ମିଳିଲାଣି ଚିକିତ୍ସା ସୁବିଧା। ନୂଆ ସରକାର ଆସିବା ଏପ୍ରିଲ ୧୧ ତାରିଖରେ ଓଡ଼ିଶାରେ ଲାଗୁ ହୋଇଥିଲା ଆୟୁଷ୍ମାନ ଭାରତ ଯୋଜନା। ଲୋକସଭାରେ କେନ୍ଦ୍ର ସ୍ୱାସ୍ଥ୍ୟ ରାଷ୍ଟ୍ର ମନ୍ତ୍ରୀ ରଖିଥିବା ତଥ୍ୟ ଅନୁଯାୟୀ ଏପ୍ରିଲ ୧୧ ରୁ ଜୁନ ୩୦ ତାରିଖ ମଧ୍ୟରେ ଅର୍ଥାତ ତିନି ମାସରେ ରାଜ୍ୟର ୨ ଲକ୍ଷ ୬୨ ହଜାର ୯୧ ଜଣ ଲୋକଙ୍କୁ ଆୟୁଷ୍ମାନ ଯୋଜନାରେ ଚିକିତ୍ସା ସୁବିଧା ମିଳିଛି । ସେହିପରି ବର୍ତ୍ତମାନ ସୁଦ୍ଧା ରାଜ୍ୟର ୩ କୋଟି ୪୪ ଲକ୍ଷ ୭୨ ହଜାର ୨୩୭ ଜଣ ଲୋକଙ୍କର ହୋଇ ସାରିଲାଣି ଆୟୁଷ୍ମାନ କାର୍ଡ । ଆୟୁଷ୍ମାନ ହିତାଧିକାରୀଙ୍କ ସଂଖ୍ୟାରେ ଦ୍ୱିତୀୟ ସ୍ଥାନରେ ରହିଛି ଓଡ଼ିଶା।

ଉତ୍ତର ପ୍ରଦେଶରେ ସର୍ବାଧିକ ୪ କୋଟି ୩୩ ଲକ୍ଷ ୪୪ ହାଜର ୬୮୮ ଜଣ ଲୋକ ଆୟୁଷ୍ମାନ ଯୋଜନାରେ ସାମିଲ ହୋଇଥିବା ବେଳେ ଦ୍ୱିତୀୟ ସ୍ଥାନରେ ରହିଛି ଓଡ଼ିଶା । ରାଜ୍ୟର ୩ କୋଟି ୪୪ ଲକ୍ଷ ୭୨ ହଜାର ୨୩୭ ଜଣ ଲୋକ ବର୍ତ୍ତମାନ ସୁଦ୍ଧା ଆୟୁଷ୍ମାନ ଯୋଜନାରେ ସାମିଲ ହୋଇଛନ୍ତି । ସେହିପରି ତୃତୀୟରେ ରହିଛି ବିହାର । ଯେଉଁଠି ୩ କୋଟି ୨୦ ଲକ୍ଷ ୧୬ ହଜାର ୭୮ ଜଣ ଲୋକ ଆୟୁଷ୍ମାନ ଯୋଜନାରେ ସାମିଲ ହୋଇଛନ୍ତି ।

# ଗୋରେଖନାଥଙ୍କୁ ଜଳଲାଗି କଲେ ୫୦ ହଜାରରୁ ଊର୍ଦ୍ଧ୍ୱ କାଉଡ଼ିଆ

## ଟ୍ରାଫିକ ଜାମ ମୁଖ୍ୟ ସମସ୍ୟା

ରଘୁନାଥପୁର (ପିପିଏସ): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ କେରେକେରା ସ୍ଥିତ ପ୍ରସିଦ୍ଧ ବିଭୂତି କ୍ଷେତ୍ର ପ୍ରଭୁ ଗୋରେଖନାଥଙ୍କୁ ୫୦ ହଜାରରୁ ଊର୍ଦ୍ଧ୍ୱ କାଉଡ଼ିଆ ଜଳଲାଗି କରିଥିବାର ବରିଷ୍ଠ କମିଟି ସଦସ୍ୟ ପ୍ରମୋଦ କୁମାର ମହାନ୍ତି ପ୍ରକାଶ କରିଛନ୍ତି ।ଶ୍ରାବଣ ମାସ ତୃତୀୟ ସୋମବାରରେ ପ୍ରଭୁଙ୍କୁ ଜଳଲାଗି ପାଇଁ କାଉଡ଼ିଆମାନଙ୍କ ରବିବାର ସକାଳୁ ପୀଠକୁ ଆଗମନ ହୋଇଥିଲା। ପୂର୍ବାହ୍ନରୁ ଶ୍ରଦ୍ଧାଳୁ ମାନସିକଧାରୀଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇଥିଲା। ସନ୍ଧ୍ୟା ସୁଧା ପୀଠ ପରିସରରେ ଖୁଦ ପକାଇବାକୁ ଜାଗା ମିଳିନଥିଲା ।ପୀଠକୁ ଆସୁଥିବା ହଜାର ହଜାର କାଉଡ଼ିଆ ତାରପୁର ବାଇପାସ ଠାରୁ ଜଇପୁର ଛକ ମଧ୍ୟରେ ବିଭିନ୍ନ ସ୍ଥାନରେ ଅଟକି ରହି ବିଶ୍ରାମ ନେଇଥିଲେ। ପୁନଃ ମଧ୍ୟରାତ୍ରରୁ ନିତ୍ୟକର୍ମ ସାରି ସେମାନେ ପୀଠ ଅଭିମୁଖ୍ୟ ଯାତ୍ରା କରିଥିଲେ ।ମୁଖ୍ୟ ରାସ୍ତାରୁ ପୀଠକୁ ଆସିବାକୁ ଥିବା ଉଭୟ ପାର୍ଶ୍ୱ



ରାସ୍ତାରେ ପ୍ରତି ମୁହୂର୍ତ୍ତରେ ଟ୍ରାଫିକ ଜାମ ପରିସ୍ଥିତି ସୃଷ୍ଟି ହୋଇଥିଲା ।ଶତାଧିକ ଯାନବାହାନ ରାସ୍ତା ଉପରେ ଫସି ରହିଥିବାର ଦେଖାଯାଇଥିଲା ।ଆବଶ୍ୟକ ସଂଖ୍ୟକ ପୋଲିସ ମୁତୟନ ନଥିବାରୁ ଭିଡକୁ ନିୟନ୍ତ୍ରଣ କରିବା ସମ୍ଭବ ହୋଇନଥିଲା।

ଫଳରେ ସାଧାରଣଜନତା ଅସୁବିଧାରେ ସମ୍ମୁଖିନ ହୋଇଥିଲେ ।କାଉଡିଆଙ୍କ ରହଣି ପାଇଁ ପୀଠ ପରିସରରେ ଟେଣ୍ଟ ଓ ପାଣିଭାର ରଖିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା ।ଏହାଛଡା ଫାଷ୍ଟେଡ ବ୍ୟବସ୍ଥା,ପର୍ଯ୍ୟାପ୍ତ ପାନୀୟଜଳ, ଆଲୋକିକରଣ ଓ ଅସ୍ଥାୟୀ ଶୌଚାଳୟ ବ୍ୟବସ୍ଥା ହୋଇଥିଲା। ପ୍ରବଳ ଭିଡକୁ ଦୃଷ୍ଟିରେ ରଖି ପୀଠ ପ୍ରଶାସନ ଓ ପୋଲିସ ସହଯୋଗରେ ରାତି ୧୨ ଟା ୩୦ ରୁ ପ୍ରଭୁଙ୍କ ପହୁଡ଼ ଖୋଲିବା ପରେ କାଉଡ଼ିଆମାନେ ବ୍ୟାରିକେଡରେ ଆସି ପ୍ରଭୁଙ୍କୁ ଜଳଲାଗି କରିଥିଲେ। ପୋଲିସ ଓ ସେଚ୍ଛାସେବିମାନେ ଉପସ୍ଥିତ ରହି ଶୃଙ୍ଖଳିତ ଜଳଲାଗିର ବ୍ୟବସ୍ଥା କରିଥିଲେ ।ତିର୍ତ୍ତୋଲ ତହସିଲଦାର ମହେଶ୍ୱର ବେହେରା ଓ ଅତିରିକ୍ତ ତହସିଲଦାର ତପସ୍ୱିନୀ ନାୟକ ମାଜିଷ୍ଟ୍ରେଟ ଦାୟୀତ୍ୱରେ ରହିଥିଲେ। ପୀଠକୁ ଲାଗି ୮ ଟି ସେଚ୍ଛାସେବି ସଂସ୍ଥା ପକ୍ଷରୁ ଆଗନ୍ତୁକ କାଉଡିଆଙ୍କ ପାଇଁ ମାଗଣା ଖାଦ୍ୟପେୟର ବ୍ୟବସ୍ଥା କରାଯାଇଥିଲା। ତିର୍ତ୍ତୋଲ ଆଇଆଇସି ପ୍ରଦୀପ୍ତ କୁମାର ସେଠି ଓ ରଘୁନାଥପୁର ଆଇଆଇସି ସୁଶାନ୍ତ କୁମାର ସେଠି ବିଭିନ୍ନ ସ୍ଥାନରେ ରହି ପାଣିଢଳା ପର୍ବକୁ ପରିଚାଳିତ କରିଥିଲେ। କମିଟି ସଦସ୍ୟ ମହାନ୍ତି, ଗ୍ରାମ୍ୟ କମିଟି ପକ୍ଷରୁ ଆଇନଜୀବି ଜୀବନ ବଲ୍ଲଭ ମହାନ୍ତି ଓ କର୍ମଚାରୀ ସରୋଜ କୁମାର ସାହାଣୀ ଏଥିରେ ପୂର୍ଣ୍ଣ ସହଯୋଗ କରିଥିଲେ। ଅସମ୍ଭବ ଭିଡ ଯୋଗୁଁ ପ୍ରଭୁଙ୍କ ସମ୍ମୁଖରୁ ଅଫିସ ପର୍ଯ୍ୟନ୍ତ ଥିବା ବ୍ୟାରିକେଡ଼କୁ ଖୋଲି ଦିଆଯାଇଥିଲା। ଅପରାହ୍ନ ୨ ଟା ପର୍ଯ୍ୟନ୍ତ ଜଳଲାଗି ପାଇଁ ଶ୍ରଦ୍ଧାଳୁଙ୍କ ଆଗମନ ହୋଇଥିଲା। ଶୃଙ୍ଖଳାର ସହ ଜଳଲାଗି ଉତ୍ସବ ଶେଷ ହୋଇଥିବାବେଳେ ପରିବେଶକୁ ପରିଷ୍କାର ପରିଚ୍ଛନ୍ନ ପାଇଁ ଦୁଇଦିନ ଲାଗିବ ବୋଲି କମିଟି କର୍ମକର୍ତ୍ତାଙ୍କ ଠାରୁ ପ୍ରକାଶ। ଅନୁକୂଳ ପାଗ ତଥା ବହୁ ସଂଖ୍ୟାରେ ଭକ୍ତଙ୍କ ଆଗମନ ହେତୁ ଚତୁର୍ପାର୍ଶ୍ୱରେ ଥିବା ବ୍ୟବସାୟୀମାନେ ରାତି ଉଜାଗର ରହି ବେଶ ଦିପଇଶା ରୋଜଗାର କରିଥିଲେ।

## ଅଧା ବାଟରେ ଖରାପ ହୋଇଗଲା ୧୦୮ ଆମ୍ବୁଲାନ୍ସ

# ବିଷ ପିଇଥିବା ରୋଗୀ ଯନ୍ତ୍ରଣାରେ ଛଟପଟ

ଅସ୍ତରଙ୍ଗ (ପିପିଏସ୍): ରୋଗୀଙ୍କୁ ନେଇ ଯାଉଥିବା ଆମ୍ବୁଲାନ୍ସ ଅଧା ବାଟରେ ପମ୍ପଚର ହୋଇଗଲା। ଫଳରେ ଆମ୍ବୁଲାନ୍ସ ଭିତରେ ଦୀର୍ଘ ସମୟ ଧରି ଛଟପଟ ହେଲେ ରୋଗୀ। ପୁରୀ ଜିଲ୍ଲା ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ରୁ ସୋମବାର ଦିନ ଅପରାହ୍ନ ୩ଘ ୨୪ମିନିଟ ସମୟରେ କଣ୍ଟାପଡା ଗ୍ରାମର ଝରଣା ଦାସ (୪୨)ବିଷ ପିଇଦେଇଥିବାରୁ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ପୁରୀ ହସ୍ପିଟାଲ ସ୍ଥାନାଂତର କରାଯାଇଥିଲା। କିନ୍ତୁ ଗୁରୁତର ରୋଗୀ କୁ ନେଇ ଯାଉଥିବା ଆମ୍ବୁଲାନ୍ସ କାକଟପୁରରୁ କୋଣାର୍କ ମୁଖ୍ୟ ରାସ୍ତା ଇନ୍ଦୀରାବଜାର ନିକଟରେ ଗାଡି ପମ୍ପଚର ହେବାରୁ ଦୀର୍ଘ ସମୟ ରୋଗୀ ଯନ୍ତ୍ରଣା ଭୋଗୀଥିଲା। ରୋଗୀ ଜଣକ କଷ୍ଟ ପାଉଥିଲେ ମଧ ଏ ନେଇ ୧୦୮ଆମ୍ବୁଲାନ୍ସ ପକ୍ଷରୁ କୌଣସି ତ୍ୱରିତ ପଦକ୍ଷେପ ନିଆଯାଇ ନଥିଲା। ଘଟଣା ଜଣା ପଡିବା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ୧୦୮ଆମ୍ବୁଲାନ୍ସ ଆବଶ୍ୟକ ରକ୍ଷଣା ବେକ୍ଷଣ ଓ ମରାମତି କରାଯାଉ ନଥିବା ଯୋଗୁଁ ବାରମ୍ବାର ଏଭଳି ଘଟଣା ବିଭିନ୍ନ ସମୟରେ ଘଟୁଥିବା ଓ ରୋଗୀ ମାନେ ହଇରାଣ ହେଉଥିବା ସାଧାରଣରେ ଚର୍ଚ୍ଚା ହେଉଛି।

# ଅଗ୍ନିବିପନ୍ନ ପରିବାରକୁ 'ସବୁଜ ଶାଖା' ତରଫରୁ ସହାୟତା

ଅସ୍ତରଙ୍ଗ (ପିପିଏସ୍): ଶନିବାର ବିଳମ୍ବିତ ରାତ୍ରରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ତହସିଲ ଅନ୍ତର୍ଗତ ଉଦୟକଣି ଗ୍ରାମର କପିଳେନ୍ଦ୍ର କାଣ୍ଡି ଘରେ ଭୟାବହ ଅଗ୍ନିକାଣ୍ଡ ଘଟି ସମ୍ପୂର୍ଣ୍ଣ ୩ ବଖରା ଚାଳ ଘର ପୋଡି ପାଉଁଶ ହୋଇଯାଇଥିଲା। ଏହି ଅଗ୍ନିକାଣ୍ଡ ରେ ଝିଅ ବାହାଘର ପାଇଁ ରଖିଥିବା ସୁନା, ଅଳଙ୍କାର ସମେତ ଘରେ ଥିବା ବର୍ଷକର ଆହର, ଆସବାବପତ୍ର, ଗୁରୁତ୍ୱପୂର୍ଣ୍ଣ କାଗଜ ପତ୍ର, ସ୍କୁଟି, ସାଇକେଲ ପୋଡି ପାଉଁଶ ହୋଇଯାଇଥିଲା। ସର୍ବଶ୍ୱ ହରାଇ ପରିବାର ଅସହାୟ ଅବସ୍ଥାରେ ଜୀବନ ନିର୍ବାହ କରୁଛନ୍ତି। ଏହି ବିପନ୍ନ ପରିବାର ସମସ୍ୟା ସମ୍ପର୍କରେ ଗଣମାଧ୍ୟମ ରୁ ଜାଣିବା ପରେ ଅସ୍ତରଙ୍ଗ ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'ସବୁଜ ଶାଖା 'ତରଫରୁ ଉପଦେଷ୍ଟା ଦିବାକର ଛାଟୋଇଙ୍କ ନିର୍ଦ୍ଦେଶ କ୍ରମେ ସବୁଜ ଶାଖାର ସଦସ୍ୟମାନେ ଅଗ୍ନିବିପନ୍ନ କପିଳେନ୍ଦ୍ର କାଣ୍ଡି ଙ୍କ ଘରେ ପହଂଚି ଅଗ୍ନି ବିପନ୍ନ ପରିବାର କୁ ପାଲ, ଶୁଖିଲା ଖାଦ୍ୟ, ବସ୍ତ୍ର, ସମେତ ମାସକ ଚାଉଳ, ବିଭିନ୍ନ ରାସନ ସାମଗ୍ରୀ ଓ ଅର୍ଥରାଶି ପ୍ରଦାନ କରିବା ସହ ପରିବାର ବର୍ଗକୁ ସବୁଜ ଶାଖାର ସଭାପତି ରମାକାନ୍ତ ବସ୍ତିଆ,ଦୁଷ୍ମନ୍ତ କୁମାର ପରିଡା, ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ପରିବେଶବିତି ସୌମ୍ୟରଞ୍ଜନ ବିଶ୍ୱାଳ, ସୁମନ, ଦୁର୍ଗାଚରଣ ମହାରଣା ସମେତ ଅନ୍ୟ ସଦସ୍ୟ ପରିବାର ବର୍ଗକୁ ସମବେଦନା ଜଣାଇଥିଲେ।

# ଟ୍ରଷ୍ଟ ପକ୍ଷରୁ ଛାତ୍ରୀଙ୍କୁ ମେଧାବୃତ୍ତି ପ୍ରଦାନ

କେନ୍ଦ୍ରାପଡ଼ା,(ପିପିଏସ୍): ବାଞ୍ଛାନିଧି ଦାସ ଶ୍ରୀମତୀ ଦେବୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଜଣେ ଗରୀବ ମେଧାବୀ ଛାତ୍ରୀଙ୍କୁ ମେଧାବୃତ୍ତି ପ୍ରଦାନ କରାଯାଇଛି। ଟ୍ରଷ୍ଟର ମୁଖ୍ୟ ପୃଷ୍ଠପୋଷକ ସୁଦୂର ଆମେରିକାସ୍ଥିତ ଆଲାସ୍କା ବିଶ୍ୱବିଦ୍ୟାଳୟର ଏମରିଟସ ପ୍ରଫେସର ଡ. ଦେବେନ୍ଦ୍ର କୁମାର ଦାସଙ୍କ ପରାମର୍ଶ କ୍ରମେ ଟ୍ରଷ୍ଟର ଟ୍ରଷ୍ଟି ଭୁବନମୋହନ ଦାସ ରାଜନଗରସ୍ଥିତ କୋଇଲିପୁର ଗ୍ରାମର ଅମୂଲ୍ୟ ରାଉତଙ୍କ ଘରେ ପହଞ୍ଚି ତାଙ୍କ ଝିଅ ତଥା +୨ କଳା ଛାତ୍ରୀ ସୁନିତା ରାଉତଙ୍କୁ ୩ହଜାର ଟଙ୍କା ମେଧାବୃତ୍ତି ପ୍ରଦାନ କରିବା ସହ ତାଙ୍କର ଉତରତ୍ତୋର ଉନ୍ନତିକାମନା କରିଥିଲେ।



# ତାଳଚେର ପୁଲିସକୁ ସଫଳତା: ଚୋର ଗରଫ, ଚୋରି ସାମଗ୍ରୀ ଜବତ



ତାଳଚେର,(ପିପିଏସ୍): ଆଜି ଦୁଇଟି ଚୋରି କେସ ଓ ଚୋରି ଯାଇଥିବା ସାମଗ୍ରୀ ଜବତ କରିବାରେ ତାଳଚେର ପୋଲିସ କୁ ବଡ ସଫଳତା ମିଳିଛି ବୋଲି ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ଆଜି ଏସ ଡି ପି ଓ ଭାରତ ଚନ୍ଦ୍ର ସାହୁ ପ୍ରକାଶ କରିଥିଲେ ତାଙ୍କ ସହିତ ଥାନା ଆଇଆଇସି ଓ ଏସ ଆଇଆଇସି ଦିଗ ବିଜୟ ବିଶ୍ୱାଳ ଓ ଏସ ଆଇ ତୁଷାରକାନ୍ତି ମହାନ୍ତି ଉପସ୍ଥିତ ଥିଲେ। ଚଳିତ ମାସ ଆଠ ତାରିଖରେ ବଘୁଆ ବୋଲ ରେଳ ଫାଟକ ନିକଟରେ ଏକ ଡକାୟତ ଓ ନବ ମିଶ୍ର କଲୋନୀ ଏରିଆରେ ଡକାୟତ ପାଇଁ ଉଦ୍ୟମ ହୋଇଥିଲା ଏହି ଘଟଣାରେ ମୋଟ ୮ ଜଣ ଅଭିଯୁକ୍ତ ଗିରଫ ହୋଇଛନ୍ତି। ତାଳଚେର ଥାନା କେସ ନମ୍ବର୍ ୬-୧୬,୬୧୭, ୬୧୯ ୟୁସ ୩୧୦ (୨) ,୩୦୯/ ୬ ବି ଏନ୍ ଏସ ଦଫା, ୩୧୨ ଦଫାରେ କେସ ରୁଜ ହୋଇଛି। ଅଭିଯୋଗ କାରୀ ରାଜେନ୍ଦ୍ର ସିଂ ନିଜ ଅଭିଯୋଗ ରେ କହିଥିଲେ ସେ ରାତିରେ ଘରକୁ ଫେରୁଥିବା ବେଳେ ରେଳ ଫାଟକ ନିକଟରେ ତାଙ୍କୁ ଅଟକାଇ ବିଭିନ୍ନ ପ୍ରକାର ମାରଣାସ୍ତ୍ର ଏକ ଖେଳନା ବନ୍ଧୁକ ଦେଖାଇ ଥିଲେ। ସେହି ଆଧାରରେ ଖୁଜା ଖୋଜି ପରେ ପୋଲିସ ଦେଖିବାକୁ ପାଇଲା ଗଭିଯୁକ୍ତ ମାନେ ଗୋଟିଏ କାର , ଦୁଇଟି ମୋଟର ସାଇକେଲ , କ୍ୟସ ୬୦,୦୦୦, ଦୁଇଟି ସିଲଭାର ଲ୍ୟାପଟପ୍ , ୧୫ ମୋବାଇଲ ସହିତ ବିଭିନ୍ନ ପ୍ରକାର ସାମଗ୍ରୀ ଜବତ ହୋଇଛି। ଅଭିଯୁକ୍ତଙ୍କ ମଧ୍ୟରେ ବାବୁଲ ନାୟକ, ଲିଟୁ ନାୟକ, ଜଗା ଭୋଇ ପ୍ରଭୃତି ସାମିଲ ଥିଲେ। ଦିନକୁ ଦିନ ହାଟ ନିକଟରେ ଜୁଆ ଖେଳ ସହିତ କେନାଲ ହୁଡା ଉପରେ କବାଡି ଲୁହା ସାମଗ୍ରୀ ବିକ୍ରିବଟା କରିଥାନ୍ତି।

# ଜମିକିଣାକୁ ନେଇ ଠକେଇର ଶିକାର ହେଲେ ଯୋଗାଣ ମନ୍ତ୍ରୀ

ଭୁବନେଶ୍ୱର : ଜମିକିଣାକୁ ନେଇ ଠକେଇର ଶିକାର ହେବା ପରେ ଥାନାର ଦ୍ୱାରସ୍ଥ ହୋଇଛନ୍ତି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ମନ୍ତ୍ରୀ ବଣଶାଙ୍ଗ ଅଂଚଳର ଜଣେ ବ୍ୟକ୍ତିଙ୍କୁ ଜମି ପାଇଁ ଅଗ୍ରୀମ ୨୫ ଲକ୍ଷ ଦେଇଥିଲେ ମାତ୍ର ଉକ୍ତ ବ୍ୟକ୍ତି କୌଣସି କାରଣରୁ ଜମି ଦେଇ ପାରିନଥିଲେ। ତେବେ ଟଙ୍କା ଫେରାଇବାକୁ କହିବାରୁ ବ୍ଲାଙ୍କ ଚେକ୍ ଦେଇଥିଲେ। ଏନେଇ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର।

ଅନ୍ୟପକ୍ଷରେ ଯୋଗାଣ ମନ୍ତ୍ରୀ ଠକେଇର ଶିକାର ହେବାକୁ ନେଇ ତେଜିଛି ରାଜନୀତି। ଘଟଣାକୁ ନେଇ ବିରୋଧୀ ଦଳ ଉପ ନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ଯେ ଗଣମାଧ୍ୟମରେ ଏହା ପ୍ରକାଶିତ ହୋଇଛି। ଯାହାକି ଦର୍ଶାଉଛି ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ। ନାରୀ ନିର୍ଯାତନା ବଢି ବଢି ଚାଲିଛି, ଅପରାଧ ବଢୁଛି ଆଉ ଏବେ ଯୋଗାଣ ମନ୍ତ୍ରୀ ଠକେଇର ଶିକାର। ବିଧାନସଭା ମୌସୁମୀ ଅଧିବେଶନକୁ ସେଥିପାଇଁ ବିଳମ୍ବ କରୁଛନ୍ତି ସରକାର। ମୌସୁମୀ ଅଧିବେଶନ କଣ ଶୀତ ଦିନେ ଡାକିବେ କହି ସରକାରକୁ ଟାର୍ଗେଟ କରିଛନ୍ତି ବିରୋଧୀ ଦଳ ଉପ ନେତା ପ୍ରସନ୍ନ ଆଚାର୍ଯ୍ୟ।

ସେପଟେ ଯୋଗାଣ ମନ୍ତ୍ରୀଙ୍କ ଉତର ହେଲା ଏହା ପୁରୁଣା ଘଟଣା। ୪ - ୫ ବର୍ଷ ତଳର ଘଟଣା। ତା ଭିତରକୁ କାହିଁକି ଯିବା। ବ୍ୟକ୍ତିଗତ କଥା। ଜାଗା କିଣିବା ପାଇଁ ପଇସା ଦିଆଯାଇଥିଲା। ଫେରେଇବେ ଫେରେଇବେ ବୋଲି କହି ଫେରାଇ ନାହାଁନ୍ତି। ଗୋଟିଏ କମ୍ପାନୀରେ ମୁଁ ନିର୍ଦ୍ଦେଶକ ଥିବା ସମୟରେ ଜାଗା କିଣିବାକୁ ଟଙ୍କା ଦେଇଥିଲି। ପୋଲିସ ତଦନ୍ତ କରିବ। ବିରୋଧୀ କାହିଁକି ବ୍ୟସ୍ତ ହେଉଛନ୍ତି। ଆଇନ୍ ଶୃଙ୍ଖଳା ଠିକ୍ ରହିଛି। ନାରୀ ନିର୍ଯାତନା ଘଟଣାରେ ଛାତ୍ର କଂଗ୍ରେସ ସଭାପତି ବିଜେଡ଼ି କର୍ପୋରେଟର ଗିରଫ ହୋଇଛନ୍ତି। ଠିକ୍ ସମୟରେ ବିଧାନସଭା ଅଧିବେଶନ ଡାକିବେ ସରକାର ବୋଲି କହିଛନ୍ତି ମନ୍ତ୍ରୀ।

# ପଞ୍ଚାୟତିରାଜ ବିଭାଗ ବିଷୟ ନେଇ ରାଜ୍ୟପାଳଙ୍କୁ ଭେଟିବେ ମନ୍ତ୍ରୀ

ଭୁବନେଶ୍ୱର: ପଞ୍ଚାୟତିରାଜ ବିଭାଗ ବିଷୟ ନେଇ ରାଜ୍ୟପାଳଙ୍କୁ ଭେଟିବେ ମନ୍ତ୍ରୀ । ରାଜ୍ୟପାଳଙ୍କ ଅନେକ ଅନୁଭବ ରହିଛି। ବିଭାଗ ପ୍ରତି ତାଙ୍କର ଆଗ୍ରହ ତାଙ୍କର ପରାମର୍ଶ ପାଇଁ ତାଙ୍କୁ ପୂର୍ବରୁ ଭେଟିଛୁ ଆଗକୁ ମଧ ଭେଟିବୁ। ରାଜ୍ୟପାଳଙ୍କୁ ଆଗରୁ ମଧ ମୁଁ ଭେଟିଛି। ଜଳ ଜୀବନ ମିଶନକୁ ନେଇ ଭେଟିଛି। ତାଙ୍କର ଆଗ୍ରହ ମଧ ବେଶ୍ ରହିଛି। ଆମେ ପରାମର୍ଶ ମଧ ନେଇଛୁ ।ଜଳ ଜୀବନ ମିଶନ କିପରି ଅଧିକ ଗତିଶୀଳ ହେଇପାରିବ ସେ ବିଷୟରେ ଆଲୋଚନା କରିବୁ ତାଙ୍କ ସହ ବସି। ଗଣତନ୍ତ୍ର ଭିତରେ ରାଜ୍ୟପାଳ ସରକାର, ରାଜ୍ୟପାଳ ଜନତା ପରିପୂରକ ।ପରସ୍ପର ସହ ଆଲୋଚନା କରିବା ଏକ ନୂଆ କଥା ନୁହେଁ ଏହା ନିରନ୍ତର ପ୍ରକ୍ରିୟା। ତାଙ୍କର ବହୁ ଅନୁଭବ ଅଛି ।ସମାଜ କ୍ଷେତ୍ରରେ କାମ କରିଛନ୍ତି , ବିଭିନ୍ନ ଦାୟିତ୍ୱ ନିଭାଇଛନ୍ତି ତେଣୁ ତାଙ୍କ ଅନୁଭବ ସାହାଯ୍ୟ କରିବ ବୋଲି ପଂଚାୟତିରାଜ ମନ୍ତ୍ରୀ ରବି ନାୟକ କହିଛନ୍ତି ।

# ହେପାଟାଇଟିସ୍ ସଚେତନତା ପାଇଁ ଆହ୍ୱାନ ଦେଲେ ପ୍ରଭାତୀ

ଭୁବନେଶ୍ୱର: ହେପାଟାଇଟିସ୍ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରିବାକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା ଆହ୍ୱାନ ଦେଇଛନ୍ତି । ଏନେଇ ସୋସିଆଲ ମିଡିଆ ଏକ୍ସରେ ପ୍ରଭାତି ପରିଡା କହିଛନ୍ତି ଯେ, ଭୂତାଣୁ ଜନିତ ରୋଗ ହେପାଟାଇଟିସ୍ ସମ୍ପର୍କରେ ବ୍ୟାପକ ସଚେତନତା ପାଇଁ 'ବିଶ୍ୱ ହେପାଟାଇଟିସ୍ ଦିବସ' ପାଳନ କରାଯାଉଛି । ହେପାଟାଇଟିସ୍ ପ୍ରତିଷେଧକ ଟିକା ସମସ୍ତ ସରକାରୀ ଡାକ୍ତରଖାନାରେ ବିନା ମୂଲ୍ୟରେ ଉପଲବ୍ଧ ହେଉଛି। ଏ ଦିଗରେ ସଚେତନତା ପାଇଁ ଆମେ ସମସ୍ତେ ସଂକଳ୍ପବଦ୍ଧ ହେବା ଉଚିତ।


**NOTICE**

By virtue of an affidavit sworn before The Executive Magistrate, Bhadrak, dated 12.02.2025 I Prashanta Kumar Sahoo, S/O- Pratap Kumar Sahoo of Gabasahi, P.O./P.S. Bhadrak(T), Dist - Bhadrak declare that I have changed my son's name from Aahil Sahoo to Avaneesh Sahoo. Henceforth he shall be known as Avaneesh Sahoo for all purposes.

**Prashanta Kumar Sahoo**


# ପିଜିଟି ଶିକ୍ଷକଙ୍କ ୫ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଭୁବନେଶ୍ୱର, : ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଅଧିନ ବେସରକାରୀ ଅନୁଦାନପ୍ରାପ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା ଇତିହାସ ଓ ଇଂରାଜୀ ବିଷୟର ସ୍ନାତକୋତର ବା ପିଜିଟି ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କ ପାଇଁ ୫ ଦିନିଆ ପ୍ରଶିକ୍ଷଣ ଶିରିପୁରସ୍ଥିତ ଇମେଜ୍ ଠାରେ ଆୟୋଜିତ କରାଯାଇଛି। ଏହି ପ୍ରଶିକ୍ଷଣରେ ୧୦୦ ଜଣ ପିଜିଟି ଶିକ୍ଷକ-ଶିକ୍ଷୟିତ୍ରୀ ଯୋଗ ଦେଇଛନ୍ତି। ଉଦଘାଟନୀ ଅଧିବେଶନରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ଶ୍ରୀମତୀ ଶୁଭଶ୍ରୀ ନନ୍ଦ, ଉଚ୍ଚ ମାଧ୍ୟମିକ ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶିକା ଶ୍ରୀମତୀ ସସ୍ମିତା ମାଳି, ଶ୍ରୀମତୀ ସ୍ନିଗ୍ଧା ମିଶ୍ର, ଶ୍ରୀମତୀ ଜୁଲି ମଙ୍ଗରାଜ ଓ ଉପ-ନିର୍ଦ୍ଦେଶକ ଜିତେନ୍ଦ୍ର ନାୟକ ଉପସ୍ଥିତ ଥିଲେ ।

ଉଦଘାଟନୀ ଅଧିବେଶନରେ ଯୋଗ ଦେଇ ଅତିରିକ୍ତ ଶାସନ ସଚିବ ଶ୍ରୀମତୀ ନନ୍ଦ କହିଛନ୍ତି। ଛାତ୍ରଛାତ୍ରୀମାନଙ୍କର ସର୍ବାଙ୍ଗୀନ ଉନ୍ନତି ଓ ସେମାନଙ୍କର ଚରିତ୍ର ଗଠନ ନିମନ୍ତେ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ନମ୍ର ହେବାକୁ ପଡ଼ିବ । ଛାତ୍ରଛାତ୍ରୀମାନଙ୍କର ମାନସିକ ଚାପକୁ ହ୍ରାସ କରିବା ପାଇଁ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣରେ ଶିକ୍ଷା ପ୍ରଦାନ କରିବା ସହ ଅଭିଭାବକମାନଙ୍କୁ ମଧ ସଚେତନ କରାଇବାର ଆବଶ୍ୟକତା ରହିଛି । ଏଥିସହ ଏକବିଂଶ ଶତାବ୍ଦୀର ଶିକ୍ଷାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଜାତୀୟ ଶିକ୍ଷା ନୀତିରେ ଥିବା ଧନ୍ଦାମୂଳକ, ବୈଷୟିକ, ଦକ୍ଷତା ବିକାଶ ଓ ଡିଜିଟାଲ୍ ଶିକ୍ଷାକୁ ପ୍ରାଧାନ୍ୟ ଦେବା ପାଇଁ ଶ୍ରୀମତୀ ନନ୍ଦ ଗୁରୁତ୍ୱ ଦେଇଥିଲେ । ସେହିପରି ଯୁଗ୍ମ ନିର୍ଦ୍ଦେଶିକା ଶ୍ରୀମତୀ ସସ୍ମିତା ମାଳି ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ପିଜିଟି ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ତାଲିମ୍ କାର୍ଯ୍ୟକ୍ରମରେ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିବା ବେଳେ ଯୁଗ୍ମ ନିର୍ଦ୍ଦେଶିକା ଶ୍ରୀମତୀ ସ୍ନିଗ୍ଧା ମିଶ୍ର ଧନ୍ୟବାଦ ଅର୍ପଣ କରିଛନ୍ତି ।

ଏହି ପାଞ୍ଚ ଦିନିଆ ତାଲିମ୍ କାର୍ଯ୍ୟକ୍ରମରେ ପିଜିଟିମାନଙ୍କ ଦକ୍ଷତା ବିକାଶ ଉପରେ ପ୍ରାଧାନ୍ୟ ଦିଆଯିବ। ଓଡ଼ିଶା କ୍ୟାରିୟର ପୋର୍ଟାଲ୍ ପରିଚାଳନା, ଶିକ୍ଷକମାନଙ୍କ ବୃତିଗତ ବିକାଶ, ଶ୍ରେଣୀଗୃହ ପରିଚାଳନା ଓ ଶିକ୍ଷଣ ଦକ୍ଷତା ବିକାଶ, ଗ୍ରୁପ୍ ଆକ୍ଟିଭିଟି, ଆକାଂକ୍ଷା ବିଦ୍ୟାଳୟର ଗଠନ ଆଦି ସମ୍ପର୍କରେ ତାଲିମ୍ ଦିଆଯିବ। ଏଥିସହ ପୂର୍ବରୁ କରାଯାଇଥିବା ତାଲିମ୍ କାର୍ଯ୍ୟକ୍ରମରୁ ମତାମତ ଗ୍ରହଣ କରିବା ପରେ ଚଳିତ ତାଲିମ୍ କାର୍ଯ୍ୟକ୍ରମରେ ଆଇ-ଜିଓଟି କର୍ମଯୋଗୀ ଆପ୍ ର ବ୍ୟବହାର, ଧନ୍ଦାମୂଳକ ଶିକ୍ଷା, ଛାତ୍ରବୃତି, ସୁସ୍ଥ ଶ୍ରେଣୀଗୃହ ପାଇଁ ବ୍ୟକ୍ତିଗତ ପୁଷ୍ଟିସାରସ୍ତର ବୃଦ୍ଧି ଓ ସ୍ୱାସ୍ଥ୍ୟର ଉନ୍ନତି, କ୍ଲାଇମେଟ୍ ରେଜିଲିଏଣ୍ଟ ବିଦ୍ୟାଳୟ ଆଦି ସମ୍ପର୍କରେ ତାଲିମ୍ ଦିଆଯିବ ।

# ପଞ୍ଚାୟତିରାଜ ବ୍ୟବସ୍ଥାକୁ ସ୍ୱଚ୍ଛଳ କରିବା ପାଇଁ ପ୍ରଦାନ କରାଯିବ ରାଜ୍ୟ ପଞ୍ଚାୟତ ପୁରସ୍କାର

ଭୁବନେଶ୍ୱର: ପଞ୍ଚାୟତରାଜ ବ୍ୟବସ୍ଥାକୁ ସ୍ୱଚ୍ଛଳ କରିବା ପାଇଁ ପ୍ରଦାନ କରାଯିବ ରାଜ୍ୟ ପଞ୍ଚାୟତ ପୁରସ୍କାର । ଯେଉଁଥିପାଇଁ ଖର୍ଚ୍ଚ ହେବ ୪ କୋଟି ଟଙ୍କା। ଯେଉଁ ଗ୍ରାମ ପଞ୍ଚାୟତ,ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦ ଗୁଡ଼ିକ ରାଜ୍ୟରେ ସୁଶାସନ ,ଜୀବିକା ସୁଦୃଢ଼ୀକରଣ ଓ ସାର୍ବଜନୀନ ଉତ୍କୃଷ୍ଟ ସେବା ପ୍ରଦାନ କରିବେ ସେମାନେ ପାଇବେ ଏହି ରାଜ୍ୟ ପଞ୍ଚାୟତ ପୁରସ୍କାର ବୋଲି ସୂଚନା ଦେଇଛନ୍ତି ପଂଚାୟତିରାଜ ମନ୍ତ୍ରୀ ରବି ନାୟକ । ସ୍ଥାନୀୟ କ୍ଷେତ୍ରର ସ୍ଥାୟୀ ଉନ୍ନତି ଲକ୍ଷ୍ୟର ୯ଟି ବିଷୟ ଅର୍ଥାତ୍ ମନରେଗା,ସ୍ୱଚ୍ଛତା - ବାହ୍ୟ ମଳମୁକ୍ତ,ଜଳ ଜୀବନ ମିଶନ, ସୁଶାସନ, ଦକ୍ଷତା ବିକାଶ,ଆୟ ସ୍ରୋତ ବୃଦ୍ଧି, ଅନଲାଇନ୍ ଅଡିଟ, ମହିଳାଙ୍କ ଭାଗିଦାରୀ ବୃଦ୍ଧି ପରି ବିଭିନ୍ନ କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ ଆଧାରରେ ପୁରସ୍କାର ପ୍ରଦାନ କରାଯିବ। ରାଜ୍ୟ ସ୍ତରରୁ ବ୍ଲକ୍ ଯାଏ ୨୫ ଲକ୍ଷ ଟଙ୍କା ଅର୍ଥ ରାଶି ରୁ ୧ ଲକ୍ଷ ଟଙ୍କା ଅର୍ଥ ରାଶି ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି।

ଏଲଏସଡିଜିଏସର ପ୍ରତ୍ୟେକ ବିଭିନ୍ନ ବିଷୟ ଉପରେ ଟପ୍ ୩ ଗ୍ରାମ ପଞ୍ଚାୟତମାନେ ପ୍ରତ୍ୟେକ ବିଷୟ ପାଇଁ ଅଲଗା ଭାବେ ପ୍ରୋତ୍ସାହନ ପୁରସ୍କାର ପାଇବେ । ଯଥାକ୍ରମେ ୨୫ ଲକ୍ଷ ଟଙ୍କା ପ୍ରଥମ, ୨୦ ଲକ୍ଷ ଦ୍ୱିତୀୟ ପୁରସ୍କାର ରାଶି, ଓ ୧୫ ଲକ୍ଷ ଟଙ୍କା ତୃତୀୟ ସ୍ଥାନ ଅଧିକାର କରିଥିବା ପଞ୍ଚାୟତକୁ ଦିଆଯିବ। ଜିଲ୍ଲା ସ୍ତରରେ ପ୍ରତ୍ୟେକ ଜିଲ୍ଲାରେ ଖଝଉଏ ବିଷୟ ଅନୁଯାୟୀ ଶ୍ରେଷ୍ଠ କାର୍ଯ୍ୟଦକ୍ଷତା ଦେଖାଇଥିବା ଟପ୍ ୩ ଗ୍ରାମ ପଞ୍ଚାୟତମାନେ ପ୍ରାଥମିକ ଅର୍ଥରାଶି ପୁରସ୍କାର ପାଇବେ। ପ୍ରଥମକୁ ୧୫ ଲକ୍ଷ ଦ୍ୱିତୀୟକୁ ୧୦ଲକ୍ଷ, ଓ ତୃତୀୟକୁ ୫ ଲକ୍ଷର ରାଶି ପ୍ରଦାନ କରାଯିବ । ପ୍ରତ୍ୟେକ ବ୍ଲକ୍ ସ୍ତରରେ ଟପ୍ ୩ ଗ୍ରାମ ପଞ୍ଚାୟତମାନେ ସ୍ମାରକ କୃତଜ୍ଞତା ପତ୍ର ପାଇବେ । ପୁରସ୍କାର ବାବଦରେ ପ୍ରଥମକୁ ୩ ଲକ୍ଷ, ଦ୍ୱିତୀୟକୁ ୨ଲକ୍ଷ ଓ ତୃତୀୟକୁ ୧ ଲକ୍ଷ ଟଙ୍କା ଲେଖାଏଁ ଦିଆଯିବ ।ରାସ୍ତା ଘାଟ, ପାନୀୟ ଜଳ, ଡିଜିଟାଲ କ୍ଷେତ୍ରରେ ଅନଲାଇନ ବ୍ୟବସ୍ଥା ସୁଦୃଢ଼ କରିବେ, ବିଭିନ୍ନ ସଚେତନତା ଧର୍ମୀ କାର୍ଯ୍ୟକ୍ରମ ଆୟୋଜନ କରିବେ।


**JAJPUR MUNICIPALITY, JAJPUR**
**QUOTATION CALL NOTICE**
**No. 2388/Date 25.7.2025**

Sealed quotations are invited from the Registered Firms/ Bidders/Manufactures for the items specified in the bid documents for the work- "Fire sprinkler, Hydrant and Alaram work for fire safety of Municipal office building".

The intending bidders satisfying the eligible criteria as provided in the quotation paper can take part in the bidding process.

The quotation paper containing general bid information's, terms & conditions will be issued from the office of the undersigned w.e.f 28.07.2025 to 08.08.2025 in the working days & hours respectively on payment of cash of Rs. 6000/-(Six Thousand). Such quotation paper after duly filled in shall be submitted to the undersigned by Regd. Post/Speed Post/ Courier Service/in Municipal Office, Jajpur by hand on or before 08.08.2025 by 5.00P.M which shall be opened on 11.08.2025 at 12.00P.M in presence of the bidders or their authorised representatives in the Municipal Office, Jajpur. The date of opening shall not be deferred in the absence of either bidder or their authorised representatives.

The intending bidders are required to deposit the E.M.D. @ 1% of the quoted amount in shape of N.S.C/Bank Draft/ Term Deposit drawn/pledged in favour of the Executive Officer, Jajpur Municipality, payable at Jajpur & attach with the quotation paper.

The authority reserves the right to reject or cancel the Notice without assigning any reason thereof.

**Sd:/-Executive Officer**
**Jajpur Municipality**

C-746 OIPR- 13171/11/0033/2526



# ଗିଲ୍, ଜାଡେଜା, ସୁନ୍ଦରଙ୍କ ଶତକ, ମାଞ୍ଚେଷ୍ଟର ଟେଷ୍ଟ ଡ୍ର’

ମାଞ୍ଚେଷ୍ଟର : ମାଞ୍ଚେଷ୍ଟର ଟେଷ୍ଟ ଡ୍ର ହୋଇ ଶେଷ ହୋଇଛି। ଭାରତୀୟ ବ୍ୟାଟ୍ସମ୍ୟାନଙ୍କ ବୀରତ୍ୱପୂର୍ଣ୍ଣ ଲଢେଇ ବଳରେ ଭାରତ ଏକ ନିଶ୍ଚିତ ପରାଜୟକୁ ଏଡ଼େଇପାରିଛି। ଏହା ସହିତ ଭାରତୀୟ ଦଳ ଏକ ମନସ୍ତାତ୍ତ୍ୱିକ ବିଜୟ ହାସଲ କରିଛି ବୋଲି କୁହାଯାଇପାରେ। ବିଶେଷକରି ଶୁବମନ ଗିଲ, କେଏଲ ରାହୁଲଙ୍କ ଭାଗିଦାରୀ ପରେ ରବୀନ୍ଦ୍ର ଜାଦେଜା ଓ ୱାସିଂଟନ ସୁନ୍ଦରଙ୍କ ଶତକ ଭାରତକୁ ନିଶ୍ଚିତ ପରାଜୟ କବଳରୁ ବାହାର କରିଆଣିଥିଲା।



ପ୍ରଥମ ଇନିଂସରେ ଇଂଲଣ୍ଡ ୬୬୯ ରନରେ ଅଲଆଉଟ ହେବା ପରେ ଭାରତଠାରୁ ୩୧୧ ରନରେ ଆଗୁଆ ଥିଲା। ଭାରତ ନିଜ ୨ୟ ଇନିଂସ ଆରମ୍ଭ କରିବା ସମୟରେ ଇନିଂସ ପରାଜୟ ଏଡ଼େଇବାକୁ ପ୍ରଥମେ ଏହି ୩୧୧ ରନକୁ ଟପିବାର ଆବଶ୍ୟକତା ଥିଲା। ଭାରତ ଖାତା ଖୋଲିବା ପୂର୍ବରୁ ୨ଟି ୱିକେଟ ହରାଇ ବିପଦରେ ପଡ଼ିଯାଇଥିଲା। ତେବେ ଅଧିନାୟକ ଶୁବମନ ଗିଲ ଓ କେଏଲ ରାହୁଲଙ୍କ ଲଢୁଆ ବ୍ୟାଟିଂ ଫଳରେ ଭାରତ ନିଜର ଲଢେଇକୁ ଜାରି ରଖିଥିଲା। ଆଜି ଅର୍ଥାତ ମ୍ୟାଚର ୫ମ ଦିନରେ ରାହୁଲ ୯୦ ରନ କରି ଆଉଟ ହୋଇଥିବବେଳେ ଗିଲ ୧୦୩ ରନ କରି ଆଉଟ ହୋଇଥିଲେ। ଏହି ଦୁଇ ସେଟ୍ ବ୍ୟାଟ୍ସମ୍ୟାନ ଆଉଟ ହେବା ପରେ ଭାରତ ଉପରେ ଇନିଂସ ପରାଜୟର ଆଶଙ୍କା ବଢିଯାଇଥିଲା। କିନ୍ତୁ ୱାସିଂଟନ ସୁନ୍ଦର ଓ ରବୀନ୍ଦ୍ର ଜାଦେଜାଙ୍କ ଲଢୁଆ ବ୍ୟାଟିଂ ଫଳରେ ଭାରତ ଇନିଂସ ପରାଜୟ ଏଡ଼େଇବାର ସକ୍ଷମ ହୋଇଛି। ଉଭୟ ବ୍ୟାଟ୍ସମ୍ୟାନ ଶତକ ଅର୍ଜନ କରିବା ସହ ମ୍ୟାଚକୁ ଡ୍ର କରିଥିଲେ। ଖେଳକୁ ଡ୍ର ଘୋଷଣା ହେବା ବେଳେ ଭାରତ ୪ ୱିକେଟରେ ୪୨୫ ରନ କରିଥିଲା।

ଟେଷ୍ଟ କ୍ରିକେଟ୍ ଦେଖିଛି ଓ ଦେଖାଇଛି ଆଉ ଏକ ଚମତ୍କାର ମ୍ୟାଚ୍। ପ୍ରଥମ ପାଳିରେ ୩୧୧ ରନ୍ ପଛୁଆ ରହିବା ପରେ ଭାରତ ୫ଟି ଅଧିବେଶନରେ ମାତ୍ର ୨ ୱିକେଟ୍ ହରାଇ ଓଲ୍ଡ ଟ୍ରାଫୋର୍ଡ ଟେଷ୍ଟ ମ୍ୟାଚ୍‌କୁ ଡ୍ର’ ରଖିଦେଇଛି। ଏଥି ସହ ଆଣ୍ଡରସନ୍-ତେନ୍ଦୁଲକର ଟ୍ରଫି ଶୃଙ୍ଖଳାକୁ ବି ଜୀବନ୍ତ କରି ଦେଇଛି। ଶୁବମନ ଗିଲ୍ (୧୦୩), ରବୀନ୍ଦ୍ର ଜାଡ଼େଜା (୧୦୭*) ଓ ୱାସିଂଟନ୍ ସୁନ୍ଦର (୧୦୧*)ଙ୍କ ଶତକ ବଳରେ ଭାରତ ଏହି କଷ୍ଟକର ‘ଡ୍ର’କୁ ସହଜରେ ତୁଲାଇ ନେଇଛି। ଦ୍ୱିତୀୟ ପାଳିର ଆହ୍ୱାନ ଏବଂ ୧୪୨ ଓଭର ଭିତରେ ମାତ୍ର ୨ ୱିକେଟ୍ ହରାଇବା ଭାରତର ବ୍ୟାଟିଂ କ୍ଷମତା ଓ ସାହସିକ ସଂଜମତାକୁ ବି ପ୍ରତିଫଳିତ କରିଛି। ତଥାପି ୫ ମ୍ୟାଚ୍ ଶୃଙ୍ଖଳାରେ ଇଂଲଣ୍ଡ ୨-୧ରେ ଆଗୁଆ ରହିଛି। ଜୁଲାଇ ୩୧ ତାରିଖରୁ ପଞ୍ଚମ ତଥା ଅନ୍ତିମ ଟେଷ୍ଟ ଦ ଓଭାଲରେ ଖେଳାଯିବ। ଭାରତ କେବଳ ଶୃଙ୍ଖଳା ବରାବର କରିବାର ସୁଯୋଗ ପାଇବ।

ମାଞ୍ଚେଷ୍ଟର୍ ଟେଷ୍ଟ୍ ଅବସରରେ ଏକାଧିକ ଦଳଗତ ଓ ବ୍ୟକ୍ତିଗତ ରେକର୍ଡ ସୃଷ୍ଟି ହୋଇଛି। ବେନ୍ ଷ୍ଟୋକ୍ସ ନିଜ ୧୨ତମ ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇବା ସହ ଦେଶ ପାଇଁ ଯୁଗ୍ମ ଦ୍ୱିତୀୟ ସର୍ବାଧିକ ଏହି ସମ୍ମାନ ପାଇଛନ୍ତି। ଇଅନ୍ ବୋଥାମ ମଧ୍ୟ ୧୨ ଥର ଏହି ପୁରସ୍କାର ପାଇଥିଲେ। ଜୋ ରୁଟ୍ ସର୍ବାଧିକ ୧୩ ଥର ଏହି ସମ୍ମାନ ପାଇ ଶୀର୍ଷରେ ଅଛନ୍ତି। ଚଳିତ ଗସ୍ତରେ ପ୍ରଥମ ଥର ପାଇଁ ୪ ଜଣ ବ୍ୟାଟର ମୋଟ ୪୦୦+ ରନ୍ ସଂଗ୍ରହ କରିଛନ୍ତି। ସେମାନେ ହେଲେ ଶୁବମନ ଗିଲ୍(୭୨୨), କେଏଲ୍ ରାହୁଲ୍ (୫୧୧), ଋଷଭ ପନ୍ତ୍ (୪୭୯) ଓ ରବୀନ୍ଦ୍ର ଜାଡ଼େଜା (୪୫୪)। ବିଶ୍ୱର ପ୍ରଥମ ଦଳ ଭାବେ ଭାରତ ଗୋଟିଏ ଶୃଙ୍ଖଳାରେ ସର୍ବାଧିକ ୭ ଥର ୩୫୦+ ସ୍କୋର କରି ରେକର୍ଡ କରିଛି। ସୁନ୍ଦରଙ୍କ ଶତକ ସହିତ ଭାରତ ମଧ୍ୟ ଚଳିତ ଗସ୍ତରେ ଏକାଦଶ ବ୍ୟକ୍ତିଗତ ଶତକ ପାଇଛି। ଯାହା ଯୁଗ୍ମ ସର୍ବାଧିକ। ୧୯୭୮-୭୯ରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଭାରତ ମଧ୍ୟ ୧୧ ଶତକ ପାଇଥିଲା। ତୃତୀୟ କିମ୍ବା ଚତୁର୍ଥ ପାଳିରେ ଭାରତ ପ୍ରଥମ ଥର ପାଇଁ ୩ଟି ଶତକ ମଧ୍ୟ ପାଇଛି।



ଶନିବାର ଭାରତ ଖାତା ଖୋଲିବା ପୂର୍ବରୁ ୨ ୱିକେଟ୍ (ଜୟସ୍ୱାଲ ଓ ସୁଦର୍ଶନ)ଙ୍କୁ ହରାଇ ଗଭୀର ସଙ୍କଟରେ ପଡ଼ିଥିଲା। ତେବେ ୩୧୧ ରନ୍ ପଛୁଆ ରହିବାର ଚାପରେ ନ ପଡ଼ି କେଏଲ୍ ରାହୁଲ୍ ଓ ଶୁବମନ ଗିଲ୍ ୧୮୮ ରନ୍ ଭାଗୀଦାରି କରିବା ଆଶା ସଂଚାର କରିଥିଲା। ରବିବାର ରାହୁଲ ମାତ୍ର ୧୦ ରନ୍ ପାଇଁ ଚଳିତ ଗସ୍ତର ତୃତୀୟ ଶତକ ହରାଇଥିଲେ। ଗିଲ୍ କିନ୍ତୁ ଶୃଙ୍ଖଳାର ଚତୁର୍ଥ ଓ କ୍ୟାରିୟରର୍ ଅଷ୍ଟମ ଶତକ ହାସଲ କରି ନେଇଥିଲେ। ଗିଲ୍‌ଙ୍କ ୱିକେଟ୍ ସହ ଭାରତ ୨୨୨/୪ରେ ଥିବାରୁ ବିପଦ ସମ୍ପୂର୍ଣ୍ଣ ଭାବେ ଭାରତ ଉପରେ ଥିଲା। ଏହି ସମୟରେ ଦୁଇ ବାମହାତୀ ବ୍ୟାଟର୍ ୱାସିଂଟନ୍ ସୁନ୍ଦର ଓ ରବୀନ୍ଦ୍ର ଜାଡ଼େଜା ଇଂଲିସ୍ ବୋଲରଙ୍କୁ କୌଣସି ସୁଯୋଗ ଦେଇ ନଥିଲେ। ଅସୀମ ଧୈର୍ଯ୍ୟ ଓ ସଂଜମତା ଦେଖାଇ ଦ୍ୱିଶତକ (୬୫.୨ ଓଭରରେ ୨୦୩ ରନ୍) ଭାଗୀଦାରି କରି ଇଂଲଣ୍ଡ ଆଶାରେ ପାଣି ଭରି ଦେଇଥିଲେ। ଉଭୟ ନିଜ ଖେଳ ଜୀବନର ବହୁ ପ୍ରତୀକ୍ଷିତ ଶତକ ଅର୍ଜନ କରିବା ମାତ୍ରେ ଆଉ ଫଳାଫଳ ମିଳିବା ସମ୍ଭାବନା ନ ଥିବାରୁ ମ୍ୟାଚ୍‌କୁ ଡ୍ର’ ପାଇଁ ସହମତ ହୋଇଯାଇଥିଲେ। ଚଳିତ ଗସ୍ତରେ ପଞ୍ଚମ ଥର ପାଇଁ ୫୦ ଅତିକ୍ରମ କରିଥିବା ଜାଡ଼େଜା ଦେଢ଼ବର୍ଷ ପରେ ଶତକ (୧୦୭*, ୧୮୫ ବଲ୍, ୧୩ ଚୌକା, ୧ ଛକା) ହାସଲ କରିଥିଲେ। ଏହା ଥିଲା ତାଙ୍କ କ୍ୟାରିୟରର ପଞ୍ଚମ ଏବଂ ଇଂଲଣ୍ଡ ବିପକ୍ଷରେ ତୃତୀୟ ଶତକ। ପରିସ୍ଥିତି ଦୃଷ୍ଟିରୁ ତଥା ନୂଆ ବଲ୍ ଖେଳିବା ଦକ୍ଷତା ରଖିଥିବାରୁ ରବିବାର ବ୍ୟାଟିଂ ପଦୋନ୍ନତି ପାଇଥିବା ୱାସିଂଟନ୍ ସୁନ୍ଦର (୧୦୧* ରନ୍, ୨୦୬ ବଲ୍, ୯ ଚୌକା, ୧ ଛକା) ସମ୍ପୂର୍ଣ୍ଣ ଫାଇଦା ଉଠାଇ ପ୍ରଥମ ଟେଷ୍ଟ ଶତକ ସ୍ୱପ୍ନକୁ ସାକାର କରି ନେଇଥିଲେ। ପ୍ରଥମ ଇଂଲଣ୍ଡ ଖେଳାଳି ଭାବେ ଷ୍ଟୋକ୍ସ ଏକ ଶୃଙ୍ଖଳାରେ ୩୦୦+ ରନ୍ ଓ ୧୫+ ୱିକେଟ୍ ଅକ୍ତିଆର କରିବା ସହ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ମଧ୍ୟ ପାଇଥିଲେ।

**ସଂକ୍ଷିପ୍ତ ସ୍କୋର:** ଭାରତ ପ୍ରଥମ ପାଳି: ୩୫୮ (ସାଇ ସୁଦର୍ଶନ-୬୧, ଯଶସ୍ୱୀ ଜୟସ୍ୱାଲ-୫୮, ଋଷଭ ପନ୍ତ୍-୫୪, ବେନ୍ ଷ୍ଟୋକ୍ସ-୫/୭୨, ଜୋଫ୍ରା ଆର୍ଚର-୩/୭୩)। ଇଂଲଣ୍ଡ ପ୍ରଥମ ପାଳି: ୬୬୯ (ଜୋ ରୁଟ୍-୧୫୦, ବେନ୍ ଷ୍ଟୋକ୍ସ-୧୪୧, ବେନ୍ ଡକେଟ୍-୯୪, ଜ୍ୟାକ୍ କ୍ରଲି-୮୪, ଓଲି ପୋପ୍-୭୧, ବ୍ରାଏଡନ୍ କାର୍ସ-୪୭, ରବୀନ୍ଦ୍ର ଜାଡ଼େଜା-୪/୧୪୩, ୱାସିଂଟନ୍ ସୁନ୍ଦର-୨/୧୦୭, ଯଶପ୍ରୀତ୍ ବୁମ୍‌ରା-୨/୧୧୨, ଅଂଶୁଲ କମ୍ବୋଜ-୧/୮୯, ମହମ୍ମଦ ସିରାଜ-୧/୧୪୦)। ଭାରତ ଦ୍ୱିତୀୟ ପାଳି: ୧୪୩ ଓଭରରେ ୪୨୫/୪ (ରବୀନ୍ଦ୍ର ଜାଡ଼େଜା-୧୦୭*, ଶୁବମନ ଗିଲ୍-୧୦୩, ୱାସିଂଟନ୍ ସୁନ୍ଦର-୧୦୧*, କେଏଲ୍ ରାହୁଲ-୯୦, କ୍ରିସ୍ ୱୋକ୍ସ-୨/୬୭, ବେନ୍ ଷ୍ଟୋକ୍ସ-୧/୩୩, ଜୋଫ୍ରା ଆର୍ଚର-୧/୭୮)।

**କିଂବଦନ୍ତିଙ୍କ କ୍ଲବ୍‌ରେ ଗିଲ୍ :** ଭାରତୀୟ ଟେଷ୍ଟ୍ ଦଳର ଯୁବ ଅଧିନାୟକ ଶୁବମନ ଗିଲ୍ ଏବେ ଦୁଇ ବ୍ୟାଟିଂ କିଂବଦନ୍ତି ସୁନୀଲ ଗାଭାସ୍କର ଓ ସାର୍ ଡନ୍ ବ୍ରାଡ୍‌ମ୍ୟାନ୍‌ଙ୍କ ରେକର୍ଡରେ ସମକକ୍ଷ ହୋଇ ବଡ଼ ଉପଲବ୍ଧି ହାସଲ କରିଛନ୍ତି। ଏପରିକି ଉଭୟଙ୍କୁ ପଛରେ ପକାଇଦେବାର ସମ୍ଭାବନା ସୃଷ୍ଟି କରିଛନ୍ତି। ଗୋଟିଏ ଶୃଙ୍ଖଳାରେ ଅଧିନାୟକ ଭାବେ ୪ ଶତକ ହାସଲ କରିଛନ୍ତି। ଯାହାକି ପୂର୍ବରୁ କେବଳ ଗାଭାସ୍କର ଓ ବ୍ରାଡ୍‌ମ୍ୟାନ୍ କରିଥିଲେ। ଭାରତୀୟ ପାଳିର ୮୩ତମ ଓଭରରେ କ୍ରିସ୍ ୱୋକ୍ସଙ୍କଠାରୁ ଏକ ରନ୍ ନେଇ ସେ ଏହି ମାଇଲଖୁଣ୍ଟ ଛୁଇଁଥିଲେ। ବ୍ରାଡ୍‌ମ୍ୟାନ୍ ୧୯୪୭-୪୮ରେ ଭାରତ ବିପକ୍ଷ ଘରୋଇ ଶୃଙ୍ଖଳାରେ ୪ ଶତକ ମାରିଥିବା ବେଳେ ଗାଭାସ୍କର ୧୯୭୮-୭୯ରେ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଘରୋଇ ଶୃଙ୍ଖଳାରେ ମଧ୍ୟ ୪ ଥର ତିନି ଅଙ୍କ ଛୁଇଁଥିଲେ। ଗିଲ୍ କିନ୍ତୁ ତୃତୀୟ ଭାରତୀୟ ଭାବେ ଗୋଟିଏ ଶୃଙ୍ଖଳାରେ ୪ ଶତକ ହାସଲ କରିଛନ୍ତି। ଗାଭାସ୍କର ୧୯୭୧ ୱେଷ୍ଟଇଣ୍ଡିଜ୍ ଗସ୍ତ ଏବଂ ୧୯୭୮-୭୯ରେ ୱେଷ୍ଟଇଣ୍ଡିଜ୍‌ର ଭାରତ ଗସ୍ତ ବେଳେ ଦୁଇ ଥର ଏହା କରିପାରିଥିଲେ। ୨୦୧୪-୧୫ ଅଷ୍ଟ୍ରେଲିଆ ଗସ୍ତରେ ବିରାଟ କୋହଲି ମଧ୍ୟ ୪ ଶତକ ହାସଲ କରିଥିଲେ। ଏହି ଗସ୍ତ ଅଧାରୁ ମହେନ୍ଦ୍ର ସିଂହ ଧୋନିଙ୍କଠାରୁ ସେ ମଧ୍ୟ ନେତୃତ୍ୱ ଭାର ସମ୍ଭାଳିଥିଲେ।

ଗିଲ୍ ହେଡିଂଲେରେ ତାଙ୍କ ନେତୃତ୍ୱର ପ୍ରଥମ ଟେଷ୍ଟରେ ୧୪୭ ରନ୍ କରିଥିବା ବେଳେ ଲିଡ୍‌ସରେ ଉଭୟ ପାଳିରେ ଶତକ (୨୬୯ ଓ ୧୬୧) ହାସଲ କରିଥିଲେ। ରବିବାର ୧୦୩ ରନ୍ କରି ଜୋଫ୍ରା ଆର୍ଚରଙ୍କ ଅଫଷ୍ଟମ୍ପ ବାହାର ବଲ୍‌କୁ ଛାଡ଼ି ନାପାରି ୱିକେଟ୍‌ରକ୍ଷକ ଜାମି ସ୍ମିଥ୍‌ଙ୍କ ଗ୍ଲୋଭ୍‌ସରେ ଧରାପଡ଼ି ଯାଇଥିଲେ। ଗୋଟିଏ ଶୃଙ୍ଖଳାରେ ୭୦୦ରୁ ଉର୍ଦ୍ଧ୍ୱ ରନ୍ ସଂଗ୍ରହ କରିବାରେ ମଧ୍ୟ ଗିଲ ଦ୍ୱିତୀୟ ଭାରତୀୟ ହୋଇଛନ୍ତି। ସୁନୀଲ ଗାଭାସ୍କର ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଉଭୟ ଥର (୭୭୪ ରନ୍, ୧୯୭୧ ଏବଂ ୭୩୨ ରନ୍, ୧୯୭୮-୭୯) ଏହା ହାସଲ କରିଥିଲେ। ଆଉ ଗୋଟିଏ ଟେଷ୍ଟ୍ ଥିବାରୁ ଗାଭାସ୍କରଙ୍କ ୭୭୪ ରନ୍ ରେକର୍ଡକୁ ଟପିବା ଲାଗି ଗିଲ୍‌ଙ୍କୁ ଆଉ ୫୩ ରନ୍ ଆବଶ୍ୟକ ରହିଛି। ପଞ୍ଚମ ତଥା ଶେଷ ଟେଷ୍ଟ୍ ଜୁଲାଇ ୩୧ ତାରିଖରୁ ଦ ଓଭାଲ୍‌ରେ ଖେଳାଯିବ।

## ବ୍ୟାଡମିଣ୍ଟନ ଖେଳିବା ବେଳେ ୨୫ ବର୍ଷୀୟ ଯୁବକଙ୍କର ହୃଦ୍‌ଘାତରେ ମୃତ୍ୟୁ

ନୂଆଦିଲ୍ଲୀ : ହାଇଦ୍ରାବାଦର ନାଗୋଲେ ଷ୍ଟାଡିୟମରେ ଶଟଲ୍ ବ୍ୟାଡମିଣ୍ଟନ ଖେଳୁଥିବା ବେଳେ ୨୫ ବର୍ଷୀୟ ଯୁବକ ଗୁଣ୍ଡଲା ରାକେଶଙ୍କର ହୃଦ୍‌ଘାତରେ ମୃତ୍ୟୁ ହୋଇଛି। ରାକେଶ ହାଇଦ୍ରାବାଦରେ ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିଲେ ଏବଂ ସେ ଖମ୍ମାମ ଜିଲାର ତାଲ୍ଲାଡ଼ାର ପୂର୍ବତନ ଉପ-ସରପଞ୍ଚ ଗୁଣ୍ଡଲା ଭେଙ୍କଟେଶ୍ୱରଲୁଙ୍କ ପୁତ୍ର ଥିଲେ।

ଘଟଣାର ସିସିଟିଭି ଫୁଟେଜ୍ ଭାଇରାଲ ହୋଇଛି, ଯେଉଁଥିରେ ଦେଖାଯାଉଛି ରବିବାର ରାତି ପ୍ରାୟ ୮ଟା ବେଳେ ରାକେଶ ଡବଲ୍ସ ବ୍ୟାଡମିଣ୍ଟନ ମ୍ୟାଚ୍ ଖେଳୁଥିବା ବେଳେ ଶଟଲକକ୍ ଉଠାଇବାକୁ ନଇଁପଡ଼ିବା ପରେ ହଠାତ୍ କୋର୍ଟରେ ଢଳି ପଡ଼ିଥିଲେ। ସାଙ୍ଗରେ ଥିବା ଖେଳାଳିମାନେ ତୁରନ୍ତ ତାଙ୍କୁ ସାହାଯ୍ୟ କରିଥିଲେ ଏବଂ ଜଣେ ଖେଳାଳି ତାଙ୍କୁ ସିପିଆର (ଛାତି ଚାପିବା) ମାଧ୍ୟମରେ ଜୀବନ ଫେରାଇବାକୁ ଚେଷ୍ଟା କରିଥିଲେ। ରାକେଶଙ୍କୁ ନିକଟସ୍ଥ ହସ୍ପିଟାଲକୁ ନିଆଯାଇଥିଲା, କିନ୍ତୁ ଡାକ୍ତର ତାଙ୍କୁ ‘ମୃତ ଅବସ୍ଥାରେ ଅଣାଯାଇଥିବା’ ଘୋଷଣା କରିଥିଲେ।

ଏତେ କମ ବୟସରେ ଏକ ସକ୍ରିୟ ଓ ସୁସ୍ଥ ଦେଖାଯାଉଥିବା ଯୁବକଙ୍କର ଏଭଳି ଆକସ୍ମିକ ମୃତ୍ୟୁ ଯୁବବର୍ଗଙ୍କ ମଧ୍ୟରେ ହୃଦ୍‌ଘାତ ସମ୍ପର୍କିତ ଚିନ୍ତାକୁ ପୁନର୍ବାର ଉଠାଇଛି। ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ଜୀବନଶୈଳୀରେ ପରିବର୍ତ୍ତନ ଏବଂ ହୃଦୟ ସମସ୍ୟାର ପୂର୍ବ ଚିହ୍ନଟ ଓ ପ୍ରତିଷେଧକ ପଦକ୍ଷେପର ଗୁରୁତ୍ୱ ଉପରେ ଜୋର ଦେଇଛନ୍ତି।



## ସାହାଣୀ କପ ଫୁଟ୍‌ବଲ ଚାମ୍ପିୟନସିପ: କୋରାପୁଟକୁ ହରାଇ ସମ୍ବଲପୁର ବିଜୟୀ

ବ୍ରହ୍ମପୁର, (ପିପିଏସ୍) : ‘ସାହାଣୀ କପ’ ୨୦୨୫ ଫୁଟବଲ ଚମ୍ପିୟନସିପ ବ୍ରହ୍ମପୁର ଜୋନରେ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଥିଲା। ସେମିଫାଇନାଲ ମ୍ୟାଚ କୋରାପୁଟ ଓ ସମ୍ବଲପୁର ମଧ୍ୟରେ ଖେଳା ଯାଇଥିଲା। ଅତି ରୋମାଞ୍ଚକ ମ୍ୟାଚ ଦେଖିବାକୁ ମିଳିଥିଲା, କୋରାପୁଟ ପ୍ରଥମାର୍ଦ୍ଧରେ କୋରାପୁଟ ୧ ଗୋଲ କରିଥିବାବେଳେ ଦ୍ୱିତୀୟାର୍ଦ୍ଧରେ ସମ୍ବଲପୁର ୧ ଗୋଟିଏ ଗୋଲ କରିଥିଲେ। ଏଣୁ ମ୍ୟାଚ ରେ ପେନାଲ୍ଟି ଶୁଟ ଆଉଟ ହୋଇଥିଲା। ପେନାଲ୍ଟି ଶୁଟାଉଟରେ ସମ୍ବଲପୁର ୫-୪ ଗୋଲରେ କୋରାପୁଟକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ଏହି ମ୍ୟାଚରେ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ସାନମାନିତା ଅତିଥିଭାବେ ଯୋଗ ଦେଇଥିଲେ। ସେଣ୍ଟ ଜାଭିଅର ହାଇ ସ୍କୁଲ ଅଧକ୍ଷ ଡ଼. ଜି ଏସ ପଣ୍ଡା, ଫାଓ ସଦସ୍ୟ ନବକିଶୋର ମିଶ୍ର, ବିଶ୍ୱଜିତ ଘଡେଇ ଏବଂ ଗଞ୍ଜାମ ଜିଲ୍ଲାର ପୂର୍ବତନ ଫୁଟବଲ ଖେଳାଳି ଓ ବରିଷ୍ଠ ଖେଳାଳି ଏଲ. କେ. ରାଓ, ଡି. ଆପା ରାଓ, ବିଜୟ କୁମାର, ଜେ ବି. ପିଟର, ରାଜେନ୍ଦ୍ର ଗନ୍ତାୟତ, ପ୍ରମୋଦ ମହାରଣା, କେଦାରନାଥ ଚୌଧୁରୀ, ତାରିଣୀ ସାମନ୍ତରାୟ, ଦୁର୍ଗା ପଟ୍ଟନାୟକ, ଡି.ଡି ଗନ୍ତାୟତ,ଜି. ଏମ. ବାବୁ, ରାଜ ନାରାୟଣ ପାତ୍ର ଓ ଗଞ୍ଜାମ ଜିଲ୍ଲା କ୍ରୀଡା ସଙ୍ଘର ଅନ୍ୟାନ୍ୟ ସଦସ୍ୟ ଓ ପୂର୍ବତନ ଖେଳାଳିମାନେ ମଧ୍ୟ ଉପସ୍ଥିତ ଥିଲେ ବୋଲି ଗଞ୍ଜାମ ଜିଲ୍ଲା କ୍ରୀଡା ସଙ୍ଘ ସାଧାରଣ ସମ୍ପାଦକ ଜେ. କାମେଶ୍ୱର ରାଓ ସୂଚନା ଦେଇଛନ୍ତି।




## ସପ୍ତାହର ଶେଷରେ ସାପ୍ତାହିକୀ ହାତରେ

ପ୍ରଜାତନ୍ତ୍ର ସାପ୍ତାହିକୀ

୨୭ ଜୁଲାଇରୁ ୨ ଅଗଷ୍ଟ ୨୦୨୫

ହାରିଯାଇଥିବା ଝିଅ




ବାହୁନି ବାହୁନି କାନ୍ଦୁଛନ୍ତି ଇତିଶ୍ରୀ ପ୍ରଧାନ, ବେବିନା, ମମିତା ମେହର, କୁନ୍ଦୁଲି ପୀଡ଼ିତା। କାନ୍ଦୁଛି ପରୀ ପରି ଆହୁରି ଅନେକ କୁଆଁରୀ ଝିଅଙ୍କ ଆତ୍ମା। ଅକାଳରେ ଝଡ଼ିଯାଇଛନ୍ତି ସେମାନେ। ନିଜ ସ୍ୱପ୍ନର ଦୁନିଆ ଦେଖିବା ଆଗରୁ ସବୁଦିନ ପାଇଁ ବୁଜି ହୋଇଯାଇଛି ସେମାନଙ୍କର ଆଖି। ସେହି ଝିଅମାନଙ୍କ ସହିତ ଏବେ ଯୋଡ଼ି ହୋଇଯାଇଛି ଆଉ ଏକ ନାମବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାୟର ଛାତ୍ରୀ ସୌମ୍ୟାଶ୍ରୀ ବିଶି।

**ଜାତୀୟ:** ନିମିଷାଙ୍କୁ ଆଶ୍ୱସ୍ତ
**ଅନ୍ତର୍ଜାତୀୟ:** ମଜବୁତ ହେଉଛି ଭାରତ-ଆଫ୍ରିକା ସୈନ୍ୟ ସହଯୋଗ
**ବିଶେଷ ପ୍ରସଙ୍ଗ:** ଗରିବଙ୍କ ବନ୍ଧୁ ଗଗନ
**ନାରୀ:** : ତ୍ୱଚା ପାଇଁ ବରଫର ଉପକାରିତା
**କ୍ଷୁଦ୍ରଗଳ୍ପ:** ଦହିବରା-ଆଳୁଦମ.
**ଚଳଚ୍ଚିତ୍ର:** ଅକ୍ଷୟଙ୍କ ବଡ଼ପଣ, **ଚଳଚ୍ଚିତ୍ର:** ବଙ୍ଗଳା ବିକିଲେ ଭାଇଜାନ
**ଖେଳ:** ଜିତେଶଙ୍କୁ ମିଳି ନଥିଲା ଏଣ୍ଟ୍ରି, ଅବସର ନେଲେ ଷ୍ଟାର୍ ଖେଳାଳ
**ମୀନାବଜାର:** ମୀନାବଜାର: ଆକାଶ କାନ୍ଦୁଛି, ଚର୍ଚ୍ଚାରେ: ସବୁଠାରୁ ବଡ଼ ପ୍ରବାଳ, ବିଜ୍ଞାନ: ଆସିଲା ରୋବୋଟ ଭ୍ୟାକ୍ୟୁମ୍ କ୍ଲିନର, ପର୍ଯ୍ୟଟନ: କଳାହାଣ୍ଡି ଜିଲ୍ଲାର ଫୁର୍ଲିଝରନ୍, ବାସ୍ତୁ: ଜନ୍ମବାରରୁ ଜାଣନ୍ତୁ ବ୍ୟକ୍ତିର ବ୍ୟକ୍ତିତ୍ୱ ଓ ସ୍ୱଭାବ, ଧର୍ମ: ପ୍ରଥମ ଥର ପାଇଁ ଶ୍ରାବଣ ସୋମବାର କରୁଛନ୍ତି କି ?, କବିତା: ଶ୍ରାବଣ ଝର, ଜାଣନ୍ତି କି ? : ଦଲାଇ ଲାମାଙ୍କ ପୁର୍ନଜନ, ସାସ୍ଥ୍ୟ: ଅମୃତଭଣ୍ଡା ରସ ପିଇବାର ଲାଭ। ଏହିଭଳି ଆହୁରି ଅନେକ ଉପାଦେୟ ପ୍ରସଙ୍ଗ ଏଥିରେ ଅଛି।

ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ


## ମହିଳା ଚେସ୍ ବିଶ୍ୱକପ: ଟାଇଟଲ ଜିତିଲେ ଦିବ୍ୟା ଦେଶମୁଖ୍

ନୂଆଦିଲ୍ଲୀ : ଦିବ୍ୟା ଦେଶମୁଖ ହେଲେ ବିଶ୍ୱ ଚେସ୍ ଚାମ୍ପିୟନ । ୧୯ ବର୍ଷୀୟ ଯୁବ ଖେଳାଳି ଭାରତର କୋନେରୁ ହମ୍ପିଙ୍କୁ ପରାସ୍ତ କରି ଋଉଡର ଚେସ୍ ବିଶ୍ୱକପ ଟାଇଟଲ ଜିତିଛନ୍ତି। ବିଶ୍ୱକପ ଜିତିବା ପରେ ଦିବ୍ୟା ଦେଶମୁଖ ଭାବପ୍ରବଣ ହୋଇଯାଇଛନ୍ତି। ଚେସ୍ ବିଶ୍ୱକପର ଫାଇନାଲ ମ୍ୟାଚ ଜର୍ଜିଆର ବାଟୁମିରେ ଅନୁଷ୍ଠିତ ହୋଇଥିଲା। ଶନିବାର ଏବଂ ରବିବାର ଦିବ୍ୟା ଦେଶମୁଖ ଏବଂ କୋନେରୁ ହମ୍ପିଙ୍କ ମଧ୍ୟରେ ଖେଳାଯାଇଥିବା କ୍ଲାସିକାଲ ମ୍ୟାଚ ଡ୍ର ହୋଇଥିଲା। ଏହି ମ୍ୟାଚ ୧-୧ ଗୋଲରେ ବରାବର ହୋଇଥିଲା। ଏହାପରେ, ସୋମବାର, ୨୮ ଜୁଲାଇରେ ଦିବ୍ୟା ଦେଶମୁଖ ରାପିଡ ରାଉଣ୍ଡରେ କୋନେରୁ ହମ୍ପିଙ୍କୁ ପରାସ୍ତ କରି ତାଙ୍କର ପ୍ରଥମ ଚେସ୍ ବିଶ୍ୱକପ ଟାଇଟଲ ଜିତିଛନ୍ତି।

ଅନ୍ତର୍ଜାତୀୟ ମାଷ୍ଟର ଦିବ୍ୟା ଫିଡେ ମହିଳା ବିଶ୍ୱକପ୍ ଫାଇନାଲର ପ୍ରଥମ ଏବଂ ଦ୍ୱିତୀୟ ଗେମରେ କୌଣସି ସୁଯୋଗ ନ ଦେଇ ତାଙ୍କ ଉଚ୍ଚ ମାନ୍ୟତାପ୍ରାପ୍ତ ଗ୍ରାଣ୍ଡମାଷ୍ଟର କୋନେରୁ ହମ୍ପିଙ୍କୁ ଡ୍ର ଖେଳିବାକୁ ବାଧ କରିଥିଲେ। ଏହା ଫଳରେ ମ୍ୟାଚ୍‌ଟି ଟାଇବ୍ରେକରକୁ ଯାଇଥିଲା। ନିୟମ ଅନୁସାରେ ଟାଇ-ବ୍ରେକରରେ ୧୫ ମିନିଟର ଦୁଇଟି ଖେଳ ରହିଥାଏ ଯେଉଁଥିରେ ପ୍ରତ୍ୟେକ ମୁଭ୍ ପରେ ୧୦ ସେକେଣ୍ଡ ଯୋଡାଯାଇଥାଏ। ଯଦି ଏହା ପରେ ବି ସ୍କୋର ସମାନ ରହେ, ତେବେ ଉଭୟ ଖେଳାଳି ପ୍ରତି ଖେଳ ପାଇଁ ୧୦ ମିନିଟ୍ ହାରରେ ଆଉ ଏକ ସେଟ୍ ଖେଳିବାର ସୁଯୋଗ ପାଇଥାନ୍ତି। ଏଥିରେ ମଧ୍ୟ ପ୍ରତ୍ୟେକ ମୁଭ୍ ପରେ ୧୦ ସେକେଣ୍ଡ ଯୋଡାଯାଇଥାଏ। ଉଭୟଙ୍କ ମଧ୍ୟରେ ପ୍ରଥମ ରାପିଡ୍ ଟାଇବ୍ରେକର ମଧ୍ୟ ଡ୍ର ଥିଲା। ତା’ପରେ ଦ୍ୱିତୀୟ ଟାଇବ୍ରେକରରେ ଫଇସଲା ଆସିଥିଲା।



### ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଉଦ୍‌ଯାପିତ

## ଦେଶର ଗୌରବ ବଢ଼ାଇଲେ କିଟ୍ ଖେଳାଳି

ଭୁବନେଶ୍ୱର : ଜର୍ମାନୀର ରାଇନ୍- ରୁର୍ ଠାରେ ଚାଲିଥିବା ଫିସୁ ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ରବିବାର ଉଦ୍‌ଯାପିତ ହୋଇଛି। ଏଥିରେ ଭାରତ ୨ ସ୍ୱର୍ଣ୍ଣ ଏବଂ ୫ ଲେଖାଏଁ ରୌପ୍ୟ ଓ କାଂସ୍ୟ ସହ ମୋଟ ୧୨ ପଦକ ଜିତି ୨୦ତମ ସ୍ଥାନରେ ଅଭିଯାନ ଶେଷ କରିଛି। ଏହା ମଧ୍ୟରୁ କିଟ୍ ଖେଳାଳି ସର୍ବାଧିକ ପଦକ ୫ (୩ ରୌପ୍ୟ ଓ ୨ କାଂସ୍ୟ) ଜିତି ରାଜ୍ୟ ଓ ଦେଶର ଗୌରବ ବଢ଼ାଇଛନ୍ତି। ଏହି ୫ ଯାକ ପଦକ ଶେଷ ଦିନରେ କିଟ୍ ଖେଳାଳିମାନେ ହିଁ ଜିତିଥିଲେ। ମହିଳା ୩୦୦୦ ମିଟର ଷ୍ଟିପଲଚେଜ୍‌ରେ ଅଙ୍କିତା, ୫୦୦୦ ମିଟରରେ ସୀମା ଏବଂ ପୁରୁଷ ଟ୍ରିପଲ୍ ଜମ୍ପରେ ପ୍ରବୀଣ ଚିତ୍ରାଭେଲ ରୌପ୍ୟ ପଦକ ଜିତିଥିଲେ। କାଂସ୍ୟ ଦ୍ୱୟ ପୁରୁଷ ୪ଗୁଣା ୧୦୦ ମିଟର ରିଲେ ଏବଂ ମହିଳା ୨୦ କିମି ରେସ୍ ୱାକ୍ ଟିମ୍ ଇଭେଣ୍ଟରୁ ଆସିଥିଲା। ରିଲେ ଦଳରେ କିଟ୍ ଛାତ୍ର ମଣିକାନ୍ତ ହୋବ୍ଲିଧର, ଅନିମେଷ କୁଜୁର, ଲାଲୁପ୍ରସାଦ ଭୋଇ ଓ ମୃତ୍ୟୁମ ଜୟରାମ ଦଣ୍ଡପତି ରହିଥିଲେ। ସେହିଭଳି ମହିଳା ୨୦ କିମି ରେସ୍ ୱାକ୍ ଦଳରେ ମଧ୍ୟ ସମସ୍ତ କିଟ୍ ଛାତ୍ରୀ ମୁନିତାପ ରାଜାପତି, ମାନସୀ ନେଗି, ସେଜାଲ ଅନିଲସିଂହ ରହିଥିଲେ। କିଟ୍ ଛାତ୍ରଛାତ୍ରୀମାନେ ସର୍ବାଧିକ ୫ ପଦକ ଜିତିଛନ୍ତି।

**ଭାରତକୁ ୨ ସ୍ୱର୍ଣ୍ଣ ସହ ୧୨ ପଦକ:** ଭାରତୀୟ ଖେଳାଳି ବ୍ୟାଡ୍‌ମିଣ୍ଟନ୍ ଓ ଟେନିସ୍‌ରେ ଗୋଟିଏ ଲେଖାଏଁ କାଂସ୍ୟ ଜିତିଥିଲେ। ଯାହା ଏହି ପ୍ରତିଯୋଗିତାରେ ଭାରତର ପ୍ରଥମ ପଦକ ହୋଇଥିଲା। ତୀରନ୍ଦାଜିରେ ସର୍ବାଧିକ ୫ (୨ ସ୍ୱର୍ଣ୍ଣ, ୨ ରୌପ୍ୟ, ୧ କାଂସ୍ୟ) ଏବଂ ଦୌଡ଼କୁଦରେ ୫ (୩ ରୌପ୍ୟ, ୨ କାଂସ୍ୟ) ପଦକ ଜିତିଛି ଭାରତ। ଏହି ପ୍ରତିଯୋଗିତାରେ ଭାରତରୁ ୩୦୦ରୁ ଊର୍ଦ୍ଧ୍ୱ ଖେଳାଳି ଏବଂ ୧୦୦ରୁ ଊର୍ଦ୍ଧ୍ୱ ଅଫିସିଆଲ୍ ଅଂଶଗ୍ରହଣ କରିଥିଲେ। ଏଥିରେ ଓଡ଼ିଶାରୁ ୪୨ ଜଣ ଆଥ୍‌ଲେଟ୍ ରହିଥିଲେ। ପୂର୍ବରୁ ଦୁତି ଚାନ୍ଦ ପ୍ରଥମ କିଟ୍ ଛାତ୍ରୀ ଭାବେ ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା (୨୦୧୯, ନାପୋଲି)ରେ ସ୍ୱର୍ଣ୍ଣ ଜିତିଥିଲେ। ଚଳିତ ବର୍ଷ ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଭାରତୀୟ ଦଳ ସହ କିଟ୍ ଖେଳାଳିଙ୍କ ସଫଳତା ଲାଗି କିଟ୍, କିସ୍ ଓ କିମ୍ସର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଖୁସି ବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ଯେ ‘‘ଏହି ଗୌରବର ମୁହୂର୍ତ୍ତ କେବଳ କିଟ୍‌ର ନୁହେଁ, ସମ୍ପୂର୍ଣ୍ଣ ଦେଶର। ଏହି ସଫଳତା ଲାଗି ମୁଁ ସମସ୍ତ ଖେଳାଳି, ପ୍ରଶିକ୍ଷକଙ୍କ ସହ ଓଡ଼ିଶା ଓ ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ, ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ, ଭାରତୀୟ କ୍ରୀଡ଼ା ପ୍ରାଧିକରଣଙ୍କୁ କୃତଜ୍ଞତା ଜଣାଉଛି। ଏମାନଙ୍କ ମିଳିତ ଉଦ୍ୟମ ଯୋଗୁଁ ଏହି ସଫଳତା ମିଳିପାରିଛି’।



ସଂପାଦକ : ଭର୍ତ୍ତୃହରି ମହତାବ ❒ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Cuttack- 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❒ Regional Office- BBSR, Ph- 2393583